ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, September 2/2024 Page 16 ₹ 7.00
୫୦ଶ ଭାଗ ୨୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 279 ମୂଲ୍ୟ ₹୭/-



**ପଦକ ନିଶ୍ଚିତ କଲେ ନୀତେଶ**
ପାରାଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ ଏସ୍‌ଏଲ୍ ୩ ବର୍ଗର ଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି ଭାରତର ନୀତେଶ କୁମାର।
୧୬

୦୨
**ମନ୍ଦିରରେ ବିବାହ କରିବେ ଆଦିତି**
ଅଭିନେତ୍ରୀ ଆଦିତି ରାଓ ହାଇଦରି ଖୁବ୍‌ଶୀଘ୍ର ଅଭିନେତା ସିଦ୍ଧାର୍ଥଙ୍କୁ ତେଲଙ୍ଗାନାର ୱାନାପର୍ଥିସ୍ଥିତ ଏକ ୪୦୦ ବର୍ଷର ପୁରୁଣା ମନ୍ଦିରରେ ବିବାହ କରିବେ।



# ସରଳରେଖା

ହରିୟାଣାର କେତେଜଣ ଗୋରକ୍ଷକ ୨୭ ଅଗଷ୍ଟରେ ଚର୍‌ଖି ଦାଦ୍ରି ଜିଲାରେ ଗୋମାଂସ ଖାଉଥିବା ସନ୍ଦେହରେ ସବୀର ମଲିକ ନାମକ ଜଣେ ଯୁବକଙ୍କୁ ପିଟି ହତ୍ୟା କରିଛନ୍ତି। ସବୀରଙ୍କ ଘର ପଶ୍ଚିମବଙ୍ଗରେ ହୋଇଥିବା ବେଳେ ସେ ଜଣେ ବୋତଲ ଗୋଟାଳି। ଏହି ଘଟଣାରେ ୨ ଜଣ ନାବାଳକଙ୍କ ସମେତ ୭ ଜଣଙ୍କୁ ପୋଲିସ ଗିରଫ କରିଛି। ସବୀରଙ୍କୁ ଗୋରକ୍ଷକମାନେ ପିଟୁଥିବାର ଭିଡିଓ ପଦାକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ସବୀର କେଉଁ ମାଂସ ଖାଉଥିଲେ ତାହା କୌଣସି ସୂତ୍ରରୁ ଜଣାପଡ଼ିନାହିଁ। ଅର୍ଥାତ୍ କେବଳ ଗୋମାଂସ ଖାଇବା ସନ୍ଦେହରେ ତାଙ୍କୁ ଆକ୍ରମଣ କରାଯାଇଥିଲା, କିନ୍ତୁ ବାସ୍ତବତା କେହି ଜାଣିନାହାନ୍ତି। ସେହିପରି ୩୧ ଅଗଷ୍ଟରେ ମହାରାଷ୍ଟ୍ରରେ ସମାନ ଧରଣର ଅଭିଯୋଗ ଅଣାଯାଇ ଏକ ଏକ୍ସପ୍ରେସ୍ ଟ୍ରେନ୍‌ରେ ଜଣେ ବୃଦ୍ଧ ଯାତ୍ରୀଙ୍କୁ ଆକ୍ରମଣ କରାଯାଇଛି। ଏଠାରେ ମନେପଡ଼େ ଗୋମାଂସ ଓ ଗୋଚାଲାଣକୁ ନେଇ ଅତୀତରେ ଘଟିଥିବା ଦୁଇଟି ବଡ଼ ଅଘଟଣ। ୨୦୧୫ରେ ଉତ୍ତରପ୍ରଦେଶର ଦାଦ୍ରିରେ ୫୨ ବର୍ଷୀୟ ମହମ୍ମଦ ଅଖଲାକ୍‌ଙ୍କୁ ବାଛୁରି କାଟିବା ଓ ଘରେ ଗୋମାଂସ ରଖିଥିବା ଅଭିଯୋଗ ଆଣି ଗାଁ ଲୋକେ ମାରିଦେଇଥିଲେ। ସେହିପରି ଏପ୍ରିଲ ୨୦୧୭ରେ ପେହେଲୁ ଖାନ୍ ଓ ତାଙ୍କ ୫ ଜଣ ସହଯୋଗୀ ରାଜସ୍ଥାନର ଜୟପୁର ସାପ୍ତାହିକ ହାଟରୁ ଗୋରୁ ଆଣି ହରିୟାଣାର ନୁହ ଗ୍ରାମକୁ ଫେରୁଥିବା ବେଳେ ଅଲୱାରଠାରେ ଗୋରକ୍ଷକମାନେ ସେମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପେହେଲୁଙ୍କ ମୃତ୍ୟୁ ଘଟିଥିଲା।

ଉପରଲିଖିତ ଘଟଣାକୁ ଦେଖିଲେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଲକ୍ଷ୍ୟ କରି ଗୋରକ୍ଷକମାନେ ଆକ୍ରମଣ କରୁଛନ୍ତି। ଏଇ କିଛି ବର୍ଷ ହେବ ଗୋରକ୍ଷକମାନେ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି। ଭାରତୀୟ ରାଜନୀତିରେ ଦେଖାଦେଇଛି ଯେତେବେଳେ ଏହିଭଳି ଘଟଣା ଜାତୀୟ ଗଣମାଧ୍ୟମ ଦ୍ୱାରା ବିଶେଷ ଭାବେ ପ୍ରସାରିତ ହୋଇଥାଏ, ସେଥିରୁ ବୁଝିବାକୁ ହେବ ଯେ କୌଣସି ଗୋଟିଏ ବଡ଼ ଆଭ୍ୟନ୍ତରୀଣ ସମସ୍ୟା କିମ୍ବା ଅଘଟଣରୁ ସାଧାରଣ ନାଗରିକଙ୍କ ଦୃଷ୍ଟିକୁ ଅନ୍ୟତ୍ର ନେବାକୁ ଉଦ୍ୟମ କରାଯାଉଛି।

**ତଥାଗତ ସତପଥୀ**

ଏହା ସ୍ୱୀକାରଯୋଗ୍ୟ ଯେ ଭାରତରେ ସଂଖ୍ୟାଲଘୁଙ୍କ ବ୍ୟବହାର ସନ୍ତୁଳିତ ରହୁ ନ ଥିଲା। କଂଗ୍ରେସ ଶାସନ ସମୟରେ ପ୍ରାୟ ସବୁ ସପ୍ତାହରେ ଦେଶର କୌଣସି ନା କୌଣସି ସ୍ଥାନରେ ବୋମା ବିସ୍ଫୋରଣ ଘଟୁଥିଲା, ରେଡ୍ ଆଲର୍ଟ ଜାରି ହେଉଥିଲା ଏବଂ ସାଧାରଣ ଖଟିଖିଆ ନାଗରିକ ଧର୍ମ ନିର୍ବିଶେଷରେ ହଇରାଣ ହେଉଥିଲେ। ଏହି ସ୍ଥିତିକୁ ଭଲ ଭାବେ ବୁଝିବାକୁ ହେଲେ ସମ୍ପ୍ରତି ବାଂଲାଦେଶର ଉଦାହରଣ ଦେଖିବା କଥା। ସେଠାରେ ହଠାତ୍ ଯେଉଁଭଳି ଭାବେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ହେଉଛି, ତାହା ଭାରତରେ ସମସ୍ତଙ୍କୁ ବ୍ୟସ୍ତ କରୁଛି। ଅନ୍ୟପଟେ ସ୍ଥିର ମାନସିକତା ରଖି ଚିନ୍ତା କଲେ ବୁଝିହେବ ଯେ ବାଂଲାଦେଶରେ ରହୁଥିବା ହିନ୍ଦୁମାନେ ସଂଖ୍ୟାଲଘୁ ହୋଇଥିବା ସତ୍ତ୍ୱେ ଏଭଳି କିଛି କରୁଥିଲେ, ଯଦ୍ଦ୍ୱାରା ଅନ୍ୟମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ପୂର୍ବରୁ ଭାରତୀୟ ମୁସଲମାନ ସମ୍ପ୍ରଦାୟର ଅନେକ ଲୋକ ଯେଉଁଭଳି ସାଉଦି ଆରବିୟା ଏବଂ ଅନ୍ୟ କେତୋଟି ମୁସଲ୍‌ମାନ ଦେଶରୁ ସହଯୋଗ ଓ ଅର୍ଥ ପାଇ ଉତ୍ପାତ ହେଉଥିଲେ, ତାହାକୁ ପୂର୍ବ ସରକାର ସହି ଆସୁଥିଲେ। ଫଳସ୍ୱରୂପ ସାଧାରଣ ହିନ୍ଦୁଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା ସହିତ ଆମୂଳଚୂଳ ରାଜନୈତିକ ପରିବର୍ତ୍ତନ ପାଇଁ ମତ ସୃଷ୍ଟି ହୋଇଥିଲା। ବାଂଲାଦେଶର ହିନ୍ଦୁମାନଙ୍କ ମଧ୍ୟରେ ଅନୁରୂପ ମାନସିକତା ସୃଷ୍ଟି ହୋଇଥିଲା। ଯେଉଁମାନେ ପୂର୍ବରୁ ବାଂଲାଦେଶ ଯାଇଥିବେ, ସେମାନେ ହୃଦ୍‌ବୋଧ କରିଥିବେ ଯେ ସଂଖ୍ୟାଲଘୁ ହେବା ସତ୍ତ୍ୱେ ସେଠାରେ ହିନ୍ଦୁମାନଙ୍କ ଦୌରାତ୍ମ୍ୟ ଅନେକ ପରିମାଣରେ ବୃଦ୍ଧି ପାଇଥିଲା। ଶେଖ୍ ହାସିନାଙ୍କ ଆୱାମୀ ଲିଗ୍‌ରେ ପ୍ରବେଶ କରି ହିନ୍ଦୁମାନେ ରାଜନୀତିରେ ଶକ୍ତିଶାଳୀ ହୋଇ ସାଧାରଣ ଲୋକଙ୍କୁ ଦମନ କରିବାରେ ପଛାଉ ନ ଥିଲେ। ଏଥିସହିତ ବାଂଲାଦେଶର ତିନି ପଟରୁ ଭାରତ ଘେରି ରହିଥିବାରୁ ସେହି ସଂଖ୍ୟାଲଘୁ ଗୋଷ୍ଠୀ ମଧ୍ୟରେ ବିଶେଷକରି ଗତ ଦଶନ୍ଧି ଭିତରେ ଦମ୍ଭୋକ୍ତି ବୃଦ୍ଧି ପାଇଥିଲା। ଏବେ ଯେତେବେଳେ ରାଜନୈତିକ ବିପ୍ଲବ ଘଟିଲା ଏବଂ ଶେଖ୍ ହାସିନାଙ୍କୁ ଦୌଡ଼ି ପଳାଇବାକୁ ପଡ଼ିଲା, ସେତେବେଳେ ସ୍ୱାଭାବିକ ଭାବେ ସଂଖ୍ୟାଲଘୁ ହିନ୍ଦୁମାନେ ସବୁ ପ୍ରକାରର ଅତ୍ୟାଚାର ଶିକାର ହେଉଛନ୍ତି। ଏଥିରୁ ଏକ ବଡ଼ ଶିକ୍ଷା ମିଳୁଛି। ଭାରତରେ ଯଦି କଂଗ୍ରେସ ଅମଳରୁ ସଂଖ୍ୟାଲଘୁଙ୍କୁ ସାମିଲ କରି ଏକ ସନ୍ତୁଳିତ ବାତାବରଣ ସୃଷ୍ଟି ହୋଇଥାନ୍ତା, ଯେଉଁଥିରେ ମୁସଲମାନ ସମ୍ପ୍ରଦାୟ ନିଜର ଭିନ୍ନତା ପରିବର୍ତ୍ତେ ସମନ୍ୱୟ ପ୍ରତି ଧ୍ୟାନ ଦେଇଥାନ୍ତେ; ତେବେ ଆଜି ଉପୁଜୁଥିବା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉ ନ ଥାନ୍ତା। ସେହିଭଳି ବାଂଲାଦେଶରେ ମଧ୍ୟ ରହିଥିବା ହିନ୍ଦୁମାନେ ଯଦି ଅସ୍ଥାୟୀ ରାଜନୈତିକ କ୍ଷମତାକୁ ଆବୋରିବା ପରିବର୍ତ୍ତେ ପୂର୍ବଭଳି ଶାନ୍ତ ରହିଥାନ୍ତେ, ତେବେ ସେହି ଦେଶରେ ଆଜି ମଧ୍ୟ ସେମାନେ ସୁରକ୍ଷିତ ରହିପାରି ଥାଆନ୍ତେ। ଏବେ ଖବର ମିଳିଛି, ଖାଲିଦା ଜିୟାଙ୍କ ବାଂଲାଦେଶ ନ୍ୟାଶ୍‌ନାଲିଷ୍ଟ ପାର୍ଟି (ବିଏନ୍‌ପି) ଭାରତକୁ ଚେତାବନୀ ଦେଇ କହିଛି, ଶେଖ୍ ହାସିନାଙ୍କୁ ଫେରାଇଦିଅ, ନଚେତ୍ ଭବିଷ୍ୟତରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଯିବ। ଏହାର ବିଶ୍ଳେଷଣ କରି ଭାରତର କେତେକ ଅତ୍ୟନ୍ତ ଚତୁର ଗଣମାଧ୍ୟମ ମତ ଦେଇଛନ୍ତି ଯେ, ଯଦି ବାଂଲାଦେଶ କୌଣସି ଅପ୍ରୀତିକର ସ୍ଥିତି ସୃଷ୍ଟି କରେ, ଭାରତ ସେହି ଦେଶକୁ ବିଦ୍ୟୁତ୍ ଶକ୍ତି ଯୋଗାଣ ବନ୍ଦ କରିଦେବ। ଦେଖିବାକୁ ଗଲେ ବାଂଲାଦେଶର ପ୍ରାୟ ୨୦ ପ୍ରତିଶତ ବିଦ୍ୟୁତ୍‌ଶକ୍ତି ଭାରତରୁ ଆଦାନୀ କମ୍ପାନୀ ଏବଂ ପିଟିସି ଇଣ୍ଡିଆ ଯୋଗାଉଛନ୍ତି। ସେହି ଦେଶର ୮୦ ପ୍ରତିଶତ ବିଦ୍ୟୁତ୍ ଶକ୍ତି ଆମେରିକା ଯୋଗାଇଥିବା ଗ୍ୟାସ୍‌ଚାଳିତ ଟର୍ବାଇନ୍ ମାଧ୍ୟମରେ ସୃଷ୍ଟି ହେଉଛି। ବାଂଲାଦେଶର ନିଜସ୍ୱ ଯଥେଷ୍ଟ ପରିମାଣର ଗ୍ୟାସ୍ ଗଚ୍ଛିତ ଅଛି। ସେଥିପାଇଁ ସେହି ଦେଶ ଭାରତକୁ ଧମକ ଦେଇପାରୁଛି। ଯଦି ବାଂଲାଦେଶ ଭାରତରୁ ବିଦ୍ୟୁତ୍ ଶକ୍ତି କିଣିବା ବନ୍ଦ କରିଦେବ, ତେବେ ଭାରତର ଗୌତମ ଆଦାନୀ କମ୍ପାନୀ ଗୁରୁତର ଭାବେ କ୍ଷତି ସହିବ। ଏହାର ରାଜନୈତିକ ପ୍ରଭାବ ମଧ୍ୟ ପଡ଼ିବ। ତେଣୁ ଭାରତରେ ସଂଖ୍ୟାଲଘୁ ମୁସଲମାନଙ୍କ ପ୍ରତି ଆକ୍ରମଣ, ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅତ୍ୟାଚାର ଏବଂ ଶେଖ୍ ହାସିନାଙ୍କ ଭବିଷ୍ୟତ ସବୁ ଗୋଟିଏ ସରଳରେଖାରେ ରହିଯାଉଛି। ଏଭଳି ସମସ୍ୟା କେଉଁ କାରଣରୁ ସୃଷ୍ଟି ହେଲା ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ। ସେତେବେଳକୁ କେବଳ କ୍ଷତି ଭାରତର ହୋଇପାରେ।




ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ ମହାରାଷ୍ଟ୍ରର ବିରୋଧୀ ମେଣ୍ଟ (ଏମ୍‌ଭିଏ)ର ନେତା ଉଦ୍ଧବ ଠାକ୍‌ରେ ଓ ଅନ୍ୟମାନେ ମୁମ୍ବାଇର ଗେଟ୍‌ୱେ ଅଫ୍ ଇଣ୍ଡିଆ ନିକଟରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଗ୍ରହ ଶାନ୍ତି ନାଁରେ ବନ୍ୟପ୍ରାଣୀ ଅଙ୍ଗ ଚାଲାଣ

**ଭୁବନେଶ୍ୱର,୧।୯(ସତ୍ୟଜିତ୍ ରାଉତ)**

ଗ୍ରହ ଶାନ୍ତି ନାଁରେ ବିରଳ ବନ୍ୟପ୍ରାଣୀ ଅଙ୍ଗ ବିଦେଶକୁ ଚୋରା ଚାଲାଣ ହେଉଛି। ଏଥିପାଇଁ ଓଡ଼ିଶା ସମେତ ଦେଶର ବିଭିନ୍ନ ଜଙ୍ଗଲରୁ ସଂରକ୍ଷିତ ବନ୍ୟପ୍ରାଣୀ ବଜ୍ରକାପ୍ତା, ହରିଣ, ମନିଟର ଲିଜାର୍ଡ ସହ ବହୁ ସାମୁଦ୍ରିକ ଜୀବଙ୍କୁ ଶିକାର କରାଯାଉଛି। ଦେଶରେ ସକ୍ରିୟ ଥିବା ଏହି ଅନ୍ତର୍ଜାତୀୟ ର୍‍ୟାକେଟର ଚେର ଓଡ଼ିଶାରୁ ଦକ୍ଷିଣପୂର୍ବ ଏସିଆକୁ ଲମ୍ବିଥିବାବେଳେ ବହୁ କୋଟିର କାରବାର ହେଉଥିବା ଜଣାପଡିଛି। ଏନେଇ ସୁରାକ ମିଳିବା ପରେ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ଏବଂ ୱାଇଲ୍ଡ ଲାଇଫ୍ ଜଷ୍ଟିସ୍ କମିଶନ (ଡବ୍ଲ୍ୟୁଜେସି)ର ଏକ ମିଳିତ ଟିମ୍ ଭୁବନେଶ୍ୱରରେ ଚଢ଼ାଉ କରିଛି। ଶନିବାର ଏହି ମିଳିତ ଟିମ୍ ଶହୀଦନଗରସ୍ଥିତ ଏକ ଗ୍ରହରତ୍ନ ପଥର ହୋଲ୍‌ସେଲ ଷ୍ଟୋର୍‌ରେ ଚଢ଼ାଉ କରି ବହୁ ବନ୍ୟପ୍ରାଣୀ ଅଙ୍ଗ ଓ ଏଥିରୁ ପ୍ରସ୍ତୁତ ସାମଗ୍ରୀ ଜବତ କରିଛି। ଏଥିମଧ୍ୟରେ ରହିଛି ବଜ୍ରକାପ୍ତା କାତିରୁ ତିଆରି ମୁଦି, (ମନିଟର୍ ଲିଜାର୍ଡ)ଗୋଧି ପ୍ରଜାତି ପ୍ରାଣୀର ଅଙ୍ଗ, ହରିଣର କସ୍ତୁରୀ ଏବଂ ବିଭିନ୍ନ ସାମୁଦ୍ରିକ ପ୍ରାଣୀର ଅଙ୍ଗରୁ ପ୍ରସ୍ତୁତ ସାମଗ୍ରୀ। ଜବତ ସାମଗ୍ରୀର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏସବୁ ବନ୍ୟପ୍ରାଣୀ ୱାଇଲ୍ଡଲାଇଫ୍ ପ୍ରୋଟେକ୍ସନ ଆକ୍ଟ ୧୯୭୨ର ସିଡ୍ୟୁଲ ୧ରୁ ୪ ଅନ୍ତର୍ଭୁକ୍ତ ବୋଲି ଡିଆର୍‌ଆଇ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ତେବେ ଏହି ସାମଗ୍ରୀଗୁଡିକୁ ଡିଆର୍‌ଆଇ ଭୁବନେଶ୍ୱର ସିଟି ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛି।

**ଭୁବନେଶ୍ୱରରେ ଅନ୍ତର୍ଜାତୀୟ ର୍‍ୟାକେଟ୍**



ଏ ସମ୍ପର୍କରେ ସିଟି ଡିଏଫ୍‌ଓ ଅଜିତ କୁମାର ଶତପଥୀ କହିଛନ୍ତି, ଜବତ ବନ୍ୟପ୍ରାଣୀ ଅଙ୍ଗର ସିଡ୍ୟୁଲ୍ ଯାଞ୍ଚ ପାଇଁ ଭାରତୀୟ ପ୍ରାଣୀ ସର୍ବେକ୍ଷଣ(ଜେଡ୍‌ଏସ୍‌ଆଇ) ସଂସ୍ଥା ଏବଂ ଓୟୁଏଟିସ୍ଥିତ କେମିକାଲ ଲ୍ୟାବ୍‌କୁ ପଠାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫ୍‌ଓ କହିଛନ୍ତି।

ବନ୍ୟପ୍ରାଣୀ ଅଙ୍ଗ ଚୋରାଚାଲାଣ ର୍‍ୟାକେଟ୍ ଓଡ଼ିଶା ସମେତ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଆଣ୍ଡାମାନ ନିକୋବର, ହିମାଳୟରେ ସକ୍ରିୟ ରହିଥିବା ତଦନ୍ତ ବେଳେ ଜଣାପଡିଛି। ଏପରିକି ବିରଳ ପ୍ରାଣୀରୁ ପ୍ରସ୍ତୁତ ଏସବୁ ସାମଗ୍ରୀ ଭାରତରୁ ଦକ୍ଷିଣ ପୂର୍ବ ଏସିଆ ଚାଲାଣ ହେଉଥିବା ଡିଆର୍‌ଆଇ ସନ୍ଦେହ କରୁଛି। ଗତ ଜୁନ ୨୨ରେ ୱାଇଲ୍ଡଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ (ଡବ୍ଲ୍ୟୁସିସିବି), ଡବ୍ଲ୍ୟୁଜେସି ଓ ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍‌ର ଏକ ମିଳିତ ଟିମ୍ ଆନ୍ଧ୍ରପ୍ରଦେଶ ବିଜୟୱାଡାର ଏକ ଷ୍ଟୋର୍‌ରେ ଚଢ଼ାଉ କରି ୯୧ ଲକ୍ଷ ଟଙ୍କାର ସାମୁଦ୍ରିକ ଜୀବର ଅଙ୍ଗ ଓ ବିରଳ ବନ୍ୟପ୍ରାଣୀ ଅଙ୍ଗରୁ ପ୍ରସ୍ତୁତ ସାମଗ୍ରୀ ଜବତ କରି ଜଣଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ଏହାର ଲିଙ୍କ୍ ଭୁବନେଶ୍ୱରରେ ରହିଥିବା ଜଣାପଡିଥିଲା। ଲୋକାଲ ସପ୍ଲାୟର, ମିଡିଲ୍‌ମ୍ୟାନ, ରିଟେଲରଙ୍କ ଜରିଆରେ ଏହି ଚୋରା ଚାଲାଣ ହେଉଥିବା ଜଣାପଡିଥିଲା। ଡବ୍ଲ୍ୟୁଜେସିର ସୂଚନା ଆଧାରରେ ଏକ ୧୨ ଜଣିଆ ଟିମ୍ ଶନିବାର ମଧ୍ୟାହ୍ନରେ ଭୁବନେଶ୍ୱରର ୧୬ ନମ୍ବର ଜାତୀୟ ☞ପୃଷ୍ଠା-୪

## ଟିକିଟି ମଦମୃତ୍ୟୁ: ଆଉ ଜଣଙ୍କ ଜୀବନ ଗଲା

**ଟିକିଟି,୧।୯(ପ୍ରକାଶ ଚନ୍ଦ୍ର ସାହୁ)**

ଗଞ୍ଜାମ ଜିଲା ଟିକିଟିରେ ବିଷାକ୍ତ ମଦ ରବିବାର ଆଉ ଜଣଙ୍କ ଜୀବନ ନେଇଛି। ମୃତକ ହେଲେ ଟିକିଟି ଏନ୍‌ଏସି ଅନ୍ତର୍ଗତ କରବାଲୁଆ ଗାଁର ବାୟା ସେଠୀ। ସେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭେଣ୍ଟିଲେଟରରେ ରହିଥିବା ବେଳେ ଅପରାହ୍ନରେ ମୃତ୍ୟୁ ଘଟିଛି। ବିଷାକ୍ତ ମଦ ପିଇବା ଘଟଣାରେ ବାୟାଙ୍କୁ ମିଶାଇ ମୃତକଙ୍କ ସଂଖ୍ୟା ୪ରେ ପହଞ୍ଚିଛି। ଅନ୍ୟପଟେ କରବାଲୁଆର ଖଲିଆ ସେଠୀ ଓ ଜେନାପୁରର ଏଣ୍ଡୁ ବେହେରା ଏବେ ବି ଏମ୍‌କେସିଜି ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କୁ ଠିକ ଭାବେ ସେବା ମିଳୁ ନ ଥିବା ପରିବାର ଅଭିଯୋଗ କରିଛନ୍ତି।

ଗତ ୧୯ତାରିଖରେ ଟିକିଟି ବ୍ଲକ ମାଉନ୍ଦପୁରରେ ବିଷାକ୍ତ ମଦପିଇ ଜେନାପୁର ଓ କରବାଲୁଆ ଗ୍ରାମର ୨୩ ଜଣ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କ ମଧ୍ୟରୁ ୧୬ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ☞ପୃଷ୍ଠା-୪

## ପଶ୍ଚିମବଙ୍ଗରେ ପୁଣି ଯୌନ ନିର୍ଯାତନା

**କୋଲକାତା,୧।୯**

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଉତ୍ତେଜନା ଥମି ନ ଥିବାବେଳେ ରବିବାର ଉକ୍ତ ରାଜ୍ୟରେ ଅନ୍ୟ ୨ଟି ମହିଳା ବିରୋଧୀ ଅପରାଧ ସାମ୍ନାକୁ ଆସିଛି। ଉତ୍ତର ୨୪ ପ୍ରଗଣା ଜିଲାରେ ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବାବେଳେ ବୀରଭୂମ ଜିଲାର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ୟୁଟିରେ ଥିବା ଜଣେ ନର୍ସଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି।

ଶନିବାର ରାତିରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କ ରାଜବାରି ଅଞ୍ଚଳରେ ଥିବା ଘର ବାହାରେ ବିକ୍ଷୋଭ କରିଥିଲେ। ଉତ୍ତ୍ୟକ୍ତ ଲୋକେ ତାଙ୍କ ଘର ଭାଙ୍ଗିବା ସହ ଉତ୍ତର ୨୪ ପ୍ରଗଣାର ମଧ୍ୟମଗ୍ରାମରେଥିବା ତାଙ୍କ ସମ୍ପର୍କୀୟଙ୍କ ଦୋକାନକୁ ଭଙ୍ଗାରୁଜା କରିଛନ୍ତି। ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ଅନ୍ୟ ଏକ ଘଟଣାରେ ବୀରଭୂମ ଜିଲାର ଇଲମବଜାର ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ତ୍ତବ୍ୟରତ ନର୍ସଙ୍କୁ ଜଣେ ରୋଗୀ ଅସଦାଚରଣ କରିଥିବା ☞ପୃଷ୍ଠା-୪

## ପ୍ରୀତି ପାଲ୍‌ଙ୍କୁ ଦ୍ୱିତୀୟ ବ୍ରୋଞ୍ଜ

**ପ୍ୟାରିସ, ୧।୯**

ପ୍ୟାରିସ ପାରାଲିମ୍ପିକ୍ସରେ ରବିବାର ଭାରତ ପାଇଁ ୬ଷ୍ଠ ପଦକ ଜିତିଛନ୍ତି ସ୍ପ୍ରିଣ୍ଟର ପ୍ରୀତି ପାଲ୍। ସେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୩୦.୦୧ ସେକେଣ୍ଡ ସହ ପ୍ୟାରିସ ପାରାଲିମ୍ପିକ୍ସ ୨୦୦ମିଟର ଟି-୩୫ କାଟେଗୋରୀରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ପ୍ରଥମ ଭାରତୀୟ ମହିଳା ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଭାବେ ଦୁଇଟି ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଏହା ପୂର୍ବରୁ ଶୁକ୍ରବାର ସେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୧୪.୨୧ ସେକେଣ୍ଡ ସହ ମହିଳା ୧୦୦ମିଟର ଟି-୩୫ କାଟେଗୋରୀ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଆଥଲେଟିକ୍ସରେ ଭାରତର ଏହା ପ୍ରଥମ ପଦକ ରହିଥିଲା। ରବିବାର ଅନୁଷ୍ଠିତ ଇଭେଣ୍ଟରେ ଚାଇନାର ଝୋ ଜିଆ (୨୮.୧୫) ପ୍ରଥମ ସ୍ଥାନ ଅଧିକାର ସହ ସ୍ୱର୍ଣ୍ଣ ଜିତିଥିବା ବେଳେ ଗୁଓ ଜିଆନ କ୍ୱିଆନ (୨୯.୦୯) ରୌପ୍ୟ ପଦକ ଲାଭ କରିଥିଲେ। ୨୩ ବର୍ଷୀୟା ପ୍ରୀତି ଟାଇମିଂରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ଜିତିଥିଲେ।

**ପ୍ୟାରିସ ପାରାଲିମ୍ପିକ୍ସ**



## ନିଶାଦ କୁମାରଙ୍କୁ ରୌପ୍ୟ

**ରୋଡ୍ରିକ ଟାଉନସେଣ୍ଡଙ୍କ ଅଲିମ୍ପିକ୍ସ ରେକର୍ଡ**

**ପ୍ୟାରିସ୍,୧।୯**

ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪ରେ ଭାରତୀୟ ଆଥ୍‌ଲେଟଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଟି ୪୭ ବର୍ଗରେ ଭାରତୀୟ ହାଇ ଜମ୍ପର ନିଶାଦ କୁମାର ରବିବାର ଏକ ରୌପ୍ୟ ପଦକ ଜିତିଛନ୍ତି। ଏହା ସହ ଚଳିତ ସଂସ୍କରଣରେ ଆଥଲେଟିକ୍ସରୁ ଭାରତ ତୃତୀୟ ପଦକ ବିଜୟୀ ହୋଇଛି। ଟୋକିଓ ପାରାଲିମ୍ପିକ୍ସରେ ସମାନ ଇଭେଣ୍ଟରେ ନିଶାଦ ପୂର୍ବରୁ ରୌପ୍ୟ ପଦକ ଜିତିଥିଲେ। ରବିବାର ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ ନିଶାଦ କୁମାର ୨.୦୪ ମିଟର ଉଚ୍ଚକୁ ଡେଇଁଥିଲେ। ପ୍ରଥମ ପ୍ରୟାସରେ ନିଶାଦ ୧.୯୫ ମିଟର ଉଚ୍ଚତା ଅତିକ୍ରମ କରିଥିଲେ। ପରବର୍ତ୍ତୀ ଚେଷ୍ଟାରେ ୧.୯୮ ମିଟର ଡେଇଁବାକୁ ପ୍ରୟାସ କରିଥିଲେ ମଧ୍ୟ ଏହା ଫାଉଲ ହୋଇଥିଲା। ତେବେ ତୃତୀୟ ପ୍ରୟାସରେ ସେ ୨ ମିଟର ଅତିକ୍ରମ କରିଥିଲେ। ତେବେ ଆମେରିକାର ରୋଡ୍ରିକ୍ ଟାଉନ୍‌ସେଣ୍ଡ ୨.୦୨ ମିଟର ଉଚ୍ଚତା ଡେଇଁ ପ୍ରଥମ ସ୍ଥାନରେ ପହଞ୍ଚିଥିଲେ। ପରେ ନିଶାଦ ୨.୦୪ ମିଟର ଉଚ୍ଚ ଡେଇଁବା ପରେ ଉଭୟଙ୍କ ମଧ୍ୟରେ ମୁକାବିଲା ବେଶ ରୋଚକ ହୋଇଥିଲା। ଟାଉନସେଣ୍ଡ ୨.୦୪ ମିଟର ଛୁଇଁବା ପରେ ନିଶାଦ ୨.୦୬ ମିଟର ପ୍ରୟାସରେ ବିଫଳ ହୋଇଥିଲେ। ପରବର୍ତ୍ତୀ ପ୍ରୟାସରେ ଟାଉନସେଣ୍ଡ ୨.୦୮ ମିଟର ଅତିକ୍ରମ କରିଥିଲେ। ନିଶାଦ ୨.୧୨ ମିଟର ଉଚ୍ଚତା ପାର କରିବାରେ ବିଫଳ ହୋଇଥିବା ବେଳେ ଅଲିମ୍ପିକ୍ସ ରେକର୍ଡ ସହିତ ଟାଉନସେଣ୍ଡ ୨.୧୨ ମିଟର ଉଚ୍ଚକୁ ଡେଇଁଥିଲେ। ନ୍ୟୁଟ୍ରାଲ ଆଥଲେଟ ଭାବରେ ଅଂଶଗ୍ରହଣ କରିଥିବା ଜର୍ଜି ମାର୍ଗେଭ୍ ୨.୦୦ ମିଟର ଉଚ୍ଚକୁ ଡେଇଁ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଭାରତୀୟ ରାମ ପାଲ ୧.୯୫ ମିଟର ଡେଇଁ ସପ୍ତମ ସ୍ଥାନରେ ରହିଥିଲେ। ଏହାକୁ ମିଶାଇ ଭାରତ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ୪ ବ୍ରୋଞ୍ଜ ସହ ସମୁଦାୟ ୭ ପଦକ ହାସଲ କରିଛି।




ବାଘଛାଲ ରାକେଟ୍‌ରେ ଯବାନ ......୩......
ଆନନ୍ଦବଜାରରେ ସ୍ୱତନ୍ତ୍ର ସୁରକ୍ଷା କର୍ମୀ ......୪......

## ସଂକ୍ଷେପରେ

### ମଣିପୁରରେ ଗୁଳିକାଣ୍ଡ: ମହିଳା ମୃତ

ଇମ୍ଫାଲ,୧।୯

ମଣିପୁରରେ ରବିବାର ସନ୍ଦିଗ୍ଧ ଉଗ୍ରପନ୍ଥୀଙ୍କ ଗୁଳିମାଡ଼ରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କର ୧୨ ବର୍ଷର ଝିଅ ଆହତ ହୋଇଛନ୍ତି। ଏହି ଆକ୍ରମଣ ବେଳେ ୨ ଜଣ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଉଗ୍ରପନ୍ଥୀମାନେ ଡ୍ରୋନ୍‌ରୁ ବୋମା ଖସାଇଥିଲେ। ତାହା ବିସ୍ଫୋରଣ ହେବାରୁ ଧାତବ ଖଣ୍ଡ ମାଡ଼ରେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ରବିବାର ଅପରାହ୍ନ ୨ଟା ୩୫ ସମୟରେ କାଙ୍ଗ୍‌ପୋକ୍‌ସିର ନାଖୁଜଙ୍ଗ ଗ୍ରାମରେ ଏହି ଆକ୍ରମଣ ହୋଇଥିଲା। ଗୁଳିମାଡ଼ରେ ଆହତ ମହିଳା ଗଙ୍ଗବାମ୍ ସୁର୍‌ବାଲା (୩୧)ଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

### ବଳାତ୍କାର ପରେ ସ୍କୁଲ୍‌ଛାତ୍ରୀ ଗର୍ଭବତୀ

ଫାରୁକାବାଦ,୧।୯

ଉତ୍ତରପ୍ରଦେଶର ଫାରୁକାବାଦସ୍ଥିତ ଏକ ସରକାରୀ ସ୍କୁଲରେ ଜଣେ ୧୩ ବର୍ଷୀୟା ଛାତ୍ରୀଙ୍କୁ ପିଅନ ବଳାତ୍କାର କରିବାରୁ ସେ ଗର୍ଭବତୀ ହୋଇଛନ୍ତି। ୫ ମାସ ପରେ ଏହି ଅପରାଧ ସାମ୍ନାକୁ ଆସିଛି। ଛାତ୍ରୀ ଜଣକ ଗର୍ଭବତୀ ଥିବା ପରିବାର ଲୋକେ ଜାଣିବା ପରେ ପୋଲିସକୁ ଜଣାଇଛନ୍ତି। ପୋଲିସ ପୋକ୍‌ସୋ ଆଇନ ବଳରେ ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଏତଲା ଦାଏର କରିଛି। ପୀଡ଼ିତାଙ୍କ ମୁହଁରେ ଲୁଗା ଦେଇ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଅଭିଯୋଗ କଲେ ମାରିଦେବେ ବୋଲି ସେ ଧମକ ଦେଇଥିଲେ।

### ଆର୍.ଜି. କର ଅନିୟମିତତାର ମୁଖ୍ୟ ସାକ୍ଷୀ ହସ୍ପିଟାଲରେ ଭର୍ତ୍ତି

କୋଲକାତା,୧।୯

କୋଲକାତା ଆର୍.ଜି. କର ମେଡିକାଲ କଲେଜରେ ଆର୍ଥିକ ଅନିୟମିତତା ଅଭିଯୋଗର ମୁଖ୍ୟ ସାକ୍ଷୀ ଫୋରେନ୍‌ସିକ୍ ମେଡିସିନ୍ ବିଭାଗ ଡେମୋନ୍‌ଷ୍ଟ୍ରେଟର ଦେବାଶିଷ ସୋମ୍‌ଙ୍କୁ ରବିବାର ଗୁରୁତର ଅବସ୍ଥାରେ କୋଲକାତାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରକ୍ତ ଶର୍କରା ସ୍ତରରେ ଅସ୍ଥିରତା ଦେଖାଦେବାରୁ ତାଙ୍କୁ ହସ୍ପିଟାଲର ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ଚିକିତ୍ସା କରାଯାଉଛି।

# ଏମ୍‌ଭିଏର ବିଶାଳ ପ୍ରତିବାଦ ଶୋଭାଯାତ୍ରା

## ଶିବାଜୀ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା

### ମୋଦି, ଶାସକ ମେଣ୍ଟକୁ ସମାଲୋଚନା

ମୁମ୍ବାଇ,୧।୯

ସିନ୍ଧୁଦୁର୍ଗର ମାଲ୍‌ଭାନଠାରେ ଛତ୍ରପତି ଶିବାଜୀଙ୍କ ୩୫ ଫୁଟ୍ ଉଚ୍ଚ ପ୍ରତିମୂର୍ତ୍ତି ଭୁଶୁଡ଼ି ପଡ଼ିବା ଘଟଣାରେ ରବିବାର ମହାରାଷ୍ଟ୍ରର ବିରୋଧୀ ମେଣ୍ଟ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ପକ୍ଷରୁ ମୁମ୍ବାଇରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି 'ଜୋତେ ମାରୋ' ବିକ୍ଷୋଭରେ ଏମ୍‌ଭିଏର ଶୀର୍ଷ ନେତା ଶରଦ ପାୱାର, ଉଦ୍ଧବ ଠାକ୍‌ରେ, ନାନା ପାଟୋଲଙ୍କ ସମେତ ହଜାର ହଜାର କର୍ମୀ ଯୋଗଦେଇ ଗେଟ୍‌ୱେ ଅଫ୍ ଇଣ୍ଡିଆ ପର୍ଯ୍ୟନ୍ତ ଯାଇଥିଲେ। ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ ବିରୋଧୀ ନେତାମାନେ


ମୁମ୍ବାଇର ଗେଟ୍‌ୱେ ଅଫ୍ ଇଣ୍ଡିଆ ନିକଟରେ ଏମ୍‌ଭିଏ ମେଣ୍ଟର ବିକ୍ଷୋଭ।

କେନ୍ଦ୍ର ସରକାରଙ୍କୁ ନିନ୍ଦା କରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମା ମାଗିବା ତାଙ୍କର ଅହଂକାରକୁ ସୂଚାଉଛି ବୋଲି ଶିବସେନା (ୟୁବିଟି) ନେତା ଉଦ୍ଧବ ଠାକ୍‌ରେ କହିଛନ୍ତି। ମୂର୍ତ୍ତି ଭୁଶୁଡ଼ିବା ଦୁର୍ନୀତିର ଏକ ଦୃଷ୍ଟାନ୍ତ ବୋଲି ଏନ୍‌ସିପି (ଏସ୍‌ପି) ନେତା ଶରଦ ପାୱାର କହିଛନ୍ତି।

ରାଜକୋଟ୍ ଫୋର୍ଟଠାରେ ସପ୍ତଦଶ ଶତାବ୍ଦୀର ମରାଠା ଶାସକ ଶିବାଜୀଙ୍କୁ ପ୍ରତିମୂର୍ତ୍ତିକୁ ଗତବର୍ଷ ଡିସେମ୍ବର ୪ରେ ପ୍ରଧାନମନ୍ତ୍ରୀ ମୋଦି ଅନାବରଣ କରିଥିଲେ। ଗତ ୨୬ ତାରିଖରେ ଏହା ଭୁଶୁଡ଼ି ପଡ଼ିଥିଲା। ଗେଟ୍‌ୱେ ଅଫ୍ ଇଣ୍ଡିଆଠାରେ ସମାବେଶକୁ ଉଦ୍‌ବୋଧନ ଦେଇ ଠାକ୍‌ରେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ କ୍ଷମା ମାଗିବା ଘଟଣାରୁ ତାଙ୍କ ଅହଂକାର ସ୍ପଷ୍ଟ ବାରି ହେଉଛି। ସେହି ସମୟରେ ଜଣେ ଉପମୁଖ୍ୟମନ୍ତ୍ରୀ ହସୁଥିଲେ। ଶିବାଜୀଙ୍କ ପ୍ରତି ଅପମାନ ପାଇଁ ମହାରାଷ୍ଟ୍ର ଜନସାଧାରଣ କଦାପି କ୍ଷମା ଦେବେ ନାହିଁ। ଶାସକ ଦଳକୁ ପରାଜିତ କରିବା ପାଇଁ ଏମ୍‌ଭିଏ କ୍ୟାଡରମାନେ ଏକାଠି କାର୍ଯ୍ୟ କରିବେ ବୋଲି ଉଦ୍ଧବ କହିଛନ୍ତି। ଅଯୋଧ୍ୟା ରାମମନ୍ଦିର ଏବଂ ନୂଆ ପାର୍ଲାମେଣ୍ଟ କମ୍ପ୍ଲେକ୍ସରୁ ପାଣି ଗଳିବା ମୋଦିଙ୍କ ଗ୍ୟାରେଣ୍ଟି ବୋଲି ଉଦ୍ଧବ ତାଚ୍ଛଲ୍ୟ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ପ୍ରଧାନମନ୍ତ୍ରୀ ପାଲ୍‌ଘର ଯାଇଥିବାବେଳେ ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ କ୍ଷମା ମାଗିଥିଲେ। ତେବେ ଏଭଳି ଶିବଦ୍ରୋହୀ (ଶିବାଜୀଙ୍କ ନୀତିକୁ ବିରୋଧ କରୁଥିବା ନେତା) ମାନଙ୍କୁ କ୍ଷମତାରେ ରହିବା ନିମନ୍ତେ ଅନୁମତି ଦେଇଥିବା ଛତ୍ରପତିଙ୍କ ନିକଟରେ ବିରୋଧୀ ନେତାମାନେ ପୂର୍ବରୁ କ୍ଷମା ମାଗିଥିଲେ ବୋଲି କଂଗ୍ରେସ ନେତା ନାନା ପାଟୋଲ କହିଛନ୍ତି।

## ଲେହରୁ ସୋନମ୍‌ଙ୍କ ଦିଲ୍ଲୀ ଚଲୋ ପଦଯାତ୍ରା

ଲେହ,୧।୯


ସୋନମ୍ ୱାଙ୍ଗଚୁକ

ଖ୍ୟାତନାମା ଜଳବାୟୁ କର୍ମୀ ସୋନମ୍ ୱାଙ୍ଗଚୁକ୍ ରବିବାର ଲେହରୁ ଦିଲ୍ଲୀ ଅଭିମୁଖେ ପଦଯାତ୍ରାରେ ବାହାରିଛନ୍ତି। ତାଙ୍କ ସହ ଶତାଧିକ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି। ସେମାନଙ୍କର ୪ ସୂତ୍ରୀ ଦାବି ଉପରେ ଲଦାଖର ନେତୃବୃନ୍ଦଙ୍କ ସହ ଅଟକି ରହିଥିବା ଆଲୋଚନା ପୁଣିଥରେ ଆରମ୍ଭ କରିବା ପାଇଁ ସୋନମ୍ କେନ୍ଦ୍ର ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ଲଦାଖକୁ ରାଜ୍ୟ ମାନ୍ୟତା ଦାବିରେ ୪ ବର୍ଷ ହେଲା ଲେହ ଶୀର୍ଷ ସଂଗଠନ (ଏଲ୍‌ଏବି) ଏବଂ କାର୍ଗିଲ ଡେମୋକ୍ରାଟିକ୍ ଆଲିଆନ୍ସ (କେଡିଏ) ପକ୍ଷରୁ ଆନ୍ଦୋଳନ ଜାରି ରହିଥିବାବେଳେ ରବିବାର ଦିଲ୍ଲୀ ଚଲୋ ପଦଯାତ୍ରା ଆୟୋଜନ କରାଯାଇଛି। ଲଦାଖକୁ ରାଜ୍ୟ ମାନ୍ୟତା ସମେତ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦକୁ ସମ୍ପ୍ରସାରିତ କରିବ, ତ୍ୱରିତ୍ ନିଯୁକ୍ତି ପ୍ରକ୍ରିୟା ସମେତ ଲଦାଖ ପାଇଁ ପବ୍ଲିକ୍ ସର୍ଭିସ କମିଶନ ଏବଂ କାର୍ଗିଲ ଓ ଲେହ ପାଇଁ ଅଲଗା ଲୋକ ସଭା ଆସନ ନିମନ୍ତେ ସେମାନେ ଦାବି କରିଛନ୍ତି।

## ଇସ୍ତଫା ଦେଲେଣି ୪୯ ହିନ୍ଦୁ ଶିକ୍ଷକ

### ବାଂଲାଦେଶରେ ସଂଖ୍ୟାଲଘୁଙ୍କୁ ଟାର୍ଗେଟ

ନୂଆଦିଲ୍ଲୀ,୧।୯(ପି.ଟି.)

ଗତ ମାସ ୫ ତାରିଖରେ ବାଂଲାଦେଶର ଶେଖ୍ ହାସିନାଙ୍କ ସରକାରର ପତନ ପରେ ସେଠାରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଇତିମଧ୍ୟରେ ଅନ୍ୟୁନ ୪୯ ଜଣ ହିନ୍ଦୁ ଶିକ୍ଷକ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଆକ୍ରମଣର ସମ୍ମୁଖୀନ ହୋଇଥିବା ବିଭିନ୍ନ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଚାକିରି ଛାଡ଼ିଥିବା ଶିକ୍ଷକଙ୍କ ମଧ୍ୟରୁ ୧୯ ଜଣଙ୍କୁ ପୁନର୍ବାର ନିଯୁକ୍ତ କରାଯାଇଥିବା ବାଂଲାଦେଶ ଛାତ୍ର ଓଇକ୍ୟା ପରିଷଦର କୋ-ଅର୍ଡିନେଟର ସଜୀବ ସର୍କାର କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ଧର୍ମୀୟ ଏବଂ ଜାତିଆଣ ସଂଘଖ୍ୟାଲଘୁମାନେ ଆକ୍ରମଣ, ଲୁଟର ଶିକାର ହୋଇଥିବାବେଳେ ହିନ୍ଦୁ ମନ୍ଦିର ଭଙ୍ଗାରୁଜା ସମେତ ଘର ଓ ଦୋକାନରେ ନିଆଁ ଲଗାଇ ଦିଆଯାଉଛି। ବିବାଦୀୟ କୋଟାକୁ ନେଇ ବାଂଲାଦେଶରେ ସରକାର ବିରୋଧୀ ଆନ୍ଦୋଳନ ତୀବ୍ର ହେବା ପରେ ଗତ ମାସ ୫ରେ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତ ପଳାଇଥିଲେ। ସେବେଠାରୁ ସେଠାରେ ସଂଖ୍ୟାଲଘୁମାନେ ଅକଥନୀୟ ନିର୍ଯାତନାର ସମ୍ମୁଖୀନ ହୋଇଆସୁଛନ୍ତି।



ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣାରେ ନାବାଳିକାଙ୍କୁ ଯୌନ ନିର୍ଯାତନା ପ୍ରତିବାଦରେ ଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ୟୁକ୍ରେନ୍‌ର ୧୫୮ ଡ୍ରୋନ୍ ଖସାଇଲା ରୁଷିଆ

ମସ୍କୋ,୧।୯

ରୁଷିଆ ସେନା ଗୋଟିଏ ରାତିରେ ୧୫୮ଟି ୟୁକ୍ରେନୀୟ ଡ୍ରୋନ୍‌କୁ ଖସାଇ ଦେଇଥିବା ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ରବିବାର କହିଛି। ପୂର୍ବରୁ ୟୁକ୍ରେନ୍ ସେନା କୁର୍ସ୍କ ଅଞ୍ଚଳରେ ପ୍ରବେଶ କରି ଆକ୍ରମଣ ଚଳାଇଥିବାବେଳେ ଏହାର ୪୬ଟି ଡ୍ରୋନ୍‌କୁ ରୁଷିଆର ଏୟାର ଡିଫେନ୍ସ ସିଷ୍ଟମ୍ ଖସାଇଦେଇଛି। ସେହିପରି ବ୍ରିଆନ୍ସ୍‌ରେ ୩୪ ଏବଂ ଭୋରୋନେଝ ଅଞ୍ଚଳରେ ୨୮ଟି ଡ୍ରୋନ୍‌କୁ ଖସାଯାଇଥିବାବେଳେ ବେଲଗୋରୋଡ ଅଞ୍ଚଳରେ ୧୪ ଡ୍ରୋନ୍ ଅକାମୀ ହୋଇଛି। ଧ୍ୱଂସ ପାଇଥିବା ଡ୍ରୋନ୍‌ର ଭଗ୍ନାବଶେଷ ଖସି ଏକ ତୈଳ ବିଶୋଧନାଗାରରେ ପଡ଼ିବାରୁ ନିଆଁ ଲାଗିଯାଇଥିଲା। ଚଳିତ ବର୍ଷ ଆରମ୍ଭରୁ ୟୁକ୍ରେନ୍ ସେନା ରୁଷିଆ ଭିତରେ ପଶି ଏହାର ରିଫାଇନାରି ଓ ତୈଳ ଟର୍ମିନାଲଗୁଡ଼ିକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ ଜାରି ରଖିଛି। ଅନ୍ୟପକ୍ଷରେ ୟୁକ୍ରେନର ଆକାଶ ମାର୍ଗରୁ ଆକ୍ରମଣ ଫଳରେ ୯ ରୁଷୀୟ ଆହତ ହୋଇଛନ୍ତି। ୟୁକ୍ରେନ୍‌ର ଡୋନେସ୍କ ଅଞ୍ଚଳ ଅନ୍ତର୍ଗତ ପିଭ୍‌ନିଚେ ଏବଂ ଭିଲମ୍‌କା ସହରକୁ ରୁଷିଆ ପୁଣିଥରେ ନିୟନ୍ତ୍ରଣକୁ ନେଇଥିବା ରବିବାର ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ତ୍ୱରିତ ନ୍ୟାୟ ପାଇଁ ସ୍ଥଗିତ ସଂସ୍କୃତି ବଦଳିବା ଆବଶ୍ୟକ: ରାଷ୍ଟ୍ରପତି

ନୂଆଦିଲ୍ଲୀ,୧।୯(ପି.ଟି.)


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ତ୍ୱରିତ ନ୍ୟାୟକୁ ସୁନିଶ୍ଚିତ କରିବାକୁ ହେଲେ କୋର୍ଟଗୁଡ଼ିକର ସ୍ଥଗିତ ସଂସ୍କୃତିରେ ପରିବର୍ତ୍ତନ ପାଇଁ ଉଦ୍ୟମ ହେବା ଆବଶ୍ୟକ। ଜିଲା ନ୍ୟାୟପାଳିକା ଉପରେ ଅନୁଷ୍ଠିତ ୨ ଦିନିଆ ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ସେ କହିଛନ୍ତି, ଅଦାଲତରେ ମାମଲାଗୁଡ଼ିକ ପଡ଼ିରହିବା ଆମ ସମସ୍ତଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ। ନ୍ୟାୟକୁ ସୁରକ୍ଷା ଦେବା ଦେଶର ସବୁ ବିଚାରପତିମାନଙ୍କ ଦାୟିତ୍ୱ। କୋର୍ଟ ରୁମ୍‌ରେ ବ୍ଲାକ୍ କୋଟ୍ ସିଣ୍ଡ୍ରୋମ୍ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇ ଦେଉଛି। ଏହା ଉପରେ ଅଧ୍ୟୟନ ହେବା ଆବଶ୍ୟକ ବୋଲି ରାଷ୍ଟ୍ରପତି କହିଛନ୍ତି। ତେବେ ଦେଶରେ ମହିଳା ନ୍ୟାୟିକ ଅଧିକାରୀଙ୍କ ସଂଖ୍ୟା ବଢ଼ିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। ଦ୍ୱିତୀୟ ଦିନର ସମ୍ମିଳନୀରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼, କେନ୍ଦ୍ର ଆଇନ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ପ୍ରମୁଖ ଯୋଗଦେଇଥିଲେ।

## ଜେଡିୟୁ ମୁଖପାତ୍ର ପଦ ଛାଡିଲେ କେ.ସି. ତ୍ୟାଗୀ

ନୂଆଦିଲ୍ଲୀ,୧।୯(ପି.ଟି.)



ସଂଯୁକ୍ତ ଜନତା ଦଳ (ଜେଡିୟୁ) ମୁଖପାତ୍ର ପଦରୁ କେ.ସି. ତ୍ୟାଗୀ ଇସ୍ତଫା ଦେଇଛନ୍ତି। ଦଳ ଅଧ୍ୟକ୍ଷ ନୀତୀଶ କୁମାର ତାଙ୍କ ସ୍ଥାନରେ ରାଜୀବ ରଞ୍ଜନ ପ୍ରସାଦଙ୍କୁ ଜାତୀୟ ମୁଖପାତ୍ର ନିଯୁକ୍ତ କରିଛନ୍ତି। ତ୍ୟାଗୀ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ଦଳ ପକ୍ଷରୁ କୁହାଯାଇଛି। ତ୍ୟାଗୀ ବାରମ୍ବାର କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରୁଥିଲେ, ଯାହାକି ଭାଜପା-ଜେଡିୟୁ ସମ୍ପର୍କ ପାଇଁ ଭଲ ନ ଥିଲା। ଏକକ ନାଗରିକ ସଂହିତା (ୟୁସିସି) ହେଉ କି ୱକ୍‌ଫ ସଂଶୋଧନ ବିଲ୍ ଏବଂ ପାଲେଷ୍ଟାଇନ୍ ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରୁଥିଲେ। ଅନ୍ୟପକ୍ଷରେ ବିହାରର ପୂର୍ବତନ ମନ୍ତ୍ରୀ ଶ୍ୟାମ ରାଜକ ରବିବାର ଜେଡିୟୁକୁ ଫେରିଛନ୍ତି। ୨୦୨୦ରେ ରଜକଙ୍କୁ ରାଜ୍ୟ କ୍ୟାବିନେଟ ଏବଂ ଦଳରୁ ବହିଷ୍କାର କରାଯାଇଥିଲା।

## ମାଲୟାଲମ ଚଳଚ୍ଚିତ୍ରରେ ପାୱାର ସେଣ୍ଟର ନାହିଁ: ମାମୁଥି

ନୂଆଦିଲ୍ଲୀ,୧।୯



ମାଲୟାଲମ ଫିଲ୍ମ ଇଣ୍ଡଷ୍ଟ୍ରିଜ୍‌ର କେତେଜଣ ଶୀର୍ଷ ଅଭିନେତା ଏବଂ ନିର୍ଦ୍ଦେଶକଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗକୁ ନେଇ ଝଡ଼ ଦେଖାଦେଇଥିବାବେଳେ ଚଳଚ୍ଚିତ୍ର ଶିଳ୍ପରେ କୌଣସି ପାୱାର ସେଣ୍ଟର ନ ଥିଲା ବୋଲି ଅଭିନେତା ମାମୁଥି କହିଛନ୍ତି। ପୋଲିସ ଅଭିଯୋଗର ତଦନ୍ତ ସାଧୁତାର ସହ କରିବା ପାଇଁ ସେ ନିବେଦନ କରିଛନ୍ତି। ଚଳଚ୍ଚିତ୍ର ଶିଳ୍ପକୁ ଧ୍ୱଂସ ନ କରିବାକୁ ବର୍ଷିୟାନ ଅଭିନେତା ମୋହନଲାଲ ଶନିବାର ନିବେଦନ କରିଥିଲେ। ମାମୁଥି ଏକ ଫେସ୍‌ବୁକ୍ ପୋଷ୍ଟରେ କହିଛନ୍ତି, ସିନେମା ହେଉଛି ସମାଜର ପ୍ରତିଫଳନ। ସମାଜର ଭଲ ଏବଂ ମନ୍ଦ ଘଟଣା ଏଥିରେ ପ୍ରଦର୍ଶନ କରିଥାଏ। ଅଭିଯୁକ୍ତଙ୍କୁ କ'ଣ ଦଣ୍ଡ ଦିଆଯିବ, ସେ ନିଷ୍ପତ୍ତି କୋର୍ଟ ନେବେ ବୋଲି ମାମୁଥି କହିଛନ୍ତି।

# ଗାଜାରେ ୧୯ ହଜାର ଶିଶୁ ଅନାଥ ହୋଇଛନ୍ତି

ରାଫାହ, ୧।୯



ଇସ୍ରାଏଲର କ୍ରମାଗତ ଆକ୍ରମଣ ଯୋଗୁ ଗାଜାରେ ବହୁ ଧନଜୀବନ ନଷ୍ଟ ହେବା ସହ ଅନେକ ଘର ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଆକ୍ରମଣରେ ଅନେକ ପାଲେଷ୍ଟିନୀୟ ନିଜର ପରିଜନଙ୍କୁ ହରାଇଛନ୍ତି। ସେହିପରି ବହୁ ଶିଶୁ ମାତାପିତାଙ୍କୁ ହରାଇଛନ୍ତି। ମାତାପିତାଙ୍କୁ ହରାଇଥିବା ଶିଶୁଙ୍କ କାନ୍ଦରେ ଗାଜାର ବିଭିନ୍ନ ପ୍ରାନ୍ତର ଗଳିକନ୍ଦି ଫାଟି ପଡ଼ୁଛି। ୟୁନାଇଟେଡ ନେଶନ୍ସ ଚିଲ୍‌ଡ୍ରେନ୍‌ସ ଫଣ୍ଡ(ୟୁନିସେଫ୍)ର ତଥ୍ୟ ଅନୁଯାୟୀ, ଗତବର୍ଷ ଅକ୍ଟୋବରରୁ ଗାଜା ଷ୍ଟ୍ରିପରେ ଇସ୍ରାଏଲର ଆକ୍ରମଣ ଆରମ୍ଭ ହେବା ପରେ ୪୦,୫୦୦ ଲୋକଙ୍କର ମୃତ୍ୟୁ ଘଟିଛି। ସେହିପରି ୧୯ ହଜାର ଶିଶୁ ଅନାଥ ହୋଇଛନ୍ତି କିମ୍ବା ସେମାନେ ନିଜର ମାତାପିତାଙ୍କଠାରୁ ଅଲଗା ହୋଇଛନ୍ତି। ବର୍ତ୍ତମାନ ପରିବାରର ଅନ୍ୟ ସଦସ୍ୟ ସେହି ଶିଶୁମାନଙ୍କର ଦେଖାଶୁଣା କରୁଛନ୍ତି।

### ପରିବାରର ଅନ୍ୟ ସଦସ୍ୟ ମାତାପିତାଙ୍କ ଦାୟିତ୍ୱ ନିଭାଉଛନ୍ତି

ଏହାସତ୍ତ୍ୱେ ମଧ୍ୟ ମାତାପିତାଙ୍କୁ ହରାଇବାର ଦୁଃଖ ପିଲାମାନଙ୍କ ମନରୁ ଲିଭିପାରୁ ନାହିଁ। ୟୁନିସେଫ୍ କହିଛି, ଗାଜାରେ ଇସ୍ରାଏଲୀ ସେନା ପକ୍ଷରୁ ବାରମ୍ବାର ଏୟାର ଷ୍ଟ୍ରାଇକ କରାଯିବା ସହ ସ୍ୱଳ୍ପ ନୋଟିସରେ ବିସ୍ଥାପନ ପାଇଁ ଆଦେଶ ଦିଆଯାଉଛି, ଯାହାଫଳରେ ଭୟଙ୍କର ହାରରେ ପିଲାମାନେ ଅନାଥ ହେବା ସହ ସେମାନଙ୍କ ପରିବାରଠାରୁ ବିଚ୍ଛିନ୍ନ ହେଉଛନ୍ତି। ବିଭିନ୍ନ ବିସ୍ଫୋରଣ ଏବଂ ଆକ୍ରମଣରୁ ବର୍ତ୍ତିଯାଉଥିବା ଶିଶୁମାନେ ଗାଜାରେ ଥିବା ବିଭିନ୍ନ ଡାକ୍ତରଖାନା ଏବଂ ସ୍ୱାସ୍ଥ୍ୟ ଶିବିରଗୁଡ଼ିକରେ ପରିତ୍ୟକ୍ତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଶିଶୁମାନେ ବହୁତ ଛୋଟ ହୋଇଥିବାରୁ ନିଜ ପରିବାରର ପରିଚୟ ଓ ଠିକଣା ମଧ୍ୟ କହିପାରୁ ନାହାନ୍ତି। ତେଣୁ ଗାଜାର ଯୁଦ୍ଧ ବହୁଳ ଅଞ୍ଚଳରେ ହଜି ଯାଇଥିବା ନିଜ ନିଜର ପିଲାମାନଙ୍କୁ ଟ୍ରାକ୍ କରିବାରେ ପାଲେଷ୍ଟିନୀୟଙ୍କୁ ସାହାଯ୍ୟ କରିବା ପାଇଁ ୟୁନିସେଫ୍ ୪ ଲକ୍ଷ ୫୦ ହଜାର ବ୍ରେସ୍‌ଲେଟ ବଣ୍ଟନ କରିବ ବୋଲି ଘୋଷଣା କରିଛି। ଉକ୍ତ ଯୋଜନା ଅନୁଯାୟୀ, ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ୬ ବର୍ଷରୁ କମ୍ ଶିଶୁମାନଙ୍କୁ ହସ୍ପିଟାଲ ଶୈଳୀରେ ବ୍ରେସ୍‌ଲେଟ ପ୍ରଦାନ କରାଯିବ।

## ଫୁର୍‌ସତ୍

### ଭାଲୁ ସହ ଫଟୋ ଶୁଟ୍

ନୂଆଦିଲ୍ଲୀ





ସୋସିଆଲ ମିଡିଆରେ ଏପରି ଏକ ଭିଡିଓ ଭାଇରାଲ ହେଉଛି ଯାହା ଦେଖି ଅଧିକାଂଶ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଉକ୍ତ ଭିଡିଓରେ ଜଣେ ମହିଳା ଏକ ବିଶାଳ ଭାଲୁ ସହ ଆଲିଙ୍ଗନ କରି ଫଟୋ ଶୁଟ୍ କରୁଥିବା ନଜରକୁ ଆସିଛନ୍ତି। ଭିଡିଓରେ ମହିଳାଙ୍କ ଶାନ୍ତତା ଏବଂ ଭାଲୁର ଭଦ୍ର ଆଚରଣ ସୋସିଆଲ ମିଡିଆ ୟୁଜର୍ସଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ମହିଳାଜଣକ ଏକ ସେଓ ପରିପୂର୍ଣ୍ଣ ଥିବା ବକେଟ୍ ମଧ୍ୟ ଭାଲୁ ପାଇଁ ଆଣିଛନ୍ତି। ସେ ଉକ୍ତ ବକେଟରୁ ଗୋଟିଏ ପରେ ଗୋଟିଏ ସେଓ କାଢ଼ି ଭାଲୁଟିକୁ ଖାଇବାକୁ ଦେଉଛନ୍ତି। ଭାଲୁଟି ମଧ୍ୟ ଆଗ୍ରହର ସହ ମହିଳା ଦେଇଥିବା ଉକ୍ତ ସେଓଗୁଡ଼ିକୁ ଖାଇବାରେ ଲାଗିଛି। ତେବେ ଉକ୍ତ ଭାଲୁଟି କିଭଳି ଏତେମାତ୍ରାରେ ଶାନ୍ତ ଓ ଭଦ୍ର ସ୍ୱଭାବର ହୋଇପାରିଛି ବୋଲି ଭିଡିଓ ଦେଖି ଅନେକ ୟୁଜର୍ସ ପ୍ରଶ୍ନ କରିଛନ୍ତି।

### ରାଜକୁମାରଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ 'ମାଲିକ୍'

ମୁମ୍ବାଇ

ବଲିଉଡ୍ ଅଭିନେତା ରାଜକୁମାର ରାଓ ଶନିବାର ତାଙ୍କର ୪୦ ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସେ ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ରର ନାମ 'ମାଲିକ' ହୋଇଥିବା ଘୋଷଣା କରି ନିଜ ପ୍ରଶଂସକଙ୍କୁ ଜନ୍ମଦିନର ଉପହାର ଦେଇଛନ୍ତି। ରାଜକୁମାର ନିଜ ଇନଷ୍ଟାଗ୍ରାମ ଆଇଡିରେ 'ମାଲିକ' ଫିଲ୍ମର ପୋଷ୍ଟର ଶେୟାର କରିଛନ୍ତି। କ୍ୟାପ୍‌ଶନ୍‌ରେ ସେ ଲେଖିଛନ୍ତି, " ମାଲିକଙ୍କ ଦୁନିଆକୁ ଆପଣଙ୍କୁ ସ୍ୱାଗତ। ଶୁଟିଂ ଆରମ୍ଭ ହୋଇ ସାରିଛି, ଖୁବ୍‌ଶୀଘ୍ର ଆପଣଙ୍କ ସହ ଭେଟ ହେବ"। ଫିଲ୍ମରେ ରାଜକୁମାରଙ୍କ ଆକ୍ସନ୍ ଅବତାର ଦେଖିବାକୁ ମିଳିବ ବୋଲି ଅନୁମାନ କରାଯାଉଛି।

### ମନ୍ଦିରରେ ବିବାହ କରିବେ ଆଦିତି

ହାଇଦ୍ରାବାଦ



ଅଭିନେତ୍ରୀ ଆଦିତି ରାଓ ହାଇଦରି ଖୁବ୍‌ଶୀଘ୍ର ନିଜ ଦୀର୍ଘ ଦିନର ପ୍ରେମିକ ତଥା ଅଭିନେତା ସିଦ୍ଧାର୍ଥଙ୍କୁ ବିବାହ କରିବାକୁ ଯାଉଛନ୍ତି। ଏହି ଯୋଡ଼ି ଚଳିତ ବର୍ଷ ମାର୍ଚ୍ଚରେ ଗୁପ୍ତ ଭାବରେ ନିର୍ବନ୍ଧ କରିଥିଲେ। ପରିବାର ସଦସ୍ୟ ଓ ଘନିଷ୍ଠ ବନ୍ଧୁଙ୍କ ଉପସ୍ଥିତିରେ ତେଲଙ୍ଗାନାର ୱାନାପର୍ଥି ନିକଟସ୍ଥ ଶ୍ରୀରଙ୍ଗପୁରମ୍ ମନ୍ଦିରରେ ଏହି କପଲଙ୍କର ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ଶନିବାର ଏକ ସାକ୍ଷାତ୍‌କାରରେ ଆଦିତି ନିଜ ବିବାହ ସମ୍ପର୍କରେ ସୂଚନା ଦେଇଛନ୍ତି। ଆଦିତି ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ସିଦ୍ଧାର୍ଥଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ସିଦ୍ଧାର୍ଥଙ୍କ ସହ ତାଙ୍କର ବିବାହ ୱାନାପର୍ଥିର ଏକ ୪୦୦ ବର୍ଷର ପୁରୁଣା ମନ୍ଦିରରେ ହେବ ବୋଲି ଆଦିତି କହିଛନ୍ତି। ଉକ୍ତ ପ୍ରାଚୀନ ମନ୍ଦିର ତାଙ୍କ ପରିବାର ପାଇଁ ବହୁ ଗୁରୁତ୍ୱ ବହନ କରେ ବୋଲି ଆଦିତି କହିଛନ୍ତି। ଆଦିତି ଏବଂ ସିଦ୍ଧାର୍ଥଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ୍ ୨୦୨୧ରେ ରିଲିଜ୍ ହୋଇଥିବା ଫିଲ୍ମ 'ମହାସମୁଦ୍ରମ'ର ସେଟ୍‌ରେ ହୋଇଥିଲା। ଏହା ପରଠାରୁ ଦୁହେଁ ପରସ୍ପରକୁ ଭଲ ପାଇ ବସିଥିଲେ। ଦୀର୍ଘ ୩ ବର୍ଷ ଧରି ଉଭୟ ଆଦିତି ଓ ସିଦ୍ଧାର୍ଥ ରିଲେଶନ୍‌ଶିପ୍‌ରେ ଥିବା ସହ ପରସ୍ପରକୁ ଡେଟ୍ କରି ଆସୁଥିଲେ।

# କାନ୍ଥ ପଡ଼ି ଶିଶୁ ମୃତ, ମା'ବାପା ଗୁରୁତର


ବସନ୍ତ ପ୍ରଧାନଙ୍କ ଭଙ୍ଗା ଘର

ଭଞ୍ଜନଗର,୧।୯(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ତହସିଲ ଅନ୍ତର୍ଗତ ବାଇବାଲି ତୋଟାସାହିରେ ଶନିବାର ରାତିରେ ମାଟିକାନ୍ଥ ପଡ଼ି ୨ବର୍ଷର ଏକ ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ବେଳେ ମା', ବାପା ଗୁରୁତର ହୋଇଛନ୍ତି। ମୃତ ଶିଶୁଟି ହେଉଛି ବସନ୍ତ ପ୍ରଧାନଙ୍କ ପୁଅ ଋଷି। ବସନ୍ତ ଓ ତାଙ୍କ ସ୍ତ୍ରୀ ଭଞ୍ଜନଗର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଭଞ୍ଜନଗର ପୋଲିସ, ରାଜସ୍ୱ ଏବଂ ବନ ବିଭାଗ ଅଧିକାରୀ ତୋଟାସାହିରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।

ପ୍ରକାଶ ଯେ, ଦୁଇ ମାସ ପୂର୍ବେ ହାତୀପଲ ଆସି ବସନ୍ତଙ୍କ ଘରର କାନ୍ଥ ଅଧାଭାଙ୍ଗି ଦେଇଥିଲେ।

## ୨ ମାସ ପୂର୍ବେ ହାତୀ ଭାଙ୍ଗିଥିଲା କାନ୍ଥ

କ୍ଷତିପୂରଣ ପାଇଁ ସେ ବନ ବିଭାଗ ଏବଂ ରାଜସ୍ୱ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ସହାୟତା କିମ୍ବା ପଲିଥିନ ଖଣ୍ଡେ ବି ମିଳି ନ ଥିଲା। ଅଧିକାରୀମାନେ କେବଳ ଘଟଣାର ତଦନ୍ତ କରି ପଳାଇଥିଲେ। ଆର୍ଥିକ ଅଭାବ ଯୋଗୁ ବସନ୍ତ ଘରକୁ ଆଉ ମରାମତି କରିପାରି ନ ଥିଲେ। ଏଭଳି ସ୍ଥିତିରେ ଗତ କିଛିଦିନ ଧରି ହେଉଥିବା ଝିପିଝିପି ବର୍ଷା ଯୋଗୁ ଭଙ୍ଗାକାନ୍ଥଟି ଭିଜି ରହିଥିଲା। ଶନିବାର ରାତିରେ ଘରର ସମସ୍ତ ସଦସ୍ୟ ଶୋଇଥିବା ବେଳେ କାନ୍ଥଟି ଭୁଶୁଡ଼ି ଉପରେ ପଡିଥିଲା। ସେମାନଙ୍କର ଚିତ୍କାର ଶୁଣି ପଡ଼ୋଶୀମାନେ ଗୁରୁତର ଅବସ୍ଥାରେ ବସନ୍ତ, ତାଙ୍କ ସ୍ତ୍ରୀ ଓ ଶିଶୁପୁତ୍ରକୁ ଉଦ୍ଧାର କରି ଭଞ୍ଜନଗର ଡାକ୍ତରଖାନାକୁ ଆଣିଥିଲେ। ରବିବାର ସକାଳେ ଶିଶୁପୁତ୍ର ଋଷିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଗଭୀର ଶୋକ ପ୍ରକାଶ କରିବା ସହ ଆହତଦ୍ୱୟଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ଏବଂ ବନ ବିଭାଗ ଅଧିକାରୀଙ୍କୁ ମଧ୍ୟ ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି। ଉପ ଜିଲାପାଳ ଅନିଲ କୁମାର ସେଠୀ ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି।

# ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ

## ନଦୀବନ୍ଧରୁ ମିଳିଲା ମୃତଦେହ

ଯାଜପୁର,୧।୯(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ କର୍ଯ୍ୟାଁ ପଞ୍ଚାୟତ ଗୁଣ୍ଡୁଣିପଡ଼ା ଗ୍ରାମର ଚାଷୀ କୁଶାସନ ଦାଶ(୪୦)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ମୃତଦେହ ରବିବାର ସକାଳେ ବୈତରଣୀ ନଦୀବନ୍ଧର କାଶିଆପାଳ ନିକଟରୁ ମିଳିଛି। କୁଶାସନ ଶନିବାର ତାଙ୍କ ଚାଷଜମିକୁ ରୁଆ ପୋତା କାମରେ ଯାଇଥିଲେ। କିନ୍ତୁ ସେଦିନ ସନ୍ଧ୍ୟାରେ ସେ ଆଉ ଘରକୁ ଫେରି ନ ଥିଲେ। ରାତିରେ ସ୍ୱାମୀ ଘରକୁ ନ ଆସିଥିବାରୁ ସ୍ତ୍ରୀ ମାମି ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ଖବର ପାଇ ନ ଥିଲେ। ମାତ୍ର ରବିବାର ସକାଳେ ନଦୀବନ୍ଧକୁ ଗାଈ ଚରାଇବାକୁ ଯାଇଥିବା ଜଣେ ଗ୍ରାମବାସୀ କୁଶାସନ ପଡ଼ିଥିବାର ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ଏ ସମ୍ପର୍କରେ ଖବର ପାଇ ମଙ୍ଗଳପୁର ଥାନା ପୋଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ତଦନ୍ତ କରିଛି। ଏକ ଅପମୃତ୍ୟୁ ମାମଲା ନଂ ୨୧/୨୦୨୪ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ମଙ୍ଗଳପୁର ଥାନାଧିକାରିଣୀ କହିଛନ୍ତି। ମୃତ୍ୟୁର କାରଣ ଏଯାଏ ଅସ୍ପଷ୍ଟ ରହିଛି। କୁଶାସନଙ୍କ ୨ ଜଣ ଝିଅ ଥିବାବେଳେ ବର୍ତ୍ତମାନ ତାଙ୍କ ସ୍ତ୍ରୀ ମାମିଦାସ ଗର୍ଭବତୀ ଥିବା ଜଣାଯାଇଛି। କୁଶାସନଙ୍କ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ବାଘଛାଲ ରାକେଟରେ ଯବାନ

ଭୁବନେଶ୍ୱର,୧।୯
(ସୂର୍ଯ୍ୟକାନ୍ତ ବେହେରା)

## ଗ୍ରାହକ ସାଜି ୭ ଜଣଙ୍କୁ ଧରିଲା ବନ ବିଭାଗ

ବାଘ ଛାଲ ବିକ୍ରି ପାଇଁ ରାଜଧାନୀ ଉପକଣ୍ଠ ତମାଣ୍ଡୋ ଥାନା ଅନ୍ତର୍ଗତ କାଶୀପୁରରେ ଚାଲିଥିଲା ଡିଲ୍। ଗ୍ରାହକ ବେଶରେ ଚଢ଼ାଉ କରି ସମ୍ପୃକ୍ତ ରାକେଟକୁ ଧରିଛି ବନ ବିଭାଗ। ଏହି ଅପରେଶନରେ ଜଣେ ଯବାନଙ୍କ ସମେତ ମୋଟ ୭ଜଣଙ୍କୁ ଗିରଫ କରାଯିବା ସହ ଏକ ବାଘଛାଲ ଜବତ ହୋଇଛି। ଗତ ୨୮ ତାରିଖରେ ବାଘଛାଲ ଜବତ ସହ ଅଭିଯୁକ୍ତ ବିଭୂତି ଭୂଷଣ ନାୟକ, ସନତ ଉର୍ମା, ସନ୍ତୋଷ ସାହୁ ଏବଂ ଓଆଇଏସ୍ଏଫ୍ ଯବାନ ପପୁ ସାହୁଙ୍କୁ ଗିରଫ କରାଯାଇଥିବାବେଳେ ଫେରାର ଥିବା ଅନ୍ୟ ୩ଜଣଙ୍କୁ ଏବେ ବୌଦ୍ଧ ଓ ନୟାଗଡ଼ରୁ ଗିରଫ କରାଯାଇଛି। ସେମାନେ ହେଲେ ପ୍ରବୀଣ କୁମାର ପ୍ରଧାନ, କବିରାଜ ସ୍ୱାଇଁ ଓ ଅମିତ ମଲ୍ଲିକ। ପ୍ରବୀଣ ଓ କବିରାଜଙ୍କୁ ବନ ବିଭାଗ କୋର୍ଟ ଚାଲାଣ କରିଥିବା ବେଳେ ଅମିତଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ସେମାନଙ୍କ ନିକଟରୁ ୫ ମୋବାଇଲ, ବାଘ ନିଶ, ବାଘ ଦାନ୍ତ ଓ ବାଘ ନଖ ଆଦି ଜବତ ହୋଇଛି। ନୟାଗଡ ଓ ବୌଦ୍ଧ ବନଖଣ୍ଡ ଅଧିକାରୀ, ଡବ୍ଲ୍ୟୁସିସିବିର କର୍ମଚାରୀଙ୍କ ଜଏଣ୍ଟ ଟାସ୍କ ଫୋର୍ସଙ୍କ ସହଯୋଗରେ ନଗର ବନଖଣ୍ଡ କର୍ମଚାରୀମାନେ ଏହି ଅପରେଶନରେ ସାମିଲ ଥିଲେ। ଅମିତ ମଲ୍ଲିକ ଶିକାରୀ ହୋଇଥିବା ବେଳେ ଅନ୍ୟମାନେ ଏହି ରାକେଟର ସଦସ୍ୟ ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ଅଗଷ୍ଟ ୨୮ ସକାଳେ ତମାଣ୍ଡୋ କାଶୀପୁରରେ ଏକ କଲରାପତରିଆ ବାଘ ଛାଲ ବେପାର ଚାଲିଥିବା ସମ୍ପର୍କରେ ବନ ବିଭାଗ ଖବର ପାଇଥିଲା। ଏହାପରେ ଭୁବନେଶ୍ୱର ନଗର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ। ବନ ବିଭାଗର ଜଣେ କର୍ମଚାରୀ ଗ୍ରାହକ ବେଶରେ ସନ୍ଦିଗ୍ଧ ବିଭୂତି ଭୂଷଣଙ୍କୁ ଭେଟିଥିଲେ। ଏହାପରେ ବେପାରୀ ସାଜିଥିବା ବନ କର୍ମଚାରୀ ବାଘଛାଲ କଥା ପଚାରିବାରୁ ଅଭିଯୁକ୍ତ ବିଭୂତି ବସ୍ତାରେ ରଖିଥିବା ଛାଲକୁ ଦେଖାଇଥିଲେ। ଏହି ସମୟରେ ବନ ବିଭାଗର କର୍ମଚାରୀମାନେ ଘେରିଯାଇ ତାଙ୍କୁ କାବୁ କରିବା ସହ ଛାଲ ଜବତ କରିଥିଲେ। ଅଭିଯୁକ୍ତ ବିଭୂତିଙ୍କୁ ପଚରାଉଚରା ବେଳେ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ହାସଲ କରି ସେମାନଙ୍କୁ ଗିରଫ କରାଯାଇଥିଲା।

# ଆସୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର,୧।୯
(ଅନୁରାଧା ମହାରଣା)

ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ଦାନା ବାନ୍ଧୁଛି। ଆସନ୍ତା ୪ ତାରିଖରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ପରେ ଏହା ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ। ଅବପାତଟି ଛତିଶଗଡ଼ମୁହାଁ ହେବା ନେଇ ମଧ୍ୟ ଆକଳନ କରାଯାଇଛି। ଏହାର ପ୍ରଭାବରେ ୪ ତାରିଖରୁ ପୁଣି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚାପ ଇତିମଧ୍ୟରେ ଅବପାତର ରୂପ ନେଇଛି। ଏଥିଯୋଗୁ ରାଜ୍ୟର କିଛି ଅଞ୍ଚଳରେ ବର୍ଷା ଲାଗି ରହିଛି। ଅବପାତଟି କ୍ରମଶଃ ପଶ୍ଚିମ-ଉତ୍ତରପଶ୍ଚିମକୁ ମୁହାଁଇ ଉପକୂଳ ଅଞ୍ଚଳ ଓ ପରେ ଉତ୍ତର ଆନ୍ଧ୍ର ଓ ସଂଲଗ୍ନ ଦକ୍ଷିଣ ଓଡିଶା ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିବ। ରବିବାର ସନ୍ଧ୍ୟା ସୁଦ୍ଧା ଏହା ବିଶାଖାପାଟଣାରୁ



୯୦ କି.ମି. ଏବଂ ମାଲକାନଗିରିରୁ ୧୨୦ କି.ମି. ଦୂରରେ ରହିଥିବାବେଳେ ସୋମବାର ସୁଦ୍ଧା ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବ। ପରେ ଦୁର୍ବଳ ହୋଇ ୱେଲ୍‌ମାର୍କ ଲୋପ୍ରେସରରେ ପରିଣତ ହେବ। ତେବେ ଏହାର ପ୍ରଭାବରେ ରବିବାର ଦକ୍ଷିଣ ଓଡ଼ିଶା ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନାନୁସାରେ, ତାଳଚେରରେ ୨୦.୦ ମିମି, ଖୋର୍ଦ୍ଧା ଜିଲାରେ ୧୭.୦ ମିମି, ମାଲକାନଗିରିରେ ୧୧.୬ ମିମି ଓ ଯାଜପୁରରେ ୧୦.୦ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ୨ ଓ ୩ ତାରିଖରେ ବଡ଼ ବର୍ଷା ହେବନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଥିବା ବେଳେ ୪ ତାରିଖରୁ ବର୍ଷାର ପରିମାଣ ପୁଣିଥରେ ବଢ଼ିପାରେ ବୋଲି ସୂଚନା ଦିଆଯାଇଛି।

# କେନ୍ଦ୍ରାପଡ଼ା ପୁଅ ଅଷ୍ଟ୍ରେଲିଆରେ ସମ୍ମାନିତ

## ଭାରତ-ଅଷ୍ଟ୍ରେଲିଆ ସମ୍ପର୍କ ସୁଦୃଢ଼ କରୁଛି 'ଅସ୍ଇଣ୍ଡ ବ୍ରିଜ୍'

କେନ୍ଦ୍ରାପଡ଼ା,୧।୯(ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମର ପ୍ରଫେସର କମଳାକାନ୍ତ ଦାଶଙ୍କୁ ଅଷ୍ଟ୍ରେଲିଆର ମେଲବର୍ନସ୍ଥିତ ଭିକ୍ଟୋରିଆ ରାଜ୍ୟ ସଂସଦରେ ଶନିବାର ସମ୍ମାନିତ କରାଯାଇଛି। ସେ ହେଉଛନ୍ତି ଅନାମ ଚରଣ ଦାଶ ଓ ମନୋରମା ଦାଶଙ୍କ ଜ୍ୟେଷ୍ଠ ପୁତ୍ର। ପ୍ରଫେସର ଦାଶ ଭାରତ ଓ ଅଷ୍ଟ୍ରେଲିଆ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ନେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଦୀର୍ଘ ୪ବର୍ଷ ଧରି ଅଷ୍ଟ୍ରେଲିଆ ଅସ୍ଇଣ୍ଡ ବ୍ରିଜ୍ ଅନୁଷ୍ଠାନକୁ ପ୍ରତିଷ୍ଠା କରି ଦୃଢ଼ ନେତୃତ୍ୱ ବଳରେ ଭାରତ ଓ ଅଷ୍ଟ୍ରେଲିଆର ଯୁବ ସମାଜକୁ ସଂଯୋଗ କରାଇବାରେ ସମର୍ଥ ହୋଇଛନ୍ତି। ପ୍ରଫେସର ଦାଶଙ୍କୁ ସମ୍ମାନିତ କରିବା ପାଇଁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥିଲା। ସଂସଦ ପରିସରରେ ସାଂସଦ ଇୱାନ ୱାଲର୍ଟରସ ପ୍ରଫେସର ଦାଶଙ୍କୁ ସମ୍ମାନିତ କରିବା ସହ ତାଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଆଗାମୀଦିନରେ ପ୍ରଫେସର ଦାଶଙ୍କ ଅବଦାନ ଉଭୟ ଦେଶର ଯୁବ ସମାଜ ପାଇଁ ଅନୁକରଣୀୟ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଦାଶ ଅଷ୍ଟ୍ରେଲିଆର ବିଦେଶ ନୀତିକୁ ସୁଦୃଢ଼ କରିବାକୁ ଏସିଆ ମହାଦେଶ ଓ ଭାରତୀୟ ଉପମହାଦେଶ ସହ କିଭଳି ସମ୍ପର୍କକୁ ସୁଦୃଢ଼ କରାଯିବ ସେ ନେଇ ଆଲୋକପାତ କରିଥିଲେ। ପ୍ରଫେସର ଦାଶ ଅଷ୍ଟ୍ରେଲିଆର ମୋନାସ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିଛନ୍ତି। ଏବେ ରାଜସ୍ଥାନ ସରକାରଙ୍କ ପାଇଁ ଉପଦେଷ୍ଟା ଭାବେ ସେ କାର୍ଯ୍ୟ କରୁଛନ୍ତି। ପ୍ରଫେସର ଦାଶଙ୍କୁ ଅଷ୍ଟ୍ରେଲିଆରେ ସମ୍ବର୍ଦ୍ଧିତ କରାଯାଇଥିବା ସମ୍ପର୍କରେ ଜଣାପଡ଼ିବା ପରେ ଜିଲାବାସୀ ଗର୍ବ ଅନୁଭବ କରିବା ସହ ଭୂୟସୀ ପ୍ରଶଂସା କରିଛନ୍ତି।



**ଆଜିର ମନ୍ତବ୍ୟ**

ଦେଶର ସଂଖ୍ୟାଲଘୁ ବିଶେଷ କରି ମୁସଲମାନଙ୍କ ଉପରେ କ୍ରମାଗତ ଆକ୍ରମଣ ହେଉଥିବାବେଳେ ଭାଜପା ସରକାର ନୀରବ ଦର୍ଶକ ସାଜିଛି। ଏଭଳି ଘଟଣାରେ ସମ୍ପୃକ୍ତ ଅରାଜକତାବାଦୀ ତତ୍ତ୍ୱଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। **–ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଯୁଗ ଜ୍ୟୋତି ଯୁବକ ସଙ୍ଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସିଜୁଆ, ଡୁନ୍ ସ୍କୁଲ ପାଖ, ସମୟ: ପୂର୍ବାହ୍ନ ୧୧ଟା।
- ୯୧ତମ ପଦ୍ମଶ୍ରୀ ରଜତ କୁମାର କର ଜୟନ୍ତୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟାଞ୍ଜଳିର ୧୯ତମ ବାର୍ଷିକ ନୃତ୍ୟ ମହୋତ୍ସବ 'ଦେବଦାସୀ', ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ଧ୍ରୁବ ଜ୍ୟୋତି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଆଲୋଚନା ଚକ୍ର, ସ୍ଥାନ: ଯୁଥ ହଷ୍ଟେଲ ସମ୍ମିଳନୀ କକ୍ଷ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମନ୍ଦିରକୁ ସପ୍ତପୁରୀ ଅମାବାସ୍ୟା ତାଡ଼ ବିଜେ, ସ୍ଥାନ: ଆଲମ ଚଣ୍ଡୀ ମନ୍ଦିର, କୁମ୍ଭାରପଡ଼ା, ପୁରୀ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ମହମ୍ମଦ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ମା' ଗଡ଼ଚଣ୍ଡୀଙ୍କ ମନ୍ଦିରରେ ଅମାବାସ୍ୟା ବିହିତ ପୂଜା, ସ୍ଥାନ: ସୁନ୍ଦରାପାଳ, ହାଟଡିହୀ, ସମୟ: ସକାଳ ୬ ଟା।
- ମା' ବିଶ୍ୱ ତାରିଣୀ ମନ୍ଦିରରେ ଅମାବାସ୍ୟା ଉପଲକ୍ଷେ ପୂଜାର୍ଚ୍ଚନା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦୀ, ହାଟଡିହୀ, ସମୟ : ସକାଳ ଏବଂ ସନ୍ଧ୍ୟା ୭ ଟା।
- ନବଗ୍ରହ ମନ୍ଦିରରେ କେତୁ ଗ୍ରହ ଜୟନ୍ତୀ ପାଳିତ, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ : ସକାଳ ୮ ଟା।

## ମୟୂରଭଞ୍ଜ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: ସାରସକଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନିୟୁ ରାଜସ୍ଥାନୀ କଟନ ଫେବ୍ ପ୍ରଦର୍ଶନୀ, ସ୍ଥାନ: ବାରିପଦା ଛଉ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର କମିଟି, କରଞ୍ଜିଆ, ସମୟ: ଅପରାହ୍ନ ୨ଟା।
- ସାଧାରଣ ସଭା ଓ ପୁରସ୍କାର ବିତରଣ, ସ୍ଥାନ: ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ–ଓଡାପଡା ବ୍ଲକ କାର୍ଯ୍ୟାଳୟ, ସମୟ–ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ରାଜ୍ୟ ଶିଳ୍ପମନ୍ତ୍ରୀଙ୍କ ଦ୍ୱାରା ନିର୍ବାଚନମଣ୍ଡଳୀସ୍ତରୀୟ କର୍ମୀଙ୍କ ସହ ଆଲୋଚନା, ସ୍ଥାନ: ଜିରୋ ପଏଣ୍ଟ, ଦୋଛକି, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ମ୍ୟୁନିସିପାଲିଟି ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଓ ସଚେତନତା ଶିବିର, ସ୍ଥାନ: ବଡ଼ଚଣା ବ୍ଲକ୍ ଅଧୀନ ଛତିଆ ଯାତ୍ରୀନିବାସ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଧର୍ମଶାଳା ବିଡିଓଙ୍କ ମିଳିତ ଅଭିଯୋଗ ଶୁଣାଣି,ସ୍ଥାନ: ଅଭୟପୁର ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ସପ୍ତପୁରୀ ଅମାବାସ୍ୟା ପର୍ବ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ସାଢ଼େ ୭ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା
- ପିଏମ୍ ଜନମନ ସଚେତନତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ରଡାଙ୍ଗ ଗ୍ରାମ, ବିଷମକଟକ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସୁଭଦ୍ରା ଯୋଜନାର ବ୍ଲକ୍‌ସ୍ତରୀୟ ଯାଞ୍ଚ କମିଟି ଗଠନ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ଦଶମନ୍ତପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦଶମନ୍ତପୁର, ସମୟ : ପୂର୍ବାହ୍ନ ୧୦ଟା।
- ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ମାନବାର ପଞ୍ଚାୟତ, କୋରାପୁଟ ବ୍ଲକ୍, ସମୟ : ପୂର୍ବାହ୍ନ ୧୦ ଟା।
- ଧାମନାହାଣ୍ଡିରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ, ଧାମନାହାଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ, କୋଟପାଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନାଲ୍‌କୋ କୃଷକ ବଜାର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ– ଦାମନଯୋଡି ଆଦର୍ଶ ଥାନା ସମ୍ମୁଖ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ , ସମୟ : ସକାଳ ୭ଟା।
- ନିଃଶୁଳ୍କ ଯୋଗ ଶିବିର , ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ୭ଟା।
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣୀ, ସ୍ଥାନ : ଧନକୁଡା ବ୍ଲକ କାର୍ଯ୍ୟାଳୟ ସ୍ଥିତ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଧନୁଯାତ୍ରାର ସମୀକ୍ଷା ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଆଗଲପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ଦେଓଗାଁ ବ୍ଲକ ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଧଣ୍ଡାମାଲ ଗ୍ରାମ ପଞ୍ଚାୟତ, ଧଣ୍ଡାମାଲ , ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ପୁଇଁତଲା ବ୍ଲକ ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୁରୁଲ ଗ୍ରାମପଞ୍ଚାୟତ, କୁରୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ବଲାଙ୍ଗୀର ବ୍ଲକ ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଝାଙ୍କରପାଲି ଗ୍ରାମ ପଞ୍ଚାୟତ, ଝାଙ୍କରପାଲି, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତପୁରୀ ଅମାବାସ୍ୟା ପାଳନ ସ୍ଥାନ: ଅମୂଲ୍ୟମଣୀ ରାଣୀପୁର,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୪ଟା।
- ପୁରାଉଁଆସ ପାଳନ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ:ଅପରାହ୍ନ ୪ଟା।
- ଲଙ୍କାପୋଡ଼ିରେ ନଗର ପରିକ୍ରମା, ସ୍ଥାନ: ସୁବଳୟା, ବୀରମହାରାଜପୁର , ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁରରେ ପ୍ରସିଦ୍ଧ ଲଙ୍କାପୋଡି ମହୋତ୍ସବ ଅବସରରେ ଆଲୋଚନାଚକ୍ର, ସ୍ଥାନ: ଜିଲା ପରିଷଦ ସଭାଗୃହ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର, ସ୍ଥାନ: ଭେଡେନ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ଜିଲାପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ସୁନ୍ଦରଗଡ଼ ସଦ୍‌ଭାବନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କବି ବିନୋଦ ଚନ୍ଦ୍ର ନାୟକଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ,ସ୍ଥାନ: ସଂସ୍କୃତି ଭବନ, ସମୟ:ସନ୍ଧ୍ୟା ୬ଟା।

## ରାଉରକେଲା
- ଅପରାଧ ନିରୋଧ ଅଭିଯାନ, ସ୍ଥାନ: ରାଉରକେଲା ଷ୍ଟେଶନ ରୋଡ୍, ସମୟ: ସକାଳ ୭ଟା।
- ଡିପିଏସ୍‌ର ବାର୍ଷିକ ପ୍ରତିଯୋଗିତା, ସ୍ଥାନ: ଡିପିଏସ୍ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ରାଉରକେଲା କଲେଜ, ସେକ୍ଟର–୪, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ୱେଷାର ବାର୍ଷିକୋତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସି ବ୍ଲକ, ଜଗଦା, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ କବିତା ପଠନୋତ୍ସବ, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ରାଉରକେଲା, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ସ୍ୱଚ୍ଛତା ପକ୍ଷ ପାଳନ, ସ୍ଥାନ: ଜାମୁନାଳୀ ସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମଠ ସାହି ଦୁର୍ଗା ପୂଜା କମିଟି ବୈଠକ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୮ଟା।

## କଳାହାଣ୍ଡି
- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍‌ଭଗବତ ସାପ୍ତାହିକ କଥା, ସ୍ଥାନ: କେସିଙ୍ଗା ସହରସ୍ଥିତ ଆମ୍ବାଜି ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ ଟା।
- ପ୍ରଥମ ସୁପର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ କ୍ଲବ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ ଟା ଓ ସନ୍ଧ୍ୟା ୭ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ସଦ୍‌ଭାବନା ସଭା ଗୃହ, ନୂଆପଡା, ସମୟ: ପୂର୍ବାହ୍ନ ୧୦ ଟା।
- ୧୬ତମ ଇଣ୍ଡିପେଣ୍ଡେନ କପ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ ଟା।
- ଖଡିଆଳ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ପୁରା ଉଆଁସ ପାଳିତ, ସ୍ଥାନ: ରାଜା ଏଟି ହାଇସ୍କୁଲ ପଡିଆ, ଅପରାହ୍ନ ୪ଟା।

## ବୌଦ୍ଧ
- ହରଭଙ୍ଗା ବ୍ଲକରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ (ଚାରିଛକ), ସମୟ: ପୂର୍ବାହ୍ନ ୧୦ଟା।



ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ ଅବସରରେ ପୂର୍ବତନ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଖେଳାଳି ପୁଲେଲା ଗୋପୀଚାନ୍ଦ।

# 'ସୁଭଦ୍ରା' ଯୋଜନା ଲାଗି ଆରମ୍ଭ ହେଲା ଆବେଦନ

ଭୁବନେଶ୍ୱର, ୧।୯ (ସୁନିତ୍ ମିଶ୍ର)

'ସୁଭଦ୍ରା' ଯୋଜନା ପାଇଁ ରବିବାରଠାରୁ ଆବେଦନ ଆରମ୍ଭ ହୋଇଛି। ସେଥିପାଇଁ ଅଙ୍ଗନୱାଡି କେନ୍ଦ୍ରରେ ଲମ୍ବା ଲାଇନ ଦେଖିବାକୁ ମିଳିଛି। ସେହିପରି ବ୍ଲକ୍ ଅଫିସ୍, ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ରରେ ମଧ୍ୟ ଆବେଦନକାରୀଙ୍କ ଭିଡ଼ ଦେଖିବାକୁ ମିଳିଛି। ଏମିତି କି ଗାଁରେ ଘର ଘର ବୁଲି ଅଙ୍ଗନୱାଡି ଦିଦିମାନେ ଫର୍ମ ବାଣ୍ଟୁଛନ୍ତି। ଏହା ସହିତ ଫର୍ମ କେମିତି ପୂରଣ କରାଯିବ, ଆଉ କେଉଁସବୁ ପ୍ରମାଣପତ୍ର ଦେଇ ଆବେଦନ କରିବେ ସେନେଇ ମଧ୍ୟ ସଚେତନ କରୁଛନ୍ତି। ଫର୍ମ ପୂରଣ ଲାଗି ପ୍ରଥମେ ଆଧାର କାର୍ଡରେ ଥିବା ନାମ ଲେଖି, ଆଧାର ନମ୍ବର ଲେଖିବାକୁ ପଡ଼ିବ। ଏହାପରେ ସ୍ୱାମୀ କିମ୍ବା ବାପାଙ୍କ ନାମ ଲେଖିପାରିବେ। ଜନ୍ମ ତାରିଖ ସ୍ଥାନରେ ଆଧାର କାର୍ଡରେ ଥିବା ତାରିଖ ଦେବାକୁ ପଡ଼ିବ। ଜୁଲାଇ ୧ ସୁଦ୍ଧା ଆବେଦନକାରୀଙ୍କୁ ଅତିକମ୍‌ରେ ୨୧ ବର୍ଷ ହେଉଥିବା ଦରକାର। ଏହାପରେ ଜାତି ସମ୍ପର୍କରେ ଥିବା ବକ୍ସରେ ଟିକ୍ ମାରିବାକୁ ହେବ। ମୋବାଇଲ ନମ୍ବର ବକ୍ସରେ ଆଧାର କାର୍ଡ ଲିଙ୍କ୍ ହୋଇଥିବା ନମ୍ବର ଦେବାକୁ ହେବ। ବିକଳ୍ପ ଭାବେ ଅନ୍ୟ ନମ୍ବର ମଧ୍ୟ ଦେଇହେବ। ଏହାପରେ ଠିକଣା ଲେଖି, ଆଧାର ଲିଙ୍କ୍ ଥିବା ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେବାକୁ ପଡ଼ିବ। ଏହା ପର ପୃଷ୍ଠାରେ ଥିବା ଯୋଗ୍ୟତା ମାନଦଣ୍ଡ ଆଧାରିତ ଏକ ଘୋଷଣା ପତ୍ରକୁ ନିଜେ ଆବେଦନକାରୀ ଦସ୍ତଖତ କରି ଆବେଦନ କରିବେ। ଫର୍ମ ଫିଲ୍‌ଅପ୍ ପରେ ଏହା ସହ ନିଜର ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍ ଓ ରାଶନ କାର୍ଡର ଫଟୋକପି ଦେଇ ଅନ୍‌ଲାଇନରେ ସୁଭଦ୍ରା ପୋର୍ଟାଲରେ ଆବେଦନ କରାଯିବ। ଏହାପରେ ଆବେଦନ ଗ୍ରହଣ ପତ୍ର ଆଣିବାକୁ ଯେମିତ ନ ଭୁଲନ୍ତି, ଯେଉଁଥିରେ ଆପଣଙ୍କ ଆବେଦନ ପତ୍ରର ନମ୍ବର ରହିଥିବ। ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୧୭ ତାରିଖରେ ଯୋଜନାର ଶୁଭାରମ୍ଭ ଦିନ କାର୍ଡ ସହ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ମିଳିବ। ଏହା ପୂର୍ବରୁ ଆବେଦନ ପରେ ଇ–କେୱାଇସି ଯାଞ୍ଚ କରି ହିତାଧିକାରୀ ତାଲିକା ଚୂଡାନ୍ତ ହେବ।



## ପ୍ରଥମ ପୃଷ୍ଠାରୁ...

### ଟିକିଟି ମଦମୃତ୍ୟୁ: ଆଉ ...

୧୦ ଜଣ ସୁସ୍ଥ ହୋଇ ଫେରିଥିବା ବେଳେ ୨୦ ତାରିଖରେ ଜେନାପୁରର ଜୁର ବେହେରା, ୨୧ ତାରିଖରେ ଲୋକନାଥ ବେହେରା, ଗତ ଶୁକ୍ରବାର ରାତିରେ ଜେନାପୁରର ଲକ୍ଷ୍ମଣ ବେହେରା ଓ ରବିବାର ବାୟାଙ୍କ ମୃତ୍ୟୁ ହୋଇଛି। ବିଷାକ୍ତ ମଦ ଯୋଗୁ ଜଣକ ପରେ ଜଣଙ୍କର ମୃତ୍ୟୁ ହେଉଥିଲେ ମଧ୍ୟ ଅଞ୍ଚଳରେ ଚୋରା ମଦ ବିକ୍ରି ବନ୍ଦ ହେବାର ନାଁ ଧରୁନି। ପାତ୍ରପୁର ବ୍ଲକ ଖରଣିପଡା ପଞ୍ଚାୟତ ନନ୍ଦିଗାଁର ଜଣେ ଯୁବକ ଦିଗପହଣ୍ଡିରୁ ମଦ ଆଣୁଥିବାବେଳେ ରବିବାର ଅବକାରୀ ଗୋଇନ୍ଦା କର୍ମଚାରୀଙ୍କ ହାବୁଡରେ ଧରାପଡିଛନ୍ତି। ଅନ୍ୟପକ୍ଷରେ ଟିକିଟି ମଦମୃତ୍ୟୁ ଘଟଣାରେ ବର୍ତ୍ତମାନ ସୁଦ୍ଧା କେ. ନୂଆଗାଁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଚଢ଼ାଉ କରାଯାଇ ୧୬ ଜଣଙ୍କୁ ଗିରଫ କରାଯାଇଛି।

### ପଶ୍ଚିମବଙ୍ଗରେ ପୁଣି ...

ଅଭିଯୋଗ ହୋଇଛି। ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ରୋଗୀ ଜଣଙ୍କୁ ନର୍ସ ସାଲାଇନ୍ ଲଗାଉଥିଲେ। ଏହି ସମୟରେ ରୋଗୀ ଜଣଙ୍କ ନର୍ସଙ୍କ ଗୁପ୍ତାଙ୍ଗକୁ ସ୍ପର୍ଶ କରିଥିଲେ। ଏଥିସହିତ ସେ ନର୍ସଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗ ହୋଇଛି। ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ଦେଖାଦେବା ସହ ପୋଲିସକୁ ଜଣାଇ ଦିଆଯାଇଥିଲା। ପୋଲିସ ଅଭିଯୁକ୍ତ ରୋଗୀଙ୍କୁ ଗିରଫ କରିଛି।

ସେହିପରି ହାଓଡ଼ା ସଦର ହସ୍ପିଟାଲ ପରିସରରେ ଜଣେ ୧୩ ବର୍ଷୀୟା ବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଠିକା ଲାବରେଟୋରି ଟେକ୍‌ନିସିଆନ୍ ଗିରଫ ହୋଇଛନ୍ତି। ନିମୋନିଆରେ ପୀଡ଼ିତା ନାବାଳିକା ଜଣକ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଶନିବାର ରାତିରେ ତାଙ୍କୁ ସିଟି ସ୍କାନ୍ ପାଇଁ ନିଆଯାଇଥିଲା। ସ୍କାନର ରୁମ୍‌ରେ ଲାବରେଟୋରି ଟେକ୍‌ନିସିଆନ୍ ଅମନ ରାଜ୍ ତାଙ୍କୁ ଅସଦାଚରଣ କରିଥିଲେ। ନାବାଳିକା ଜଣକ ସ୍କାନର ରୁମ୍‌ରୁ ପଳାଇଆସି ଅନ୍ୟ ଜଣେ ରୋଗୀ ସମ୍ପର୍କୀୟଙ୍କ ସହାୟତା ଲୋଡ଼ିଥିଲେ। ଏହି ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଲୋକେ ଓ ପୀଡ଼ିତାଙ୍କ ସମ୍ପର୍କୀୟ ହସ୍ପିଟାଲ ପରିସରରେ ବିକ୍ଷୋଭ କରିବା ସହ ଅଭିଯୁକ୍ତଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ପୋଲିସ ତାଙ୍କୁ ଉତ୍ୟକ୍ତ ଲୋକଙ୍କ କବଳରୁ ଉଦ୍ଧାର କରି ଗିରଫ କରିଛି।

ସୂଚନାଯୋଗ୍ୟ, ଗତ ମାସ ୯ ତାରିଖରେ ଆର୍.ଜି. କର ହସ୍ପିଟାଲର ସେମିନାର ହଲ୍‌ରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଘଟଣାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଜୋର୍ ଧରିଥିଲା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅବହେଳା ପାଇଁ ବିରୋଧୀ ଭାଜପା ତାଙ୍କୁ ସମାଲୋଚନା କରିଥିଲା। ଘଟଣା ସହ ଜଡ଼ିତ ଥିବା ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ଏବଂ ଅନ୍ୟମାନଙ୍କୁ ସୁରକ୍ଷା ଦିଆଯାଉଥିବା ଅଭିଯୋଗକୁ ନେଇ ଉତ୍ତେଜନା ବଢ଼ିଥିଲା। ଘଟଣାକୁ ୨୦ ଦିନରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ମୃତା ଡାକ୍ତରଙ୍କୁ ନ୍ୟାୟ ଦାବିରେ ଜୁନିୟର ଡାକ୍ତରମାନେ ଆନ୍ଦୋଳନ ଜାରି ରଖିଛନ୍ତି। ରବିବାର ଚଳଚ୍ଚିତ୍ର ନିର୍ଦ୍ଦେଶିକା ଅପର୍ଣ୍ଣା ସେନ୍‌ଙ୍କ ସମେତ ବେଙ୍ଗଲୀ ଫିଲ୍ମ ଇଣ୍ଡଷ୍ଟ୍ରିଜ୍‌ର ବହୁ ଖ୍ୟାତନାମା ବ୍ୟକ୍ତିତ୍ୱ ଆନ୍ଦୋଳନରେ ସାମିଲ ହୋଇ ଆର୍.ଜି. କର ହସ୍ପିଟାଲର ଟ୍ରେନି ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦାବି କରିଛନ୍ତି। ସେମାନେ ଏକ ବିଶାଳ ରାଲି ବାହାର କରିଥିଲେ। ସେହିପରି କୋଲକାତାରେ ଅନ୍ୟ ୨ଟି ରାଲି ମଧ୍ୟ ରବିବାର ଆୟୋଜିତ ହୋଇଥିଲା। ଗୋଟିଏ ରାମକ୍ରିଷ୍ଣ ମିଶନ ପରିଚାଳିତ ଶିକ୍ଷାନୁଷ୍ଠାନର ପୂର୍ବତନ ଛାତ୍ରୀଛାତ୍ର କରିଥିବାବେଳେ ଅନ୍ୟଟିରେ କନ୍‌ଭେଣ୍ଟ ସ୍କୁଲ୍‌ର ବର୍ତ୍ତମାନର ଓ ପୂର୍ବତନ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ଗ୍ରହ ଶାନ୍ତି ନାଁରେ ...

ରାଜପଥ ପାର୍ଶ୍ୱ ଶହୀଦନଗରସ୍ଥିତ ଉକ୍ତ ଷ୍ଟୋର୍‌ରେ ଚଢ଼ାଉ କରିଥିଲା। ଅପରାହ୍ନରୁ ରାତି ୯ଟା ୩୦ରେ ଯାଏ ୯ ଘଣ୍ଟା ଧରି ଟିମ୍ ଯାଞ୍ଚ ଜାରି ରଖିଥିଲା। ପରେ ଏହି ମାମଲାରେ ଡିଆର୍‌ଆଇ କେତେଜଣ ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖି ପଚରାଉଚରା କରିବା ସହ ବହୁ ତଥ୍ୟ ହାସଲ କରିଥିଲା। ଅନ୍ୟପକ୍ଷରେ ଏହି ଚଢ଼ାଉ ଓ ଜବତ ଘଟଣାକୁ ନେଇ ଷ୍ଟୋର ପକ୍ଷରୁ ସଫେଇ ଦିଆଯାଇଛି। ଜୁଲୋଜିକାଲ୍ ଯାଞ୍ଚ ପରେ ଏହାର ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଷ୍ଟୋର କର୍ତ୍ତୃପକ୍ଷ କହିଛନ୍ତି।

ତେବେ ଭୁବନେଶ୍ୱରର ଏକ ଷ୍ଟୋରରୁ ବହୁ ବଣ୍ୟପ୍ରାଣୀ ଅଙ୍ଗ ମିଳିବା ପରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି। ବନ୍ୟପ୍ରାଣୀ ଚୋରାଚାଲାଣ ରୋକିବାକୁ ଏସ୍‌ଟିଏଫ୍ ସ୍ପେଶାଲ ଡ୍ରାଇଭ୍ ଚଳାଇଥିବା ବେଳେ ବନବିଭାଗ ଏହା ଉପରେ ବେଶି ଗୁରୁତ୍ୱ ଦେଉଥିବା କହୁଛି। ହେଲେ ଭୁବନେଶ୍ୱରରୁ ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ର୍‍ୟାକେଟ ପଦାକୁ ଆସିବା ପରେ ଏସ୍‌ଟିଏଫ୍ ଓ ବନବିଭାଗ କ'ଣ କରୁଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

# ଟ୍ରକ୍ ଧକ୍କାରେ ଦମ୍ପତି ମୃତ

ବ୍ରହ୍ମପୁର, ୧।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଲାଞ୍ଜିପଲ୍ଲୀ ନିକଟ ୧୬ନଂ.ଜାତୀୟ ରାଜପଥରେ ରବିବାର ରାତିରେ ଏକ ବାଇକ୍‌କୁ ଟ୍ରକ ଧକ୍କା ଦେବାରୁ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପୋଲସରା ଅଞ୍ଚଳର ଦୁର୍ଗା ପ୍ରସାଦ ଶତପଥୀ(୩୫) ଓ ତାଙ୍କ ସ୍ତ୍ରୀ ଚିନ୍ମୟ ରାଣୀ ଶତପଥୀ(୨୩)। ଚିନ୍ମୟରାଣୀ ଶିକ୍ଷକତା କରୁଥିବାରୁ ସ୍ୱାମୀଙ୍କ ସହ କନିଷି ଅଞ୍ଚଳରେ ଘରଭଡା ନେଇ ରହୁଥିଲେ। ଉଭୟେ ବାଇକ୍ (ନଂ. ଓ ୦୭ଏଚ– ୮୬୮୨)ରେ ବ୍ରହ୍ମପୁରକୁ କୌଣସି କାମରେ ଆସୁଥିଲେ। ଲାଞ୍ଜିପଲ୍ଲୀ ନିକଟରେ ଇଚ୍ଛାପୁର ପଟୁ ଆସୁଥିବା ଟ୍ରକ୍ (ନଂ.ଏପି ୩୯ ୟୁଡ଼ି ୫୧୩୯) ବାଇକ ପଛକୁ ଧକ୍କା ଦେଇଥିଲା। ଫଳରେ ଚିନ୍ମୟ ରାଣୀ ଛିଟିକି ପଡିଥିବା ବେଳେ ଟ୍ରକ୍ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଗା ପ୍ରସାଦଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସାପ କାମୁଡ଼ାରେ ୨ ମୃତ

ଭଞ୍ଜନଗର/ହିଞ୍ଜିଳିକାଟୁ, ୧।୯ (ବାବୁଲା ପ୍ରଧାନ/ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲାର ଭଞ୍ଜନଗର ଓ ହିଞ୍ଜିଳିକାଟୁ ଅଞ୍ଚଳରେ ସାପ କାମୁଡ଼ାରେ ୨ ପିଲାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଭଞ୍ଜନଗର ସହରତଳି ବେଣାକୁନ୍ଦାର ନାରାୟଣ ପରିଚ୍ଛାଙ୍କ ଝିଅ ସ୍ନେହା (୬) ଓ ହିଞ୍ଜିଳି ଥାନା ପୋଡିଙ୍ଗି ଗ୍ରାମର ମିଳନ(୧୦)। ସ୍ନେହା ରବିବାର ସନ୍ଧ୍ୟାରେ ଖଟ ଉପରେ ଶୋଇଥିଲେ। ଏହି ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଭଞ୍ଜନଗର ହସ୍ପିଟାଲ ଆଣିଥିଲେ। ସେଠାରେ ସ୍ନେହାଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୫ମରେ ପଢୁଥିବା ମିଳନ ଶନିବାର ରାତିରେ ପରିବାର ସହ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଅଶ୍ୱିନୀ ନକ୍ଷତ୍ର ଟଙ୍କା ପଇସା, ଯାତ୍ରା, ବାଣିଜ୍ୟ, ବ୍ୟବସାୟ,ପ୍ରତିଯୋଗିତା ପାଇଁ ଚିନ୍ତା କରିବେ। ଶେଷ ପର୍ଯ୍ୟାୟକୁ ଯାଇଥିବା କୌଣସି ନିଷ୍ପତ୍ତି ଆତ୍ମୀୟସ୍ୱଜନଙ୍କ ବିରୁଦ୍ଧାଚରଣ ଯୋଗୁ ବଦଳିଯିବାର ସୂଚନା ରହିଛି। ଶାରୀରିକ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରହିବ। ବନ୍ଧୁଙ୍କ ସହିତ ଆଲୋଚନା ପରିସରରେ ଫଳପ୍ରଦ ଆଲୋଚନା କରିପାରନ୍ତି।

**ବୃଷ** – ବନ୍ଧୁଙ୍କ ସହ ତର୍କବିତର୍କ ଉପରାନ୍ତେ ଅବଶ୍ୟ ଆଶା କରିଥିବା ଅର୍ଥ ପାଇପାରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। କୃତ୍ତିକା ନକ୍ଷତ୍ରର ଗୃହ ସମସ୍ୟା ମନରେ ଭାବାନ୍ତର ସୃଷ୍ଟି କରିବ। ମାତ୍ର ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ମିଥୁନ** – ବନ୍ଧୁଙ୍କ ମାଧ୍ୟମରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସାମାଜିକ ସ୍ତରରେ ସୁନାମ ଅର୍ଜନ କରିବେ। ପୁନର୍ବସୁ ନକ୍ଷତ୍ର ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପାରିବାରିକ ଅଶାନ୍ତିର ମୂଳକାରଣ ଜାଣିଥିଲେ ମଧ୍ୟ ଚୁପ୍ ରହିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ** – ଆଜି ଅଶ୍ଳେଷା ନକ୍ଷତ୍ରର ପାରିବାରିକ ସମ୍ପର୍କରେ ଭୁଲ୍ ବୁଝାମଣା ସହ ସାମାଜିକ ସ୍ତରରେ ସମର୍ଥନ ହ୍ରାସ ଘଟିବ। କାମ ଚାପରେ ମନ ଭଲ ରହିବ ନାହିଁ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକଙ୍କ ଉପରେ ସନ୍ଦେହ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ, ଶିଳ୍ପ ବାଣିଜ୍ୟରେ ଉନ୍ନତି ଘଟିବ।

**ସିଂହ** – ମଘା ନକ୍ଷତ୍ର ବୃଥା ଆଶଙ୍କା, ବାଧବାଧକତାର ଯାତ୍ରା, ଅନ୍ୟମାନଙ୍କ ସକାଶେ ଖର୍ଚ୍ଚାନ୍ତଜନିତ ମନସ୍ତାପ କରିପାରନ୍ତି। ସହକର୍ମୀଙ୍କ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ସହ ବାକ୍‌ବିତଣ୍ଡାର ସମ୍ମୁଖୀନ ହେବାକୁ ପଡିପାରେ। ବିଦେଶୀଙ୍କ ଘର କଥା ମନକୁ ବେଶି ଆନ୍ଦୋଳିତ କରିବ।

**କନ୍ୟା** – ଭଲ ସମ୍ପର୍କ ରହିଥିବା ସହକର୍ମୀଟି ଅର୍ଥ ସଙ୍କଟକୁ ଦୂରେଇବାରେ ସାହାଯ୍ୟ କରିବେ। କୌଣସି ବିଜାତୀୟ ବ୍ୟକ୍ତିଙ୍କ ପ୍ରତ୍ୟକ୍ଷ ସାହାଯ୍ୟ ସମସ୍ୟା ବିଜଡିତ କାର୍ଯ୍ୟକୁ ସମାଧାନ କରିବାରେ ସହାୟକ ହେବ। ରାଜନୈତିକ କ୍ଷେତ୍ରରେ ଏବଂ ବାଣିଜ୍ୟ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ଅପରାହ୍ନରେ ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ।

**ତୁଳା** – ସକାଳୁ ସକାଳୁ ବନ୍ଧୁଙ୍କ ଦ୍ୱାରା କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇପାରନ୍ତି। ସ୍ୱାତୀ ନକ୍ଷତ୍ର ଆଜିର ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ।

**ବିଛା** – ନିଜର କାର୍ଯ୍ୟଦକ୍ଷତା କାରଣରୁ ଉଚ୍ଚ ପଦାଧିକାରୀ ଆପଣଙ୍କ କାର୍ଯ୍ୟ ପରିସରକୁ ବୃଦ୍ଧି କରିପାରନ୍ତି। ଦେଖିଚାହିଁ କାମ କରନ୍ତୁ, ଅନ୍ୟଥା ଅସୁବିଧାରେ ପଡିପାରନ୍ତି। ଅନୁରାଧା ନକ୍ଷତ୍ର ବନ୍ଧୁଙ୍କ ସହ ଆଳାପରେ ବିଶେଷ ସମୟ କଟାଇବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବା ସୂଚନା ରହିଛି।

**ଧନୁ** – ଆଜି ମନୋରଞ୍ଜନର ଶେଷ ପର୍ଯ୍ୟାୟରେ ବନ୍ଧୁମିଳନରେ କଳହର ଆଶଙ୍କା ଦେଖାଦେଇପାରେ। ମାନସିକ ଅସୁସ୍ଥତାଜନିତ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ପାଖ ପଡ଼ୋଶୀଙ୍କ ପରୋକ୍ଷ ଶତ୍ରୁତାର ଚିନ୍ତା ମନକୁ ଆନ୍ଦୋଳିତ କରିବ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଆଜିର ଯାତ୍ରା, ବାଣିଜ୍ୟ ପାଇଁ ଅସୁବିଧା ହେବନି।

**ମକର** – ଶ୍ରବଣା ନକ୍ଷତ୍ର ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ନିଜ ପରିସରରେ ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି।

**କୁମ୍ଭ** – ଶତଭିଷା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ସମସ୍ୟାକୁ ସୁଧାରି ନେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ତଥାପି ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲ ହେବ।

**ମୀନ** – ଆଜି ଦିନଟିରେ ଏକାଧାରରେ ମାନସିକ ଓ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ଯାହା ଓ ଯେମିତି ଚିନ୍ତା କରୁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। ବନ୍ଧୁଙ୍କ ସହ ଆଲୋଚନା ପରିପ୍ରେକ୍ଷୀରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଉତ୍ତରଭାଦ୍ର ନକ୍ଷତ୍ରର ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

ଆଜି ସେପ୍ଟେମ୍ବର ୨ ତାରିଖ, ବିଶ୍ୱ ନାରିକେଳ ଦିବସ, ଭାଦ୍ରବ ମାସର ସପ୍ତପିତୃକା ଅମାବାସ୍ୟା ସୋମବାର, ଶ୍ରୀମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ନୀତି ଓ ବସ୍ତ୍ରହରଣ ଲୀଳା, ସପ୍ତପୁରୀ ଭୋଗ, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର, ମଘା/ସିଂହ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୫।୩୫ ଗତେ, ଘ. ୦୭।୦୭ ମଧ୍ୟେ, ଘ.୧୦।୩୧ ଗତେ, ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୦୭ ଗତେ, ଘ.୦୮।୪୦ ମଧ୍ୟେ ରାହୁକାଳ।

ଭଗବାନଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ଆଶ୍ରୟ, ସାହାଯ୍ୟ ବା ନିରାପତ୍ତା ଆଶା କରିବାର ମନୋଭାବ କଦାପି ପୋଷଣ କରନାହିଁ। ...ମନ୍ଦିରର ଖୁବ୍ ଗଭୀରକୁ ଚାଲିଯାଅ। ସେଠାରେ ହିଁ ମୋତେ ଦେଖିପାରିବ। -ଶ୍ରୀମା

-ସପ୍ତପୁରୀ ଅମାବାସ୍ୟା, ଚନ୍ଦ୍ରକ୍ଷୟ ଓ ହଳ ନିଷେଧ



# ଗାଦି ହାସଲ ପଲିଟିକ୍ସ ଗଣତନ୍ତ୍ରକୁ ଭ୍ରଷ୍ଟ କରୁଛି



ସହଦେବ ସାହୁ

୨୫ ଅଗଷ୍ଟ ୨୦୨୪ ରବିବାରର ମାସିକ ମନ୍‌କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି କହିଲେ, ରାଜନୀତି ପୃଷ୍ଠଭୂମି ନ ଥିବା ଲକ୍ଷେ ଯୁବତୀ ଯୁବକ ରାଜନୀତିକୁ ଆସିଲେ ଗଣତନ୍ତ୍ର ସୁଦୃଢ ହେବ। ସ୍ୱାଧୀନତା ସଂଗ୍ରାମରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଥିବା ଅଗଣିତ ଲୋକଙ୍କ ସମାନ୍ତରାଳ ଉଦାହରଣ ସେ ଥୋଇଛନ୍ତି। ସେ ଭୁଲିଯାଇଛନ୍ତି ଯେ ଆଜିକାଲି ରାଜନୈତିକ ଦଳର ସମର୍ଥକ ବା ଅଂଶ ହୋଇ ନ ଥିବା ପରିବାର ପ୍ରାୟ ନାହିଁ, ଯାହାକୁ ପଚାରିବ ସେ କହୁଛି ସେ ଭାଜପା ବା ବିଜେଡି ବା କଂଗ୍ରେସ ସମର୍ଥକ – ଅବଶ୍ୟ ଆହୁରି କେତେ ଛୋଟ ଛୋଟ ଦଳର ସମର୍ଥକ ବି ଅଛନ୍ତି। ତେଣୁ ରାଜନୀତି ପୃଷ୍ଠଭୂମି ନ ଥିବା ପରିବାର ପ୍ରାୟ ନାହିଁ। କେତେକ ଦଳ ନିର୍ବାଚନ କମିଶନଙ୍କ ପାଖରେ ରେଜିଷ୍ଟର୍ଡ ହୋଇଥାନ୍ତି କେବଳ କମ୍ପାନୀ ଓ ଠିକାଦାରମାନଙ୍କଠାରୁ ଖୋଲାଖୋଲି ଚାନ୍ଦା ପାଇବା ପାଇଁ। ଆୟକର-ଛାଡ ଚାନ୍ଦା। ପକ୍କା ଅପରାଧୀମାନେ ସବୁବେଳେ ଶାସକ ଦଳରେ ଯୋଡି ହୁଅନ୍ତି, ରାଜନେତାଙ୍କ ଛତ୍ରଛାୟା ପାଇବାକୁ, ପୋଲିସର ଜୁଲୁମରୁ ରକ୍ଷା ପାଇବା ଆଶାରେ। ନଜିର ଅଛି ସେମାନଙ୍କୁ ଗିରଫ କରିବା ପୂର୍ବରୁ ପୋଲିସକୁ ସ୍ଥାନୀୟ ଏମ୍‌ଏଲ୍‌ଏଙ୍କୁ ଜଣାଇବାକୁ ପଡେ। ଆମେ ଶୁଣିଛୁ ମହାତ୍ମା ଗାନ୍ଧୀ ଚାହୁଁଥିଲେ ସ୍ୱାଧୀନତା ପାଇଲା ପରେ ଜାତୀୟ କଂଗ୍ରେସ ଦଳକୁ ଭାଙ୍ଗି ଦିଆଯାଉ, କାରଣ ସେମାନେ ସ୍ୱାଧୀନତା-ସଂଗ୍ରାମରେ ଭାଗନେବାଟାକୁ ପୁଞ୍ଜି କରି ତାହାର ଡିଭିଡେଣ୍ଡ(ଲାଭାଂଶ) ଭାବେ ଦେଶରେ ଭ୍ରଷ୍ଟାଚାର ବଢାଇପାରନ୍ତି। ପ୍ରତି ପ୍ରତିନିଧି ଯେତେ ଦରମା ପାଇବେ ତାହାଠାରୁ ବହୁତ ବେଶି ଖର୍ଚ୍ଚ ନିର୍ବାଚନ ଲଢିବାରେ ଖର୍ଚ୍ଚ କରିପାରିବେ ବୋଲି ସେମାନେ ନିୟମ କରାଇନେଇଛନ୍ତି: ଯଥା ଏମ୍‌ପିଙ୍କ ଦରମା ୫ ବର୍ଷରେ ୬୦ ଲକ୍ଷ ଟଙ୍କା ପାଖାପାଖି ଜାଣି ମଧ୍ୟ ପ୍ରତି ଏମ୍‌ପି ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ୯୫ ଲକ୍ଷ ଯାଏ ଖର୍ଚ୍ଚ କରିପାରିବେ, ଆଗତୁରା ୯୫ ଲକ୍ଷ ଟଙ୍କା ଓ ପରେ ପରେ ତା' ଉପରେ ସୁଧ ତ କେଉଁଠୁ ଆଣିବ ଭ୍ରଷ୍ଟାଚାର ନ କଲେ! (ଗ୍ରାମର ୱାର୍ଡମେମ୍ବର ଭଳି ନିମ୍ନ ସ୍ତରର ନିର୍ବାଚନରେ ବି ପ୍ରାର୍ଥୀ ଖର୍ଚ୍ଚ କରିବାର ଯେଉଁ ସୀମା ରଖାଯାଇଛି ତାହା ସମ୍ଭାବ୍ୟ ଦରମାର ଦଶ ପଚାଶ ଗୁଣ, ତା' ମାନେ ତିଆରି ହୋଇଥିବା ଆଇନରେ ଭ୍ରଷ୍ଟାଚାରର ବୀଜ ପୋତା ହୋଇଛି)। ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ଭିତରେ ଦଳ କରୁଥିବା ଖର୍ଚ୍ଚ ଗଣାଯିବ ନାହିଁ। ତା'ମାନେ ରାଜନୈତିକ ଦଳଗୁଡ଼ିକ ବି ଭ୍ରଷ୍ଟାଚାରରେ ଲିପ୍ତ ହେବେ, କଳାଟଙ୍କାବାଲାଙ୍କଠୁ ହେଉ ବା କମ୍ପାନୀମାନଙ୍କଠାରୁ ଚାନ୍ଦା ଆକାରରେ ହେଉ ଯୋଗାଡ କରିବେ। ଦାତାମାନେ ଏହାକୁ ସରକାରୀ ଅନୁଗ୍ରହ ପାଇବାର ଲାଞ୍ଚ ଭାବେ ଧରିନେବେ! ଏଇ ତ ପଲିଟିକ୍ସ! ରେଜିଷ୍ଟର୍ଡ ଦଳକୁ ଚାନ୍ଦା ଉପରେ ଉଭୟ ଦାତା ଓ ପ୍ରାପକଙ୍କୁ ଆୟକର ଛାଡ ଉପର ଦେଖାଣିଆ କଥା। ପ୍ରକୃତରେ ଶାସନକୁ ଆସିବାର ସମ୍ଭାବନା ଥିବା ଦଳକୁ ବେଶି ଦାନ ମିଳେ, ସେମାନେ ଦାତାଙ୍କ ବିପକ୍ଷରେ ଯିବା ଭଳି ଆଇନ ଆଣିବେ ନାହିଁ ଆଶାରେ ; ବିରୋଧୀ ଦଳମାନେ ବି ଚାନ୍ଦା ପାଆନ୍ତି ବେଶି ଆପତ୍ତି କରିବେ ନାହିଁ ଆଶାରେ! ଶାସକ ଦଳ ଟିକସଦାତାମାନଙ୍କ ପଇସାରେ କମ୍ପାନୀମାନଙ୍କ ପାଇଁ ରାସ୍ତାଘାଟ, ବିମାନବନ୍ଦର ଆଦି କରେ, ସେମାନଙ୍କୁ ମାଗଣା ବା ଶସ୍ତାରେ ଦେଶର ପ୍ରାକୃତିକ ସମ୍ପଦ ଟେକିଦିଏ, ସେମାନଙ୍କ ପ୍ରସ୍ତୁତ ସାମଗ୍ରୀ ଉପରେ ଟିକସ ରିହାତି ଦିଏ। ଗରିବର ଗରିବୀ ବଢେ, ସେମାନଙ୍କ ଭୋଟ ପାଇବା ପାଇଁ ରାଜନୈତିକ ଦଳମାନେ ମାଗଣା ରସଦ ଓ ରକମ ରକମର ଫ୍ରିବି ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ଘୋଷଣା କରନ୍ତି! ତେଣୁ ଅଧିକ ଭୋଟ ପାଇବାର ଚେଷ୍ଟାରେ ଚାଲିଥିବା ପଲିଟିକ୍ସ ଗଣତନ୍ତ୍ରର କଳଙ୍କ। ପଲିଟିକ୍ସ ପୃଷ୍ଠଭୂମି ନ ଥିବା ଲୋକ ତ ନାହାନ୍ତି, ପଲିଟିକ୍ସବିହୀନ ଲକ୍ଷେ ସଜ ଲୋକ ଆସିବେ କେଉଁଠୁ!



ଆମ ଦେଶରେ ୫୪୫ ଲୋକ ସଭା, ୨୪୫ ରାଜ୍ୟ ସଭା ଏବଂ ୪୧୨୩ ବିଧାନସଭା ଆସନ – ମୋଟ ୪୯୧୩ ଆସନ। ପଞ୍ଚାୟତ ସ୍ତରରେ ଆସନ ସଂଖ୍ୟା ଦଶ ହଜାରରୁ ବେଶି। ସମସ୍ତେ ସମ୍ଭାବ୍ୟ ଦରମାଠାରୁ ବହୁତ ବେଶି ଖର୍ଚ୍ଚ କରନ୍ତି ଆସନଟିଏ ଜିତିବା ପାଇଁ, ସେତକ ଖର୍ଚ୍ଚ ତ ଉଠାଇବେ, ତା' ଉପରେ ପୁଣି ପରିବାର 'ଏବେ ସମ୍ଭାଳିବାର ଓ ଭବିଷ୍ୟତରେ ସମ୍ଭାଳି ହେବାର ଖର୍ଚ୍ଚ' ତ ଉଠାଇବେ – ଏ ସବୁ ତ ଭ୍ରଷ୍ଟାଚାର ବଢାଏ। ଲେଜିସ୍ଲେଚରରେ ନିଜର ସଦସ୍ୟ ସଂଖ୍ୟା ଯେତେ ବଢିବ ରାଜନୈତିକ ଦଳ ସେତେ ପ୍ରଭାବଶାଳୀ। ତେଣୁ ସରକାର ଗଢିବା ପାଇଁ ଶାସକଦଳ ଅନ୍ୟ ଦଳରୁ ଅସନ୍ତୁଷ୍ଟଙ୍କୁ ଫୁସୁଲାଇ ପଦ-ଲୋଭ ଦେଖାଇ ଆକର୍ଷିତ କରନ୍ତି, ନ ହେଲେ ସନ୍ଦିଗ୍ଧ ଆର୍ଥିକ ଅପରାଧ ପାଇଁ ଇଡି ବା ସିବିଆଇ ଲଗାଇ ଭୀତତ୍ରସ୍ତ କରାନ୍ତି ଯେଉଁଥିରୁ ରକ୍ଷା ପାଇବା ଲାଗି ସମ୍ପୃକ୍ତ ରାଜନେତା ଶାସକ ଦଳରେ ମିଶେ। ଏଥିପାଇଁ ଆଇନକୁ ଲାଗୁ କରୁଥିବା ଅଧିକାରୀ(ରେଗୁଲେଟର)ମାନଙ୍କୁ ଶାସକ ଦଳ ବ୍ୟବହାର କରିଥାଏ, ଶାସକ ଦଳରେ ମିଶିଗଲେ ମାମଲା ବନ୍ଦ ହୋଇଯିବ ବା କୋହଳ ଦଣ୍ଡ ମିଳେ। ଏ ପ୍ରକାରର ପଲିଟିକ୍ସ ତ ଭ୍ରଷ୍ଟାଚାରର ଜନନୀ।

ପଲିଟିକ୍ସ କେବଳ ଲେଜିସ୍ଲେଚର ୱିଙ୍ଗ(ବିଧାୟିକା ଶାଖା)ରୁ ଜନ୍ମ ନିଏ, ଗଣତନ୍ତ୍ରର ଅନ୍ୟ ଦୁଇ ଶାଖାକୁ ବ୍ୟାପେ, ତା' ସାଙ୍ଗରେ ଭ୍ରଷ୍ଟାଚାର ବି। ପଲିଟିକ୍ସ ହିଁ ଗଣତନ୍ତ୍ର ଶାସନରେ ଥିବା ତିନି ଶାଖା ଭିତରେ ଥିବା ପ୍ରତିଯୋଗିତା ଓ ଛକାପଞ୍ଝାର ପରିବେଶକୁ ହଟାଇବାକୁ ଚାହେଁ, ଅନ୍ୟ ଦୁଇ ଶାଖାକୁ ଲେଜିସ୍ଲେଚରର ବୋଲକରା କରିବାକୁ ଚାହେଁ। ଏଗ୍‌ଜିକ୍ୟୁଟିଭ ହିଁ ଲେଜିସ୍ଲେଚର କରିଥିବା ଆଇନ ଅନୁଯାୟୀ ଦେଶକୁ ଚଳାଏ। ଜୁଡିସିଆରି ଆଇନର ବୈଧତା ପରଖିବାରେ ଲେଜିସ୍ଲେଚର ଉପରେ ନଜର ରଖେ ଏବଂ ଏଗ୍‌ଜିକ୍ୟୁଟିଭ ପ୍ରଚଳିତ ଆଇନ ଅନୁଯାୟୀ ପ୍ରଶାସନ ଚଳାଉଛି କି ନାହିଁ ଓ ନାଗରିକମାନଙ୍କ ଅଧିକାରକୁ ସୁରକ୍ଷିତ ରଖୁଛି କି ନାହିଁ ତାହା ଦେଖେ: ସୁପ୍ରିମକୋର୍ଟ ରାୟ ଦେଶର ଆଇନ ଭଳି କାମ କରେ ଯେ ପର୍ଯ୍ୟନ୍ତ ଲେଜିସ୍ଲେଚର ନୂଆ ଆଇନ ଆଣି ସେ ରାୟକୁ ରଦ୍ଦ ନ କରିଛି। ଭୁଲ ବାଟରେ ଆଇନକୁ ନେଉଥିବା ଅଧିକାରୀଙ୍କୁ ନ୍ୟାୟପାଳିକା ଦଣ୍ଡିତ କରିପାରେ। ଲେଜିସ୍ଲେଚରମାନଙ୍କ (ବିଧାୟକମାନଙ୍କ) ପଲିଟିକ୍ସ ହିଁ ଗଣତନ୍ତ୍ରର ରୂପ ବଦଳାଉଛି, ଦଳର ପ୍ରତିନିଧି ହିଁ ଲୋକ ପ୍ରତିନିଧି ପ୍ରାର୍ଥୀ ହେବାର ଶ୍ରେୟତା ପାଉଛନ୍ତି, ନିର୍ବାଚନମଣ୍ଡଳୀର ଲୋକେ ତାଙ୍କ ଭିତରୁ ପ୍ରାର୍ଥୀ ବାଛିବାର ଅଧିକାର ରଦ୍ଦ ହୋଇଗଲାଣି, ଦଳର ମତକୁ ପ୍ରତିଫଳିତ କରୁଥିବା ବ୍ୟକ୍ତି ବିଧାୟକ ପ୍ରାର୍ଥୀ ହେଲେ ରାଜ୍ୟର, ସାଂସଦ ପ୍ରାର୍ଥୀ ହେଲେ ଦେଶର ଯେକୌଣସି ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ହୋଇପାରିବେ। ତେଣୁ ଦଳର କଣ୍ଟ୍ରୋଲରେ ଏମ୍‌ଏଲ୍‌ଏ ଓ ଏମ୍‌ପି ପଦ, ଦଳର ମୁଖିଆଙ୍କ ଅଧୀନରେ ଏକ ଚାକିରି ଭଳି; ଦଳୀୟ ବିଶୃଙ୍ଖଳା ପାଇଁ ତାଙ୍କୁ ଦଳରୁ ମୁଖିଆ ବହିଷ୍କାର କରିପାରିବେ, ଏମ୍‌ଏଲ୍‌ଏ ବା ଏମ୍‌ପି ଆସନରୁ ତଡା ହେବାର ଆଦେଶ ବାଚସ୍ପତିଙ୍କଠାରୁ ନେଇପାରିବେ। ସରକାରୀ ଦଳରୁ ବାଚସ୍ପତି ହୋଇଥିବାରୁ ଶାସକ ଦଳର ମୁଖିଆଙ୍କ ଅନୁରୋଧକୁ ଗ୍ରହଣ କରିବାକୁ ଏକପ୍ରକାର ବାଧ୍ୟ, ନ ହେଲେ ତାଙ୍କ ବାଚସ୍ପତି ପଦ ପ୍ରତି ଅନାସ୍ଥା ପ୍ରସ୍ତାବ ଅଣାଯାଇପାରେ(ଶାସକ ଦଳର ସଂଖ୍ୟାଧିକ ଭୋଟ ଅଛି ନା) ! ଗଣତନ୍ତ୍ରର ପୋଷାକରେ ଦଳତନ୍ତ୍ର (ଫାସିଜିମ୍) ଚାଲିଛି। ରାଷ୍ଟ୍ରର ତିନୋଟି ଶାଖା ଭିତରେ ଯେଉଁ ଦୂରତା ଥିଲା ତାକୁ ଦଳମାନଙ୍କର ପଲିଟିକ୍ସ ହଟାଇ ଦେଲାଣି। ଗୋଟିଏ ଶାଖାର ଅଧିକାରୀ (ସର୍ବଭାରତୀୟ ଚାକିରି ବା ବିଚାରପତି ପଦ ଛାଡି ରାଜନୈତିକ ଦଳରେ ଯୋଗଦେବାକୁ ଆଉ ଅପେକ୍ଷା କରିବାକୁ ପଡୁନାହିଁ (କୁଲିଂ ଅଫ୍ ପିରିଅଡ୍ ନାହିଁ)। ତେଣୁ ନିର୍ବାଚନ ଆସନ୍ନ ହେଲେ ଇଚ୍ଛିତ ରାଜନୈତିକ ଦଳ ସପକ୍ଷରେ କାମ କଲେ, ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଇସ୍ତଫା ଦେଲେ, ସମ୍ପୃକ୍ତ ଦଳ କୋଳେଇ ନେଉଛି। ଏପରି ଅଧିକାରୀମାନେ ରାଜନୈତିକ ନେତାମାନଙ୍କ ତ୍ରୁଟି ତଥା ଭ୍ରଷ୍ଟାଚାରକୁ ରୋକିବାର ନିୟମସବୁକୁ ଲାଗୁ କରୁନାହାନ୍ତି। ହାଇକୋର୍ଟ ଜଜ୍‌ମାନେ ବି ଆନୁଗତ୍ୟ ଦେଖାଇ ଏମ୍‌ପି ହେବାର ଉଦାହରଣ ଅଛି ଯଥା ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗରେ। ଆନୁଗତ୍ୟ ଦେଖାଇ ଆଇପିଏସ୍ ଓ ଆଇଏଏସ୍ ଅଫିସରମାନେ ସାଙ୍ଗେ ସାଙ୍ଗେ ଚାକିରି ଛାଡି ଦଳ ତରଫରୁ ବିଧାୟକ ବା ସାଂସଦ ହେଉଛନ୍ତି। ୨୦୨୪ ନିର୍ବାଚନରେ ଦେଖାଗଲା କମ୍ପାନୀର ସାମାଜିକ ଦାୟିତ୍ୱ ନାମକ ପାଣ୍ଠିରୁ ସହାୟତା ଦେଇ ଓ ଶାସକ ଦଳକୁ ୪୦୦ କୋଟିର ଇଲେକ୍ଟୋରାଲ ବଣ୍ଡ ଦେଇ ଜଣେ କମ୍ପାନୀ ମ୍ୟାନେଜର ଏମ୍‌ପି ପ୍ରାର୍ଥୀ ହୋଇଥିଲେ। ଶାସକ ଦଳ ଏକ ଲାଭଖୋର କମ୍ପାନୀ ଭଳି କାମ କଲେଣି – ଗାଦି-ହାସଲ ପଲିଟିକ୍ସ ଗଣତନ୍ତ୍ରକୁ ସ୍ୱୈରତନ୍ତ୍ର କରୁଛି।

sahadevas@yahoo.com

## 'ଆରମ୍ଭରୁ ସ୍ମାର୍ଟ ଫିଡ୍'



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ପ୍ରତିବର୍ଷ ସେପ୍ଟେମ୍ବର ୧ରୁ ୭ ତାରିଖ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଥାଏ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଏହି ସପ୍ତାହରେ ବିଭିନ୍ନ ସଚେତନଧର୍ମୀ ଓ ସହାୟତାଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। କେନ୍ଦ୍ର ସରକାର ୧୯୮୨ରେ ପ୍ରଥମେ ଏହିଭଳି ସପ୍ତାହ ପାଳନ ଆରମ୍ଭ କରିଥିଲେ। ଚଳିତବର୍ଷର ସ୍ଲୋଗାନ୍ ରହିଛି : 'ଆରମ୍ଭରୁ ସ୍ମାର୍ଟ ଫିଡ୍' (ଫିଡିଂ ସ୍ମାର୍ଟ ରାଇଟ ଫ୍ରମ୍ ଷ୍ଟାର୍ଟ)। ବିଶେଷକରି ଅଭିଭାବକମାନେ ଏହି ପୁଷ୍ଟି ପ୍ରସଙ୍ଗକୁ ଅଣଦେଖା କରିଥାନ୍ତି। ଏକ ସୁନ୍ଦର ଶିଶୁର ସ୍ୱାସ୍ଥ୍ୟ ତା'ର ପରବର୍ତ୍ତୀ ବିକଶିତ ବୟୋବୃଦ୍ଧି ପାଇଁ ଯେ ନିତାନ୍ତ ଅପରିହାର୍ଯ୍ୟ, ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ। କୁହାଯାଏ ଆଜିର ଶିଶୁଟି ଆସନ୍ତାକାଲିର ଭବିଷ୍ୟତ। ହେଲେ ଶିଶୁଟିରେ ସ୍ୱାସ୍ଥ୍ୟାବସ୍ଥା ଯଦି ଅବହେଳାର ଶିକାର ହୁଏ ତାହାଲେ ପିଲାଟି ଅନେକ ରୋଗର ଶିକାର ହେବା ସହ କେବଳ ତା'ର ଶାରୀରିକ ନୁହେଁ, ମାନସିକ ଓ ବୌଦ୍ଧିକ ବିକାଶ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ତେବେ ଉତ୍ତମ ପୁଷ୍ଟି ପାଇଁ ଜରୁରୀ କଥା ହେଉଛି ନବଜାତ ଶିଶୁ ଲାଗି ମାଆର ପ୍ରଥମ କ୍ଷୀର ବା କଷ କ୍ଷୀର ତା' ସ୍ୱାସ୍ଥ୍ୟ ପାଇଁ ଏକ ଦିବ୍ୟ ସଞ୍ଜୀବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ସମସ୍ତ ପ୍ରକାର ପୌଷ୍ଟିକତା ରହିବା ସହ ବିଶେଷକରି ଶିଶୁ ପାଇଁ ଏହା ଏକପ୍ରକାର ଈଶ୍ୱରପ୍ରଦ ରୋଗ ପ୍ରତିରୋଧକ ଶକ୍ତିକାରୀ ଅମୂଲ୍ୟ ଜିନିଷଟି। ନୂଆ ଜନ୍ମ ହୋଇଥିବା ପିଲାକୁ ପ୍ରଥମ ଛଅମାସ କେବଳ ମାଆ କ୍ଷୀର ନିହାତି ଜରୁରୀ। ଶିଶୁଟି ଯେତେଥର ଚାହୁଁଛି ମାଆମାନେ ପିଲାଙ୍କୁ ସ୍ତନ୍ୟପାନ କରାନ୍ତୁ। ଶିଶୁଟିର ବୟସ ଛଅମାସ ପରେ ହେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଘରୋଇ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ। ତେବେ ଏହାସହିତ ଦୁଇବର୍ଷ ଯାଏ ପିଲାଟି ଯେପରି ମାଆ କ୍ଷୀର ପାଏ ଏ କ୍ଷେତ୍ରରେ ମାଆମାନେ ଯତ୍ନବାନ ହେବା ଜରୁରୀ। କେହି କେହି ମାଆକ୍ଷୀର ଅପେକ୍ଷା ବଜାର ପ୍ରସ୍ତୁତ ଡବା ପାଉଡର, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଦେବାକୁ ଚାହିଁଥାନ୍ତି କିନ୍ତୁ ମନେରଖିବା କଥା ଯେ, ମାଆ କ୍ଷୀର ପରି କୌଣସି ଖାଦ୍ୟପଦାର୍ଥ ତୁଳନୀୟ ନୁହେଁ। ବିଶେଷକରି ମାଆମାନେ ଯତ୍ନବାନ ହେବା କଥା ଯେ ଶିଶୁଟି ଯେଉଁ ଖାଦ୍ୟ ଖାଉଛି ସେଥିରେ ସବୁଜ ଶାଗ, ତଟକା ପନିପରିବା, ଫଳ, ତେଲ, ଚିନି, ଗୁଡ଼, ବାଦାମ ଓ ଆୟୋଡିନ୍‌ଯୁକ୍ତ ଲୁଣ ଯେପରି ସାମିଲ ହେବ। ଶିଶୁକୁ କ୍ଷୀର ଦେଉଥିବା ମାଆମାନେ ନିର୍ଦ୍ଦିଷ୍ଟ ସମୟରେ ବିଶ୍ରାମ ସହିତ ସେମାନେ ଯେପରି ପୁଷ୍ଟିକର ଖାଦ୍ୟ ଖାଇବେ ସେଥିପ୍ରତି ଯତ୍ନବାନ ହେବା ଜରୁରୀ। କାରଣ ମାଆଟିର ସ୍ୱାସ୍ଥ୍ୟ ସୁରକ୍ଷିତ ରହିଲେ ଶିଶୁଟିର ମଧ୍ୟ ସେହିପରି ଭାବରେ ଉତ୍ତମ ଅଭିବୃଦ୍ଧି ଓ ବିକାଶ ସମ୍ଭବ ହୋଇପାରିବ।

ପିଲାମାନେ ବିଶେଷକରି ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବାବେଳେ ପାରିପାର୍ଶ୍ୱିକ କ୍ଷେତ୍ରକୁ ଦୃଷ୍ଟିଦେବା ଅତ୍ୟନ୍ତ ଅପରିହାର୍ଯ୍ୟ। କାରଣ ବିଭିନ୍ନ ରୋଗ ସଂକ୍ରମଣ ହେତୁ ଶରୀରରେ ପୁଷ୍ଟିକର ତତ୍ତ୍ୱର କ୍ଷତି ହୋଇଥାଏ, ଯାହାଦ୍ୱାରା ଶିଶୁଟି ବିଭିନ୍ନ ରୋଗର ସହଜ ଶିକାର ହୋଇଥାଏ। ସେହିପରି ବ୍ୟକ୍ତିଗତ ଓ ଭୋଜନଗତ ସ୍ୱଚ୍ଛତାକୁ ଧ୍ୟାନଦେଇ ନିଜ ପରିବେଶକୁ ସ୍ୱଚ୍ଛ ରଖିପାରିଲେ ରୋଗ ସଂକ୍ରମଣକୁ ରୋକାଯାଇପାରିବ। ଖାଦ୍ୟ ପ୍ରସ୍ତୁତି ସମୟରେ ଭଲ ଭାବରେ ଗରମ ହୋଇଥିବା ଖାଦ୍ୟକୁ ଶୀତଳ କରି ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ। ସହିପରି ପିଲାମାନଙ୍କୁ ତଟକା ଫଳ ଖୋଇବାର ଅଭ୍ୟାସ ରଖନ୍ତୁ କିମ୍ବା ନିଜେ ଘରେ ଜୁସ୍ ତିଆରି କରି ପିଇବାକୁ ଦିଅନ୍ତୁ।

ପିଲାବେଳୁ ଶିଶୁଟିକୁ ରକ୍ତହୀନତାର ସମସ୍ୟାରୁ ଦୂରେଇବା ପାଇଁ ଏହାର ପ୍ରତିରୋଧ ନିମନ୍ତେ ଗର୍ଭବତୀ ମହିଳାମାନେ ଓ ପ୍ରସୂତି ମାଆମାନେ ପ୍ରଚୁର ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପିଲାଟିକୁ ମଧ୍ୟ ଦିଅନ୍ତୁ। ସରକାର ଲୌହସାର ଯୁକ୍ତ ବଟିକା ଓ ବିଭିନ୍ନ ପୁଷ୍ଟିକର ଅଭିବୃଦ୍ଧି ପାଇଁ ମାଗଣା ଔଷଧ ପ୍ରଦାନ କରୁଛନ୍ତି, ଏହାର ସୁଯୋଗ ନିଅନ୍ତୁ। ପିଲାଟି ଯେପରି ଆୟୋଡିନଯୁକ୍ତ ଲୁଣ ଖାଉଥାଏ ସେ ଦିଗଟିକୁ ଦେଖନ୍ତୁ। ରୁଗ୍‌ଣ ଓ ଅତିଶୟ ପୁଷ୍ଟିହୀନ ଶିଶୁ ପାଇଁ ଠିକ୍ ଓ ନିର୍ଦ୍ଧାରିତ ସମୟର ପୁଷ୍ଟିକର ଖାଦ୍ୟ ଓ ଅଧିକ ଯତ୍ନ ଆବଶ୍ୟକ। ପିଲାକୁ ଯେକୌଣସି ଖାଦ୍ୟ ବା ପାନୀୟ ଦେଉଥାନ୍ତୁ ଶିଶୁରୋଗ ବିଶେଷଜ୍ଞଙ୍କ ମତ ନିଅନ୍ତୁ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲାସ୍ତରୀୟ ଡାକ୍ତରଖାନାଠାରୁ ଶିଶୁଭବନ ସବୁଠି ଶିଶୁମାନଙ୍କର ଉତ୍ତମ ପୁଷ୍ଟିଜନିତ ଚିକିତ୍ସା ପାଇଁ ଅଭିଜ୍ଞ ଓ ଅନୁଭବୀ ଶିଶୁରୋଗ ବିଶେଷଜ୍ଞ ରହିଛନ୍ତି। ସେମାନଙ୍କ ପରାମର୍ଶ ନିଅନ୍ତୁ। ଚଳିତବର୍ଷର ଏହି ସପ୍ତାହ ପାଇଁ ରହିଥିବା ସ୍ଲୋଗାନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। ସମାଜର ସାମଗ୍ରିକ ଆଗାମୀ ଭବିଷ୍ୟତର ବିକାଶ ପାଇଁ ଆଜିର ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ ଦିଗ ଓ ପୁଷ୍ଟି ସାଧନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଏହାକୁ ପାଳନ କଲେ ଏହି ଜାତୀୟ ପୁଷ୍ଟି ସପ୍ତାହର ପ୍ରାସଙ୍ଗିକତାର ଗୁରୁତ୍ୱ ବଢ଼ିପାରିବ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡିକାଲ କଲେଜ, ବାଲେଶ୍ୱର**

## ଏଇ ଭାରତରେ

ଏଲ୍‌ଆଇସି ପଲିସିରେ ସମସ୍ତେ ନିଜ ନିଜ ଆତ୍ମୀୟମାନଙ୍କୁ ନୋମିନି ରଖନ୍ତି। କିନ୍ତୁ ଏମିତି ବି ଲୋକ ଅଛନ୍ତି ଯିଏ ତାଙ୍କ ସବୁ ପଲିସିର ନୋମିନି ରଖିଛନ୍ତି ଭଗବାନ ମହାଦେବଙ୍କୁ। କଥାଟା ଶୁଣିଲେ ହୁଏତ ଅନେକେ ବିଶ୍ୱାସ କରିପାରିବେ ନାହିଁ। କିନ୍ତୁ ଏଭଳି ଏକ କାମ କରି ଭିନ୍ନ ଉଦାହରଣ ସୃଷ୍ଟି କରିଛନ୍ତି ମଧ୍ୟପ୍ରଦେଶ ଗ୍ୱାଲିୟରରେ ରହୁଥିବା ମାଧୁରୀ ସକସେନା। ସେ ତାଙ୍କ ଏଲଆଇସି ପଲିସିରେ ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ମହାଦେବ ଅଚଳେଶ୍ୱରଙ୍କୁ ନିଜର ନୋମିନି କରିଥିଲେ। ଗତ ମାର୍ଚ୍ଚ ମାସରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବାରୁ ତାଙ୍କର ବୀମା ରାଶି ସ୍ୱରୂପ ୭ ଲକ୍ଷ ୪୨ ହଜାର ଟଙ୍କା ଅଚଳେଶ୍ୱର ମନ୍ଦିରକୁ ଦିଆଯାଇଛି। ମାଧୁରୀଙ୍କ ବୀମା ଏଜେଣ୍ଟ ଏନେଇ ଜଣାଇଛନ୍ତି। ସୂଚନା ଅନୁସାରେ ମାଧୁରୀ ବିବାହ କରି ନ ଥିଲେ ଓ ପ୍ରଭୁ ଅଚଳେଶ୍ୱରଙ୍କୁ ହିଁ ସେ ତାଙ୍କର ସବୁକିଛି ବୋଲି ଗ୍ରହଣ କରି ନେଇଥିଲେ। ଆରମ୍ଭରୁ ସେ ମହାଦେବଙ୍କ ଭକ୍ତ ଥିଲେ। ତେଣୁ ବିବାହ ନ କରି ବାପା ମା'ଙ୍କ ପାଖରେ ରହିଥିଲେ। ବାପାମା'ଙ୍କ ସେବା କରିବା ପରେ ସମ୍ପର୍କୀୟମାନଙ୍କୁ ମଧ୍ୟ ବିଭିନ୍ନ ପ୍ରକାରର ଆର୍ଥିକ ସାହାଯ୍ୟ କରିଥିଲେ। ଏହାପରେ ସେ ଭଗବାନଙ୍କୁ କିଛି ଦାନ କରିବାକୁ ଇଚ୍ଛା କରିଥିଲେ। ତେଣୁ ୨୦୧୭ ମସିହାରେ ସେ ଏକ ପଲିସି କରି ଭଗବାନ ଅଚଳେଶ୍ୱରଙ୍କୁ ନୋମିନି ରଖିଥିଲେ। ଏହି ନିୟମ ଅନୁସାରେ ଏବେ ମନ୍ଦିର ଆକାଉଣ୍ଟକୁ ସବୁ ଅର୍ଥ ଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨ ସେପ୍ଟେମ୍ବର ୧୯୭୫

- ବନ୍ୟା ଜଳରେ ପରିପୂର୍ଣ୍ଣ ରାପ୍ତି ନଦୀରେ ଏକ ନୌକା ଦୁର୍ଘଟଣା ଘଟି ୨୩ ମୃତ।
- ବାଂଲାଦେଶର ନୂତନ ସରକାରଙ୍କୁ ଚୀନ୍‌ର କୂଟନୈତିକ ସ୍ୱୀକୃତି ପ୍ରଦାନ।
- ଆଙ୍ଗୋଲାର ଜାତୀୟ ମୁକ୍ତି ସାମ୍ମୁଖ୍ୟ ସୈନ୍ୟମାନେ ରାଜଧାନୀ ଲୁଆଣ୍ଡାକୁ ଦଖଲ କରି ରଖିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | | | |
| | 1 | 3 | | | | | | 7 |
| 5 | 9 | | 6 | | | | 8 | |
| | 5 | | | 9 | | | | |
| | | 7 | | 8 | 3 | 9 | | |
| | | | 4 | 7 | | | | |
| | 8 | 6 | | | | | 2 | 3 |
| | | 4 | | | | 1 | | |
| 2 | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 4 | 8 | 2 | 7 | 3 | 5 | 1 |
| 8 | 5 | 7 | 3 | 9 | 1 | 4 | 6 | 2 |
| 3 | 1 | 2 | 5 | 6 | 4 | 9 | 8 | 7 |
| 4 | 2 | 6 | 1 | 8 | 9 | 7 | 3 | 5 |
| 9 | 7 | 3 | 2 | 4 | 5 | 8 | 1 | 6 |
| 5 | 8 | 1 | 7 | 3 | 6 | 2 | 9 | 4 |
| 1 | 4 | 8 | 9 | 5 | 2 | 6 | 7 | 3 |
| 7 | 6 | 9 | 4 | 1 | 3 | 5 | 2 | 8 |
| 2 | 3 | 5 | 6 | 7 | 8 | 1 | 4 | 9 |

ଗତକାଲିର ଉତ୍ତର

# ଜନ ଅଭିଯୋଗ ଶୁଣାଣି



ଯଦୁମଣି ପାଣିଗ୍ରାହୀ

ସାଧାରଣ ଲୋକେ ସେମାନଙ୍କ ସମସ୍ୟା ନେଇ ଆପତ୍ତି ଅଭିଯୋଗ କରିବା ଏକ ନିତିଦିନିଆ ଘଟଣା। କେବଳ ସାଧାରଣ ଲୋକ ନୁହନ୍ତି, ବରଂ ବିଭିନ୍ନ ସରକାରୀ ଓ ବେସରକାରୀ କର୍ମସଂସ୍ଥାନରେ କାର୍ଯ୍ୟରତ ଓ କାର୍ଯ୍ୟନିବୃତ୍ତ କର୍ମଚାରୀମାନେ ବି ସେମାନଙ୍କ ସମସ୍ୟା ନେଇ ଉପରିସ୍ଥ ବାବୁମାନଙ୍କ ପାଖରେ ଅଭିଯୋଗମାନ ଆଗତ କରିଥାନ୍ତି। ଦୈନନ୍ଦିନର ଜୀବନରେ ଗଣ୍ଡଗୋଳ, ମାର୍‌ପିଟ୍, ଚୋରି, ଠକାମି, ଶୋଷଣ, ନାରୀ ନିର୍ଯ୍ୟାତନା, ହତ୍ୟା ଓ ଜମିଜମା ବାଦବିବାଦ ଆଦି ଘଟଣାକୁ ନେଇ ଲୋକେ ନିକଟସ୍ଥ ଥାନାରେ ଲିଖିତ ଅଭିଯୋଗମାନ କରିଥାନ୍ତି। କାର୍ଯ୍ୟରତ ଥାନାବାବୁ ଅଭିଯୋଗଗୁଡ଼ିକ ମଧ୍ୟରୁ କିଛି ଅଭିଯୋଗ ଉପରେ ତଦନ୍ତକରି ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତି। ଉଭୟ ପକ୍ଷଙ୍କ ସହମତିକ୍ରମେ କିଛି ଅଭିଯୋଗର ଆପୋସ ସମାଧାନ କରାଇଥାନ୍ତି। ଆଉ କିଛି ଅଭିଯୋଗ ଉପରେ ଟାଳଟୁଳ ନୀତି ବି ଅବଲମ୍ବନ କରିଥାନ୍ତି, ଯାହାକୁ ନେଇ ଅଭିଯୋଗକାରୀଙ୍କ ମଧ୍ୟରେ ବେଳେବେଳେ ଅସନ୍ତୋଷ ତଥା ଆକ୍ରୋଶ ପ୍ରକାଶ ପାଇଥାଏ। ଏ କ୍ଷେତ୍ରରେ ଟଙ୍କାପଇସା କାରବାର କିମ୍ବା ରାଜନୈତିକ ବ୍ୟକ୍ତିବିଶେଷଙ୍କ ହସ୍ତକ୍ଷେପ କରାଯାଇଥିବା ନେଇ ଲୋକେ ଅନେକ ସମୟରେ ଅଭିଯୋଗ କରିଥାନ୍ତି। ପୁଣି ଥାନାରୁ ମିଳୁଥିବା ନ୍ୟାୟରେ ସନ୍ତୁଷ୍ଟ ହେଉ ନ ଥିବା ଲୋକେ ଉପରିସ୍ଥ ପୋଲିସବାବୁ କିମ୍ବା କୋର୍ଟ କଚେରିରେ ହାକିମ ହୁକୁମାଙ୍କଠାରେ ଏଥିନେଇ ଅଭିଯୋଗ କରିବାର ବି ଦେଖାଯାଏ। ଏହି କ୍ରମରେ ଲୋକେ ଦୈନିକ ବ୍ଲକ୍, ତହସିଲ୍‌ଠାରୁ ଆରମ୍ଭକରି ଜିଲାପାଳ ଓ ବିଭିନ୍ନ ବିଭାଗର ରାଜ୍ୟସ୍ତରୀୟ ପଦାଧିକାରୀ ଆଦିଙ୍କ ଦପ୍ତର ଯାଏ ପହଞ୍ଚି ଦପ୍ତର ମୁଖ୍ୟଙ୍କଠାରେ ନାନାଦି ଆପତ୍ତି ଅଭିଯୋଗ ଆଗତ କରିଥାନ୍ତି। ତେବେ ଲୋକଙ୍କ ସେସବୁ ଆପତ୍ତି ଅଭିଯୋଗ ଶୁଣିବା ଓ ପଢ଼ିବା ପରେ ସରକାରୀ ବାବୁମାନେ କି ପ୍ରକାର ସମାଧାନର ବାଟ ବାହାର କରିଥାନ୍ତି ସେକଥା ସେହି ଅଭିଯୋଗକାରୀଙ୍କୁ ହିଁ ଜଣାଥିବ। କିନ୍ତୁ ସେହି ଏକା ଅଭିଯୋଗକୁ ନେଇ ଲୋକେ ବାରମ୍ବାର ସରକାରୀ ବାବୁମାନଙ୍କ ପାଖକୁ ଦୌଡ଼ି ଦୌଡ଼ି ଶେଷରେ ନିରାଶ ହେଉଥିବାର ଅଭିଯୋଗ ବି ନଜରକୁ ଆସିଥାଏ। ତେବେ କ୍ରମାଗତ ଭାବେ ଜନ ଅଭିଯୋଗଗୁଡ଼ିକ ଶୁଣିବା ପାଇଁ ସରକାରଙ୍କ ନିର୍ଦ୍ଦେଶରେ ସରକାରୀ ଉପରିସ୍ଥ ବାବୁମାନେ ନିର୍ଦ୍ଦିଷ୍ଟ ବାର ନିର୍ଘଣ୍ଟ କରିଛନ୍ତି। କେବଳ ଏହି ବାରଗୁଡ଼ିକରେ ଲୋକେ ଯାଇ ସେମାନଙ୍କଠାରେ ଆପତ୍ତି ଅଭିଯୋଗ କରିପାରିବେ। ଏହି କ୍ରମରେ ସବୁ ଜିଲାର ଜିଲାପାଳମାନେ ନିଜ ଦପ୍ତରରେ ସପ୍ତାହକୁ ଥରେ କ୍ରମାନ୍ୱୟରେ ବିଭିନ୍ନ ବ୍ଲକର ଅଭିଯୋଗ ଶୁଣିବା ଲାଗି ବ୍ୟବସ୍ଥା କରିଛନ୍ତି। ସେହିପରି ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟ ବିଭାଗୀୟ ପଦାଧିକାରୀମାନେ ମଧ୍ୟ ମାସର ଗୋଟିଏ ଦିନ ନିଜ ନିଜ ଜିଲା ଅଧୀନସ୍ଥ ବ୍ଲକଗୁଡ଼ିକୁ ଯାଇ ମିଳିତ ଜନ ଅଭିଯୋଗ ଶୁଣିବାର ବ୍ୟବସ୍ଥା ବି କରାଯାଇଛି। ଏଠି ଲୋକେ ବ୍ୟକ୍ତିଗତଠାରୁ ପୁଣି ସାମୂହିକ ସମସ୍ୟାଗୁଡିକୁ ନେଇ ଅଭିଯୋଗ ଆଗତ କରୁଛନ୍ତି । ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ବିଭିନ୍ନ ବର୍ଗର ହିତାଧିକାରୀଙ୍କ ବ୍ୟକ୍ତିଗତ ସମସ୍ୟାଠାରୁ ପୁଣି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଓ ଜଳସେଚନ ଆଦି ସାମୂହିକ ସମସ୍ୟାକୁ ନେଇ ଶହ ଶହ ଅଭିଯୋଗ ଆଗତ ହେଉଛି ସତ, ହେଲେ ପରିତାପର ବିଷୟ ମାତ୍ର ହାତଗଣତି କିଛି ଅଭିଯୋଗର ସମାଧାନ ହେଉଛି, ଯେଉଁଥିପାଇଁ ଏହି ଅଭିଯୋଗ ଶୁଣାଣି ପ୍ରହସନରେ ପରିଣତ ହୋଇଛି ଆଉ ଲୋକେ ପ୍ରଶାସନ ଉପରୁ ଆସ୍ଥା, ବିଶ୍ୱାସ ହରାଇ ଏଭଳି ଜନ ଅଭିଯୋଗ ଶୁଣାଣିକୁ ଆସିବା ଲାଗି ଅନାଗ୍ରହ ପ୍ରକାଶ କଲେଣି। ତଳସ୍ତରରୁ ପୁଣି ଉପରସ୍ତର ଯାଏ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀମାନଙ୍କର ନିଷ୍ଠା ଓ ଆନ୍ତରିକତାର ଅଭାବରୁ ଆଜି ଏମିତି ଅବସ୍ଥା ସୃଷ୍ଟି ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି।



ଆହୁରି ମଧ୍ୟ ଦେଖିବାକୁ ପାଇବେ ବିଭିନ୍ନ ସରକାରୀ ଦପ୍ତରରେ 'ଅଭିଯୋଗ ପ୍ରକୋଷ୍ଠ' ଖୋଲାଯାଇ ଜନ ଅଭିଯୋଗ ଶୁଣିବାର ବ୍ୟବସ୍ଥା କରାଯାଇଛି। କିଛି ଦପ୍ତରରେ 'ଅଭିଯୋଗ ବାକ୍ସ' ବସାଯାଇ ଜନ ଅଭିଯୋଗ ଗ୍ରହଣ କରିବାର ବ୍ୟବସ୍ଥା କରାଯାଇଛି। ହେଲେ ସେସବୁ କେବଳ ନାଁକୁ ମାତ୍ର। ଆପଣ ଅଭିଯୋଗ କରିବାର ମାସେ ନୁହେଁ ବରଂ ବର୍ଷାଧିକ କାଳ ଅତିବାହିତ ହୋଇଗଲା ପରେ ବି ଏହା ଉପରେ ଯେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବ ଏହା ଆପଣ ଅନୁଭବ କରିଥିବେ ନିଶ୍ଚୟ। କେବଳ ବ୍ଲକ ଓ ଜିଲାସ୍ତରର ପ୍ରଶାସନିକ ଅଧିକାରୀ ନୁହନ୍ତି ବରଂ ରାଜ୍ୟର ବିଭିନ୍ନ ବିଭାଗର ସଚିବ ଓ ଅତିରିକ୍ତ ସଚିବମାନେ ବିଭିନ୍ନ ଅଞ୍ଚଳ ଗସ୍ତକରି ଜନ ଅଭିଯୋଗ ଶୁଣିଥାନ୍ତି। ମାତ୍ର ସେସବୁ କେବଳ ସେହି ଅଭିଯୋଗରେ ହିଁ ସୀମିତ ରହିଯାଏ। ପୁରୁଣା ସରକାର ଅମଳରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ବି ଜନ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଥିଲା। ଲୋକେ ସମସ୍ୟାକୁ ନେଇ ସେଠାରେ ଅଭିଯୋଗ କରିଥିଲେ। ଆଶା ରଖିଥିଲେ କିଛି ସୁଫଳ ମିଳିବ। ହେଲେ ସେସବୁ ଅଭିଯୋଗର କେତେ ପ୍ରତିଶତ ସମାଧାନ କରାଯାଇଛି ତାହା ସମସ୍ତଙ୍କୁ ଭଲଭାବେ ଜଣାଥିବ। ସେ ସମୟରେ କିଛି ଜନପ୍ରତିନିଧି ବି ବ୍ୟକ୍ତିଗତ ଭାବେ ଅଭିଯୋଗ ଶୁଣାଣିର ବ୍ୟବସ୍ଥା କରାଇଥିଲେ। ତେବେ ଏଥିରୁ ଲୋକେ କେତେମାତ୍ରାରେ ଉପକୃତ ହୋଇଛନ୍ତି ତାହା ସେମାନଙ୍କୁ ହିଁ ଜଣାଥିବ। ବିଭିନ୍ନ ସମୟରେ ଅମୁକ ଟୋଲ୍ ଫ୍ରି ନମ୍ବରରେ ଆପଣ ନିଜର ବା ଆପଣଙ୍କ ଅଞ୍ଚଳରେ ରହିଥିବା ସମସ୍ୟାକୁ ନେଇ ଅଭିଯୋଗ ଆଗତ କରିପାରିବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥାଏ। ହେଲେ ଅଧିକାଂଶ ସମୟରେ ଏହି ନମ୍ବରଟି ବ୍ୟସ୍ତ କିମ୍ବା ଅଚଳ ଥିବାର ଜଣାଯାଏ। ଯଦିବା କେବେ କେମିତି କେହି ଆପଣଙ୍କ ସମସ୍ୟାକୁ ଶୁଣିଲା ତେବେ ଆପଣ ଆଶା କରିଥିବା କଥାଟି ଶେଷରେ ଭୁଲ୍ ପ୍ରମାଣିତ ହେବ। ଏବେ ନୂଆ ସରକାରରେ ସରକାରୀ ଦଳର ପ୍ରମୁଖ ଓ ଅନ୍ୟ ଜନପ୍ରତିନିଧିମାନେ ବି ଅଭିଯୋଗ ଶୁଣାଣିର ବ୍ୟବସ୍ଥା କରିଛନ୍ତି। ଏହା ଭଲ କଥା । ହଜାର ହଜାର ସାଧାରଣ ଲୋକ ସେମାନଙ୍କ ସମସ୍ୟା ଓ ସୁବିଧା ଅସୁବିଧା ନେଇ ଅଭିଯୋଗ କରୁଛନ୍ତି। ହେଲେ କେବଳ ଅଭିଯୋଗ ଶୁଣିଲେ ତ ହେବନାହିଁ, ସେସବୁର ସମାଧାନ ନେଇ ସରକାର ଯତ୍ନବାନ୍ ହେବା ଉଚିତ। ଜନ ଅଭିଯୋଗ ଶୁଣାଣି ଯେପରି ଲୋକଙ୍କ ବିଶ୍ୱାସ ଓ ଭରସା ହରାଇ ପ୍ରହସନରେ ପରିଣତ ନ ହୁଏ ସେଥିପ୍ରତି ସରକାର ସଜାଗ ରହିବା ଏକାନ୍ତ ଅପରିହାର୍ଯ୍ୟ। ଅନ୍ୟପକ୍ଷେ ଜନ ଅଭିଯୋଗ ଶୁଣାଣି ମାଧ୍ୟମରେ ତଳସ୍ତରରେ ରହିଥିବା ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ସରକାର ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ବି କଡ଼ା ନିର୍ଦ୍ଦେଶ ଦେବାର ଆବଶ୍ୟକତା ରହିଛି। ତେବେ ସିନା ଯାଇ ଲୋକେ ସମସ୍ୟାମୁକ୍ତ ଜୀବନ ବିତାଇପାରିବେ।

**ଶଂଖିଡ଼ା, ତିହିଡ଼ି, ଭଦ୍ରକ**
**ମୋ:୯୯୩୭୫୬୫୫୨୭**

## ପାଠକ ଶ୍ରେଷ୍ଠ ବିଚାରକ

### ବଳାତ୍କାରୀ ଓ ହତ୍ୟାକାରୀଙ୍କୁ ତୁରନ୍ତ ଦଣ୍ଡ ମିଳୁ

ମହାଶୟ,

କୋଲକାତାସ୍ଥିତ ରାଧା ଗୋବିନ୍ଦ କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ଦେଶବାସୀଙ୍କୁ ମର୍ମାହତ କରିଛି। ଏତଦ୍‌ଭିନ୍ନ ଡାକ୍ତରଙ୍କ ମନରେ ନିରାଶାଭାବ ସୃଷ୍ଟି ହୋଇଛି। ଦୁରାରୋଗ୍ୟ ରୋଗୀକୁ ଡାକ୍ତରମାନେ ନୂତନ ଜୀବନ ଦେବାରେ ସମର୍ଥ ହୋଇଥାନ୍ତି। ସେଥିପାଇଁ ଲୋକେ ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ ମାନିଥାନ୍ତି। ମାତ୍ର ଉପରୋକ୍ତ ଘଟଣାରେ ଅପରାଧୀ ଜଣକ ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରିବାକୁ ଦୁଃସାହସ ଜୁଟାଇଲା। ଏପରି ହୃଦୟହୀନ ଜଘନ୍ୟ ଘଟଣା ଘଟାଇଥିବା ଅପରାଧୀଙ୍କୁ ପ୍ରାଣଦଣ୍ଡ ଦେବା ଏକାନ୍ତ ବିଧେୟ। ପ୍ରକୃତପକ୍ଷେ ବଳାତ୍କାର ଅପରାଧୀଙ୍କୁ ଗୁଳି କରି ହତ୍ୟା କରାଯିବା ଉଚିତ। ଯାହା ଫଳରେ ଭବିଷ୍ୟତରେ ଅନ୍ୟ କେହି ଜଣେ ଏଭଳି କୁକାର୍ଯ୍ୟ କରିବାକୁ ସାହସ ଜୁଟାଇପାରିବ ନାହିଁ। ବିଶେଷକରି ଉପରୋକ୍ତ ଘଟଣାଗୁଡ଼ିକ ପାଇଁ ୧୫ ଦିନ ଅବଧି ମଧ୍ୟରେ ତଦନ୍ତ ଶେଷ ପୂର୍ବକ କୋର୍ଟ ରାୟ ପ୍ରକାଶ କରିବା ଦରକାର। ଏଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଆଇନ ସଂସ୍କାର ଅଣାଯିବା ଉଚିତ।

**-ଶରତ ଚନ୍ଦ୍ର ରାଉତ, ଗାଙ୍ଗପଡ଼ା, ଗୋଗୁଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ହେ ମୋର କଳପନା ମାନସୀ ରାଣୀ !
ପ୍ରଭାତେ ନିତି ଯେହୁ ଫୁଟାଅ ବାଣୀ
ନିଶାର ନୀରବତା ତୁଟାଇ କହ କଥା
ଅନ୍ଧାର ଆଲୋକର ମିଳନ ଆଣି
ପ୍ରଭାତେ ନିତି ଯେହୁ ଫୁଟାଅ ବାଣୀ।
-(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୋଲିସ ଇନ୍ସପେକ୍ଟର ପରିଚୟ ଦେଇ ୩ଜଣଙ୍କୁ ବିବାହ

■ ୫୫ବର୍ଷୀୟ ଅଭିଯୁକ୍ତ ଗିରଫ

■ ଶାରୀରିକ ସମ୍ପର୍କ ରଖିବା ସହ ଟଙ୍କା ଲୁଟୁଥିଲେ

ଭୁବନେଶ୍ୱର,୧୯ (ସୂର୍ଯ୍ୟକାନ୍ତ ବେହେରା)

ପୋଲିସ ଇନ୍ସପେକ୍ଟର ପରିଚୟ ଦେଇ ଯୁବତୀମାନଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରୁଥିଲେ। ଶାରୀରିକ ସମ୍ପର୍କ ରଖିବା ସହ ସେମାନଙ୍କଠାରୁ ଟଙ୍କା ଠକି ନେଉଥିଲେ। ଏଭଳି ଜଣେ ନକଲି ଇନ୍ସପେକ୍ଟରଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଭଦ୍ରକର ୫୫ବର୍ଷୀୟ ସୁବାସ ଚନ୍ଦ୍ର କହଁର। ତାଙ୍କଠାରୁ ନକଲି ଆଧାର କାର୍ଡ, ପୋଲିସ ପୋଷାକ ପିନ୍ଧା ଫଟୋ ଓ ବିବାହ ଫଟୋ ଜବତ କରାଯାଇଛି। ଅଭିଯୁକ୍ତ ମିଛ ପରିଚୟ ଦେଇ ୩ ଜଣଙ୍କୁ ବିବାହ କରିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ତେବେ ଜଣେ ପୀଡ଼ିତା ଆଗକୁ ଆସି ଅଭିଯୁକ୍ତଙ୍କ ନାଁରେ ଥାନାରେ ଅଭିଯୋଗ କରିବାରୁ ଘଟଣା ସାମ୍ନାକୁ ଆସିଛି। ଅଭିଯୋଗକାରିଣୀ ଯୁବତୀ ଜଣଙ୍କୁ ବିବାହ ପରେ ଅଭିଯୁକ୍ତ ସୁବାସ ଟଙ୍କା ଠକି ନେଇଥିବାରୁ ସେ ଏଭଳି ଅନ୍ୟମାନଙ୍କୁ ବିବାହ କରିବା ପରେ ଠକେଇ କରିଥିବା ସନ୍ଦେହ କରାଯାଉଛି। ତେଣୁ ଏ ଦିଗରେ ପୋଲିସ ଅଧିକ ତଦନ୍ତ ଚଳାଇଛି।



ପୋଲିସ ପୋଷାକରେ ଥିବା ଅଭିଯୁକ୍ତ ସୁବାସ ଚନ୍ଦ୍ର କହଁର।

ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ସୁବାସ ନିଜକୁ ଇନ୍ସପେକ୍ଟର ମନୋଜ କୁମାର ମିଶ୍ର ଭାବେ ପରିଚୟ ଦେଉଥିଲେ। ଏପରିକି ଫେସ୍‌ବୁକରେ ନିଜକୁ ଇନ୍ସପେକ୍ଟର ଭାବେ ଉଲ୍ଲେଖ କରିଥିଲେ। ବୟସ ୫୫ ବର୍ଷ ହୋଇଥିଲେ ମଧ୍ୟ ଫଟୋ ଏଡିଟ୍ କରି ପ୍ରୋଫାଇଲରେ ରଖିଥିଲେ। ଏହି ଫେସ୍‌ବୁକ୍ ଆକାଉଣ୍ଟ ଜରିଆରେ ସେ ଅଭିଯୋଗକାରିଣୀଙ୍କ ପାଖକୁ ପ୍ରଥମେ ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଇ କଥା ହୋଇଥିଲେ। ଧୀରେ ଧୀରେ କଥା ହେବା ପରେ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ତାଙ୍କ ମନରେ ଯେପରି ସନ୍ଦେହ ନ ହେବ, ସେଥିପାଇଁ ପୋଲିସ ଡ୍ରେସ୍‌ରେ ଫଟୋ ଏଡିଟ କରି ତାଙ୍କ ପାଖକୁ ପଠାଇଥିଲେ। ଗାଡ଼ିରେ ଯାଉଥିବାବେଳେ ବା କୌଣସି କୋଠାରେ ପୋଲିସ ପୋଷାକରେ ବସି ଥିବାବେଳର ଫଟୋ ପଠାଇ ବିଶ୍ୱାସ ଜନ୍ମାଇଥିଲେ। ରାଉରକେଲା ସେକ୍ଟର ୧୫ ଥାନାରେ ଇନ୍ସପେକ୍ଟର ଥିବା କହିଥିଲେ। ଏହାପରେ ଅଭିଯୁକ୍ତ ସୁବାସ ଯୁବତୀଙ୍କୁ ବିବାହ ପ୍ରସ୍ତାବ ଦେବାରୁ ସେ ରାଜି ହୋଇ ପରବର୍ତ୍ତୀ ସମୟରେ ବିବାହ କରିଥିଲେ। ବିବାହ ପରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ସତ ଧରାପଡ଼ିଯିବା ଭୟରେ ଅଭିଯୁକ୍ତ ବିଭିନ୍ନ ବାହାନ ଦେଖାଇ ତାଙ୍କୁ ଘରକୁ ନ ନେଇ ଖଣ୍ଡଗିରି ସରକନ୍ତରାସ୍ଥିତ ଏକ ଭଡାଘରେ ରଖିଥିଲେ। ଫଳରେ ଯୁବତୀ ଜଣଙ୍କର ସନ୍ଦେହ ହେବାରୁ ସେ ଅଭିଯୁକ୍ତ ସୁବାସଙ୍କ ଉପରେ ଟିକିନିଖି ନଜର ରଖିଥିଲେ। ଏହି ସମୟରେ ତାଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ବଢ଼ିବାରୁ ସେ ସୁବାସ ଚଢୁଥିବା ଏକ ସୁଇଫ୍ଟ ଡିଜାୟାର କାରର ରେଜିଷ୍ଟ୍ରେଶନ ନମ୍ବର ଜରିଆରେ ପ୍ରକୃତ ସତ ଜାଣିବାକୁ ପାଇଥିଲେ। ଏହାପରେ ପୀଡିତା ଜଣକ ଏ ନେଇ ଥାନାରେ ଏତଲା ପରେ ପୋଲିସ ଅଭିଯୁକ୍ତ ସୁବାସଙ୍କୁ ଗିରଫ କରିବା ସହ ତାଙ୍କ କେଳେଙ୍କାରୀର ପର୍ଦ୍ଦାଫାଶ କରିଛି।

# ଝାରପଡ଼ା ଜେଲ ଗୁମର ଖୋଲିବାରୁ କଏଦୀଙ୍କୁ ଆକ୍ରମଣ

## ହାଇଦରଙ୍କ ପୁଅ ନାଁରେ ଆତଙ୍କରାଜ ଅଭିଯୋଗ

■ କଏଦୀଙ୍କୁ ମୋବାଇଲ ବିକିଥିଲେ ଜଣେ ଅଧିକାରୀ

■ ତଦନ୍ତ, କାର୍ଯ୍ୟାନୁଷ୍ଠାନ ହେବ: ଜେଲ ଆଇଜି

ଭୁବନେଶ୍ୱର,୧୯ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲ୍‌ରେ କେବଳ ଗ୍ୟାଙ୍ଗଷ୍ଟରଙ୍କ ରାଜୁତି ନୁହେଁ, ନିଶା କାରବାର ସହ ଅନେକ ଅନୈତିକ କାର୍ଯ୍ୟ ଚାଲୁଛି। ଗ୍ୟାଙ୍ଗ୍‌ଷ୍ଟର୍ ଓ ସେମାନଙ୍କ ସହଯୋଗୀ ମୋବାଇଲ ଫୋନ ରଖି ଗ୍ୟାଙ୍ଗ୍ ଅପରେଟ କରିବା ସହ ବାହାରେ ଅପରାଧ ଘଟାଉଛନ୍ତି। ସେମାନେ ନିଶା ଖାଇ ଆରାମ ଜୀବନ ବିତାଉଥିବାବେଳେ ସେମାନଙ୍କୁ ଜେଲର କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ମୋବାଇଲ୍ ଫୋନ, ନିଶାଦ୍ରବ୍ୟ ଆଦି ସାମଗ୍ରୀ ଯୋଗାଇ ଦେଉଛନ୍ତି। ଜେଲ ଭିତରର ଏଭଳି ଗୁମର କଥା ସାମ୍ନାକୁ ଆଣିଥିବା ଜଣେ ବିଚାରାଧୀନ କଏଦୀଙ୍କ ପାଇଁ ମହଙ୍ଗା ପଡ଼ିଛି। କଏଦୀ ଜଣକ ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ଙ୍କୁ ଚିଠି ଲେଖି ଏସବୁ ଜଣାଇଥିବା ଜାଣିବା ପରେ ଗ୍ୟାଙ୍ଗଷ୍ଟର ସେକ୍ ହାଇଦରଙ୍କ ପୁଅ ମୁନା ଓ ତାଙ୍କ ଗ୍ୟାଙ୍ଗ ଜେଲ ଭିତରେ ଆତଙ୍କ ଖେଳାଇଥିବା ଅଭିଯୋଗ ହୋଇଛଇ। ଡିଏଲ୍‌ଏସ୍‌ଏ ଟିମ୍ ଶନିବାର ଜେଲ୍‌ରେ ଅଚାନକ ଚଢ଼ାଉ କରି ଜଣେ ବଳାତ୍କାର ଅଭିଯୁକ୍ତଙ୍କ ନିକଟରୁ ଏକ ମୋବାଇଲ ଫୋନ ଜବତ କରିଥିଲା। ଉକ୍ତ ଟିମ୍ ଜେଲ୍‌ରୁ ଫେରିବା ପରେ ହାଇଦରଙ୍କ ପୁଅ ମୁନା ଓ ତାଙ୍କ ସହଯୋଗୀମାନେ ରକ୍ତମୁଖା ହୋଇପଡ଼ିଥିଲେ। ଚିଠି ଲେଖିଥିବା ସୌମ୍ୟକାନ୍ତ ମହାନ୍ତି ନାମକ ଜଣେ ବିଚାରାଧୀନ କଏଦୀଙ୍କୁ ରବିବାର ନିସ୍ଥୁକ ମାଡ ମାରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ସୌମ୍ୟକାନ୍ତଙ୍କୁ ଜେଲ କର୍ମଚାରୀମାନେ ଉଦ୍ଧାର କରି



ଆହତ ବିଚାରାଧୀନ କଏଦୀ ସୌମ୍ୟକାନ୍ତ

ଚିକିତ୍ସା ପାଇଁ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ନେଉଥିବାବେଳେ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ବଡ଼ ପାଟିରେ ଘଟଣା ସମ୍ପର୍କରେ କହିବା ସହ ସୁରକ୍ଷା ମାଗିଛନ୍ତି। ସୌମ୍ୟକାନ୍ତଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ ବହୁ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଛି।

ଆକ୍ରମଣର ଶିକାର ହୋଇଥିବା ସୌମ୍ୟକାନ୍ତ ୨୦୧୯ ଡିସେମ୍ବର ୩ରୁ ଝାରପଡା ଜେଲରେ ରହୁଛନ୍ତି। ଡିଏଲ୍‌ଏସ୍‌ଏଙ୍କ ପାଖକୁ ପଠାଇଥିବା ଅଭିଯୋଗ ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଜେଲ ଭିତରେ ଏକ ଗୋଷ୍ଠୀ ଆତଙ୍କରାଜ ଚଳାଇଛନ୍ତି। ଜେଲରେ ଭଲରେ ରହିବାକୁ ୫୦ ହଜାର ଟଙ୍କା ନିଆଯାଉଛି। ଗଞ୍ଜେଇ ବିଡି ୨୦୦ ଟଙ୍କାରେ ବିକ୍ରି ହେଉଛି। ଟେଲିଫୋନ୍‌ରେ କଥା ହେବା ଓ ବିଲ୍ ପାଇଁ ୫ ହଜାର ଟଙ୍କା ଏବଂ କାହାକୁ ଭେଟିବାକୁ ହେଲେ ପ୍ରତି ମାସକୁ ୧୦ ହଜାର ଟଙ୍କା ଦେବାକୁ ପଡୁଛି। ଜେଲ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏଭଳି ବହୁ ବେଆଇନ କାରବାର ଚାଲିଥିବା ସେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ଶନିବାର ଡିଏଲ୍‌ଏସ୍‌ଏ ଟିମ୍ ପକ୍ଷରୁ ଝାରପଡ଼ା ଜେଲରେ ଚଢ଼ାଉ ହୋଇଥିଲା। ହାଇଦରଙ୍କ ପୁଅ ମୁନାଙ୍କ ସହଯୋଗୀ ଥିବା ଜଣେ ବଳାତ୍କାର ଅଭିଯୁକ୍ତଙ୍କ ନିକଟରୁ ଏକ କି-ପ୍ୟାଡ୍ ମୋବାଇଲ ମିଳିଥିଲା। ଏହି ମୋବାଇଲ ୧ ହଜାର ଟଙ୍କିଆ ହୋଇଥିବାବେଳେ ତାହାକୁ ଜଣେ ଅଧିକାରୀଙ୍କ ନିକଟରୁ ୧୦ ହଜାର ଟଙ୍କାରେ କିଣାଯାଇଥିବା ଜଣାପଡ଼ିଥିଲା। ଡିଏଲ୍‌ଏସ୍‌ଏ ପକ୍ଷରୁ ଏହି ମୋବାଇଲ ଫୋନକୁ ଲକ୍ଷ୍ମୀସାଗର ଥାନାକୁ ଦିଆଯାଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ସୌମ୍ୟକାନ୍ତ ଅଭିଯୋଗ କରିବା ପରେ ଡିଏଲ୍‌ଏସ୍‌ଏ ପକ୍ଷରୁ ଏହି ଚଢ଼ାଉ ହୋଇଥିଲା ବୋଲି ମୁନା ଜାଣିପାରିଥିଲେ। ଏହାପରେ ମୁନା ଓ ତାଙ୍କ ଗ୍ୟାଙ୍ଗ ଜେଲ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ତାଙ୍କୁ ମାଡ ମାରିଥିବା ସୌମ୍ୟକାନ୍ତ କହିଛନ୍ତି। ଏହି ଆକ୍ରମଣ ଘଟଣାକୁ ନେଇ ଲକ୍ଷ୍ମୀସାଗର ପୋଲିସ ଆଉ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଘଟଣା ସମ୍ପର୍କରେ ଜେଲର ପ୍ରଶାନ୍ତ ସାହୁଙ୍କ ମତାମତ ପାଇଁ ତାଙ୍କ ମୋବାଇଲ୍ ଫୋନ୍‌କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ଗ୍ରହଣ କରି ନ ଥିଲେ। ଅନ୍ୟପକ୍ଷରେ ଜେଲ ଆଇଜି ଅମିତାଭ ଠାକୁର କହିଛନ୍ତି, ସୋମବାର ସକାଳେ ଜେଲ ଡିଆଇଜି ଅନୁସୟା ଜେନା ଝାରପଡ଼ା ଜେଲ ଗସ୍ତ କରିବେ। ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଜି ଠାକୁର କହିଛନ୍ତି।

# କନିଷ୍ଠ ଯନ୍ତ୍ରୀଙ୍କ ଘରୁ ୧୪.୮୧ ଲକ୍ଷ ଟଙ୍କା ଜବତ

## ୩୫ ଗ୍ରାମ୍ ସୁନା ଜବତ, ୨ କୋଠା, ୨ ପ୍ଲଟ ଠାବ

ରାୟଗଡ଼ା,୧୯ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ କନିଷ୍ଠ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀଙ୍କ ରାଣୀଗୁଡ଼ା ଏବଂ ଟିକିରିସ୍ଥିତ ବାସଭବନରେ ଭିଜିଲାନ୍ସ ଟିମ୍ ରବିବାର ଚଢ଼ାଉ କରିଛି। ବର୍ତ୍ତମାନ ସୁଦ୍ଧା ତାଙ୍କ ଘରୁ ନଗଦ ୧୪ ଲକ୍ଷ ୮୧ ହଜାର ୩୦୦ ଟଙ୍କା, ପ୍ରାୟ ୩୫ ଗ୍ରାମ୍‌ର ସୁନା ଅଳଙ୍କାର ଜବତ ହୋଇଛି। ସେହିଭଳି ରାୟଗଡ଼ା ଓ ଟିକିରିଠାରେ ଗୋଟିଏ ଲେଖାଏ ଦୁଇ ମହଲା ଘର ସମେତ ରାୟଗଡା ସହରରେ ଦୁଇଟି ପ୍ଲଟ ଠାବ ହୋଇଛି। ରବିବାର ଛୁଟି ଯୋଗୁ ବ୍ୟାଙ୍କ ଜମା ସମେତ ଅନ୍ୟାନ୍ୟ ଡିପୋଜିଟ ଜଣାପଡ଼ିନାହିଁ। ସୋମବାର ସେ ସମ୍ପର୍କରେ ଅନୁସନ୍ଧାନ କରାଯିବ ବୋଲି ଭିଜିଲାନ୍ସ ଇନ୍ସପେକ୍ଟର ତରୁଲତା ବେହେରା ସୂଚନା ଦେଇଛନ୍ତି। ଯନ୍ତ୍ରୀଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଭିଜିଲାନ୍ସର ୧୨ ଜଣିଆ ଟିମ୍ ତାଙ୍କ ଘରେ ଚଢ଼ାଉ କରିବା ସମୟରେ ପ୍ରତ୍ୟେକ ସାମଗ୍ରୀ ଯାଞ୍ଚ କରିଥିଲେ। ସେଗୁଡ଼ିକର ଦର ନିର୍ଦ୍ଧାରଣ ପରେ ଯନ୍ତ୍ରୀ କେତେ ସମ୍ପତ୍ତି ଠୁଳ କରିଥିଲେ ତାହା ଜଣାପଡ଼ିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

କନିଷ୍ଠ ଯନ୍ତ୍ରୀ ଚୌଧୁରୀ ଶନିବାର ସନ୍ଧ୍ୟାରେ ରାୟଗଡ଼ା ସହରର ରାଣୀଗୁଡ଼ାସ୍ଥିତ ଘରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମେଟ୍ କ୍ଷେତ୍ର ମାଝୀଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲେ। ଭିଜିଲାନ୍ସ ଧରିବା ପରେ ଯନ୍ତ୍ରୀ ଚୌଧୁରୀ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଅଧିକ ତଦନ୍ତ କରାଯିବ ବୋଲି ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅରୁଣ ନାୟକ କହିଛନ୍ତି। ସେଥିପାଇଁ ଜୟପୁର ଭିଜିଲାନ୍ସ ଏସ୍‌ପି ରାୟଗଡ଼ା ଆସିବେ ବୋଲି ଜଣାପଡ଼ିଛି।



ଜବତ ଟଙ୍କା

# ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା

## ୩ଦିନ ଧରି ନିଖୋଜ ଥିଲେ, ଅଭିଯୁକ୍ତ ଗିରଫ

ନାକଟୀଦେଉଳ, ୧୯ (ବୈକୁଣ୍ଠନାଥ ସାହୁ)

ନିଖୋଜର ୩ ଦିନ ପରେ ଜଙ୍ଗଲରୁ ମିଳିଲା ଯୁବତୀଙ୍କ ଉଲଗ୍ନ ଗଳିତ ମୃତଦେହ। ତାଙ୍କୁ ବଳାତ୍କାର ପରେ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି ପରିବାର ଲୋକେ। ଏହଭଳି ଅଭିଯୋଗ ଆସିଛି ସମ୍ବଲପୁର ଜିଲା ନାକଟୀଦେଉଳ ଥାନା ସାହେବୀ ଅଞ୍ଚଳରୁ। ଅଭିଯୋଗକ୍ରମେ ପୋଲିସ ସାହେବୀ ଗାଁର ହରି ବେହେରାଙ୍କୁ ଗିରଫ କରିଛି। ଅଭିଯୁକ୍ତ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ନାଳରେ ଶୌଚ ସମୟରେ ସମ୍ପୃକ୍ତ ଯୁବତୀଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେ ତାଙ୍କୁ ଚାପୁଡା ମାରିବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାକୁ ଲୁଚାଇବା ପାଇଁ ପାଖରେ ଥିବା ବୁଦାରେ ମୃତଦେହ ଲୁଚାଇ ଦେଇଥିଲେ। ରାତିରେ ନାଳ ସମୀପ କାଉଁଶୀଖୁଜ ଜଙ୍ଗଲକୁ ମୃତଦେହ ନେଇ ଫିଙ୍ଗି ଦେଇଥିବା ଅଭିଯୁକ୍ତ ପଚରାଉଚରା ବେଳେ ସ୍ୱୀକାର କରିଥିବା ସମ୍ବଲପୁର ଅତିରିକ୍ତ ଏସ୍‌ପି ଆଲବିନୁସ କେରକେଟା କହିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବଳାତ୍କାର ହୋଇଛି କି ନାହିଁ ତାହା ଜଣାପଡିବ ବୋଲି ସେ କହିଛନ୍ତି।

ଗତ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଘର ନିକଟ ସୁଆଗିଝରଣ ନାଳକୁ ସମ୍ପୃକ୍ତା ୧୯ବର୍ଷୀୟା ଯୁବତୀ ଗାଧୋଇବାକୁ ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିବାକୁ ନାଳ ନିକଟକୁ ଯାଇଥିଲେ। ଗାଧୁଆ ତୁଠରେ ତାଙ୍କ ଚପଲ, ଡ୍ରେସ ଏବଂ ମୋବାଇଲ ପଡ଼ିଥିବା ବେଳେ ସେଠାରେ ତାଙ୍କ ପତ୍ତା ମିଳି ନ ଥିଲା। ପରିବାର ଲୋକେ ଆଖପାଖ ସ୍ଥାନରେ ବହୁ ସମୟ ଧରି ଖୋଜାଖୋଜି କରି ଝିଅକୁ ନ ପାଇ ନାକଟୀଦେଉଳ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଝିଅକୁ ହତ୍ୟା କରାଯାଇଛି ଏବଂ ସାହେବୀ ଗ୍ରାମର ହରି ବେହେରାଙ୍କର ଏଥିରେ ହାତ ଅଛି ବୋଲି ସେମାନେ ସନ୍ଦେହ କରିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରିଥିଲା। ଘଟଣାକ୍ରମରେ ରବିବାର ସକାଳୁ ଖାରବେଡ଼ା ପାଣ୍ଡୁରିପେଶି ସାହି ନିକଟ କାଉଁଶୀଖୁଜ ଜଙ୍ଗଲ ପାଖ ଜମିକୁ କାମ କରିବାକୁ ଯାଇଥିବା ଖାରବେଡ଼ା ଗ୍ରାମର କେତେଜଣ ମହିଳା ପଚାଗନ୍ଧ ଆସୁଥିବା ସ୍ଥାନକୁ ଯିବାରୁ ସେଠାରେ ଏକ ଖାଲ ସ୍ଥାନରେ ଉଲଗ୍ନ ଅବସ୍ଥାରେ ଜଣେ ଯୁବତୀଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବର ପାଇ ରେଢାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ସାମଲ ଏବଂ ନାକଟୀଦେଉଳ ଥାନା ଅଧିକାରୀ ଝସକେତନ ଭୋଇ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଗଳିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୋଲିସ ପଠାଇବାକୁ ଉଦ୍ୟମ କରିବା ବେଳେ ଉତ୍ତ୍ୟକ୍ତ ଲୋକେ ଏହାକୁ ବିରୋଧ କରିଥିଲେ। ହତ୍ୟାକାରୀଙ୍କୁ ଘଟଣାସ୍ଥଳକୁ ଆଣି ଡେମୋ ଦେଖାଇବା ପରେ ମୃତଦେହ ଅଭିଯୁକ୍ତ ନିଜେ ଉଠାଇବା ଦାବି କରି ମଧ୍ୟାହ୍ନ ୧୨ଟାରୁ ସେମାନେ ନାକଟୀଦେଉଳ-ବାଟଗାଁ ରାସ୍ତାର ଖାରବେଡାଠାରେ ଅବରୋଧ କରିଥିଲେ। ନାକଟୀଦେଉଳ ତହସିଲଦାର ଅମର କୁମାର ଡୁଙ୍ଗଡୁଙ୍ଗ, ରେଢାଖୋଲ ଏସ୍‌ଡିପିଓ ସାମଲ ଏବଂ ଥାନା ଅଧିକାରୀ ଭୋଇ ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଅଭିଯୁକ୍ତ ଗିରଫ ହୋଇଥିବା କୁହାଯିବା ପରେ ରାସ୍ତାରୋକୋ ରାତି ୯ଟାରେ ପ୍ରତ୍ୟାହୃତ ହୋଇଥିଲା।

# ସୁରକ୍ଷା କର୍ମୀଙ୍କ ଗୁଳିରେ ୩ ମହିଳା ମାଓବାଦୀ ମୃତ

ମାଲକାନଗିରି,୧୯ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବସ୍ତର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ଘଟିଥିଲା। ସୁରକ୍ଷା କର୍ମୀଙ୍କ ଗୁଳିରେ ୩ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ମୃତକମାନେ ହେଲେ ପିଏଲ୍‌ଜିଏ କମ୍ପାନୀ ନଂ. ୫, ଉତ୍ତର ବସ୍ତର ଡିଭିଜନର ସଦସ୍ୟା ତଥା ମାଲକାନଗିରି ଜିଲା ନିବାସୀ ଲକ୍ଷ୍ମୀ। ତାଙ୍କ ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେହିପରି ପର୍ତ୍ତାପୁର ଏରିଆ କମିଟି ସଦସ୍ୟା ସବିତାଙ୍କ ଉପରେ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଅନ୍ୟଜଣେ ବିଜାପୁର ଜିଲା ନିବାସୀ ସାନ୍ତା। ତାଙ୍କ ଲାଗି ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

ବସ୍ତର ଜିଲା ଆବୁଜମାଡ ଅଞ୍ଚଳରେ ମାଓବାଦୀମାନେ ବୈଠକ କରୁଥିବା ଖବରପାଇ ବସ୍ତର ପୋଲିସ ଓ ସିଆରପିଏଫ ଯବାନମାନେ ଉକ୍ତ ଅଞ୍ଚଳରେ କୋମ୍ବିଂ ଆରମ୍ଭ କରିଥିଲେ। ତେବେ ସୁରକ୍ଷାକର୍ମୀଙ୍କୁ ଦେଖି ମାଓବାଦୀମାନେ ଗୁଳିଚାଳନା କରିଥିଲାବେଳେ ସୁରକ୍ଷା କର୍ମୀ ତାହାର ଜବାବ ଦେଇଥିଲେ। ଏହାପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯବାନମାନେ ସର୍ଚ୍ଚ ଅପରେଶନ କରି ଘଟଣାସ୍ଥଳରୁ ୩ ମହିଳା ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ। ଏଥିସହ ଗୋଟିଏ ୩୦୩ ରାଇଫଲ୍, ଦୁଇଟି ୩୧୫ ରାଇଫଲ, ଗୋଟିଏ ବିଜିଏଲ ଲଞ୍ଚର, ଗୋଟିଏ ଦେଶୀ ବନ୍ଧୁକ ସହ ବିପୁଳ ପରିମାଣର ବିସ୍ଫୋଟକ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରାଯାଇଛି।

# ଛତ୍ରପୁର ବିଇଓଙ୍କୁ ଗିରଫ କଲା ଭିଜିଲାନ୍ସ

ବ୍ରହ୍ମପୁର/ଛତ୍ରପୁର, ୧୯ (ସୁବାଷ ପାଢ଼ୀ/ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ସୀତାରାମ ପାତ୍ରଙ୍କୁ ରବିବାର ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ଗିରଫ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶନିବାର ଭିଜିଲାନ୍ସ ପକ୍ଷରୁ ତାଙ୍କ ବାସଭବନ, କାର୍ଯ୍ୟାଳୟ ସମେତ ୬ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ସୀତାରାମ ଓ ତାଙ୍କ ସ୍ତ୍ରୀ ସସ୍ମିତା କୁମାରୀ ପାତ୍ରଙ୍କ ନାମରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୧ କୋଟି ୬୩ ଲକ୍ଷ ୯୯ହଜାର ୫୮ ଟଙ୍କା ଆକଳନ କରାଯାଇଥିଲା। ସୀତାରାମଙ୍କ ଆୟ ୯୯ ଲକ୍ଷ ୬୯ହଜାର ୯୦୪ ଟଙ୍କା ହୋଇଥିବା ବେଳେ ତାଙ୍କ ବ୍ୟୟର ହିସାବ ୪୪ଲକ୍ଷ ୯୭ହଜାର ୫୪୬ ଟଙ୍କା। ଆୟବହିର୍ଭୂତ ସମ୍ପତ୍ତି ୧କୋଟି ୯ଲକ୍ଷ ୨୬ହଜାର ୭୦୦ ଟଙ୍କାର ହିସାବ ସେ ଭିଜିଲାନ୍ସକୁ ଦେଇପାରି ନ ଥିଲେ। ଭିଜିଲାନ୍ସ ଉଭୟ ସୀତାରାମ ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ନଂ.୧୫/୨୪ରେ ମାମଲା ରୁଜୁ କରିଛି। ସୀତାରାମଙ୍କୁ ରବିବାର ଗିରଫ ପରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜଜ୍ ତାଙ୍କୁ ଆସନ୍ତା ୧୩ ତାରିଖ ଯାଏଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର



ସୀତାରାମ ପାତ୍ର

ପବ୍ଲିକ ପ୍ରସିକ୍ୟୁଟର(ପିପି) ସୁରେନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବିଇଓ ସୀତାରାମଙ୍କ ବିରୋଧରେ ବିଭିନ୍ନ ପ୍ରକାର ଦୁର୍ନୀତିମୂଳକ କାର୍ଯ୍ୟ ନେଇ ବିଗତ ଦିନରେ ଅଭିଯୋଗ ଆସିଥିଲା। ଭିଜିଲାନ୍ସ ବିଭାଗ ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ତାଙ୍କର ବ୍ରହ୍ମପୁରସ୍ଥିତ ଖୋଡ଼ାସିଙ୍ଗି ନିକଟ ରାମକୃଷ୍ଣନଗର ସପ୍ତମ ଲେନ୍‌ରେ ଥିବା ୩୫୦୦ ବର୍ଗଫୁଟର ଦୁଇ ମହଲା କୋଠା, ପୋଲସରା କୋଲିସାହିରେ ଥିବା ୧୬୦୦ ବର୍ଗଫୁଟର ଦୁଇ ମହଲା କୋଠା ଓ କୋଲିସାହିରେ ଥିବା ଆଉ ଗୋଟିଏ କୋଠା, ବ୍ରହ୍ମପୁର ଖୋଡ଼ାସିଙ୍ଗିଠାରେ ୨ ହଜାର ବର୍ଗଫୁଟର ଏକ ପ୍ଲଟ, ଘରୁ ୬ ଲକ୍ଷ ୫୦ ହଜାର ଟଙ୍କା, ଗୋଟିଏ କାର, ୨ଟି ଦୁଇଚକିଆ ଯାନ, ୩୫ ଲକ୍ଷ ୬୧ ହଜାର ୧୫୭ ଟଙ୍କାର ବ୍ୟାଙ୍କ ଜମା ଓ ବୀମା କାଗଜପତ୍ର ଭିଜିଲାନ୍ସ ଟିମ୍ ଜବତ କରିଥିଲା।

# ଏସ୍‌ଏମ୍‌ସି କମ୍ପାନୀ ଶେୟାର ବଜାର ନାଁରେ ୮ କୋଟିରୁ ଊର୍ଦ୍ଧ୍ୱ ଠକେଇ

## ବଲାଙ୍ଗୀର ଥାନାରେ ଧାରଣା ଦେଲେ ମାଲକାନଗିରିର ଜମାକାରୀ

ମାଲକାନଗିରି, ୧୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଠକେଇ ବଢ଼ିବାରେ ଲାଗିଛି। କିଛିଦିନ ପୂର୍ବେ ବିଜେଡିର ୨ ନେତା ଚାକିରି ନାଁରେ ବହୁ ଲକ୍ଷ ଟଙ୍କା ଠକିନେଇ ଗିରଫ ହୋଇଥିବା ବେଳେ ପୂର୍ବରୁ ମଧ୍ୟ ବିଭିନ୍ନ ଫାଇନାନ୍ସ, ଲଟେରିରେ ଗାଡ଼ି, ଘର ଓ କାର ମିଳିବା ଏବଂ ବିଭିନ୍ନ ଚିଟଫଣ୍ଡରେ ଟଙ୍କା ବାନ୍ଧିଲେ ୫୦ ପ୍ରତିଶତ ଲାଭ ମିଳିବା ଲୋଭରେ ଅନେକ ବ୍ୟକ୍ତି ଠକେଇର ଶିକାର ହୋଇଛନ୍ତି। ସେହିଭଳି ଜିଲାରେ ଆଉ ଏକ ଠକେଇ ଘଟଣା ପଦାକୁ ଆସିଛି। ପ୍ରାୟ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବଲାଙ୍ଗୀରର ଜଣେ ବ୍ୟକ୍ତି ଠକି ନେଇଥିବା ଜଣାପଡିଛି। ଏ ନେଇ ମାଲକାନଗିରି କେତେଜଣ ଜମାକାରୀ ରବିବାର ବଲାଙ୍ଗୀର ଥାନାର ଦ୍ୱାରସ୍ଥ ହୋଇ ଧାରଣା ଦେଇଥିବା ଜଣାପଡିଛି।

୨୦୧୭ରେ ବଲାଙ୍ଗୀର ଜିଲା ମାଳପଡା ଗ୍ରାମର ଦେବଜିତ ତ୍ରିପାଠୀ ଓରଫ ଅଜିତ ନାମକ ଜଣେ ବ୍ୟକ୍ତି ମାଲକାନଗିରି ସଦରମହକୁମାର କେତେକ ବ୍ୟବସାୟୀଙ୍କୁ ଏସ୍‌ଏମ୍‌ସି କମ୍ପାନୀର ସେୟାର ବଜାରରେ ଟଙ୍କା ଜମା ରଖିଲେ ଦୁଇଗୁଣ ପାଇବେ ବୋଲି ଲୋଭ ଦେଖାଇ ପ୍ରତିମାସରେ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ପ୍ରଥମେ ୧୦ ହଜାର ରଖିଲେ ତାଙ୍କୁ ବର୍ଷକ ମଧ୍ୟରେ ୨୦ ହଜାର ଟଙ୍କା ଦେଉଥିଲେ। ବ୍ୟବସାୟୀମାନେ ଏଥିରେ ବିଶ୍ୱାସକରି ବହୁ ଲକ୍ଷ ଟଙ୍କା ତ୍ରିପାଠୀଙ୍କ ମାଧ୍ୟମରେ ଜମା କରୁଥିଲେ। ତେବେ ଏହି କମ୍ପାନୀରେ ଜମା ରଖିବାର ୨ ବର୍ଷ ପରେ ମାଲକାନଗିରିର କେତେଜଣ ବ୍ୟବସାୟୀ ତାଙ୍କୁ ଟଙ୍କା ମାଗିବାରୁ ତ୍ରିପାଠୀ ଆଧାର ଓ ପ୍ୟାନ୍ କାର୍ଡ ତଥ୍ୟ ଠିକ୍ ନ ଥିବା କହିଥିଲେ। ପରବର୍ତ୍ତୀ ସମୟରେ କୋଭିଡ୍ ଯୋଗୁ ୨ ବର୍ଷ ବିତିଗଲା। ପରେ ପୁନର୍ବାର ଟଙ୍କା ଶୀଘ୍ର ରଖିଲେ ଅର୍ଥ ଦୁଇଗୁଣ ହେବ ବୋଲି ଲୋଭ ଦେଖାଇଥିଲେ। ଫଳରେ ଏହି ବ୍ୟବସାୟୀମାନେ ବହୁ ଲକ୍ଷ ଟଙ୍କା ତ୍ରିପାଠୀଙ୍କ ପାଖରେ ଜମା କରିଥିଲେ। ଗତ ୨ ବର୍ଷ ଧରି ବ୍ୟବସାୟୀମାନେ ତ୍ରିପାଠୀଙ୍କୁ ଟଙ୍କା ମାଗିବାରୁ ସେ ବିଭିନ୍ନ ଆଳ ଦେଖାଇ ମିଳିଯିବ ବ୍ୟସ୍ତ ହୁଅନ୍ତୁ ନାହିଁ ବୋଲି କହି ଚାଲିଥିଲେ। ଶେଷରେ ଗତ କିଛି ମାସଧରି ତ୍ରିପାଠୀଙ୍କ ସହ ଯୋଗାଯୋଗ ନ ହେବାରୁ ଏ ସମ୍ପର୍କରେ ଜମାକରୀମାନେ ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ଥାନା ଆଇଆଇସି ଟଙ୍କା ଜମାର ସମସ୍ତ ପ୍ରମାଣପତ୍ର ଦେବାକୁ ଜମାକାରୀଙ୍କୁ କହିଥିଲେ। କିନ୍ତୁ ଥାନାରେ ଜମାକରୀମାନେ କୌଣସି କାଗଜପତ୍ର ଦାଖଲ କରି ନ ଥିବା ଆଇଆଇସି କହିଛନ୍ତି। ଜମାକାରୀମାନେ ରବିବାର ବଲାଙ୍ଗୀର ସଦର ଥାନାରେ ଧାରଣା ଦେଇଥିବା ଜଣାପଡିଛି। ଜମାକାରୀଙ୍କ ମଧ୍ୟରେ ମାଲକାନଗିରି ସହରର ଜିତୁ ପାତ୍ର ଓ ସତୀଶଙ୍କ ସହ ଅନ୍ୟମାନେ ଥାନାର ଦ୍ୱାରସ୍ଥ ହେବା ସହ ତ୍ରିପାଠୀଙ୍କ ଘର ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି। ତେବେ ତ୍ରିପାଠୀ ମାଲକାନଗିରି ଜିଲାରୁ ପ୍ରାୟ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଜଣାପଡିଛି।



ମାଲକାନଗିରି ଜିଲାର ଜମାକାରୀମାନେ ବଲାଙ୍ଗୀର ଥାନା ଆଗରେ ଜମା ସମ୍ପର୍କିତ କାଗଜ ଦେଖାଉଛନ୍ତି।

**NOTICE**

**Before the Central Government Registrar of LLP Cuttack, Orissa**

In the matter of sub-section (3) of Section 13 of Limited Liability Partnership Act, 2008 and rule 17 of the Limited Liability Partnership Rules, 2009 AND In the matter of RATHO LEGAL AND MANAGEMENT SERVICES LLP having its registered office at Plot No N2/14B IRC Village, Khordha, Bhubaneswar-751015, Orissa, Petitioner.

Notice is hereby given to the General Public that the LLP proposes to make a petition to Registrar of LLP Cuttack, Orissa under section 13 (3) of the Limited Liability Partnership Act, 2008 seeking permission to change its Registered office from the "State of Orissa" to the "State of Maharashtra."

Any person whose interest is likely to be affected by the proposed change of the registered office of the LLP may deliver or cause to be delivered or send by Registered post of his/her objections supported by an affidavit stating the nature his/her interest and grounds of opposition supported by an affidavit to the Registrar of LLP Cuttack, Orissa within 21( twenty one) days from the date of publication of this notice with a copy to the petitioner LLP at its registered office at the address mentioned above.

For and on behalf of the
RATHO LEGAL AND MANAGEMENT SERVICES LLP
Sd./- Subrat Ratho
Designated Partner
Place: Bhubaneswar
Date: 02.09.2024

No.A-260

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer,**
**Rushikulya Bahuda Basin, Berhampur - 760004**
e-mail id : se_sicbam@yahoo.com

**e-Procurement Notice No. ACE, RBB - 24/2024-25**

1. Type of Work : System Improvement Work, 2. Total No. of Works : 01 (One) No.,
3. Amount put to tender : Rs. 101.14 Lakh, 4. Period of completion : 11 (Eleven) calendar months

| Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid On-line |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BNID) - 46/2024-25 | 101.14 | From 04.09.2024, 10.00 A.M. to 18.09.2024, 5.00 P.M. |

Date of opening of the Technical Bid : 19.09.2024 at 11.30 A.M. Further details can be seen from the Govt. website www.tendersodisha.gov.in

Sd./- Additional Chief Engineer,
Rushikulya Bahuda Basin,
Berhampur

OIPR-32411/11/0002/2425

## ସଂକ୍ଷେପରେ

### ମୋବାଇଲ ଚୋରି କରି ଅଭିଯୁକ୍ତ ଗିରଫ

ନିମାପଡ଼ା,୧।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍ଏସି ଅଧୀନ ନୁଆରକିରି ଗ୍ରାମର ଏକ ଭଡ଼ା ଘରେ ରହୁଥିବା ସସ୍ମିତା ସାହୁଙ୍କ ଘରୁ ମୋବାଇଲ ସହ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଚୋରି ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ପିପିଲି ଥାନା ଅଧୀନ ପୂବାଶାସନ ଗ୍ରାମର ସତ୍ୟରଞ୍ଜନ ଭୋଇ। ପୋଲିସ ତାଙ୍କଠାରୁ ଚୋରି ହୋଇଥିବା ମୋବାଇଲ, ପ୍ୟାନ କାର୍ଡ, ଆଧାର କାର୍ଡ, ସ୍କୁଟିର କାଗଜପତ୍ର ଜବତ କରିଛି। ଏ ସମ୍ପର୍କରେ ପୋଲିସ ୨୫୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ୧୯ ତାରିଖ ରାତିରେ ସତ୍ୟରଞ୍ଜନ ସସ୍ମିତାଙ୍କ ଘରୁ ବିଭିନ୍ନ ସାମଗ୍ରୀ ଚୋରି କରିଥିବା ତା' ପରଦିନ ସସ୍ମିତା ଅଭିଯୋଗ କରିଥିଲେ। ତଦନ୍ତ କରି ପୋଲିସ ଶନିବାର ରାତିରେ ଭୁବନେଶ୍ୱର ବଡ଼ଗଡ଼ ଥାନା ଅଞ୍ଚଳରୁ ତାଙ୍କୁ ଗିରଫ କରିଥିଲା।

### ଗ୍ରାସ୍‌ରୁଟ୍ସ ଜିମ୍ନାଷ୍ଟ ସେଣ୍ଟର ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ପୁରୀ,୧।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ପୁରୀ ଗ୍ରାସ୍‌ରୁଟ୍ସ ଜିମ୍ନାଷ୍ଟ ସେଣ୍ଟର ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳନ ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ଜାପାନରୁ ଆସିଥିବା ଆର୍ସେଲର ମିତ୍ତଲ ନିପୋନ ଷ୍ଟିଲ କମ୍ପାନୀ ମାନବ ସମ୍ବଳ ବିଭାଗର ନିର୍ଦ୍ଦେଶକ କେଇଜି। ସେ ଛାତ୍ରୀଛାତ୍ରଙ୍କୁ ଜିମ୍ନାଷ୍ଟିକ ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ସିଏସ୍ଆର ମୁଖ୍ୟ ବିକାଶ ଏବଂ ଏଚ୍ଆର ଲିଡ୍ ଧ୍ରୁବ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାଷ୍ଟରୁଟ୍ସ ସେଣ୍ଟରର ୧୫୦ରୁ ଅଧିକ ଛାତ୍ରୀଛାତ୍ର ଜିମ୍ନାସିୟମ ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ପୋଷଣ ସମ୍ପର୍କିତ ପରାମର୍ଶ ଦିଆଯାଇଥିଲା। ସଫଳ ଜିମ୍ନାଷ୍ଟ ହେବା ପାଇଁ ପିଲାମାନେ କି ଖାଦ୍ୟ ଖାଇବା ଆବଶ୍ୟକ ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା।

### ଅନ୍ନପୂର୍ଣ୍ଣା ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ସଚେତନତା
#### ଲୋକଙ୍କୁ ଉଦ୍ଧାର କରିବା କୌଶଳ ଶିଖାଇଲେ

ଚାରିଛକ,୧।୯(ଶିଶିର ସ୍ୱାଇଁ)

ପୁରୀ ଜିଲା ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନିମାପଡ଼ା ଅଗ୍ନିଶମ ବିଭାଗର କେନ୍ଦ୍ରୀୟ ଅଧିକାରୀ ସରୋଜକାନ୍ତ ସାହୁ ଏବଂ ତାଙ୍କ ଟିମ୍‌ଙ୍କ ଦ୍ୱାରା ଅଗ୍ନି ନିରାପତ୍ତା ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନ ଶିକ୍ଷୟିତ୍ରୀ ସନସ୍ୱିନୀ ଲେଙ୍କାଙ୍କ ସଭାପତିତ୍ୱରେ ସଚେତନତା ସଭା ଆୟୋଜନ କରାଯାଇଥିଲା। ଅଗ୍ନିଶମ ବିଭାଗର କେନ୍ଦ୍ରୀୟ ଅଧିକାରୀ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଅଗ୍ନି ଲାଗିବାର କାରଣ, ଅଗ୍ନିର ପ୍ରକାର ଭେଦ, ଅଗ୍ନିଠାରୁ କିପରି ନିଜେ ଓ ନିଜ ପରିବାର ସୁରକ୍ଷିତ ରହିବା ଅନ୍ୟମାନଙ୍କୁ ସୁରକ୍ଷିତ ରଖିବାର ସଚେତନତା ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀମାନେ ମକ୍ ଡ୍ରିଲ କରି ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ମାନର କୌଶଳ ଶିଖାଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ସହ ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ପ୍ରଣତୀ ବେହେରା, ରାନୀ ବସ୍ତିଆ, ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ର, ହରିହର ମୁଦୁଲି, ବିଭୁପ୍ରସନ୍ନ ଦାଶ, ମାନସ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପାଠପଢ଼ା, ଖେଳକୁଦ ବୟସରେ ଶଯ୍ୟାଶାୟୀ

■ ଅଜଣା ରୋଗରେ ଆକ୍ରାନ୍ତ ଉପମନ୍ୟୁ
■ ଚିକିତ୍ସାରେ ବାଧକ ସାଜିଛି ଅର୍ଥାଭାବ

ଅସ୍ତରଙ୍ଗ,୧।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ବିପଦ କେତେବେଳେ କେମିତି ଆସେ କେହି କହିପାରନ୍ତି ନାହିଁ। ତେବେ ତାହା ଯେତେବେଳେ ଅଜଣା ରୋଗ ରୂପରେ ଆସେ ପରିସ୍ଥିତି ସଙ୍ଗିନ ହୋଇଯାଏ। ଗୋଟିଏ ଗରିବ ପରିବାରର ମେରୁଦଣ୍ଡ ଭାଙ୍ଗିଦେଇଛି ଏମିତି ଏକ ରୋଗ। ମା'ବାପାଙ୍କ ଆଗରେ ନାଚକୁଦ ଓ ପାଠପଢ଼ା ବୟସରେ ସେମାନଙ୍କ ଉପରେ ସେ ଏକପ୍ରକାର ବୋଝ ହୋଇପଡ଼ିଛନ୍ତି। ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଆଳସାହି ଗ୍ରାମର ମନୋରଞ୍ଜନ ବେହେରା ଓ ଉତ୍ତରା ବେହେରାଙ୍କ ୧୩ ବର୍ଷର ପୁଅ ଉପମନ୍ୟୁ। ତାଙ୍କୁ ସୁସ୍ଥ କରିବା ପାଇଁ ଜମିବାଡ଼ି ବିକିଦେଲେଣି ମା'ବାପା। ତଥାପି ସୁଫଳ ମିଳୁନାହିଁ। ଚିକିତ୍ସା ଲାଗି ଆବଶ୍ୟକ ଲକ୍ଷାଧିକ ଟଙ୍କା। ଏବେ ସରକାରୀ କିମ୍ବା ସହୃଦୟ ବ୍ୟକ୍ତିଙ୍କ ସହାୟତା ହିଁ ଭରସା। ପରିବାର ଲୋକଙ୍କ କହିବା ଅନୁଯାୟୀ, ୭ ମାସ ତଳେ ସବୁ ଠିକ୍‌ଠାକ୍ ଥିଲା। ଉପମନ୍ୟୁ ଖୁସିରେ ସାଙ୍ଗସାଥୀଙ୍କ ମେଳରେ ଖେଳକୁଦ କରିବା ସହ ପାଠ ପଢ଼ୁଥିଲେ। ହଠାତ୍ ସେ ଅଜଣା ରୋଗରେ ଆକ୍ରାନ୍ତ ହେଲେ। ଗତବର୍ଷ ହୋଲିପର୍ବ ପରେ ପରେ ଉପମନ୍ୟୁଙ୍କ ଶରୀରରେ ଘିମିରି ଭଳି କିଛି ହେଲା। ପରିବାର ଲୋକେ ତାଙ୍କୁ ବିଭିନ୍ନ ମେଡିକାଲ ନେବା ପରେ ମଧ୍ୟ ସୁଫଳ ମିଳିଲାନାହିଁ। ଉପମନ୍ୟୁଙ୍କ ରୋଗ ବଢ଼ି ଦେହସାରା ବ୍ୟାପିଗଲାଣି। ଚଲାବୁଲା ତ ଦୂରର କଥା, ଏବେ ସେ ଶଯ୍ୟାଶାୟୀ। କିଛିଦିନ ତଳେ ଜଣେ ଡାକ୍ତର ରୋଗ ଚିହ୍ନଟ କରିବା ସହ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ବୋଲି କହିଛନ୍ତି, ଯାହା ଏବେ ଉପମନ୍ୟୁଙ୍କ ପରିବାର ଉପରେ ପାହାଡ଼ ସଦୃଶ ହୋଇପଡ଼ିଛି।


ଶଯ୍ୟାଶାୟୀ ଅବସ୍ଥାରେ ଉପମନ୍ୟୁ ବେହେରା।

ମା' ଉତ୍ତରା କହିଛନ୍ତି, ୭ ମାସ ମଧ୍ୟରେ ପୁଅର ଚିକିତ୍ସା ପାଇଁ ଜମିବାଡ଼ି ବିକିଦେବା ସହ ସବୁ ଅର୍ଥ ଖର୍ଚ୍ଚ କରିସାରିଲୁଣି। ଆଉ ସମ୍ବଳ ନାହିଁ। ଏବେ ଚିକିତ୍ସା ଲାଗି ସରକାରୀ ଓ ବେସରକାରୀ ସଂସ୍ଥାର ସହାୟତା ଜରୁରୀ। ହାତରେ ଟଙ୍କାଟିଏ ବି ନ ଥିବା ବେଳେ ବାହାରେ କେମିତି ପୁଅର ଚିକିତ୍ସା କରିବେ ତାହା ଭାବି ମଧ୍ୟ ପାରୁନାହାନ୍ତି। ହାତରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଥିଲେ ହେଁ ତାହା କାମକୁ ନୁହଁ ବୋଲି କହି ମେଡିକାଲ କର୍ତ୍ତୃପକ୍ଷ ଫେରାଇ ଦେଉଛନ୍ତି। ଏବେ ପୁଅର ଏଭଳି ଅବସ୍ଥା ଦେଖି ମା' ଆଖିରୁ ଲୁହ ଶୁଖୁନି। ନାତିକୁ ଆରୋଗ୍ୟ କରିବା ଲାଗି ଜେଜେମା' ଗାଁ ଗାଁ ବୁଲି ଭିକ୍ଷାବୃତ୍ତି କରୁଛନ୍ତି। ଏ ବିଷୟରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି କହିଛନ୍ତି, ଉପମନ୍ୟୁଙ୍କ ଘରକୁ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ଘଟଣା ସମ୍ପର୍କରେ ବୁଝିବା ପରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ସରକାରୀସ୍ତରରେ ଓ ରେଡ୍‌କ୍ରସ୍ ତରଫରୁ ଯାହାସବୁ ସୁବିଧା ସୁଯୋଗ ଅଛି, ତାହାର ବ୍ୟବସ୍ଥା କରାଯିବ। ଯଦି କୌଣସି ସହୃଦୟ କିମ୍ବା ବଦାନ୍ୟ ବ୍ୟକ୍ତି ଉପମନ୍ୟୁଙ୍କୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି ତା'ହେଲେ ତାଙ୍କ ବାପା ମନୋରଞ୍ଜନଙ୍କ ଫୋନ୍ ପେ' ନମ୍ବର (୭୭୮୮୪୧୬୯୧) ଅଥବା ୭୭୮୮୪୧୬୯୧ ମାଧ୍ୟମରେ ସହାୟତା ପଠାଇପାରିବେ। ଆପଣଙ୍କର ଏକ ଛୋଟ ସହାୟତା କୁନି ଉପମନ୍ୟୁଙ୍କ ମୁହଁରେ ହସ ଫୁଟାଇବାରେ ସହାୟକ ହେବ।


ରାଜ୍ୟପାଳ ରଘୁବର ଦାସଙ୍କ ସହଧର୍ମିଣୀ ରୁକ୍ମିଣୀ ଦେବୀ ସପରିବାର ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

## ଚାନ୍ଦୁଆର ବିକାଶରେ ପିପିଲିର ବିକାଶ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

ପିପିଲି,୧।୯(ପ୍ରଭାତ କୁମାର ମହାପାତ୍ର/ଦୁର୍ଗା ମାଧବ ମିଶ୍ର)

ପିପିଲି ଏନ୍ଏସି ପକ୍ଷରୁ ୫୨ତମ ସ୍ୱାୟତ୍ତ ଶାସନ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଏନ୍ଏସି ସଭାଗୃହରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ଏନ୍ଏସିରେ ପିପିଲି ଚାନ୍ଦୁଆର ବିକାଶ ଉପରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ଏନ୍ଏସି ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ପୁରୀ ନିମାପଡ଼ା କୋଅପରେଟିଭ ବ୍ୟାଙ୍କ୍ ସଭାପତି କିଶୋର ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ। ପିପିଲି ଏନ୍ଏସି କାର୍ଯ୍ୟାଳୟ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହେବାକୁ ଅର୍ଥ ବାଧକ ସାଜିଥିବାବେଳେ ଉକ୍ତ କାର୍ଯ୍ୟାଳୟ ଗୃହ ପୂର୍ଣ୍ଣାଙ୍ଗ ସହିତ ପିପିଲିର ବିକାଶରେ ସାଂସଦ ପାଣ୍ଠି ଯୋଗାଇଦେବାକୁ ଏନ୍ଏସି ଅଧ୍ୟକ୍ଷ ସେକ ବାବୁ ଖୁଣ୍ଟିଆଙ୍କୁ ଅନୁରୋଧ କରିଥିଲେ। ପିପିଲିରେ ବାଇପାସ୍ ରାସ୍ତା ନିର୍ମାଣ ପୂର୍ବରୁ ତୀର୍ଥଯାତ୍ରୀ, ପର୍ଯ୍ୟଟକମାନେ ପିପିଲି ବଜାର ଦେଇ ଯାଉଥିଲେ। ବାଇପାଶ ରାସ୍ତା ନିର୍ମାଣ ପରେ ପିପିଲି ବଜାର ଦେଇ କେହି ଯାଉନାହାନ୍ତି। ତେଣୁ ପିପିଲି ଏନ୍ଏସି ପକ୍ଷରୁ ଏକ ଚାନ୍ଦୁଆ ବଜାର ନିର୍ମାଣ କରାଯାଇ ପିପିଲିର ପୂର୍ବ ଗୌରବକୁ ଫେରାଇ ଆଣିବାକୁ ଉଦ୍ୟମ କରାଯାଉ। ଯେତେ ଟଙ୍କା ଲାଗିବ ସବୁ ଯୋଗାଇଦେବାକୁ ଖୁଣ୍ଟିଆ କହିଥିଲେ। କାର୍ଯ୍ୟକ୍ରମରେ ସ୍ୱଚ୍ଛ ସାଥୀ, ପୂର୍ବତନ କାଉନସିଲର, ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଓ ସ୍ୱେଚ୍ଛାସେବୀ ପ୍ରତିନିଧିଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ପିପିଲି କଲେଜର ସଙ୍ଗୀତ ଅଧ୍ୟାପକ ସଚିକାନ୍ତ ନାୟକ ମଞ୍ଚ ପରିଚାଳନା ଏବଂ ଅତିଥି ପରିଚୟ ଦେଇଥିଲେ।

## ଡ୍ରାଇଭର ମହାସଂଘର ଶୋଭାଯାତ୍ରା


ଡ୍ରାଇଭରମାନେ ଥାନା ସମ୍ମୁଖରେ ଏକଜୁଟ୍ ହୋଇ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି।

ନିମାପଡ଼ା,୧।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଡ୍ରାଇଭର ମହାସଂଘ ଆହ୍ୱାନକ୍ରମେ ରବିବାର ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶତାଧିକ ଡ୍ରାଇଭରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବିଭିନ୍ନ ନାରା ଦେଇ ସହର ପରିକ୍ରମା କରିଥିଲା। ବାଇକ୍ ଚାଳକମାନେ ହେଲମେଟ୍ ପିନ୍ଧି ଗାଡ଼ି ଚଳାଇବା, ଡ୍ରାଇଭରମାନେ ୟୁନିଫର୍ମ ପିନ୍ଧି ଗାଡ଼ି ଚଳାଇବା, ନିଶା ସେବନ କରି ଗାଡ଼ି ନ ଚଳାଇବା, ଚାଳକ ସିଟ୍‌ବେଲ୍ଟ ପିନ୍ଧିବା ସମ୍ପର୍କରେ ଶତାଧିକ ଡ୍ରାଇଭର ବିଭିନ୍ନ ଛକ, ବଜାରରେ ଲୋକଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ପରେ ଥାନା ସମ୍ମୁଖରେ ଏକଜୁଟ୍ ହୋଇ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏହି ଦିବସ ପାଳନ ଅବସରରେ ମହାସଙ୍ଘ ପକ୍ଷରୁ ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ, ଏସ୍ଆଇ ଦିଲୀପ ପଣ୍ଡାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଡ୍ରାଇଭର ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ବିଭିନ୍ନ କ୍ଷେତ୍ରରେ ପୋଲିସକୁ ସହଯୋଗର ହାତ ବଢ଼ାଇବା ସମ୍ପର୍କରେ ପୋଲିସ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିମାପଡ଼ାରେ ଥିବା ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିରେ ମହାସଙ୍ଘ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ମହାସଙ୍ଘ ସଭାପତି ଶୁକଦେବ ବେହେରା, ଉପସଭାପତି ବାପି କୁମାର, ସମ୍ପାଦକ ଅଜୟ ବେହେରା, ସହସମ୍ପାଦକ ପ୍ରଶାନ୍ତ ସାହୁ, ସୁଶେନ ଖୁଣ୍ଟିଆ, ଓମ ପ୍ରକାଶ ନାୟକ, ରାଜେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ୍ତାହିକ ପାଠଚକ୍ର

ସାକ୍ଷୀଗୋପାଳ,୧।୯(ଭରତ ରାଉତ)

ଓଡ଼ିଆ ବିଶ୍ୱବିଦ୍ୟାଳୟ ଅଧୀନ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ବିଭାଗୀୟ ଶ୍ରେଣୀ ପ୍ରକୋଷ୍ଠରେ ସାପ୍ତାହିକ ପାଠଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ନାରାୟଣ ପ୍ରସାଦ ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ସହକାରୀ ଅଧ୍ୟାପକ ଡ. ରାଧାଗୋବିନ୍ଦ କୁଇଲା ସମୀକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ଏକ ସ୍ଥିରଚିତ୍ର ପ୍ରତିଷ୍ଠା କରାଯାଇ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ପାଠଚକ୍ରରେ ବିଭାଗୀୟ ଛାତ୍ରୀ ସୁଶ୍ରୀ ଶୁଭଲଗ୍ନା ଜାଲି 'ଶୈବଧର୍ମ ପ୍ରଖ୍ୟାପକ ଓଡ଼ିଆ ଗ୍ରନ୍ଥ: କତିପୟ' ଏବଂ ସୁଶ୍ରୀ ଆଲଫା ସାମଲ '୧୯୮୦ ପରବର୍ତ୍ତୀ କବିତାରେ ବାମାବାଦୀ ଚେତନା' ପ୍ରସଙ୍ଗରେ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ସୁଶ୍ରୀ ମଧୁସ୍ମିତା ନାୟକ ପାଠଚକ୍ର ସଞ୍ଚାଳନ କରିଥିଲେ। ଶୁଭଶ୍ରୀ ବିଶ୍ୱାଳ, ବବି ପ୍ରଧାନ, ମୀନାକ୍ଷୀ ନାୟକ ଏବଂ ମନୀଷା ସେଠୀ 'ଆହେ ନୀଳଶୈଳ' ପାରମ୍ପରିକ ଜଣାଣ ଗାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପାଠଚକ୍ରର ଉପାଦେୟତା ତଥା ଆଲୋଚିତ ପ୍ରବନ୍ଧଗୁଡ଼ିକ ଉପରେ ସଂକ୍ଷିପ୍ତ ଦୃଷ୍ଟିକୋଣ ଉପସ୍ଥାପନା ପୂର୍ବକ ବେହେରା ନିଜର ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ। ଶୁଭଶ୍ରୀ ବିଶ୍ୱାଳ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ। ତୁଳସୀ ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

## ଫାଇଲେରିଆ ସଚେତନତା କର୍ମଶାଳା

କଣାସ,୧।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ସାନପୁଟ ଗ୍ରାମପଞ୍ଚାୟତର ଛୋଟିଯୋଡ଼ି ଗ୍ରାମରେ ଲେପ୍ରୋସୋସାଇଟି ପକ୍ଷରୁ ଫାଇଲେରିଆ ରୋଗର ନିରାକରଣ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ୩୦ଜଣ ବାତଜ୍ୱର ରୋଗୀ ସାମିଲ୍ ହୋଇଥିଲେ। ରୋଗୀମାନଙ୍କର ଚପଲ ମାପ ନେବା ସହିତ ଫାଇଲେରିଆ ରୋଗ ନିରାକରଣ ନିମନ୍ତେ ସଚେତନ କରାଯାଇଥିଲା। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଶ୍ୱରଞ୍ଜନ ଜେନା ଯୋଗଦେଇଥିବା ବେଳେ ଲେପ୍ରୋସୋସାଇଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## କୋଣାର୍କ ଏନ୍ଏସିରେ ସ୍ୱାୟତ୍ତ ଶାସନ ଦିବସ

କୋଣାର୍କ,୧।୯(ଜ୍ୟୋତିରାଜ ମୋହନ୍ତି)

କୋଣାର୍କ ଏନ୍ଏସି କାର୍ଯ୍ୟାଳୟ ପରିସରରେ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରିଥିଲେ। କୋଣାର୍କକୁ ସରସ ସୁନ୍ଦର ସହର ଭାବେ ଗଢିତୋଳିବା ଆମର ଲକ୍ଷ୍ୟ ବୋଲି ବେହେରା କହିଥିଲେ। ଆୟୋଜିତ ସଭାରେ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ଉପାଧ୍ୟକ୍ଷ ସୁରେଶ ରାଉତରାୟ, ସମସ୍ତ କାଉନସିଲର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ କାଉନସିଲର ସଭା ଗୃହ, ଚାରାରୋପଣ, ସଫେଇ କର୍ମଚାରୀଙ୍କୁ ପୋଷାକ ବଣ୍ଟାଯାଇଥିଲା ୭ ନଂ. ୱାର୍ଡ ବାଣପଦା ଗ୍ରାମରେ ମିନି ପାର୍କ ଓ ଓପନ ଜିମ୍ ସେଣ୍ଟରର ଉଦ୍‌ଘାଟନ କରାଯାଇଥିଲା। ଏଥିରେ ବିଧାୟକଙ୍କ ସମେତ କାଉନସିଲର କୃଷ୍ଣପ୍ରିୟା ନାୟକ, କୋଣାର୍କ ନଗର ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରା, ସୁରେଶ ଚନ୍ଦ୍ର ନାୟକ, ସୁଶାନ୍ତ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ। କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟାଯାଇଥିଲା।

## ଭଙ୍ଗାଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

ଯୋଗେଶ୍ୱରପୁର,୧।୯(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅଧୀନ ଇଶାଣପୁର ପଞ୍ଚାୟତର ନୟାହାଟ ଅଞ୍ଚଳର ଆମ୍ବାପଡ଼ା ଗ୍ରାମର ଆମ୍ବାପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡି କେନ୍ଦ୍ର ଭଙ୍ଗା ଆଜବେଷ୍ଟସ ଘରେ ପରିତ୍ୟକ୍ତ ଅବସ୍ଥାରେ ଚାଲିଛି। ସେଠାରେ କୋମଳମତି ଶିଶୁମାନେ ବିପଦପୂର୍ଣ୍ଣ ଭାବେ ପାଠ ପଢୁଛନ୍ତି। ଫଟା କାନ୍ଥ ଓ ଖୋଲା ଆକାଶ ତଳେ ପିଲାଙ୍କ ପାଇଁ ରନ୍ଧାଯାଉଥିବା ଖାଦ୍ୟକୁ ବାରଣ୍ଡାରେ ବସି ଶିଶୁମାନେ ଖାଉଛନ୍ତି। ସେଠାରେ ନୂତନ ଗୃହ ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫ ଲକ୍ଷ ଟଙ୍କା ରାଜ୍ୟ ସରକାରଙ୍କ ଅନୁଦାନରେ ଗତ ୨ ବର୍ଷ ହେଲା ଅଧାଗଢ଼ା ଅବସ୍ଥାରେ ପଡ଼ିରହିଛି। ଏହି କାର୍ଯ୍ୟ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ, କାର୍ଯ୍ୟ ଠିକାଦାର ଶେଷ କରି ନ ଥିବାରୁ ବିଲ୍ ବନ୍ଦ ରହିଛି। ଫଳରେ କୋମଳମତି ଶିଶୁମାନେ ଭଙ୍ଗାଘରେ ପାଠ ପଢୁଥିବାରୁ ତୁରନ୍ତ ଉକ୍ତ କାର୍ଯ୍ୟକୁ ଅନ୍ୟ ଠିକାଦାରଙ୍କୁ ଦିଆଯାଇ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**୨ ବର୍ଷ ହେଲା ସରୁନି ଘର ନିର୍ମାଣ**



## ପୋଖରୀରେ ବୁଡ଼ି ନାବାଳକ ମୃତ

ବଳଙ୍ଗା,୧।୯(କେଦାରେଶ୍ୱର ନନ୍ଦ)

ଜଣେ ନାବାଳକ ତାଙ୍କ ମାମୁ ଘରକୁ ଦଶାହ କାର୍ଯ୍ୟକ୍ରମରେ ଆସିଥିବାବେଳେ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସେ ହେଲେ ବଳଙ୍ଗା ଥାନା ଅଧୀନ ମହୁରା ଗ୍ରାମର ଗୋବିନ୍ଦଚନ୍ଦ୍ର ସାହୁଙ୍କ ପୁଅ ତପନ ସାହୁ(୧୪)। ଶନିବାର ସକାଳୁ ତପନ ବଳଙ୍ଗା ଥାନା ଅଧୀନ ଦୁର୍ଗାପୁର ମାମୁଘରକୁ ଆସି ଦଶାହ କାର୍ଯ୍ୟରେ ସବୁ ବନ୍ଧୁବାନ୍ଧବଙ୍କ ସହିତ ଗ୍ରାମ ମୁଣ୍ଡ ପୋଖରୀକୁ ଯାଇଥିଲେ। ଦଶାହ କାର୍ଯ୍ୟ ସରିବା ପରେ ତପନଙ୍କୁ କେହି ପାଇ ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କୁ ପୋଖରୀରୁ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ପିପିଲି ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଳଙ୍ଗା ପୋଲିସ ଖବର ପାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି।

## ବିଦ୍ୟାଳୟରେ ଲାଗିଲା ସେଲ୍‌ଫି ପଏଣ୍ଟ

ଗୋପ,୧।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ୍ ଅନ୍ତର୍ଗତ ଇଷାଣପୁର ପଞ୍ଚାୟତ ଅଧୀନ ସିରେଇ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଲଲାଟ ଚନ୍ଦ୍ର ବେହେରା ସବୁ ସମୟରେ ଚର୍ଚ୍ଚାରେ ଥିବାବେଳେ ଏବେ ସ୍କୁଲ ପରିସରରେ ସେଲ୍‌ଫି ପଏଣ୍ଟ ମାଧ୍ୟମରେ ପାଠପଢ଼ାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ପ୍ରକାଶ ଯେ ଶିକ୍ଷକତାକୁ ଜୀବନର ବ୍ରତ ରୂପେ ବାଛି ନେଇଥିବା ଏହି ଶିକ୍ଷକ ଜଣଙ୍କ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଲାଗି ଉଦାହରଣ ସାଜିଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ପରିବେଶ ସନ୍ତୁଳନ ରକ୍ଷା, ଗୁଣାତ୍ମକ ଶିକ୍ଷାଦାନ ଅନୁଶାସନ, ସରକାରୀସ୍ତରରେ ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ସଫଳତାର ସହ ଛାତ୍ରୀଛାତ୍ରମାନଙ୍କ ଲାଗି ୩୫ ଖଣ୍ଡରୁ ଊର୍ଦ୍ଧ୍ୱ ଗଣିତ ପୁସ୍ତକ ଲେଖି ସବୁ ସମୟରେ ଜିଲା ଓ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛନ୍ତି। ଶିକ୍ଷା କ୍ଷେତ୍ରରେ ଆଉ ପାଦେ ଆଗକୁ ଯାଇ ସ୍କୁଲ ପରିସରରେ ଗୋଟିଏ ସେଲ୍‌ଫି ପଏଣ୍ଟ (ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ) କରି ଚର୍ଚ୍ଚାରେ ରହିଛନ୍ତି। ଏପରି ଏକ ଶିକ୍ଷା ଜ୍ଞାନ ସମ୍ପର୍କରେ ଶିକ୍ଷକ ଲଲାଟ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ମୁଁ ସରକାରଙ୍କ ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରକୁ ଗୁରୁତ୍ୱ ଦେଉଛି।




## ଉପମୁଖ୍ୟମନ୍ତ୍ରୀଙ୍କ ଘରକୁ ସଂଯୋଗୀକରଣ ରାସ୍ତା ଶୋଚନୀୟ

ନିମାପଡ଼ା,୧।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍ଏସିର ୪ନଂ. ୱାର୍ଡ ଅଧୀନ ବ୍ଲକ ଓ ପୂର୍ତ୍ତ ବିଭାଗ ମୁଖ୍ୟ ଛକରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିଜସ୍ୱ ଘରକୁ ସଂଯୋଗୀକରଣ ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାଟି ମୁଖ୍ୟତଃ ପ୍ରଭାତୀଙ୍କ ଘର ସମେତ ପୂର୍ଣ୍ଣେଶ୍ୱରୀ ସାହି, ଭୁବନପୁର ଆଦି ଗ୍ରାମକୁ ସଂଯୋଗୀକରଣ ରାସ୍ତା। ଏହି ରାସ୍ତା ଦେଇ କୃଷି ବିଭାଗ, ଆର୍‌ସିଏମ୍ଏସ୍, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଭାଜପା, କାର୍ଯ୍ୟାଳୟକୁ ଦୈନିକ ଶହଶହ ଜନସାଧାରଣ ଯାନବାହନ ଚଳାଚଳ କରିଥାଏ। ବର୍ଷାବେଳେ ରାସ୍ତାରେ ପାଣି ଜମିବା ଯୋଗୁ ସାଧାରଣ ଯାତାୟାତରେ ଘୋର ସମସ୍ୟା ସୃଷ୍ଟି ହେଉଛି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଭେଣ୍ଡିଂ ଜୋନ୍ ବ୍ୟବସାୟୀ, ଗ୍ରାହକ, ସାଧାରଣ ଲୋକେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ହେଲେ ଏନ୍ଏସି କର୍ତ୍ତୃପକ୍ଷଙ୍କ ଏ ଦିଗରେ ଦୃଷ୍ଟି ପଡୁ ନ ଥିବା ଦେଖାଯାଉଛି। ଦୀପ ତଳ ଅନ୍ଧାର ସଦୃଶ ବ୍ଲକ, ତହସିଲ, ପୂର୍ତ୍ତ ବିଭାଗ, କୃଷି ବିଭାଗ ଓ ଏନ୍ଏସି କାର୍ଯ୍ୟାଳୟର ଖୁବ୍ ନିକଟରେ ଏହି ରାସ୍ତାଟି ରହିଥିଲେ ହେଁ ଏହି ରାସ୍ତାଟିର ମରାମତି ପ୍ରତି ଆଦୌ ଦୃଷ୍ଟି ଦିଆଯାଉନାହିଁ। ଏହି ରାସ୍ତାଟିର ଅବସ୍ଥା କେବେ ସୁଧୁରିବ ତାହା ସ୍ପଷ୍ଟ ଜଣାପଡୁନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ମାତ୍ର ଦେଢଶହ ମିଟର ଏହି ସଂଯୋଗୀକରଣ ରାସ୍ତା ମରାମତି କରାଯିବାକୁ ଭେଣ୍ଡିଂ ଜୋନ୍ ବ୍ୟବସାୟୀ ଲୋକନାଥ ଦାଶ, ରାଜକିଶୋର ସାହୁ, ଅଜୟ କୁମାର ସ୍ୱାଇଁ, ଅବିନାଶ ମହାପାତ୍ର, ଭାସ୍କର ସାହୁ, ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ଉପମୁଖ୍ୟମନ୍ତ୍ରୀ ଏନ୍ଏସି କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ ଦାବି କରିଛନ୍ତି ଏ ସମ୍ପର୍କରେ ଏନ୍ଏସି ସହକାରୀ ଯନ୍ତ୍ରୀ ଅନାଥ ସାହୁଙ୍କୁ ପଚାରିବାରେ, ଆସନ୍ତା କାଉନସିଲ ବୈଠକରେ ଏହି ରାସ୍ତା କାର୍ଯ୍ୟ କଥା ଅବଗତ କରାଯାଇ ଆପ୍ରୁଭ କରାଯିବ ଓ ଖୁବ୍‌ଶୀଘ୍ର ରାସ୍ତା ମରାମତି କାର୍ଯ୍ୟ କରାଯିବ ବୋଲି ସାହୁ କହିଛନ୍ତି। ଖୁବ୍‌ଶୀଘ୍ର ରାସ୍ତା ମରାମତି କରା ନ ଗଲେ ଭେଣ୍ଡିଂ ଜୋନ୍ ବ୍ୟବସାୟୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।



# 'କଫି, କଥା ଓ କବିତା ୭.୦'

ଭୁବନେଶ୍ୱର,୧।୯ (ଅନୁରାଧା ମହାରଣା)

କଳିଙ୍ଗ ଭାଷା ମୁକ୍ତମଞ୍ଚ ପକ୍ଷରୁ ରବିବାର କଫି, କଥା, କବିତାର ସପ୍ତମ ସଂସ୍କରଣ 'କଫି, କଥା ଓ କବିତା ୭.୦' ସ୍ଥାନୀୟ ରୋଟାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ କେବଳ ପଢ଼ିବା ନିମନ୍ତେ ଉଦ୍ଦିଷ୍ଟ ନ ହୋଇ ମଞ୍ଚରେ ପରିବେଷଣ ହୋଇ ଅଧିକ ଆଦୃତି ପାଇପାରିଛି ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଓଡ଼ିଆ ଭାଷା ପ୍ରତି ଭଲପାଇବା, ଆଗ୍ରହ, ସଚେତନତା ବଢ଼ାଇବା ଉଦ୍ଦେଶ୍ୟରେ ପୁରୁଣା ଗୀତ, କବିତା ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସାହିତ୍ୟିକ ଅମୀୟ ରଞ୍ଜନ ମହାପାତ୍ର, ଅମରେଶ ବିଶ୍ୱାଳ, ଶକ୍ତି ମହାନ୍ତି ଯୋଗଦେଇ କବିତା ପାଠ କରିଥିଲେ। କବି ଶ୍ରୀସିକ୍ତା ଶୁଭଦର୍ଶିନୀ କାର୍ଯ୍ୟକ୍ରମରେ ଉପସ୍ଥାପନା କରିଥିଲେ। ମଞ୍ଚରେ କବିତା, ଗୀତ ପରିବେଷଣ କରିଥିବା ତରୁଣମାନଙ୍କୁ ପାରିତୋଷିକ ମଧ୍ୟ ପ୍ରଦାନ କରାଯାଇଥିଲା। କଳିଙ୍ଗ ଭାଷା ମୁକ୍ତମଞ୍ଚ ପରିବାରର ମୁଖ୍ୟ ସତ୍ୟଶିବ ସୁନ୍ଦର ଦାସ ଧନ୍ୟବାଦ ଦେଇଥିଲେ।

# ପ୍ରେମିକା ସହ ମିଶି ବ୍ରାଉନସୁଗାର ବେପାର କରୁଥିଲେ ବିଟେକ୍ ଛାତ୍ର

ଭୁବନେଶ୍ୱର,୧।୯(ସୂର୍ଯ୍ୟକାନ୍ତ ବେହେରା)

ପ୍ରେମିକା ସହ ମିଶି ବ୍ରାଉନସୁଗାର କାରବାର କରୁଥିଲେ ବିଟେକ ଛାତ୍ର। ନିଜେ ବ୍ରାଉନସୁଗାର ଖାଇବା ସହିତ ସାଙ୍ଗ ଓ ସହପାଠୀଙ୍କୁ ବିକ୍ରି କରୁଥିଲେ। ନିଶା ବେପାରରୁ ମିଳୁଥିବା ଟଙ୍କାରେ ଅଏସ ଜୀବନଯାପନ କରୁଥିଲେ ପ୍ରେମିକା ଓ ପ୍ରେମିକ। ଦୀର୍ଘଦିନ ଧରି ନିଶା କାରବାର କରି ଆସୁଥିବା ଏହି ଅଭିଯୁକ୍ତ ପ୍ରେମି ଯୁଗଳଙ୍କ ସହ ୩ ଜଣଙ୍କୁ ଧରିଛି ଭୁବନେଶ୍ୱର ଅବକାରୀ ଟିମ୍। ସେମାନଙ୍କଠାରୁ ୨୭୫ ଗ୍ରାମ ବ୍ରାଉନସୁଗାର ଓ ଅପରାଧରେ ବ୍ୟବହୃତ କାର ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଅଧିକ ହେବ। ଧରାପଡିଥିବା ୩ଜଣ ହେଲେ ଏୟାରଫିଲ୍ଡ ଥାନା ଅଞ୍ଚଳର ରଶ୍ମିତା ପାଢୀ ଓ ତାଙ୍କ ପୁରୁଷ ବନ୍ଧୁ ଶୁଭ୍ରଜ୍ୟୋତି ମହାନ୍ତି ଏବଂ ସହଯୋଗୀ ତଥା ସାଙ୍ଗ ବାପୁଜୀ ନଗର ଅଞ୍ଚଳର ରାହୁଲ ନାୟକ। ନୟଗଡ ଅଞ୍ଚଳରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ ଓ ଇଞ୍ଜିନିୟର କଲେଜ ଛାତ୍ରମାନଙ୍କୁ ବିକ୍ରି କରନ୍ତି। ଏମାନଙ୍କ ରାକେଟ ସମ୍ପର୍କରେ ଅଧିକ ତଦନ୍ତ କରାଯାଉଛି। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରବିବାର ସକାଳେ ଶୁଭ୍ରଜ୍ୟୋତି, ରଶ୍ମିତା ଓ ସାଙ୍ଗ ରାହୁଲ ବ୍ରାଉନସୁଗାର କିଣି ଏକ କାରରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ଖବର ପାଇ ତମାଣ୍ଡୋ ନିକଟ ରାସ୍ତାରେ ଛକି ରହିଥିବା ଅବକାରୀ ବିଭାଗ ଟିମ୍ ଉକ୍ତ ଗାଡିକୁ ଦେଖି ପିଛା କରିଥିଲେ। ଶୁଭ୍ରଜ୍ୟୋତି ଏହା ଜାଣିବା ପରେ କ୍ୟାପିଟାଲ ହସ୍ପିଟାଲ ଛକ ଦେଇ କେଦାରପଲ୍ଲୀ ବସ୍ତି ଭିତରେ ପଶି ଯାଇଥିଲେ। ହେଲେ ସେଠାରୁ ଆଗକୁ ଯିବା ପାଇଁ ବାଟ ନ ଥିବାରୁ ପିଛା କରୁଥିବା ଅବକାରୀ ଟିମ୍ ସେମାନଙ୍କୁ କାବୁକରି ନେଇଥିଲା। ଯାଞ୍ଚ ପରେ କାରରୁ ୨୭୫ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଏଥିସହ ବ୍ରାଉନସୁଗାର ଟାଣିବାରେ ବ୍ୟବହୃତ ହେଉଥିବା ସାମଗ୍ରୀ ଓ ଗୁଟ୍‌ଖା ମିଳିଥିଲା।

### ଯୁବତୀଙ୍କ ସମେତ ୩ ଗିରଫ



ଗିରଫ ରଶ୍ମିତା ଓ ଶୁଭ୍ରଜ୍ୟୋତି।

### ବ୍ରାଉନସୁଗାର ଖାଉଛି, କିନ୍ତୁ ବେପାର କରୁନି

ଅବକାରୀ ହାତରେ ଧରାପଡିବା ପରେ ବ୍ରାଉନସୁଗାର କାରବାରକୁ ଖଣ୍ଡନ କରିଛନ୍ତି ଶୁଭ୍ରଜ୍ୟୋତି ଓ ତାଙ୍କ ପ୍ରେମିକା। ଶୁଭ୍ରଜ୍ୟୋତି କହିଛନ୍ତି, ବ୍ରାଉନସୁଗାର ଖାଉଛି କିନ୍ତୁ ବେପାର କରୁନି। ଆସନ୍ତା ୪ ତାରିଖରେ ଜନ୍ମଦିନ ଥିବାରୁ ସେଲିବ୍ରେସନ ପାଇଁ ବ୍ରାଉନସୁଗାର ଆଣିଥିଲି। ଏହି ଉତ୍ସବରେ ୧୦୦ରୁ ଅଧିକ ପିଲା ଆସିବାର ଥିଲା। ସବୁ ପିଲା ବ୍ରାଉନସୁଗାର ଖାଇବେ ବୋଲି କହିଥିଲେ। ତେଣୁ ସାଙ୍ଗମାନଙ୍କ ପାଇଁ ବ୍ରାଉନସୁଗାର ଧରି ଆସୁଥିଲି ବୋଲି ସେ ସଫେଇ ଦେଇଛନ୍ତି। ଅନ୍ୟପକ୍ଷରେ ରଶ୍ମିତା କହିଛନ୍ତି, ମୁଁ ବ୍ରାଉନସୁଗାର ବେପାର କରେନାହିଁ କି ଖାଏ ନାହିଁ। ଶୁଭ୍ରଜ୍ୟୋତି ଡାକିଲା ବୋଲି ତା' କାରରେ ଯାଇଥିଲି। ହେଲେ ସେ ବ୍ରାଉନସୁଗାର କାରବାର କରୁଥିବା ମୁଁ ଜାଣିନି ବୋଲି ଗଣମାଧ୍ୟମ ଆଗରେ ସେ କହିଛନ୍ତି।

# ବାଂଲାଦେଶୀ ସନ୍ଦେହରେ ଉତ୍ତେଜନା

ଭୁବନେଶ୍ୱର,୧।୯(ସୂର୍ଯ୍ୟକାନ୍ତ ବେହେରା)

### ଅଣ ଓଡ଼ିଆ ଯୁବକ-ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାର ଛକ ନିକଟରେ କେତେଜଣ ଅଣ ଓଡିଆ ଯୁବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ପରସ୍ପରକୁ ଆକ୍ରମଣ ଓ ପ୍ରତିଆକ୍ରମଣ କରିବାରୁ କେତେଜଣ ଆହତ ହୋଇଛନ୍ତି। ଏହାକୁ ନେଇ ରବିବାର ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ମିଳିଥିବା ସୂଚନାନୁସାରେ, କେତେଜଣ ଅଣଓଡ଼ିଆ ଯୁବକ କଲୋନୀ ଭିତରେ ବୁଲାବୁଲି କରୁଥିବା ଓ ବଙ୍ଗଳା ଭାଷା କହୁଥିବା ଦେଖି ସ୍ଥାନୀୟ ଲୋକେ ବାଂଲାଦେଶୀ ସନ୍ଦେହରେ ସେମାନଙ୍କ ପରିଚୟ ଜାଣିବାପାଇଁ ଚେଷ୍ଟା କରିଥିଲା। ଅଣ ଓଡିଆ ଯୁବକମାନେ ନିଜକୁ କବାଡିଆ ବୋଲି କହିବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ ଆଧାର କାର୍ଡ ଦେଖାଇବା ପାଇଁ କହିଥିଲେ। ହେଲେ ଅଣ ଓଡିଆ ଲୋକମାନେ ନ ଦେଖାଇ ଯୁକ୍ତି କରିଥିଲେ। ବଙ୍ଗଳା କହୁଥିବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ ବାଂଲାଦେଶୀ ବୋଲି କହିଥିଲେ। ଯାହାକୁ ନେଇ ଅଣ ଓଡ଼ିଆ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ପରସ୍ପର ଆକ୍ରମଣ କରିବାରୁ ଅଣ ଓଡିଆ ଯୁବକମାନେ ମିଶି ଜଣେ ସ୍ଥାନୀୟ ବ୍ୟକ୍ତିଙ୍କୁ ଦଳବଦ୍ଧ ଭାବେ ଆକ୍ରମଣ କରି ଆହତ ହୋଇଥିଲେ। ଏହାଦେଖି ସ୍ଥାନୀୟଲୋକ ସମସ୍ତ ଅଣ ଓ କାବୁକରି ପିସିଆର୍ ଜିମା ଦେଇଥିଲେ। ଏହି ଘଟଣାନେଇ ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି। ତେବେ ଅଣ ଓଡିଆ ଯୁବକମାନେ ଶିଖରଚଣ୍ଡି ବସ୍ତି ଅଞ୍ଚଳରେ ଥିବା କିଛି କବାଡିଆ ଦୋକାନରେ ଜିନିଷ ବିକ୍ରିକରୁଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି।

# ସୁଭଦ୍ରା କାର୍ଯ୍ୟକାରିତା ପାଇଁ ପ୍ରଶିକ୍ଷଣ ଦେଲା ବିଏମ୍‌ସି

ଭୁବନେଶ୍ୱର, ୧।୯ (ବନ୍ଦନା ସେଠୀ)

ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ଲାଭ ଦେବା ପାଇଁ ବିଏମ୍‌ସି ପକ୍ଷରୁ ତତ୍ପରତା ଦେଖା ଦେଇଛି। ସରକାରଙ୍କ ସ୍ଥିରୀକୃତ ନୀତି ଅନୁସରଣ ପୂର୍ବକ ରବିବାର ବିଏମ୍‌ସି ମୁଖ୍ୟାଳୟରେ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ତିନିଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣରେ ବିଏମସିର ୩ ପ୍ରଶାସନିକ ମଣ୍ଡଳର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ପ୍ରତି ଜୋନର ପ୍ରାୟ ୧୫୦ ଜଣ ଲେଖାଏ ମୋଟ ୪୫୦ରୁ ଅଧିକ ଜୋନାଲ କମିଶନର, ସିଡିପିଓ, ଅଙ୍ଗନୱାଡି ସୁପରଭାଇଜର, କର୍ମୀ, ୱାର୍ଡ ଅଫିସର, କମ୍ୟୁନିଟି ଅର୍ଗାନାଇଜର ପ୍ରଶିକ୍ଷଣ ନେଇଛନ୍ତି। ମୋ ସେବାକେନ୍ଦ୍ରର ସଦସ୍ୟମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଅନ୍‌ଲାଇନ୍‌ରେ ପୂରଣ କରାଯାଇଥିବା ଆବେଦନପତ୍ରଗୁଡ଼ିକର ଭେରିଫାଏ ନେଇ ସ୍ୱତନ୍ତ୍ର ଆଲୋଚନାମାନ କରାଯାଇଥିଲା। କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନରେ ଶୁଭେନ୍ଦୁ କୁମାର ସାହୁ, ସସ୍ମିତା ନାୟକ ଓ ଡେପୁଟି କମିଶନର ପ୍ରିୟଙ୍କା ମଲ୍ଲିକ ବିଭିନ୍ନ ପର୍ଯ୍ୟାୟରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷଣ ପରେ ପ୍ରତି ଜୋନ୍‌କୁ ୧୦ହଜାର ଲେଖାଏ ମୋଟ୍ ୩୦ହଜାର ଫର୍ମ ଦିଆଯାଇଛି। ସେପ୍ଟେମ୍ବର ୩ ରୁ ୫ ମଧ୍ୟରେ ପ୍ରାୟ ୧.୫ ଲକ୍ଷ ଫର୍ମ ବଣ୍ଟନ କରାଯିବା ନେଇ ସ୍ଥିର ହୋଇଛି। ଫର୍ମ ନିମନ୍ତେ କୌଣସି ପ୍ରାପ୍ୟ ନିଆଯିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜନସେବା କେନ୍ଦ୍ରରେ ଯାଇ ଆବେଦନ କରିପାରିବେ। ସିଡିପିଓ, ୱାର୍ଡ ଅଫିସର ଏବଂ ସାଧାରଣ ସେବା କେନ୍ଦ୍ରର କର୍ମୀମାନେ ସେମାନଙ୍କ ସ୍ତରରେ ଫର୍ମ ବାଣ୍ଟି ପାରିବେ।



ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଭୁବନେଶ୍ୱରର ଭଞ୍ଜକଳା ମଣ୍ଡପରେ ନାଟ୍ୟଧାରାରେ ପରିବେଷିତ ନାଟକ 'ଡାହି'କୁ ବରଗଡ଼ର କଳାକାରମାନେ ପରିବେଷଣ କରୁଛନ୍ତି।

# ଧର୍ମାନ୍ତରୀକରଣ ଅଭିଯୋଗରେ ମାଡ଼, ଉତ୍ତେଜନା

ବାରଙ୍ଗ,୧।୯(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଞ୍ଚଳରେ ଧର୍ମାନ୍ତରୀକରଣକୁ ନେଇ ଉତ୍ତେଜନା ଦେଖିବାକୁ ମିଳିଛି। ଟଙ୍କା ଦେଇ ଧର୍ମ ବଦଳାଇବାକୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ରବିବାର ରାଷ୍ଟ୍ରୀୟ ସ୍ୱୟଂ ସହାୟକ ସଂଘ (ଆର୍‌ଏସ୍‌ଏସ୍) ଓ ବଜରଙ୍ଗ ଦଳ କର୍ମକର୍ତ୍ତା ସେମାନଙ୍କୁ ମାଡ଼ ମାରିଥିଲେ। ପୋଲିସ ପହଞ୍ଚି ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ଲୋକଙ୍କୁ ଥାନାକୁ ଆଣିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ମିଳିଥିବା ସୂଚନା ଅନୁଯାୟୀ ରଘୁନାଥପୁର ଗାଁ ମୁଣ୍ଡରେ ଥିବା ସୋମନାଥ ନଗରର ୩ ନଂ. ଲେନ୍‌ର ଏକ ୩ ତାଲା ବିଶିଷ୍ଟ କୋଠାଘରକୁ ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ଲୋକ ଭଡ଼ାସୂତ୍ରରେ ନେଇ ତା' ଭିତରେ ସେମାନଙ୍କର ଉପାସନା ସ୍ଥଳ ନିର୍ମାଣ କରିଥିଲେ। ପ୍ରତି ରବିବାର ସେଠାରେ ଭିଡ଼ ହେଉଥିଲା। ୧ ତାରିଖ ରବିବାର ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏକାଠି ହୋଇଥିଲେ। ସେଠାରେ ଧର୍ମାନ୍ତରୀକରଣ କରାଯାଉଥିବା ଅଭିଯୋଗ ପାଇ ଆର୍‌ଏସ୍‌ଏସ୍ ଓ ବଜରଙ୍ଗ ଦଳ କର୍ମକର୍ତ୍ତା ସ୍ଥାନୀୟ ଯୁବକଙ୍କ ସହାୟତାରେ ଚଢ଼ାଉ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ମାରଧର ପର୍ଯ୍ୟନ୍ତ କଥା ଯାଇଥିଲା।

# କିଶୋର ନ୍ୟାୟ ବ୍ୟବସ୍ଥାରେ ଦିବ୍ୟାଙ୍ଗଙ୍କୁ ସାମିଲ କରାଯାଉ



କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣସିଂହଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୧।୯(ବନ୍ଦନା ସେଠୀ)

କିଶୋର ନ୍ୟାୟ ବ୍ୟବସ୍ଥାରେ ଦିବ୍ୟାଙ୍ଗ ଶିଶୁମାନଙ୍କୁ ଅଧିକ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣସିଂହ ସମସ୍ତ ଅଂଶୀଦାରମାନଙ୍କୁ ଅନୁରୋଧ କରିଛନ୍ତି। କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ଦିବ୍ୟାଙ୍ଗ ଶିଶୁଙ୍କ ସୁରକ୍ଷା ସମ୍ପର୍କିତ ନବମ ବାର୍ଷିକ ଅଂଶୀଦାର ପରାମର୍ଶ ଆଲୋଚନାଚକ୍ରରେ ଭର୍ଚୁଆଲ ଭାବେ ଯୋଗଦେଇ ମୁଖ୍ୟ ବିଚାରପତି ଦିବ୍ୟାଙ୍ଗ ଶିଶୁମାନଙ୍କ ଆବଶ୍ୟକତା ଓ ଆହ୍ୱାନର ମୁକାବିଲା ଉପରେ ଗୁରୁତ୍ୱାରୋପ କରିଥିଲେ। ଦିବ୍ୟାଙ୍ଗ ଶିଶୁମାନେ କେତେକ ସ୍ୱତନ୍ତ୍ର ସମସ୍ୟା ଏବଂ ଦୁର୍ବଳତାର ସମ୍ମୁଖୀନ ହୁଅନ୍ତି। ଯେଉଁଥିପାଇଁ ସେମାନଙ୍କର ବିଶେଷ ଧ୍ୟାନ ଏବଂ ଯତ୍ନ ଆବଶ୍ୟକ। ଦିବ୍ୟାଙ୍ଗ ଶିଶୁଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଆଇନର ଧାରାଗୁଡ଼ିକର ପ୍ରଭାବଶାଳୀ ରୂପାୟନ ପାଇଁ ଏକ ବ୍ୟାପକ ଆଭିମୁଖ୍ୟ ଗ୍ରହଣ କରାଯିବା ଆବଶ୍ୟକ। ଆମେ ଏକ ନ୍ୟାୟସମ୍ପନ୍ନ ଓ ସମାନ ସମାଜ ଦିଗରେ କାର୍ଯ୍ୟ କରୁଥିବାବେଳେ ମିଳିତ ଭାବେ ସମସ୍ତ ଶିଶୁ, ବିଶେଷକରି ଦିବ୍ୟାଙ୍ଗ ଶିଶୁମାନଙ୍କ ଅଧିକାରକୁ ବଜାୟ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ପାଇଁ ବିଚାରପତି ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀମାନେ କିଶୋର ନ୍ୟାୟ ଅଧିନିୟମ-ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ପିଲା (ସିଏନସିପି), ଆଇନ ବିରୋଧୀ କାର୍ଯ୍ୟ କରୁଥିବା ପିଲା (ସିସିଏଲ) ଦ୍ୱାରା ନିର୍ଦ୍ଧାରିତ ଆଇନଗତ ବର୍ଗରେ ଆସୁଥିବା ଦିବ୍ୟାଙ୍ଗ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।

# ଶହୀଦନଗରରେ ୪୬ ଫୁଟ ମୂର୍ତ୍ତି ସହ ୩୧କେଜିର ଲଡୁ

ଭୁବନେଶ୍ୱର,୧।୯(ଶର୍ମିଷ୍ଠା ପାଣିଗ୍ରାହୀ)



ୱିନର ଆସୋସିଏଶନ ଶହୀଦନଗର ପକ୍ଷରୁ ଚଳିତ ବର୍ଷ ଗଣେଶ ପୂଜା ନେଇ ରବିବାର ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନ ଗତ ୯ବର୍ଷ ଧରି ଓଡ଼ିଶାରେ ବଡ଼ଗଣେଶଙ୍କ ମୂର୍ତ୍ତି କରୁଥିବା ଅନୁଷ୍ଠାନ ଭାବେ ପରିଚିତ। ଚଳିତବର୍ଷ ପ୍ରଭୁ ଗଜାନନଙ୍କ ଶୁଣ୍ଢରେ ରୁପା ତାରକସୀ ଅଳଙ୍କାର ତିଆରି କରାଯାଇଛି । ମୂର୍ତ୍ତିର ଉଚ୍ଚତା ୪୬ ଫୁଟ ରହିଛି। ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି। ଏଥିସହ ଧୁଡୁକି ବାଦ୍ୟ ଯନ୍ତ୍ରର ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗଣେଶଙ୍କ ପାଖେ ୩୧ କିଲୋ ଲଡୁ ମଧ୍ୟ ରଖିବାର ବ୍ୟବସ୍ଥା କରାଯାଇଛି। ପ୍ରଥମଥର ପାଇଁ ଆସୋସିଏଶନ ପକ୍ଷରୁ ପ୍ରଭୁ ଗଣେଶଙ୍କ ଭଜନ 'ଶୈଳ ସୁତା ସୁତ ଗଜାନନ' ରେକର୍ଡ କରାଯାଇଛି। ଉନ୍ନତମାନର ରଙ୍ଗବେରଙ୍ଗର ଆଲୋକସଜ୍ଜା ଓ ମୀନା ବଜାର ଏବଂ ଦୀର୍ଘ ୯ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଆସନ୍ତା ୧୭ରେ ସନ୍ଧ୍ୟା ୫ ଘଟିକାରୁ ବିସର୍ଜନ କାର୍ଯ୍ୟ ଆରମ୍ଭ ହେବ। ସମ୍ମିଳନୀରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଫମାନାଥ ମିଶ୍ର, ଉପଦେଷ୍ଟା ଜଗନ୍ନାଥ ପ୍ରଧାନ, ଅମରେଶ ଜେନା, ରୁଦ୍ରନାରାୟଣ ସାମନ୍ତରାୟ, ନରେନ ସାହୁ, ଆଦିତ୍ୟ ନାରାୟଣ ରଥ, ନାରାୟଣ ମହାପାତ୍ର, ସୁଧୀର ଶତପଥୀ, ଉପ ସଭାପତି ମଳୟ ରଞ୍ଜନ ମହାପାତ୍ର, ସାଧାରଣ ସମ୍ପାଦକ ସୁନୀଲ କୁମାର ତାଡ଼, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପଲେଇ, ପ୍ରକାଶ ନାୟକ, କୋଷାଧ୍ୟକ୍ଷ ରମାକାନ୍ତ ସେନାପତି, ସାଂସ୍କୃତିକ ସମ୍ପାଦକ ନିରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ୱିନର ଆସୋସିଏଶନ ଶହୀଦନଗର ପକ୍ଷରୁ ଚଳିତ ବର୍ଷ ଗଣେଶ ପୂଜା ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ପୋଲିସ ଉପରକୁ ଗାଡ଼ି ଚଢ଼ାଇବାକୁ ଉଦ୍ୟମ

ଭୁବନେଶ୍ୱର,୧।୯(ସୂର୍ଯ୍ୟକାନ୍ତ ବେହେରା)

### ଗୋଟିଏ ରାତିରେ ୯୭ ଗାଡ଼ି ଜବତ

ବାରମ୍ବାର ଚଢାଉ ସତ୍ତ୍ୱେ ବି ମାନୁନାହାନ୍ତି ମଦ୍ୟପ ଚାଳକ। ନିଶାସକ୍ତ ଅବସ୍ଥାରେ ରାସ୍ତାରେ ଗାଡି ଚଲାଇ ଅନ୍ୟମାନଙ୍କ ପାଇଁ ବିପଦ ସାଜୁଛନ୍ତି। ତେଣୁ ମଦ୍ୟପ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ ଭୁବନେଶ୍ୱର ପୋଲିସ ପକ୍ଷରୁ ସହରର ପ୍ରମୁଖ ଛକରେ ବ୍ଲକିଂ ଓ ଚେକିଂ କରାଯାଉଛି। ଏହି ସମୟରେ ବି ମଦ୍ୟପ ଚାଳକ ବ୍ୟାରିକେଡ ଭାଙ୍ଗି ପୋଲିସ ଉପରକୁ ଗାଡି ଚଢାଇବାକୁ ଉଦ୍ୟମ କରୁଛନ୍ତି। ଖାରବେଳ ନଗର ରାମ ମନ୍ଦିର ଛକରେ ଜଣେ ଯୁବକ କାର ଚଳାଇ ବ୍ୟାରିକେଡ ଭାଙ୍ଗିବା ସହ ଅଟକାଇଥିବା ମହିଳା ପୋଲିସ କର୍ମଚାରୀଙ୍କୁ ଠେଲା ପେଲା କରିବା ଘଟଣାର ୨୪ ଘଣ୍ଟା ନ ଯାଉଣୁ ନାଲ୍‌କୋ ଛକରେ ସମାନ ଘଟଣା ଦେଖିବାକୁ ମିଳିଛି। ଜଣେ ବାଇକ ଚାଳକ ବ୍ୟାରିକେଡ୍ ଭାଙ୍ଗି ଜଣେ ଟ୍ରାଫିକ କର୍ମଚାରୀଙ୍କ ଉପରକୁ ଗାଡ଼ି ଚଢ଼ାଇବାକୁ ଉଦ୍ୟମ କରିଥିବା ଜଣାପଡିଛି। ଶନିବାର ରାତି ୧୧ଟାରୁ ରବିବାର ଭୋର୍ ୪ଟା ପର୍ଯ୍ୟନ୍ତ ହୋଇଥିବା ଚେକିଂରେ ମଦ୍ୟପାନ, ରଙ୍ଗରୁଟ୍ ଓ ରିଭର୍ସ ଡ୍ରାଇଭ୍ ଆଦି କାରଣ ପାଇଁ ମୋଟ ୯୭ ଗାଡି ଜବତ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ୪ ଚକିଆ ଓ ୨ ଚକିଆ ରହିଛି। ତେବେ ଫେରାର ବେଳେ ବ୍ୟାରିକେଡ ଭାଙ୍ଗି ପୋଲିସ ଉପରକୁ ଗାଡି ଚଢାଇବାକୁ ଉଦ୍ୟମ କରିବା ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୧୭ ଜଣଙ୍କ ନାଁରେ ଏଫ୍‌ଆଇଆର୍ ଦାଖଲ ହୋଇଛି। ଅତ୍ୟଧିକ ମଦ୍ୟପାନ କରି ଡ୍ରାଇଭିଂ କରୁଥିବା ୧୭ ଜଣଙ୍କ ଲାଇସେନ୍ସକୁ ବାତିଲ କରିବା ପାଇଁ ପୋଲିସ କମିଶନର ଆରଟିଓଙ୍କୁ ସୁପାରିସ କରିଛନ୍ତି। ସେହିପରି ଜବତ ଗାଡିର ମାଲିକମାନେ କୋର୍ଟରେ ଜରିମାନା ଦାଖଲ ସହ ରିଲିଜ ଅର୍ଡର ଦେଖାଇ ଗାଡି ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର,୧।୯(ଶର୍ମିଷ୍ଠା ପାଣିଗ୍ରାହୀ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର କାର୍ଯ୍ୟକାରିଣୀ ବୈଠକ ଶିକ୍ଷକ ଭବନ ପରିସରରେ ସଭାପତି ଧୀରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାସଚିବ ଚାରୁଲତା ମହାପାତ୍ର ସଂଗଠନ ତୃଣମୂଳସ୍ତରରେ ଏକଜୁଟ ହୋଇ କାର୍ଯ୍ୟ କଲେ ଶିକ୍ଷକଙ୍କ ସମସ୍ୟା ରହିବ ନାହିଁ ବୋଲି କହିଥିଲେ। ଏହି ଅବସରରେ ନବନିଯୁକ୍ତ କମିଶନରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୈଠକରେ ରାଜ୍ୟ ଉପଦେଷ୍ଟା ହୃଦାନନ୍ଦ ଦ୍ୱିବେଦୀ, ସଙ୍ଗୀତା ଦାଶ, ବିଜୟ ମହାନ୍ତି, ରୁଦ୍ରମାଧବ ହୋତା, ସୁଲଭ ବେହେରା, ବନମାଳୀ ମହାରଣା, ଅଶୋକ ପଟ୍ଟନାୟକ ଉପସ୍ଥିତ ଥିଲେ।




ବଡ଼ଗଡ଼ ଗଣେଶ ମହୋତ୍ସବ ପାଳନ ଉପଲକ୍ଷେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ପାଦକ ସଂଗ୍ରାମ ମାର୍ଥା, ଉପସଭାପତି ଅମିତାଭ ମହାନ୍ତି ଏବଂ ଅନ୍ୟମାନେ।

# ଦିନକରେ ୭୯ଲକ୍ଷ ଟଙ୍କାର ମାଛ ବେପାର

ଭୁବନେଶ୍ୱର, ୧।୯ (ବନ୍ଦନା ସେଠୀ)

### ବାର୍ଡ ଫ୍ଲୁ ଭୟ, ଚିକେନ ଛାଡ଼ିଲେ ରାଜଧାନୀବାସୀ

ପୁରୀ ଜିଲାର ପିପିଲି, ଡେଲାଙ୍ଗ, ନିମାପଡ଼ା ଅଞ୍ଚଳରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଛି। ଏସବୁ ଅଞ୍ଚଳରୁ ରାଜଧାନୀକୁ କୁକୁଡ଼ା ଆସୁଥିବାରୁ ସହରରେ ଆତଙ୍କ ଖେଳିଯାଇଛି। ରୋଗ ଭୟରେ ସହରବାସୀ ଚିକେନ୍‌ଠାରୁ ମୁହଁ ଫେରାଇ ନେଉଛନ୍ତି। ଫଳରେ ଚିକେନ୍ ବ୍ୟବସାୟୀ ମୁଣ୍ଡରେ ହାତ ଦେଇ ବସିଥିବାବେଳେ ମାଛ ବେପାରୀମାନେ ଭଲ ବ୍ୟବସାୟ କରୁଥିବା ଦେଖାଯାଉଛି। ରବିବାର ଛୁଟିଦିନ ଥିବାରୁ ଗ୍ରାହକ ଆମିଷ କିଣିବାକୁ ବାହାରିଥିଲେ। ତେବେ ମଟନ୍‌ଠାରୁ ମାଛର ଦାମ୍ କମ୍ ଥିବାରୁ ଅଧିକ ଲୋକ ମାଛ ଦୋକାନ ଆଡକୁ ମୁହାଁଇଥିଲେ। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ବେପାରୀମାନେ ମଧ୍ୟ ବିଭିନ୍ନ ଭେରାଇଟି ମାଛ ରଖିଥିଲେ। ଦିନକରେ ୭୯ଲକ୍ଷ ୩୭ହଜାର ୫ଶହ ଟଙ୍କାର ମାଛ ବିକ୍ରି ହୋଇଥିବା ଅଲ୍ ଓଡ଼ିଶା ନନ୍‌ଭେଜ୍ ଟ୍ରେଡର୍ସ ଫେଡେରେଶନର ରାଜ୍ୟ ସଭାପତି ସେକ୍ ମୁନ୍ତାକିମ୍ ବକ୍ସ ସୂଚନା ଦେଇଛନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆନ୍ଧ୍ରରୁ ୫ଟି ମାଛ ଗାଡ଼ି ଆସିଥିବାବେଳେ ୫୬ଲକ୍ଷ ୮୭ହଜାର ୫ଶହ ଟଙ୍କାର ଆନ୍ଧ୍ରା ମାଛ ବିକ୍ରି ହୋଇଛି। ସେହିପରି ଲୋକାଲ ଏରିଆରୁ ୨୫ଟି ଜିଅନ୍ତା ମାଛ ଗାଡ଼ି ଆସିଥିବାବେଳେ ୨୨ଲକ୍ଷ ୫୦ହଜାର ଟଙ୍କାରେ ବିକ୍ରି ହୋଇଥିଲା। ଅପରପକ୍ଷେ କଟକ ଅଞ୍ଚଳରୁ ୩ଟି ଚିକେନ୍ ଆସିଥିଲା ଓ ୪.୫ ଲକ୍ଷ ଟଙ୍କାର ଚିକେନ୍ ବିକ୍ରି ହୋଇଥିବା ସୂଚନା ଦିଆଯାଇଛି। ତେବେ ଏହି ଚିକେନ୍ କେବଳ ହୋଟେଲ ଏବଂ ରେଷ୍ଟୁରାଣ୍ଟ ପକ୍ଷରୁ କିଣାଯାଇଛି।

ସେହିପରି ଅଗଷ୍ଟ ୨୮ ବୁଧବାର ୧କୋଟି ୨ଲକ୍ଷ ୩୭ହଜାର ୫ଶହ ଟଙ୍କାର ମାଛ ବେପାର ହୋଇଥିବାବେଳେ ଶୁକ୍ରବାର ୧କୋଟି ୧୩ଲକ୍ଷ ୭୫ହଜାର ଟଙ୍କାର ମାଛ ବିକ୍ରି ହୋଇଛି। ତେବେ ବାର୍ଡ ଫ୍ଲୁ ପାଇଁ ମାଛର ଚାହିଦା ବଢି ଯିବାରୁ ଏବେ ଆନ୍ଧ୍ର ମାଛଗାଡ଼ି ଦାମ୍ ହଠାତ୍ ବଢାଇ ଦେଇଛି। ତେଣୁ ରବିବାର ଅଧିକ ଗାଡ଼ି ଆସିପାରି ନାହିଁ। ଏପରିକି କିଛି ଚିକେନ୍ ବ୍ୟବସାୟୀ ଗୁଜୁରାଣ ମେଣ୍ଟାଇବା ପାଇଁ ଏବେ ମାଛ ବ୍ୟବସାୟ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ବାର୍ଡ ଫ୍ଲୁ ସଂକ୍ରମିତ ଅଞ୍ଚଳରୁ କୁକୁଡ଼ା ନ ଆଣିବାକୁ ବିଏମ୍‌ସି ପକ୍ଷରୁ ସମସ୍ତ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଏନେଇ ନିର୍ଦ୍ଦେଶନାମା ଜାରି କରିବା ସହ ମେୟର ସୁଲୋଚନା ଦାସ ମଧ୍ୟ କିଛିଦିନ ପର୍ଯ୍ୟନ୍ତ ଚିକେନ୍ ନ ଖାଇବାକୁ ପରାମର୍ଶ ଦେଇଛନ୍ତି। ଫଳରେ ରାଜଧାନୀର ୧୫ଶହରୁ ଊର୍ଦ୍ଧ୍ୱ କୁକୁଡ଼ା ବ୍ୟବସାୟୀ ଏହାଦ୍ୱାରା ପ୍ରଭାବିତ ହୋଇଥିବା ବକ୍ସ କହିଛନ୍ତି।

# ସମ୍ପୂର୍ଣ୍ଣ ପ୍ଲାନିଂରେ ଗଢ଼ାଯିବ ନୂଆ ସହର : ମନ୍ତ୍ରୀ

**ବିଡିଏର ୪୨ତମ ପ୍ରତିଷ୍ଠା ଦିବସ**

- ବର୍ଷାଦିନ ପରେ ଭଙ୍ଗାଯିବ ୧୯୧ ବେଆଇନ ଆପାର୍ଟମେଣ୍ଟ
- ବିଡିଏ କର୍ମଚାରୀଙ୍କ ପେନ୍‌ସନ୍ ଲାଗୁ ନେଇ ଆଲୋଚନା ହେବ

ଭୁବନେଶ୍ୱର,୧୯(ବନ୍ଦନା ସେଠୀ)

ରାଜଧାନୀର ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏବେ ଏଠାରେ ସହରୀ ଯୋଜନାର ଆବଶ୍ୟକତା ରହିଛି। ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ଲକ୍ଷ୍ୟରେ ସହରର ବିକାଶ, ସବୁଜିମା ବଜାୟ ରଖିବା, ସ୍ୱେରେଜ ଓ ଡ୍ରେନେଜ ବ୍ୟବସ୍ଥାରେ ଉନ୍ନତି ଆଣିବା ଜରୁରୀ ହୋଇପଡିଛି। ତେବେ ନୂଆ ସହର ସମ୍ପୂର୍ଣ୍ଣ ପ୍ଲାନିଂରେ ଗଢ଼ାଯିବ। ଏକ୍ଷେତ୍ରରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଓ ଜନସାଧାରଣଙ୍କ ସହଯୋଗ ଦରକାର ବୋଲି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ରବିବାର ସୂଚନା ଭବନଠାରେ ଆୟୋଜିତ ବିଡିଏର ୪୨ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ସହରରେ ଥିବା ୧୯୧ ବେଆଇନ ଆପାର୍ଟମେଣ୍ଟ ଭାଙ୍ଗିବା ନେଇ ସରକାର କଠୋର ଅଛନ୍ତି। ବର୍ଷାଦିନ ପରେ ଏନେଇ ଚିନ୍ତା କରାଯିବ। ସହରରେ ବିଡିଏ ଦ୍ୱାରା ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯେପରି ଯଥା ସମୟରେ ଶେଷ ହେବ ସେ ନେଇ ମଧ୍ୟ ଦୃଷ୍ଟି ଦିଆଯାଉଛି।



ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବିଡିଏ କର୍ମଚାରୀ ସୁବାସିନୀ ପରିଡ଼ାଙ୍କ ପୁଅ ଅମ୍ଳାନ ସିଂଙ୍କୁ ସାର୍ଟିଫିକେଟ ଓ ଅର୍ଥରାଶି ପ୍ରଦାନ କରୁଛନ୍ତି।

୨୪ବର୍ଷ ଭିତରେ ଯାହା ହୋଇନାହିଁ, ତାହା ୨୪ମାସରେ ହେବା ସମ୍ଭବ ନୁହେଁ। ତେବେ ଏହା ଡବଲ ଇଞ୍ଜିନ୍ ସରକାର, ତେଣୁ ସମସ୍ତଙ୍କ ସହଯୋଗରେ ଡବଲ ସ୍ପିଡ୍‌ରେ କାମ ହେଉଛି। ରିଂ ରୋଡ୍, ନ୍ୟୁ ସିଟି ନେଇ ବ୍ୟବସ୍ଥା ହେଉଛି। ଏଥିରେ ଡ୍ରେନେଜ୍‌ଠାରୁ ଆରମ୍ଭ କରି ସ୍ୱେରେଜ୍, ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ୍ ଆଦି ସମସ୍ତ ସୁବିଧା ଉପଲବ୍ଧ ହେବ। ତେବେ ମାସେ ହେବ ମୁଁ ଆସିଛି, ଏ ପର୍ଯ୍ୟନ୍ତ ଦାୟିତ୍ୱ ନେଇନି କି ଅଫିସ୍‌କୁ ଗ୍ରହଣ ମଧ୍ୟ କରିନି। ଉପାଧ୍ୟକ୍ଷ ମଧ୍ୟ ନୂଆ ଆସିଛନ୍ତି। ତେଣୁ ଆମେ ବସି ଆଲୋଚନା କରିବା ସହ ସମସ୍ତ ଯୋଜନାକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ଏହାବାଦ୍ ବିଡିଏ କର୍ମଚାରୀଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ନେଇ ହୋଇଥିବା ଦାବି ସମ୍ପର୍କରେ ଆଲୋଚନା କରାଯିବ। ଏନେଇ ଅଧିକାରୀ, ଆଇନ୍ ବିଭାଗ, ଅର୍ଥ ବିଭାଗ ସହ ଆଲୋଚନା ହେବା ପରେ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଏକାମ୍ର ବିଧାୟକ ବାବୁ ସିଂ ସହରର ଦ୍ରୁତ ଅଭିବୃଦ୍ଧି ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସହରାଞ୍ଚଳ ବାସହୀନଙ୍କୁ ଆଶ୍ରୟ ପ୍ରଦାନ କରୁଥିବା ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ଦେବାକୁ ବିଡିଏକୁ ଅନୁରୋଧ କରିଛନ୍ତି। ସହର ନିର୍ମାଣରେ ଏମାନେ ବିଶ୍ୱକର୍ମା ସାଜିଥିବାବେଳେ ପେନ୍‌ସନ୍ ବ୍ୟବସ୍ଥା ନ ଥିବାରୁ ବିଡିଏ କର୍ମଚାରୀଙ୍କ ଅବସର ପରର ଜୀବନ ଦୁର୍ବିସହ ହୋଇପଡୁଛି। ତେଣୁ ତୁରନ୍ତ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରାଯିବା ଉଚିତ। ଭୁବନେଶ୍ୱର ସ୍ମାର୍ଟସିଟି ମାନ୍ୟତା ପାଇଥିଲେ ହେଁ ଏହାକୁ ବାସ୍ତବରେ ପରିଣତ କରିବାର ସମୟ ଆସିଛି ବୋଲି ସେ କହିଛନ୍ତି। ମେୟର ସୁଲୋଚନା ଦାସ ଭୁବନେଶ୍ୱରକୁ ଏକ ସମାବେଶୀ ସହରରେ ପରିଣତ କରିବା ଓ ଜଳବାୟୁ ପରିବର୍ତ୍ତନର ଆହ୍ୱାନର ମୁକାବିଲା ଦିଗରେ ବିଡିଏର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଡିଏ କର୍ମଚାରୀ ୟୁନାଇଟେଡ୍ ଫୋରମ ସଭାପତି ସମୀର ମହାନ୍ତି ମଧ୍ୟ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୯୭% ନମ୍ବର ରଖିଥିବା ବିଡିଏ କର୍ମଚାରୀ ସୁବାସିନୀ ପରିଡ଼ାଙ୍କ ପୁଅ ଅମ୍ଳାନ ସିଂଙ୍କୁ ସାର୍ଟିଫିକେଟ ଓ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ବିଡିଏର ବାର୍ଷିକ ବିବରଣୀ ଉନ୍ମୋଚିତ ହୋଇଥିଲା। ବିଡିଏ ଉପାଧ୍ୟକ୍ଷ ଡ. ଏନ୍ ତିରୁମାଲା ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଡିଏ ସଚିବ ସ୍ନିଗ୍ଧାରାଣୀ ଧଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଡିଏ କର୍ମଚାରୀଙ୍କ ପାଇଁ ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା।

## ସଂକ୍ଷେପରେ

### ମା'ଚର୍ଚ୍ଚିକାଙ୍କ ବରିଷ୍ଠ ସେବାୟତଙ୍କ ପରଲୋକ

ବାଙ୍କୀ,୧୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ବରିଷ୍ଠ ସେବାୟତ ତଥା ଚର୍ଚ୍ଚିକା ସରକାରୀ ବାଳିକା ହାଇସ୍କୁଲର ଅବସରପ୍ରାପ୍ତ କର୍ମଚାରୀ ନେତ୍ରାନନ୍ଦ ରଣା(୮୨)ଙ୍କ ପରଲୋକ ଘଟିଛି। ରଣା ଜିଲା ସେବାୟତ ସମାଜର ସମ୍ପାଦକ ଭାବେ ବହୁଦିନ ଧରି କାର୍ଯ୍ୟ କରିଥିଲେ। ସେ ବାଙ୍କୀ ସରକାରୀ ବାଳିକା ହାଇସ୍କୁଲ କର୍ମଚାରୀ ଭାବରେ କାର୍ଯ୍ୟକରି ଅବସରଗ୍ରହଣ କରିବା ସହ କର୍ମଚାରୀ ସଂଘର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଉଥିଲେ। ତାଙ୍କର ପରଲୋକରେ ମା'ଚର୍ଚ୍ଚିକା ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ରଣା, ଉପସଭାପତି ଲଳିତ ମହାପାତ୍ର, ସମ୍ପାଦକ ନୀଳମଣି ମହାପାତ୍ର, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ରଣା, ସଭ୍ୟ ବିଦ୍ୟାଧର ରଣା, ମନ୍ଦିର କମିଟି ଫିଟ ପର୍ସନ କାଳନ୍ଦୀ ଚରଣ ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏଥିସହ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମା'ଚର୍ଚ୍ଚିକାଙ୍କ ପାଖରେ ପ୍ରାର୍ଥନା କରିଥିଲେ ।



# ଅଭିଯୋଗ ନ ରଖି ଚୁପ୍ ବସିଛି ପୋଲିସ

**ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତାଙ୍କ ପରିବାର
- ପୋଲିସ ଗୁରୁତ୍ୱ ନ ଦେବାରୁ ଅନ୍‌ଲାଇନରେ ଅଭିଯୋଗ

ନିଶ୍ଚିନ୍ତକୋଇଲି,୧୯
(ଅଶୋକ କୁମାର ମହାପାତ୍ର)

ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଥିବା କୁହାଯାଉଥିବା ବେଳେ ବାସ୍ତବତା କିନ୍ତୁ ଭିନ୍ନ ରହିଛି। ଅନେକ ସମୟରେ ପୋଲିସ ପୀଡ଼ିତାଙ୍କ ଅଭିଯୋଗ ରଖୁ ନ ଥିବା ଏବଂ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ପଞ୍ଚାୟତର ହଳଧରପୁର ଗ୍ରାମରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଏହି ଗ୍ରାମର ଜଣେ ମହିଳା ଓ ତାଙ୍କ ପୁତ୍ରଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ସ୍ଥାନୀୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ମହିଳା ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଜମିଜମା ବିବାଦକୁ କେନ୍ଦ୍ର କରି ହଳଧରପୁର ଗ୍ରାମର ଦିଗମ୍ବର ପୁହାଣଙ୍କ ସ୍ତ୍ରୀ ନଳିନୀପ୍ରଭା ପୁହାଣ(୫୪) ଓ ତାଙ୍କର ପୁତ୍ର ସଞ୍ଜୟ କୁମାର ପୁହାଣଙ୍କ ଉପରେ ଅଗଷ୍ଟ ୧୬ରେ ଉକ୍ତ ଗ୍ରାମରେ ରହୁଥିବା ତାଙ୍କ ସମ୍ପର୍କୀୟ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ନଳିନୀପ୍ରଭା ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏହାକୁ ଗ୍ରହଣ ନ କରି ତାଙ୍କୁ ନିରାଶ କରି ଫେରାଇ ଦେଇଥିଲା। ଏହାପରେ ନଳିନୀପ୍ରଭା ୧୭ ଅଗଷ୍ଟରେ ଅନ୍‌ଲାଇନରେ ଅଭିଯୋଗ କରିବା ପରେ ନିଶ୍ଚିନ୍ତକୋଇଲି ପୋଲିସ ଥାନାରେ ଅଭିଯୋଗ କରିବାକୁ ବାଧ ହୋଇଥିଲା। ମାତ୍ର ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ନଳିନୀପ୍ରଭାଙ୍କ ପରିବାର ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀ, ତଥା କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି, ଜିଲାପାଳ ଓ ସାଲେପୁର ଏସ୍‌ଡିପିଓଙ୍କ ନିକଟରେ ୩୧ ଅଗଷ୍ଟରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ନଳିନୀପ୍ରଭା କହିଛନ୍ତି। ଏନେଇ ପୁଅ ସମେତ ତାଙ୍କ ଜୀବନ ପ୍ରତି ବିପଦର ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ଏସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଯୁଗଳ କିଶୋର ଦାସଙ୍କୁ ପଚାରିବାରେ ଅଭିଯୋଗ ସମ୍ପର୍କରେ ମୁଁ ଅବଗତ ନାହିଁ। ଯଦି ପୀଡ଼ିତା ଅନଲାଇନରେ ଅଭିଯୋଗ କରିଛନ୍ତି ତେବେ ୩ ଭିତରେ ଥାନରେ ଅଭିଯୋଗ ଦାଖଲ କଲେ ମାମଲା ରୁଜୁ ହେବ ବୋଲି କହିଛନ୍ତି।

# 'ଆମରା କଜନ' ସଙ୍ଗଠନ ପକ୍ଷରୁ ଚାରାରୋପଣ



କଟକ,୧୯(କାର୍ତ୍ତିକ ସାହୁ): ସାମାଜିକ ସଙ୍ଗଠନ 'ଆମରା କଜନ' ପକ୍ଷରୁ ଧବଳେଶ୍ୱର ଡଙ୍ଗାଘାଟ ନିକଟରେ ଥିବା ଶୈବପୀଠ ପରିସରରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ତଥା ପ୍ରାଣୀପ୍ରେମୀ ପୁଷ୍ପା ବାନାର୍ଜୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବ୍ରହ୍ମଚାରୀ ମାନସ ଚୈତନ୍ୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୌଶିକ ଘୋଷ, ରୁପା ଘୋଷ, ସୁପ୍ରିୟ ମୁଖାର୍ଜୀ, ଚନ୍ଦନା ମୁଖାର୍ଜୀ, ମନିତୋଷ ରାୟ, ବ୍ରିଷ୍ଟି ରାୟ, ଉତ୍ତମ ଦେ, ପିନାକୀ ଦତ୍ତ, ଅଭିଷେକ ରାୟ, ବିଜୟ କୁମାର ଦାସ, ସୌମାର୍ଘ୍ୟ ଘୋଷ, ସୁଭମ ରାୟ , ସମୀରଣ ଦତ୍ତ ଏବଂ ମାନସ ରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରକଳ୍ପ କୋ-ଅର୍ଡିନେଟର ପାମ୍ପା ରାୟ ପରିଚାଳନା କରିଥିଲେ।

# ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କଲେ ମନୋଜ ଆହୁଜା

ଭୁବନେଶ୍ୱର,୧୯
(ଅନୁରାଧା ମହାରଣା):

ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରବିବାର ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଶିଳ୍ପ ଦୁନିଆ ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ନେଉଛି ବୋଲି ସେ କହିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ସହ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଉପସ୍ଥିତ ଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଓ 'ସ୍କୁଲ ଅଫ୍ ସର୍ଭିସେସ' ବିଭାଗ ଅଧୀନରେ ଥିବା ମୋଟ ୭ଟି ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ପ୍ରାକ୍ଟିକାଲ ସୁବିଧା ଦେବା ପାଇଁ ଥିବା ଅନ୍ତର୍ଜାତୀୟ ମାନର ଲାବରେଟୋରିଗୁଡ଼ିକୁ ମୁଖ୍ୟ ଶାସନ ସଚିବ ବୁଲି ଦେଖିଥିଲେ। ଏ ଅବସରରେ ଆହୁଜା କହିଛନ୍ତି, ଓଡ଼ିଶାର ଯୁବପିଢ଼ିଙ୍କ ଭିତରେ ଯେଉଁ ଅନନ୍ୟ ଦକ୍ଷତା ରହିଛି, ଏହାକୁ ଶାଣିତ କରିବା ସହିତ ଆଗାମୀ କାଲିର ଆଧୁନିକ ଶିଳ୍ପ ଦୁନିଆ ପାଇଁ ଆବଶ୍ୟକ ଯୁବ ମାନବ ସମ୍ବଳ ପ୍ରସ୍ତୁତି ଦିଗରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଫଳରେ ଓଡ଼ିଶାରେ ଦକ୍ଷତା ବିକାଶ କ୍ଷେତ୍ରରେ ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିଛି। ସେହିପରି ବିଶ୍ୱ ଦକ୍ଷତା କେନ୍ଦ୍ର ପରିସର ଥିବା 'କୌଶଳ ଭବନ' ପରିଦର୍ଶନ କରିଥିଲେ। ଓଡ଼ିଶାର ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ ପାଇଁ ଏଠାରେ ଯେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ତାହା ସେ ବୁଲି ଦେଖିଥିଲେ। ଏଥିସହ ମୁଖ୍ୟ ଶାସନ ସଚିବ ଆହୁଜା ଓଡ଼ିଶା ଦକ୍ଷତା ବିକାଶପ୍ରାଧିକରଣ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ବରିଷ୍ଠ ଅଧିକାରୀଙ୍କ ସହିତ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମିତା ପଣ୍ଡା, ବିଭାଗୀୟ ଅତିରିକ୍ତ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ, ଅଧ୍ୟକ୍ଷ ଟି ଥମ୍ପିରାଜା, ଉପାଧ୍ୟକ୍ଷା ଜିତାମିତ୍ର ଶତପଥୀ, ସ୍କୁଲ ଅଫ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ ସର୍ଭିସେସର ନିର୍ଦ୍ଦେଶକଙ୍କ ସହ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ଉପଖଣ୍ଡସ୍ତରୀୟ ଚୂଡ଼ାନ୍ତ ପ୍ରତିଯୋଗିତା

ବାଙ୍କୀ,୧୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

**ବାଙ୍କୀ ମହୋତ୍ସବ-୨୦୨୪**

ବାଙ୍କୀ ସାଂସ୍କୃତିକ ସମ୍ମିଳନୀରେ ବାଙ୍କୀ ମହୋତ୍ସବ-୨୦୨୪ ନିମନ୍ତେ ଉପଖଣ୍ଡସ୍ତରୀୟ ଚୂଡ଼ାନ୍ତ ପ୍ରତିଯୋଗିତା ରବିବାର ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଏଥିପାଇଁ ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ନେଇ ଚୂଡ଼ାନ୍ତ ପ୍ରତିଯୋଗିତ କରାଯାଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ବାଙ୍କୀ ମହୋତ୍ସବ ମଞ୍ଚରେ ପୁରସ୍କୃତ କରାଯିବ। ଏହି ଚୂଡ଼ାନ୍ତ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭ୍ୟା ମିନତୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବାଙ୍କୀ ମହୋତ୍ସବ ଉପସଭାପତି ସୌମେନ୍ଦ୍ର ମିଶ୍ର, ପୋଲିସ ଅଧିକାରୀ ସୁଶାନ୍ତ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ବାଙ୍କୀର ଭୂମିକା ସମ୍ପର୍କରେ କହିଥିଲେ। ଏଥିସହ ବାଙ୍କୀର ସଂସ୍କୃତି, ପରମ୍ପରା , ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ମାନସ କୁମାର ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ରାଣୀ ଶୁକଦେଈ ମହିଳା ମହାବିଦ୍ୟାଳୟର ପ୍ରଧାପିକା ସୁଧାଂଶୁ ମାଳି ଦେବତା ଓ ମନୋରମା ଜେଠୀ, ଖୋର୍ଦ୍ଧାର ବରିଷ୍ଠ ସଙ୍ଗୀତଜ୍ଞ ଶ୍ୟାମସୁନ୍ଦର ତ୍ରିପାଠୀ ଓ ଚକ୍ରଧର ଦେବତା ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜକ ବଳଭଦ୍ର ରଣା ପରିଚାଳନା କରିଥିବାବେଳେ ଶିକ୍ଷକ ସୁବ୍ରତ କୁମାର ଖଟୁଆ, ଶିକ୍ଷକ ବିଜୟ କୁମାର ପଟ୍ଟନାୟକ, ସୁନୀଲ କୁମାର ବେହେରା, ସୁକାନ୍ତ କୁମାର ନାୟକ, କରଣ ମାଝୀ ଓ ଅନୁରାଗ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

# ୫ରେ ଦେଶବ୍ୟାପୀ ପ୍ରତିବାଦ

## କେନ୍ଦ୍ରୀୟ ଶିକ୍ଷାନୀତି ପ୍ରତ୍ୟାହାର ଦାବି

ଭୁବନେଶ୍ୱର,୧୯(ଶର୍ମିଷ୍ଠା ପାଣିଗ୍ରାହୀ)

ରାଷ୍ଟ୍ରୀୟ ମିଳିତ ଶିକ୍ଷକ ଆନ୍ଦୋଳନ ମଞ୍ଚ ଜେଏଫ୍‌ଏମ୍‌ଇ ସେପ୍ଟେମ୍ବର ୫ରେ କେନ୍ଦ୍ରୀୟ ଶିକ୍ଷାନୀତି ପ୍ରତ୍ୟାହାର ଦାବିରେ ଦେଶବ୍ୟାପୀ ପ୍ରତିବାଦ କରିବ। ସେମାନଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦ୍ରୀୟ ଶିକ୍ଷାନୀତି ୨୦୨୦ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ପ୍ରଦାନ କରିଥିବା ଉଚ୍ଚଶିକ୍ଷା ସମ୍ପର୍କିତ ମତାଦର୍ଶକୁ ଅଣଦେଖା କରାଯାଇଛି। ଏଥିଯୋଗୁ କେନ୍ଦ୍ରୀୟ ଶିକ୍ଷାନୀତି ୨୦୨୦ ରଦ୍ଦ କରିବା, ନୂତନ ବା ସଂଯୁକ୍ତ ପେନ୍‌ସନ ବ୍ୟବସ୍ଥା ବାତିଲ କରି ପୁରୁଣା ପେନ୍‌ସନ ପ୍ରଚଳନ, ଶିକ୍ଷାରେ ୧୦ ପ୍ରତିଶତ ଜିଡିପି, ଖାଲି ପଡ଼ିଥିବା ସମସ୍ତ ଶିକ୍ଷକ- ଅଣ ଶିକ୍ଷକ ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ କରିବା ଓ ସ୍କୁଲ ମିଶ୍ରଣ ପ୍ରକ୍ରିୟା ବନ୍ଦ କରିବା ସହ ଗଣତାନ୍ତ୍ରିକ, ଧର୍ମ ନିରପେକ୍ଷ, ବିଜ୍ଞାନସମ୍ମତ ଶିକ୍ଷା ପ୍ରଦାନ କରିବାକୁ ଦାବି କରାଯାଇଛି। ଏନେଇ ଗୁରୁ ଦିବସରେ ସମାବେଶ ଓ ପ୍ରତିବାଦ ଶୋଭାଯାତ୍ରା କରାଯାଇ କଳାବ୍ୟାଜ ପରିଧାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

# ଗୁରୁ ବିନା ସୁସ୍ଥ ସମାଜ ଗଠନ ଅସମ୍ଭବ

ମାହାଙ୍ଗା, ୧୯(ଯଯାତି ସିଂହ)

**ଓଷଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସମ୍ବର୍ଦ୍ଧନା ସମାରୋହ**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଓଷଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଗୋକନ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଧନ କେନ୍ଦ୍ର ସଂଯୋଜକ ନୀହାର ରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଗୁରୁ ବିନା ସୁସ୍ଥ ସମାଜ ଗଠନ ଅସମ୍ଭବ। ଗୁରୁ ସମସ୍ତଙ୍କ ପାଇଁ ନମସ୍ୟ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ମାହାଙ୍ଗା ମଣ୍ଡଳ ଶିକ୍ଷା ଅଧିକାରୀ ଚକ୍ରଧର ବେହେରା, ଗୋକନ ସମିତିସଭ୍ୟ ମନୋରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସେମାନଙ୍କ ଦୀର୍ଘାୟୁ ଜୀବନ କାମନା କରିଥିଲେ । ଏହି ଅବସରରେ କ୍ଲଷ୍ଟର ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜୟ କୁମାର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଖଟୁଆ, ସହକାରୀ ଶିକ୍ଷକ ବଂଶୀଧର ରାଉତଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦେଇଥିଲେ । ହାଟପଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରଥ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗୋକନ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ସର୍ବଶ୍ରୀ ସ୍ନେହଲତା ସ୍ୱାଇଁ, ରୋଜାଲିନ ପ୍ରଧାନ, ଅଳକା ପ୍ରଧାନ, ସୁପ୍ରଭା ରାଉତ, ଘନଶ୍ୟାମ ଜେନା, ଅନାଦି ଚରଣ ନାୟକ, ବଳରାମ ପ୍ରଧାନ, ଶଙ୍କର୍ଷଣ ଦେହୁରୀ, କୈଳାସ ଚନ୍ଦ୍ର ଦାସ, ଆଚାର୍ଯ୍ୟ ଭାବାମୃତାନନ୍ଦ ଅବଧୂତଙ୍କ ସମେତ ମାହାଙ୍ଗାର ବହୁ ସିଆରସିସି ଓ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।





ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କ ସହ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟମାନେ ।

# ମାଂସଭିତ୍ତିକ ଖାଦ୍ୟ ପରୋକ୍ଷରେ ଜଳବାୟୁ ପରିବର୍ତ୍ତନ କରିଥାଏ

ଭୁବନେଶ୍ୱର, ୧୯ (ବନ୍ଦନା ସେଠୀ)

ଆମ ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ବ୍ୟକ୍ତିଗତ ଜୀବନଶୈଳୀର ପସନ୍ଦ ଏକ ଶକ୍ତିଶାଳୀ ପ୍ରଭାବ ବିସ୍ତାର କରେ। ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଆମପାଇଁ ଉପଯୁକ୍ତ ବିବେଚିତ ହେଉଥିବା ଖାଦ୍ୟ ପୃଥିବୀ ନିମନ୍ତେ ମଙ୍ଗଳକାରୀ ଅଟେ। ଆମ ଖାଦ୍ୟ ଆବଶ୍ୟକତାର ସବୁଠାରୁ ଉପଯୁକ୍ତ ଉତ୍ତର ହେଉଛି 'ଉଦ୍ଭିଦ ଆଧାରିତ ସମ୍ପୂର୍ଣ୍ଣ ଖାଦ୍ୟ ଅଭ୍ୟାସକୁ ଗ୍ରହଣ କରିବା'। ବଞ୍ଚିବା ପାଇଁ ପ୍ରକୃତି ନିକଟରେ ଉଦ୍ଭିଦ ଭିତ୍ତିକ ଖାଦ୍ୟର ଏକ ଭଲ ଭଣ୍ଡାର ରହିଛି। ତେଣୁ ଅଧିକ ପରିମାଣର ଫଳ, ପନିପରିବା ତଥା ଶସ୍ୟ ଏବଂ କମ୍ ପରିମାଣର ଲାଲ ମାଂସ ଖାଇବାକୁ ଗୁରୁତ୍ୱ ଦେବା ଆବଶ୍ୟକ। ମାଂସ ଭିତ୍ତିକ ଖାଦ୍ୟ ଉତ୍ପାଦନରେ ଅଧିକ ସବୁଜଗୃହ ବାଷ୍ପ ସୃଷ୍ଟି ହୁଏ, ଯାହା ସୂର୍ଯ୍ୟଙ୍କ ଉତ୍ତାପକୁ ବାୟୁମଣ୍ଡଳରେ ସଂଗ୍ରହ କରି ରଖେ ଏବଂ ଜଳବାୟୁ ପରିବର୍ତ୍ତନରେ ସହାୟକ ହୋଇଥାଏ। ପୁନଃପ୍ରକ୍ରିୟାକରଣ ହୋଇଥିବା ଖାଦ୍ୟ ଦ୍ୱାରା ଅଧିକ ଶକ୍ତି ଅପଚୟ ହୁଏ ଏବଂ ଖାଦ୍ୟ ମୂଲ୍ୟ ମଧ୍ୟ ହ୍ରାସପାଏ। ଏପରି ପୃଷ୍ଠଭୂମିରେ ଆମ ମାନସିକତାରେ ପରିବର୍ତ୍ତନ ଘଟାଇ ପ୍ରାକୃତିକ, ଉଦ୍ଭିଦ-ଭିତ୍ତିକ ଖାଦ୍ୟକୁ ଗୁରୁତ୍ୱ ପ୍ରଦାନ କରିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଛନ୍ତି।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ ସମିତି ସଭାଗୃହରେ ରବିବାର 'ଖାଦ୍ୟ ପସନ୍ଦ: ଆମର ସ୍ୱାସ୍ଥ୍ୟ ଏବଂ ଗ୍ରହ ଉପରେ ଏହାର ପ୍ରଭାବ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗର ପ୍ରଫେସର ଡ଼. କୃଷ୍ଣଚନ୍ଦ୍ର ରଥ ମୁଖ୍ୟବକ୍ତା ଯୋଗଦେଇ କହିଲେ, ପ୍ରାଣୀମାନଙ୍କୁ ହତ୍ୟାକରି ଖାଦ୍ୟ ରୂପେ ଗ୍ରହଣ କରିବା ନିଷ୍ଠୁରତା। ଏହା ଅଧିକ ସବୁଜଗୃହ ବାଷ୍ପ ନିର୍ଗମନ, ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ, ଜଙ୍ଗଲ ନଷ୍ଟ, ଜୈବବିବିଧତା ହ୍ରାସ ଇତ୍ୟାଦି ସକଳ ପ୍ରକାର ପରିବେଶୀୟ ସମସ୍ୟା ନିମନ୍ତେ ଦାୟୀ। ସମିତି ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇ କହିଲେ, ଜୀବନଧାରଣ ଓ ଶକ୍ତି ଆବଶ୍ୟକତା ପୂରଣ ନିମନ୍ତେ ଖାଦ୍ୟ ଅପରିହାର୍ଯ୍ୟ। ମାତ୍ର ଯୁବପିଢି ପ୍ରକ୍ରିୟାକରଣ ଓ ରାସାୟନିକ ପଦାର୍ଥଯୁକ୍ତ ଖାଦ୍ୟକୁ ପ୍ରାଧାନ୍ୟ ଦେଉଛନ୍ତି, ଯାହାକି ଉଭୟ ମଣିଷ ଏବଂ ପ୍ରକୃତି ନିମନ୍ତେ କ୍ଷତିକାରକ। ପୂର୍ବତନ ପିସିସିଏଫ୍ ଡ. ବିଜୟ କେତନ ପଟ୍ଟନାୟକ ଆଦିମ ମାନବଠାରୁ ଆଧୁନିକ ମଣିଷ ପର୍ଯ୍ୟନ୍ତ ଖାଦ୍ୟ ଅଭ୍ୟାସ କିପରି ପରିବର୍ତ୍ତିତ ହୋଇଛି ଏବଂ ତାହାର ପ୍ରଭାବ ବିଷୟରେ କହିଥିଲେ। ଉପସଭାପତି ଡ. ଲାଲା ଏକେ ସିଂହ ଅତିଥି ପରିଚୟ ଓ ଯୁଗ୍ମ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**'ଖାଦ୍ୟ ପସନ୍ଦ: ଆମର ସ୍ୱାସ୍ଥ୍ୟ ଏବଂ ଗ୍ରହ ଉପରେ ଏହାର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର**

# ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ



**ବେଗୁନିଆ,୧୯(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ରାଇମୂଳ ଗ୍ରାମର ଆରାଧ୍ୟ କପିଳେଶ୍ୱର ଦେବଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ ଓ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲାପରିଷଦ ସଭ୍ୟ ତନୁଜା ପାଇଁଶାଣୀ, ସ୍ଥାନୀୟ ସରପଞ୍ଚ ଆରତ ମାଝୀ, ଲୀଳା ସ୍ୱାଇଁଙ୍କ ସମେତ ସମିତି ସଭ୍ୟ ଉପସ୍ଥିତ ଥିଲେ।

# 'ଲକ୍ଷ୍ୟ ହାସଲ ପାଇଁ ଦୃଢ଼ ଇଚ୍ଛାଶକ୍ତି ଅପରିହାର୍ଯ୍ୟ'

**ବାଲୁଗାଁ,୧୯(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ ସମାରୋହ ରବିବାର ପରିଚାଳନା ପରିଷଦର ସଭାପତି ଇଂ.ପ୍ରବାସ କୁମାର ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିବା ପରେ ଅଧ୍ୟାପକ ଡ.କୈଳାସ ଚନ୍ଦ୍ର ମହାରଣା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧି ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତାଭାବେ ପୁରୀ ଏମ୍‌ପି ଡା.ସମ୍ବିତ ପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଅଧ୍ୟବସାୟୀ ଓ ଅଧ୍ୟୟନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ମହାବିଦ୍ୟାଳୟର ଶୈକ୍ଷିକ ଉତ୍କର୍ଷତା, ନାକ୍ ମାନ୍ୟତା ଓ ଗୁଣାତ୍ମକ ବିକାଶ ପାଇଁ ବର୍ତ୍ତମାନ ଏବଂ ପୁରାତନ ଛାତ୍ରୀଛାତ୍ରଙ୍କ ସହଭାଗିତା କାମନା କରିଥିଲେ। ଏଥିସହ ଲକ୍ଷ୍ୟ ହାସଲ କରିବାକୁ ହେଲେ ଛାତ୍ରୀଛାତ୍ରଙ୍କ ଦୃଢ଼ ଇଚ୍ଛାଶକ୍ତି ଏକାନ୍ତ ଅପରିହାର୍ଯ୍ୟ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବତନ ଚିଲିକା ବିଧାୟକ ଡା.ବିଭୂତି ଭୂଷଣ ହରିଚନ୍ଦନ ରାଷ୍ଟ୍ର ଗଠନରେ ଶିକ୍ଷାର୍ଥୀ ଓ ଶିକ୍ଷକମାନଙ୍କର ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଦେଇଥିଲେ। ଚିଲିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ପ୍ରଗତି ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନଳିନୀକାନ୍ତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମହାବିଦ୍ୟାଳୟର ୨୪ ଜଣ ବିଭାଗୀୟ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ।




ବାଲୁଗାଁ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ ସମାରୋହରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟ ଅତିଥି।

**ବାଲୁଗାଁ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ**

# 'କନକପୁରରେ ଜନକ ଜେମା' ନାଟକ ମଞ୍ଚସ୍ଥ



ସମ୍ବର୍ଦ୍ଧନା ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ନିରାକାରପୁର,୧୯(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା କଁପୁର ପଞ୍ଚାୟତସ୍ଥିତ ଚମ୍ପାଝରଠାରେ ତ୍ରିନାଥ ଦେବ କଳା ପରିଷଦ ପକ୍ଷରୁ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଅବସରରେ ସମ୍ବର୍ଦ୍ଧନା ଉତ୍ସବ ଏବଂ ନାଟକ 'କନକପୁରରେ ଜନକ ଜେମା' ମଞ୍ଚସ୍ଥ ହୋଇଯାଇଛି। ବ୍ରଜ କିଶୋର ମୁଦୁଲି ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ବିରଞ୍ଚି ନାରାୟଣ ମୁଦୁଲି ପୌରୋହିତ୍ୟ କରିଥିଲେ। ଅତିଥିଭାବେ କଁପୁର ପଞ୍ଚାୟତ ନାଏବ ସରପଞ୍ଚ ଦୀପକ ପ୍ରଧାନ, ଶିକ୍ଷାବିତ୍ ବିଷ୍ଣୁ ମୁଦୁଲି, ଗାଳ୍ପିକ ବ୍ରଜ କିଶୋର ମୁଦୁଲି, ନରେନ୍ଦ୍ର ମୁଦୁଲି ଯୋଗଦେଇ ଅନୁଷ୍ଠାନ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନ ପକ୍ଷରୁ ସାମାଜିକ କର୍ମୀ ରମେଶ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରମେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ପ୍ରତି ବୁଥ୍‌ରୁ ୫ଶହ ସଭ୍ୟ ଗ୍ରହଣ ପାଇଁ ଶପଥପାଠ

**ବୋଲଗଡ଼,୧୯(ଦେବବ୍ରତ ହୋତା)**

ବେଗୁନିଆ ବିଧାନସଭା କ୍ଷେତ୍ର ଅଧୀନ ୬ଟି ମଣ୍ଡଳର ୨୩୯ ବୁଥ୍‌ର ସଦସ୍ୟତା ସଂଗ୍ରହ ଅଭିଯାନ ପାଇଁ ବୋଲଗଡ଼ ନନ୍ଦିଘୋଷ ଭବନଠାରେ ଭାଜପା ଜିଲା ସଦସ୍ୟତା ପ୍ରମୁଖ ଲୋତକବିନ୍ଦୁ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ମଣ୍ଡଳ ସଭାପତି ସଞ୍ଜୟ ବେହେରାଙ୍କ ସଭାପତିତ୍ୱରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବୁଥ୍‌ରେ ୫ଶହ ଲେଖାଏ ସଦସ୍ୟ ସଂଯୁକ୍ତ କରିବା ପାଇଁ କାର୍ଯ୍ୟକର୍ତ୍ତାମାନେ ଶପଥପାଠ କରିଥିଲେ। ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଘରେ ଘରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଖୋର୍ଦ୍ଧା ଜିଲା ଭାଜପା ସମ୍ପାଦକ ଇଂ.କର୍ପୂର ସାହୁ, ବୋଲଗଡ ମଣ୍ଡଳ ପ୍ରଭାରୀ ଅଶୋକ ରାଉତ, ପିଚୁକୁଳି ମଣ୍ଡଳ ପ୍ରଭାରୀ ଅଜିତ ପଟ୍ଟନାୟକ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ସନାତନ ସାହୁ, ପାଞ୍ଚଗଡ଼ ମଣ୍ଡଳ ସଭାପତି ସୁମନ୍ତ ପ୍ରଧାନ, ପାଞ୍ଚଗଡ଼ ମଣ୍ଡଳ ସଦସ୍ୟତା ପ୍ରମୁଖ ସୁବାସ ମିଶ୍ର, ଉତ୍ତର ବେଗୁନିଆ ମଣ୍ଡଳ ସଭାପତି ହରି ମହାରଣା, ଜିତେନ୍ଦ୍ର ସାହୁ, ଦିଲୀପ କୁମାର ସାହୁ, ବରିଷ୍ଠ ନେତା ରବୀନ୍ଦ୍ର କୁମାର ପରିଡ଼ା, ଉପେନ୍ଦ୍ର ସୁବୁଦ୍ଧି, ସହଦେବ ସୁବୁଦ୍ଧି, ବିନୋଦ ମହାରଣା, ଜଗବନ୍ଧୁ ମୁଦୁଲି, ସଞ୍ଜୟ ମହାପାତ୍ର, ଶୁଭସ୍ମିତା ମାନ୍ଧାତା, ରଶ୍ମିତା ବିଶ୍ୱାଳ, ଜରିନା ବେଗମ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଶେଷରେ ପାଞ୍ଚଗଡ଼ ମଣ୍ଡଳ ସଭାପତି ସୁମନ୍ତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ଡ୍ରାଇଭର ଦିବସ ପାଳିତ

**ଖୋର୍ଦ୍ଧା ୧୯ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଟାଉନ ଜିପି ପକ୍ଷରୁ ସ୍ଥାନୀୟ ଉଇଲକିଶନ ନଗର ମା'ଅଁଳାଇଙ୍କ ପୀଠରେ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ପ୍ରାୟ ୧୫୦ଜଣ ସଦସ୍ୟ ଏକାଠି ହୋଇ ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋଚନା କରିଥିଲେ। ପରେ ପରିବେଶ ସୁରକ୍ଷା ନିମନ୍ତେ ଓ ନିଜ ସଂଘର ଏକତା ପାଇଁ ଏକ ସଚେତନତା ଶୋଭାଯାତ୍ରା କରିବା ସହିତ ମା'ଙ୍କ ନାମରେ ଚାରାରୋପଣ କରିଥିଲେ। ତେବେ ବିଗତ ଦିନରେ ରାଜ୍ୟ ସରକାରଙ୍କୁ ସେମାନଙ୍କର ୧୧ଦଫା ଦାବି ପୂରଣ ପାଇଁ ବାରମ୍ବାର କହିଆସୁଥିଲେ ମଧ୍ୟ ସେହି ଦାବି ମଧ୍ୟରୁ ଅନେକ ଦାବି ପୂରଣ ହୋଇପାରିନାହିଁ। ନୂତନ ସରକାର ଡ୍ରାଇଭରମାନଙ୍କ ନିମନ୍ତେ ଇନସ୍ୟୁରାନ୍ସ, ୬୦ବର୍ଷ ପରେ ପେନସନ, ଡ୍ରାଇଭର ପିଲାମାନଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା, ପ୍ରମୁଖ ରାସ୍ତାକଡରେ ପାଇଖାନା କରିବାକୁ ଅନୁରୋଧ କରିଛନ୍ତି। ଖୋର୍ଦ୍ଧା ବ୍ଲକ ଡ୍ରାଇଭର ସଂଘର ସଭାପତି ଶ୍ୟାମ ସୁନ୍ଦର ମହାପାତ୍ର, ଉପସଭାପତି ସୁନନ୍ଦ ପ୍ରଧାନ, ସମ୍ପାଦକ ମଳୟ ରଞ୍ଜନ ଦାଶ, ଖୋର୍ଦ୍ଧା ଟାଉନ ସଭାପତି ବ୍ରହ୍ମାନନ୍ଦ ବେହେରା, ଉପସଭାପତି ଶେକ ମୁସ୍ତାକ, ସମ୍ପାଦକ ମନୋରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି ବୋଲି କହିଥିଲେ। ସଦସ୍ୟ ବଂଶୀଧର ଚାନ୍ଦ, ରାଜେଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଆଡମିନ କାଳିଆ ଧନ୍ୟବାଦ ଦେଇଥିଲେ।

**ବାଲୁଗାଁ,(ସଂଗ୍ରାମ ପାଇକରାୟ):** ଚିଲିକା ବ୍ଲକ ଶାଖା ଡ୍ରାଇଭର ସଂଘ ପକ୍ଷରୁ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ସନ୍ତୋଷ ବେହେରା, ଉପସଭାପତି ନରେନ୍ଦ୍ର ଦାସ, ସମ୍ପାଦକ ଗୌରୀ ଶଙ୍କର ସାହୁ, ଆଡମିନ କବିରାଜ ବେହେରା ଏବଂ କୋଷାଧ୍ୟକ୍ଷ ମନୋଜ ସୁନ୍ଦରାୟଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ସଦସ୍ୟ ପୂର୍ବାହ୍ନରେ ଶାଖା କାର୍ଯ୍ୟାଳୟରୁ ବାଇକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ପଞ୍ଚାୟତ ପରିକ୍ରମା କରିବା ସହ ଭାଇଚାରା ଓ ଏକତାର ବଳ ନେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ପରେ ଶୂଳିଆ ଦେବୀଙ୍କ ପୀଠରେ ଏକ ସଭା ହୋଇଥିଲା। ଭାଇଚାରା ମନୋବୃତ୍ତି ରଖି ସଙ୍ଗଠନକୁ ମଜବୁତ ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ସମାଜ ସେବା କ୍ଷେତ୍ରରେ ସମସ୍ତେ ନିଜକୁ ନିୟୋଜିତ ରଖିବେ ବୋଲି ନିଷ୍ପତ୍ତି ହୋଇଥିଲା। ଡ୍ରାଇଭର ଦିବସକୁ ରାଷ୍ଟ୍ରୀୟ ଦିବସଭାବେ ମାନ୍ୟତା ହାସଲ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।



ବୋଲଗଡ଼ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଡ୍ରାଇଭରମାନେ।

**ବୋଲଗଡ,(ଦେବବ୍ରତ ହୋତା)** ବୋଲଗଡ଼ ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ତହସିଲ ଛକ ସ୍ଥିତ କାର୍ଯ୍ୟାଳୟଠାରେ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ସଭାପତି ସୁକାନ୍ତ ବେହେରାଙ୍କ ନେତୃତ୍ୱରେ ୨ଶହରୁ ଊର୍ଦ୍ଧ୍ୱ ଡ୍ରାଇଭରମାନେ ଯୋଗଦେଇ ଏକ ଶୋଭାଯାତ୍ରାରେ ଡ୍ରାଇଭର ଏକତା ଜିନ୍ଦାବାଦ ସହ ବିଭିନ୍ନ ସ୍ଲୋଗାନ ଦେଇ ବୋଲଗଡ଼ ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ନିବନ୍ଧନ କାର୍ଯ୍ୟାଳୟ ପଛପଟ ପଡିଆରେ ଚାରା ରୋପଣ କରାଯାଇଥିଲା। ସଂଘ ସମ୍ପାଦକ ସେଖ କାଜଲ, ଉପସଭାପତି ପ୍ରତାପ ତାରେଣିଆ, ସହ ସମ୍ପାଦକ ସର୍ବେଶ୍ୱର ବିଶ୍ୱାଳ, କୋଷାଧ୍ୟକ୍ଷ ହରିହର ପ୍ରଧାନ, ଉପଦେଷ୍ଟା ବିଜୟ ଦତ୍ତ ପ୍ରମୁଖ ଯୋଗଦେଇ ଟ୍ରକ ଡ୍ରାଇଭରମାନେ ଦେଶର ଅର୍ଥନୈତିକ ଗତିବିଧିରେ

**ବାଣପୁର,(ଦିଲୀପ କୁମାର ସ୍ୱାଇଁ)** ଓଡିଶା ଡ୍ରାଇଭର ମହାସଂଘର ବାଣପୁର ବ୍ଲକ ଶାଖା ଡ୍ରାଇଭର ମହାସଂଘ ପକ୍ଷରୁ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ମହାସଂଘର ସଭାପତି ବନମାଳି ପରିଡ଼ା, ସମ୍ପାଦକ ବେଣୁଧର ମୁଦୁଲି, ସୂର୍ଯ୍ୟ ନାରାୟଣ ସାହୁ, ବିନୋଦ ଜେନା, ରବି ବେହେରା, ମାଇଜର ଖାନ, ସିଲୁ ମିଶ୍ର, ଅବଦୁଲ ସଲିମ ଖାନ, ସୁରେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରା ବାଣପୁର କାର୍ଯ୍ୟାଳୟଠାରୁ ବାହାରି ଚିୟାଙ୍କସାହି ବଜାର ହୋଇ ମା'ଭଗବତୀଙ୍କ ପୀଠରେ ମା'ଙ୍କ ଦର୍ଶନ କରିଥିଲେ। ପରେ ଅନୁଷ୍ଠିତ ସଭାରେ ସଂଘର ଉନ୍ନତିମୂଳକ କାର୍ଯ୍ୟକୁ ମଜବୁତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ନିଃସ୍ୱାର୍ଥପର ଭାବେ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିବେ ବୋଲି ସମସ୍ତ ସଦସ୍ୟ କହିଛନ୍ତି।

# ତୈଳିକ ବୈଶ୍ୟ ସାଧବ ସମାଜର ବାର୍ଷିକ ସମ୍ମିଳନୀ



ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଟାଙ୍ଗୀ,୧୯(ରଘୁନାଥ ସାହୁ)**

ନଈରୀ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ୪୪ତମ ବାର୍ଷିକ ସମ୍ମିଳନୀ ବଉଳାବନ୍ଧ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅଷ୍ଟମ ରାଜ୍ୟ ସଭାପତି ରଘୁନାଥ ସାହୁ, ସମ୍ମାନିତ ଅତିଥି ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସାହୁ, ସମ୍ପାଦକ ଭାଗୀରଥି ସାମନ୍ତରା, ରଣପୁର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ମଙ୍ଗଳାଯୋଡି ସମ୍ପାଦକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସଭାରେ ପ୍ରଦୀପ କୁମାର ସୁବୁଦ୍ଧି ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଦିଲୀପ କୁମାର ସାହୁ ସମ୍ପାଦନା କରିଥିଲେ। ଦୁଇ ବର୍ଷ ପୂରଣ ହୋଇଥିବାରୁ ନୂତନ କର୍ମକର୍ତ୍ତା ସଭାପତି ଭାବେ ପ୍ରଶାନ୍ତ କୁମାର ସାହୁ, ଉପସଭାପତି ବିଭୁପ୍ରସାଦ ମହାପାତ୍ର, ରାଜକିଶୋର ସାହୁ, ଯୋଗେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଭାବେ ଦିଲୀପ କୁମାର ସାହୁ, ଭିକାରୀ ଚରଣ ସାହୁ ସହ ସମ୍ପାଦକ, କୋଷାଧ୍ୟକ୍ଷ ଭାବେ ରାଜକିଶୋର ସାହୁ ନିର୍ବାଚିତ ହୋଇଥିଲେ। ବଉଳାବନ୍ଧ ସାହିର ଯୋଗେନ୍ଦ୍ର ସାହୁ, ପ୍ରମୋଦ ସାହୁ, ରାଜକିଶୋର ସାହୁ, ପ୍ରସନ୍ନ ସାହୁ, ଗୟାନିଧି ସାହୁ ସହଯୋଗ କରିଥିଲେ। ଶତାଧିକ ତୈଳିକ ଜାତିଭାଇ ସଭାରେ ଉପସ୍ଥିତ ଥିଲେ।

# ପାଣି ନ ଦେବାରୁ ମହିଳାଙ୍କ ଦେହରେ ନିଆଁ ଲଗାଇଦେଲେ

**ଜଟଣୀ,୧୯(ରବିନ୍ଦ୍ରନାଥ ମହାକୁଡ଼)**

ଜଟଣୀ ଥାନା ଅଧୀନ ପାଇକାରପୁରରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ମଦ ପିଇବା ପାଇଁ ପାଣି ନ ଦେବାରୁ ଜଣେ ବ୍ୟକ୍ତି ମହିଳାଙ୍କ ଦେହରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ପ୍ରତିମା ବେହେରାଙ୍କୁ ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ୮୦ପ୍ରତିଶତ ପୋଡ଼ିଯାଇଛି। ଏହି ଘଟଣାର ପୋଲିସ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ରଘୁନାଥନଗର ଅଞ୍ଚଳର ମୋହନ ବାରିକ। ଅଭିଯୋଗ ମୁତାବକ, ଶନିବାର ଅପରାହ୍ନରେ ମୋହନ ମଦ ପିଇବା ପାଇଁ ପ୍ରତିମାଙ୍କ ଘରେ ପଶି ପାଣି ମାଗିଥିଲେ। ତେବେ ପ୍ରତିମା ମଦ ପିଇବାକୁ ପାଣି ଦେବାକୁ ମନା କରିଥିଲେ। ମୋହନ ଏହା ପରେ ପ୍ରତିମାଙ୍କ ଉପରେ କିଛି ରାସାୟନିକ ପଦାର୍ଥ ପକାଇବା ସହିତ ନିଆଁ ଲଗାଇଦେଇଥିଲେ। ପରେ ସ୍ଥାନୀୟ ଲୋକେ ପହଞ୍ଚି ପ୍ରତିମାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଏମ୍‌ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

**ଅଭିଯୁକ୍ତ ଗିରଫ**

# ୬ ସ୍କୁଲ ଉପରୁ ଉଠିଲା କଟକଣା

**ଖୋର୍ଦ୍ଧା,୧୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ମୁକୁନ୍ଦପ୍ରସାଦ ମାଳିସାହିର ମହମ୍ମଦ ସାଜିଦଙ୍କୁ ଗତ ରବିବାର ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାକୁ ନେଇ ହିଂସା ଘଟିଥିଲା। ଅଞ୍ଚଳରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍) ୧୬୩ ଧାରା ଲାଗୁ କରାଯାଇଥିଲା। ଔଷଧ ଦୋକାନକୁ ବାଦ୍ ଦେଲେ ସମସ୍ତ ଦୋକାନ ବଜାର ସହ ସ୍କୁଲ, କଲେଜ ବନ୍ଦ ରହିଥିଲା। ତେବେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନପ୍ରତିନିଧିଙ୍କ ଆଲୋଚନା ସମୟରେ ଶିକ୍ଷାନୁଷ୍ଠାନ ଉପରେ କଟକଣା କୋହଳ ପାଇଁ ନିବେଦନ କରିଥିଲେ। ୬ଟି ସ୍କୁଲ ଜୟୀ ରାଜଗୁରୁ ହାଇସ୍କୁଲ, ଜେମାଦେଇ ପ୍ରାଇମେରି ସ୍କୁଲ, ଜୟୀ ରାଜଗୁରୁ ୟୁପିଏମ୍‌ଇ ସ୍କୁଲ, ମୁକୁନ୍ଦପ୍ରସାଦ ପାଇମେରି ସ୍କୁଲ, ମୁକୁନ୍ଦପ୍ରସାଦ ଅପର ପ୍ରାଇମେରି ସ୍କୁଲ, ଚାଚେରା ସବରସାହି ପ୍ରାଇମେରି ସ୍କୁଲ ଉପରୁ ୧୬୩ଧାରାକୁ ବାଦ୍ ଦିଆଯାଇଥିବା ନେଇ ଉପଜିଲାପାଳ ରବିବାର ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ଗଙ୍ଗାଧରଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ

**ବୋଲଗଡ଼,୧୯(ଦେବବ୍ରତ ହୋତା)**

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ଗଙ୍ଗାଧର ପାଇକରାୟଙ୍କ ୨୫ତମ ସ୍ମୃତି ସମାରୋହ ଭକ୍ତଚରଣ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ସ୍ମୃତି ସଂସଦ ପକ୍ଷରୁ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲୀପ କୁମାର ମହାପାତ୍ର, ସାମାଜିକ କର୍ମୀ ଅଜୟ କୁମାର ମଙ୍ଗରାଜ, ଲକ୍ଷ୍ମଣ ସେଠୀ, ପୂର୍ବତନ ସରପଞ୍ଚ ବିଜୟ କୁମାର ଗୁମାନସିଂହ, ଗ୍ରାମ୍ୟ କମିଟି ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଅର୍ଜୁନ ପଟ୍ଟନାୟକ, ମଧୁ ସାମନ୍ତରାୟ, ବସନ୍ତ ସେଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଗଙ୍ଗାଧରଙ୍କ ଜୀବନୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିବା ସହ ଯୁବପିଢ଼ି ଗଙ୍ଗାଧରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ରାସୋଳ, ବାୟାପଲ୍ଲୀ, ପିଚୁକୁଳି, ଚମ୍ପାଇଲୋ ଗ୍ରାମର ବହୁ ଯୁବତୀଯୁବକ ଓ ଗଙ୍ଗାଧରପ୍ରେମୀ ଯୋଗଦେଇଥିଲେ। ଶେଷରେ ଶିକ୍ଷକ ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ୧୬୭ ଜଣଙ୍କ ହେଲା ଚକ୍ଷୁ ପରୀକ୍ଷା




ଚକ୍ଷୁ ପରୀକ୍ଷା ଶିବିରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବାଲୁଗାଁ,୧୯(ସଂଗ୍ରାମ ପାଇକରାୟ)**

ବାଣପୁର ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ରୋଟାରିଆନ ଡା.ଯୋଗୀନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବଡକୁଳ ସ୍ଥିତ ଚିଲିକା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଏହି ଶିବିରରେ ୧୬୭ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ପ୍ରଦାନ ସହିତ ୧୧୩ ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି।

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡା.ସସ୍ମିତା ସାହୁ ଓ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ସହାୟକଙ୍କ ସମେତ ଭୁବନେଶ୍ୱରସ୍ଥିତ ରୋଟାରୀ ରୟାଲ ଚକ୍ଷୁ ଚିକିତ୍ସାଳୟର ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଯାଇ ୧୪ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯିବ। ଚକ୍ଷୁଦାନ ନିମନ୍ତେ ଏକ କର୍ମଶାଳା ହୋଇଥିଲା। ଏଥିରେ ଚକ୍ଷୁଦାନ ସମ୍ବନ୍ଧରେ ଆଲୋଚନା କରାଯିବା ପରେ ୧୨ଜଣ ବ୍ୟକ୍ତି ଚକ୍ଷୁଦାନ କରିବା ପାଇଁ ସହମତି ପ୍ରକାଶ କରିଥିଲେ। କ୍ଲବ ସଭାପତି ଶ୍ୟାମସୁନ୍ଦର ପୃଷ୍ଟି, ସମ୍ପାଦକ ଅଶୋକ ନାୟକ, ପୂର୍ବତନ ସଭାପତି ବିଜୟ ନନ୍ଦ, ବିଜୟ ବେହେରା, ଧୀରେନ୍ଦ୍ର ନାଥ ପାତ୍ର, ସୁରେଶ ଚନ୍ଦ୍ର ବେହେରା, ରବି ନାରାୟଣ ନାୟକ, ଅନଙ୍ଗଭୀମ ବିଶ୍ୱାଳ, ଜଗଦୀଶ ଲାଖୋଟିଆ, ଗୋପାଳ ଚନ୍ଦ୍ର ନାୟକ, ନନ୍ଦ କିଶୋର ମିଶ୍ର, ଡ. ଚିନ୍ତାମଣି ମିଶ୍ର, ସୁନୀଲ ପାତ୍ର, ପ୍ରସନ୍ନ ସାମନ୍ତରାୟ, ଗଗନ ବିହାରୀ ବେହେରା, ହିମାଂଶୁ ପାତ୍ର, ରବୀନ୍ଦ୍ରନାଥ ପ୍ରଧାନ, ଡ. ସୁନୀଲ ପଟ୍ଟନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଇସ୍ୱାର୍ଡ ପକ୍ଷରୁ ଅଗ୍ନିବିପନ୍ନ ପରିବାରକୁ ସହାୟତା

**ନିରାକାରପୁର,୧୯ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଟାଙ୍ଗୀ ବ୍ଲକ ସରପାରି ପଞ୍ଚାୟତ ଅନ୍ତର୍ଗତ ସରପାରି ଗ୍ରାମରେ ଅଗ୍ନିକାଣ୍ଡ ଘଟି ସରୋଜିନୀ ସାହୁଙ୍କ ଘର ସହିତ ଆସବାବପତ୍ର ଜଳିଯାଇଥିଲା। ଖବରପାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇସ୍ୱାର୍ଡ ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ, କାର୍ଯ୍ୟକାରୀ ଅଧିକାରୀ ରବୀନ୍ଦ୍ର ନାଥ ନାୟକ ଅଗ୍ନି ବିପନ୍ନ ପରିବାର ପାଖରେ ପହଞ୍ଚି ଆଶ୍ୱସନା ଦେବା ସହିତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରିଥିଲେ।



# 'କମ୍ପାନୀ ବଦଳିଲେ ଖାଇବା ତେଲର ମାନ ବଦଳେ ନାହିଁ'

**କଟକ,୧୯ (କାର୍ତ୍ତିକ ସାହୁ)**

କଟକ ବଣିକ ସଂଘ ଆନୁକୂଲ୍ୟରେ ଓଡ଼ିଶା ବ୍ୟବସାୟୀ ମହାସଂଘର ଏକ ରାଜ୍ୟସ୍ତରୀୟ ବୈଠକ ଲିଙ୍କ୍‌ରୋଡ୍‌ସ୍ଥିତ ଲାୟନ ଗାର୍ଡେନ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଯୋଗଦେଇ ସମସ୍ୟା ଉପସ୍ଥାପନ କରିବା ସହ ସମାଧାନର ପନ୍ଥା ନିର୍ଦ୍ଧାରଣ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ବ୍ୟବସାୟୀ ମହାସଂଘ ସଭାପତି ସିଏଚ୍ ରବି ଏବଂ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା ଯୋଗଦେଇ ବୃତ୍ତିଗତ ସମସ୍ୟା ସମାଧାନ ଦିଗରେ ସାମୁହିକ ଯୋଗଦାନ ପାଇଁ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାରେ ବିକ୍ରି ହେଉଥିବା ବିଭିନ୍ନ କମ୍ପାନୀର ଖାଇବା ତେଲର ମାନ ଏକା ଭଳି ହୋଇଥିବା ସତ୍ତ୍ୱେ କମ୍ପାନୀଗୁଡ଼ିକ ଲୋକଙ୍କୁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରୁଛନ୍ତି। ଯଦ୍ୱାରା ଲୋକେ ଲିଟର ପ୍ରତି ୫ରୁ ୧୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଦରରେ ତେଲ କିଣୁଛନ୍ତି। କମ୍ପାନୀ ବଦଳିଲେ ତେଲର ମାନ ବଦଳେ ନାହିଁ ବୋଲି ସାଧାରଣ ସମ୍ପାଦକ ପଣ୍ଡା କହିଛନ୍ତି। ତେଲର ଖାଦ୍ୟ ଗୁଣବତ୍ତା ଓ ନିରୀକ୍ଷଣ ପ୍ରଣାଳୀ ସମସ୍ତ ତେଲ କମ୍ପାନୀ ପାଇଁ ସମାନ। ତେଣୁ ଅପପ୍ରଚାରରେ ଭ୍ରମିତ ନ ହୋଇ ଯେକୌଣସି ବ୍ରାଣ୍ଡର ଖାଇବା ତେଲ କିଣିବା ପାଇଁ ଗ୍ରାହକଙ୍କୁ ଜାଗ୍ରତ କରିବାକୁ ଗ୍ରାହକ ସଚେତନତା ସମାବେଶ ମଧ୍ୟ ଆୟୋଜନ କରାଯାଉଛି। ଏହି ଅବସରରେ ସର୍ବସମ୍ମତିକ୍ରମେ ରାଜ୍ୟର ୧୧ ଜଣ ବ୍ୟବସାୟୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ସମୟାନୁସାରେ ଏହି କମିଟି ମାଧ୍ୟମରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗ୍ରାହକ ସଚେତନତା ବୈଠକ ଅନୁଷ୍ଠିତ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ନିୟମ ଅନୁଯାୟୀ ବ୍ୟବସାୟୀମାନେ କାରବାର କରିବା ସହ ଖାଉଟି ଯେପରି କ୍ଷତିଗ୍ରସ୍ତ ନ ହେବେ ସେଥିପାଇଁ ମିଳିତ ଭାବେ ରାଜ୍ୟ ବ୍ୟବସାୟୀମାନେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସଭାପତି ସିଏଚ୍ ରବି କହିଛନ୍ତି। କଟକ ବଣିକ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ, ଯୁଗ୍ମ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର ସଂଘକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।




ବୈଠକରେ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

**ଓଡ଼ିଶା ବ୍ୟବସାୟୀ ମହାସଂଘର ରାଜ୍ୟସ୍ତରୀୟ ବୈଠକ**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧।୯।୨୦୨୪

| | |
|---|---|
| ୫,୮୮,୮୪୮ ଟଙ୍କା | |
| ସୁନା | ୧.୫୦୦ ଗ୍ରାମ୍ |
| ରୁପା | ୬୪.୪୦୦ ଗ୍ରାମ୍ |

# 'ଶ୍ରୀମର୍ତ୍ତ୍ୟ ବୈକୁଣ୍ଠରେ ଶ୍ରୀଜଗନ୍ନାଥ'

ପୁରୀ,୧।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ପକ୍ଷରୁ ଚଳିତ ମାସର ଆଲୋଚନାଚକ୍ର ଜଗନ୍ନାଥବଲ୍ଲଭରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଡ. ଗୋପାଳକୃଷ୍ଣ ଦାଶ ସଭାପତିତ୍ୱ କରିଥିଲେ। ଚଳିତମାସର ଆଲୋଚ୍ୟ ବିଷୟ 'ଶ୍ରୀମର୍ତ୍ତ୍ୟ ବୈକୁଣ୍ଠରେ ଶ୍ରୀଜଗନ୍ନାଥ' ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ ଡା. ଶ୍ରୀନିବାସ ଆଚାର୍ଯ୍ୟ ଏବଂ ଅଧ୍ୟାପିକା ବାସନ୍ତୀ ଦେବୀ। ବିଂଶ ଶତାବ୍ଦୀର ତୃତୀୟ ଦଶକରେ ପ୍ରଚାରକ ବଂଶୀଧର ମହାନ୍ତିଙ୍କ ରଚିତ ଶ୍ରୀମର୍ତ୍ତ୍ୟବୈକୁଣ୍ଠ ଗ୍ରନ୍ଥ ଏକ ସ୍ଥଳପୁରାଣ, ଯେଉଁଥିରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଗଢ଼ିଉଠିଥିବା ସମାଜ, ସଂସ୍କୃତି, ରୀତିନୀତି, ଯାତ୍ରା ଉତ୍ସବ ଓ ଧର୍ମଧାରା ଆଦିର ବର୍ଣ୍ଣନା କରାଯାଇଛି। ରାମଚଣ୍ଡୀ ଠାକୁରାଣୀ କବିଙ୍କୁ ମର୍ତ୍ତ୍ୟ ବୈକୁଣ୍ଠ ନାମରେ ଗ୍ରନ୍ଥ ଲେଖିବାକୁ ପ୍ରେରିତ କରିବା କଥା ଉଲ୍ଲେଖ ରହିଛି। ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଶାସ୍ତ୍ରରେ ବୈକୁଣ୍ଠ କୁହାଯାଇଥିବାରୁ ଗ୍ରନ୍ଥର ନାମ ଶ୍ରୀମର୍ତ୍ତ୍ୟ ବୈକୁଣ୍ଠ ହେବା ସମୀଚୀନ। ମର୍ତ୍ତ୍ୟରେ ସମସ୍ତ ତୀର୍ଥର ସାର ପରମ ବୈଚିତ୍ର୍ୟମୟ କ୍ଷେତ୍ରରୂପେ ବୈଷ୍ଣବ ଶୈବ ଶାକ୍ତାଦି ବିଭିନ୍ନ ସମ୍ପ୍ରଦାୟ ଏବଂ ଚିନ୍ତାଚେତନାର ସମନ୍ୱୟ ବହନ କରି ଶ୍ରୀକ୍ଷେତ୍ର ମହିମାନ୍ୱିତ। ଏହି ପୁସ୍ତକରେ ବୈକୁଣ୍ଠ ଭୂଗୋଳର ଏ ସୁନ୍ଦର ବ୍ୟାଖ୍ୟା କରିବାକୁ ଯାଇ କବି ରତ୍ନସିଂହାସନଠାରୁ ଆରମ୍ଭ କରି ଏହା ଚତୁଃପାର୍ଶ୍ୱସ୍ଥ ବିଶାଳ କ୍ଷେତ୍ରର ଏକ ଭୌଗୋଳିକ ଚିତ୍ର ପ୍ରଦାନ କରିଛନ୍ତି। ତଦନୁସାରେ ରତ୍ନସିଂହାସନ– ନୀଳାଦ୍ରିବୈକୁଣ୍ଠ, ଭୋଗମଣ୍ଡପ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ପତିତପାବନ ବୈକୁଣ୍ଠ, ପାଦୋଦକ କୁଣ୍ଡଠାରୁ ପଶ୍ଚିମଦ୍ୱାର– ଲକ୍ଷ୍ମୀ ବୈକୁଣ୍ଠ, ଅନନ୍ତ ବାସୁଦେବଙ୍କଠାରୁ ଦକ୍ଷିଣଦ୍ୱାର –ଅନନ୍ତ ବୈକୁଣ୍ଠ, ସିଂହଦ୍ୱାର ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଲୀଳାବୈକୁଣ୍ଠ, ପଶ୍ଚିମଦ୍ୱାରଠାରୁ ଶଙ୍କରେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପାତାଳ ବୈକୁଣ୍ଠ, ଉତ୍ତରାୟଣୀ ଦୁର୍ଗାଙ୍କଠାରୁ ଚିରଡୋଳାନଦୀ – ବ୍ରହ୍ମ ବୈକୁଣ୍ଠ ଏବଂ ଅଶ୍ୱଦ୍ୱାରଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ସ୍ୱର୍ଗବୈକୁଣ୍ଠ ବା ଅମର ବୈକୁଣ୍ଠ କୁହାଯାଏ। ସୌର, ଶାକ୍ତ, ଗାଣପାତ୍ୟ, ଶୈବ୍ୟ ଓ ବୈଷ୍ଣବ ଆଦିଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଆରାଧିତ। 'କ୍ଷେତ୍ର ମଧ୍ୟେ ଉତ୍ତମ ଶ୍ରୀପୁରୁଷୋତ୍ତମ କ୍ଷେତ୍ରାଙ୍କ ବସିଅଛଇ ରଚି ନିଜ ଧାମ' ଗ୍ରନ୍ଥଟି ଚଉରାଳିଶ ଛାନ୍ଦରେ ରଚିତ। ଏଥିରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା ତଥା ଶ୍ରୀମନ୍ଦିର ନିର୍ମାଣର ଇତିବୃତ୍ତ ସହ ଭୂଷଣ୍ଡ କାକ ପ୍ରସଙ୍ଗ ବର୍ଣ୍ଣିତ। ଏହାର ଦାର୍ଶନିକ ଭାଗରେ କୈବଲ୍ୟ ମାହାତ୍ମ୍ୟ, ମହାପ୍ରସାଦ ମାହାତ୍ମ୍ୟ, ବେଢ଼ା ପରିକ୍ରମା, ଶ୍ରୀକ୍ଷେତ୍ର ମାହାତ୍ମ୍ୟ, କୋଇଲି ବୈକୁଣ୍ଠର ବୈଶିଷ୍ଟ୍ୟ ଓ ସ୍ୱର୍ଗଦ୍ୱାର ମହତ୍ତ୍ୱ ସଂକ୍ଷେପରେ ବର୍ଣ୍ଣନା କରାଯାଇଛି। ସେହିପରି ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ, ଶ୍ରୀକ୍ଷେତ୍ର ଶୈବପୀଠ, ଶାକ୍ତ ପରମ୍ପରା, ଶ୍ରୀକ୍ଷେତ୍ରରେ ବିରାଜିତ ବିଭିନ୍ନ ସାହିର ଦଶ ବାନାମ୍ବର ମନ୍ଦିର ସମ୍ପର୍କରେ ସୂଚନା ଦିଆଯାଇଛି। ଏହା ବ୍ୟତୀତ ଛତିଶା ନିଯୋଗର ଭୂମିକା, ଛପନଭୋଗର ବିବରଣୀ ଆଦି ରହିଛି। ଆଲୋଚନା ଚକ୍ରରେ ଡ. ନରେଶ ଚନ୍ଦ୍ର ଦାଶ, ଡ. ଭାସ୍କର ମିଶ୍ର, ଡ. ନୃସିଂହ ଚରଣ ସାହୁ, ଡ. କାଦମ୍ବିନୀ ଦାଶ, ଡ. କଲ୍ୟାଣୀ ନନ୍ଦୀ, ଅନାମଚରଣ ସାହୁ, ଗୋପୀନାଥ ଶତପଥୀ, ଦାଶରଥୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ମହାନ୍ତି ଏବଂ ସୁନୀଲ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକ ଓ ସଦସ୍ୟମାନେ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ବଡ଼ଦାଣ୍ଡ ମଝିରୁ ଲୁହାବାଡ଼ ହଟାଯିବାକୁ ଦାବି

ପୁରୀ,୧।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଦୋଳବେଦି କୋଣ ରାସ୍ତା ପର୍ଯ୍ୟନ୍ତ ବଡ଼ଦାଣ୍ଡ ମଝିରୁ ଲୁହାବାଡ଼ ହଟାଇବାକୁ ସାମାଜିକକର୍ମୀ ଦିଲୀପ ବରାଳ ଦାବି କରିଛନ୍ତି। ଏ ନେଇ ସେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରୀବରାଳ ତାଙ୍କ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ଶ୍ରୀମନ୍ଦିରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡ ୨୦୦୨ ମସିହାରୁ ଜାତୀୟ ରାଜପଥର ମାନ୍ୟତା ପାଇଛି। ଜାତୀୟ ରାଜପଥକୁ ଅବରୋଧମୁକ୍ତ କରାଯିବାର ଆବଶ୍ୟକତା ରହିଛି। ସିଂହଦ୍ୱାରଠାରୁ ଦୋଳବେଦି କୋଣ ରାସ୍ତା ପର୍ଯ୍ୟନ୍ତ ବ୍ୟାରିକେଡ ପକାଯାଇ ରାଜପଥକୁ ଅବରୋଧ କରାଯାଇଛି। ଫଳରେ ଲୋକେ ଯାତାୟତରେ ସମସ୍ୟା ଭୋଗୁଛନ୍ତି। ଛୁଟିଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧବକ ଭକ୍ତ ପୁରୀ ଆସୁଛନ୍ତି, ମାତ୍ର ରାସ୍ତା ଅବରୋଧ ହୋଇ ସଙ୍କୁଚିତ ହେବାରୁ ସମସ୍ୟା ଭୋଗୁଛନ୍ତି। ଶ୍ରୀମନ୍ଦିର ଚାରିପଟେ ବାସ କରୁଥିବା ସାହିବାସିନ୍ଦା ଯାତାୟତରେ ହଇରାଣ ହେଉଛନ୍ତି। ତେଣୁ ଭକ୍ତ ଓ ପୁରୀବାସୀଙ୍କ ସୁବିଧା ପାଇଁ ସିଂହଦ୍ୱାରଠାରୁ ଦୋଳ ବେଦିକୋଣ ପର୍ଯ୍ୟନ୍ତ ପଡ଼ିଥିବା ଲୁହା ବ୍ୟାରିକେଡ୍‌କୁ ହଟାଯିବାକୁ ବରାଳ ଦାବି କରିଛନ୍ତି।

### 'ଚକ୍ଷୁ ଦାନ ମହତ ଦାନ'

ପୁରୀ,୧।୯(ଅଜିତ କୁମାର ମହାନ୍ତି):

ପୁରୀ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ୩୯ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ କରାଯାଇଛି। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ଯୋଗଦେଇ ଚକ୍ଷୁଦାନର ଉପକାରିତା ବିଷୟରେ ବର୍ଣ୍ଣନା କରିଥିଲେ ଏବଂ ଚକ୍ଷୁଦାନ ସମ୍ପର୍କରେ ଥିବା ଭୁଲ ଧାରଣା ତଥା ଅନ୍ଧବିଶ୍ୱାସ ବିଷୟରେ ସ୍ପଷ୍ଟ କରିଥିଲେ। ଏସ୍‌ଜେଏମ୍‌ସିଏଚ୍ ଚକ୍ଷୁ ବିଭାଗର ପ୍ରଫେସର ଡା. ରାଜେନ୍ଦ୍ର କୁମାର ପ୍ରଧାନ ଉଦ୍‌ବୋଧନ ଦେଇ କହିଥିଲେ, ଜଣେ ବ୍ୟକ୍ତିଙ୍କ ମୃତ୍ୟୁର ୬ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଆଖିର ବଲ୍ ନୁହେଁ, ବରଂ କର୍ଣ୍ଣିଆ ବାହାର କରାଯାଇଥାଏ। ଜାତୀୟ ଦୃଷ୍ଟିହୀନତା ନିୟନ୍ତ୍ରଣ କାର୍ଯ୍ୟକ୍ରମ ପରିଚାଳକ ଡା. ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ କହିଥିଲେ, ଏକବର୍ଷ ବୟସରୁ ଏବଂ ତା'ଠାରୁ ଅଧିକ ବୟସରୁ ଚକ୍ଷୁ ଦାନ କରିବା ପାଇଁ କୌଣସି ବୟସ ପ୍ରତିବନ୍ଧକ ନାହିଁ। ଏସ୍‌ଜେଏମ୍‌ସିଏଚ୍ ସହପ୍ରାଧ୍ୟାପକ ଡା. ସଂଯୁକ୍ତା ମହାପାତ୍ର, ସିନିଅର ରେସିଡେଣ୍ଟ ଡା. ପ୍ରିୟଙ୍କା ଜେନା, ସିନିୟର ରେସିଡେଣ୍ଟ ଡା. କଳ୍ପନା ବଡ଼ଉଆଲ, ଏନ୍‌ଏମ୍‌ସିସି ପ୍ରିନ୍ସିପାଲ ନୟନା ସାମଲ ଚକ୍ଷୁ ଦାନ ଉପରେ ଆଲୋକପାତ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରବୀନ୍ଦ୍ର ପ୍ରଧାନ, ଜିଲା ଆକାଉଣ୍ଟସ୍ ମ୍ୟାନେଜର ବିଜୟ ନାୟକ, ଏପିଏମ୍ ସନ୍ଦୀପ ବରଣ ଓଝା, ଆସିଷ୍ଟାଣ୍ଟ ମ୍ୟାନେଜର (ଟ୍ରେନିଂ ଆଇସି ବିସିସି) ମନୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।





ଆୟୁଷ ଆର୍ଟ ଫାଉଣ୍ଡେଶନ ଆନୁକୂଲ୍ୟରେ ରବିବାର ପୁରୀ ଜିଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଅବସରରେ ମଞ୍ଚାସୀନ ଅତିଥି।

## ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ଜାତୀୟ ଚିତ୍ରକଳା ପ୍ରଦର୍ଶନୀ

ପୁରୀ,୧।୯(ଅଜିତ୍ କୁମାର ମହାନ୍ତି)

ଆୟୁଷ ଆର୍ଟ ଫାଉଣ୍ଡେଶନ ଆନୁକୂଲ୍ୟରେ ପୁରୀ ଜିଲା ସଂସ୍କୃତି ଭବନର ଆଞ୍ଚଳିକ ଚିତ୍ରକଳା ଗ୍ୟାଲେରୀରେ 'ବିଶ୍ୱପଟଳରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି' ଆଧାରିତ ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଯୋଗଦେଇ ଚିତ୍ରକଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରୁ ୫ରୁ ୧୮ ବର୍ଷ ବୟସର ଚିତ୍ରଶିଳ୍ପୀମାନଙ୍କ ପ୍ରାୟ ୬୦ଟି ଚିତ୍ରକଳା ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ଏହି ଅବସରରେ ଫାଉଣ୍ଡେଶନର ପ୍ରତିଷ୍ଠାତା ଆୟୁଷ ମହାପାତ୍ର ମୁଖ୍ୟ ଅତିଥିଙ୍କୁ ତାଙ୍କ ଚିତ୍ରକଳା ଦେଖାଇବା ସହ ଏ ସଂକ୍ରାନ୍ତ ଭାବନା କହିଥିଲେ। ପରେ ସଂସ୍କୃତ ଭବନରେ ସଭା ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ତିରୁପତି ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଉପନିର୍ଦ୍ଦେଶକ ଡ. ଭାରତୀ ଭୂଷଣ ରଥ, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ସୂର୍ଯ୍ୟନାରାୟଣ ରଥ, କିଟ୍ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରକ୍ଷକ ନାୟକ, ଭିରାସତ୍‌ର ଚେୟାରମ୍ୟାନ ଡ. ଭି.ପି. ସିଂହ, ନୂଆଦିଲ୍ଲୀ ସିଏସ୍‌ଆଇଆର ପୂର୍ବତନ ନିୟନ୍ତ୍ରକ ଡ. ତାରିକ୍ ବାବର୍ ଏବଂ ଆମେରିକା ଦକ୍ଷିଣ ଫ୍ଲୋରିଡା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ଅନାମିକା ମିଶ୍ର ଯୋଗଦାନ କରିଥିଲେ। ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ କଳା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ରାଜ୍ୟରୁ ଆସିଥିବା କୁନି ଚିତ୍ରଶିଳ୍ପୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଆଜି ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ଆସିବ ସାତପୁରୀ ତାଡ଼

ପୁରୀ,୧।୯(ଅଜିତ କୁମାର ମହାନ୍ତି)

ପବିତ୍ର ଭାଦ୍ରବ ମାସ ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା କୁହାଯାଏ। ଏହି ଅମାବାସ୍ୟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ମାଟି ନିର୍ମିତ ତାଡ଼ରେ ସାତପୁର ଦିଆ ପିଠା ଭୋଗ ହୋଇଥାଏ। ତେଣୁ ତାଡ଼ଗୁଡ଼ିକୁ ସାତପୁରୀ ତାଡ଼ ବୋଲି କୁହାଯାଏ। ମଙ୍ଗଳବାର ସପ୍ତପୁରୀ ଅମାବାସ୍ୟା (ମଳ) ପଡୁଥିବାରୁ ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ, ପୂର୍ବଦିନ ଅର୍ଥାତ ଚତୁର୍ଦ୍ଦଶୀରେ ଆଲମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ତାଡ଼ ବିଜେ ହୋଇଥାଏ। ତେବେ ଚଳିତବର୍ଷ ଅମାବାସ୍ୟା ତିଥି ଦୁଇଦିନ ଥିବାରୁ ଅମାବାସ୍ୟା ଦିନ ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ତାଡ଼ ବିଜେ କରାଯିବ। ଅମାବାସ୍ୟା (ମଳ) ତିଥିରେ ଶ୍ରୀବିଗ୍ରହମାନଙ୍କୁ ପିଠା ଭୋଗ ହେବ। ତେଣୁ ସୋମବାର ଅଠରନଳାସ୍ଥିତ ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ସପ୍ତପୁରୀ ତାଡ଼ ବିଜେ ହେବ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିପହର ଧୂପ ପରେ ଶ୍ରୀମନ୍ଦିରରୁ ଘଣ୍ଟ ଛତା, କାହାଳୀ ଅଠରନଳାସ୍ଥିତ ଆଲାମଚଣ୍ଡୀ ମନ୍ଦିରକୁ ଯିବ। ସେଠାରେ ବିଶେଷ ନୀତି ସମ୍ପନ୍ନ ହେବା ପରେ କୁମ୍ଭାର ବିଶୋଇ ସେବକମାନେ ବାଘମୁହାଁ ବାନ୍ଧି ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ୪ଟି ସାତପୁରୀ ତାଡ଼ ଶ୍ରୀମନ୍ଦିରକୁ ବିଜେ କରିବେ। ତାଡ଼ ଶ୍ରୀମନ୍ଦିରରେ ପହଞ୍ଚିବା ପରେ ଭିତରବେଢ଼ାରେ ଗୋଟିଏ ଥର ବୁଲାଇ ଏହାକୁ ରୋଷ ବେହେରଣଠାରେ ରଖାଯିବ। ସନ୍ଧ୍ୟାଧୂପ ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଦକ୍ଷିଣକାଳୀଙ୍କ ପୀଠକୁ ଯାଇ ଠାକୁରାଣୀଙ୍କୁ ଅର୍ପଣ କରିବେ। ପରେ ଦକ୍ଷିଣକାଳୀଙ୍କ ସେବକମାନେ ଏକ ଆଜ୍ଞାମାଳ ଆଣି ଶ୍ରୀମନ୍ଦିରକୁ ଆସି ରୋଷଦ୍ୱାର ପାଖରେ ରୋଷ ପାଇକଙ୍କୁ ଅର୍ପଣ କରିବେ। ଉକ୍ତ ଆଜ୍ଞାମାଳ ରୋଷଘରେ ବିଜେ କରାଯିବ। ପରେ ସାତପୁରୀ ରୋଷଘରେ ସାତପୁରୀ ପିଠା ପ୍ରସ୍ତୁତ ହେବ। ଅମାବାସ୍ୟାରେ ସକାଳ ଧୂପରେ ମହାପ୍ରଭୁଙ୍କୁ ସାତପୁରୀ ପିଠା ଲାଗି କରାଯିବ।

## 'ସଂସ୍କୃତ ବିନା ସଂସ୍କୃତି ପଙ୍ଗୁ ପାଲଟିଯାଏ'

ପୁରୀ, ୧।୯(ଅଜିତ କୁମାର ମହାନ୍ତି)

ବିଶ୍ୱମ୍ଭର ବିଦ୍ୟାପୀଠରେ ପ୍ରଧାନଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶଙ୍କ ସଭାପତିତ୍ୱରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଏଥିରେ ପଣ୍ଡିତ ସତ୍ୟନାରାୟଣ ଦାଶ, ପଣ୍ଡିତ ବିଷ୍ଣୁପ୍ରସାଦ ଶତପଥୀ, ପଣ୍ଡିତ ନୃସିଂହଚରଣ ପଣ୍ଡା ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାସ୍କର ରେଣ୍ଟୀ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଭାଷଣ, କୁଇଜ୍, ଗୀତ ଏବଂ ଗୀତା ଆବୃତ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍କୃତ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସେହିପରି କୋରୁଅ ନିକଟ ଅନ୍ନପୂର୍ଣ୍ଣା ଉଚ୍ଚ ବିଦ୍ୟାଳୟରେ ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ ସହଯୋଗରେ ବିଶ୍ୱ ସଂସ୍କୃତ ଦିବସ ପାଳନ କରାଯାଇଥିଲା। ଆବାହକ ପଣ୍ଡିତ ବିଜୟ ଛାଟୋଇଙ୍କ ସଂଯୋଜନା ଓ ପ୍ରଧାନ ଶିକ୍ଷୟିତ୍ରୀ ଉଷାମଣି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ବାସନ୍ତୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାର ଗରିମା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ପ୍ରମୋଦ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଡ. ବଳରାମ ଦାଶ ଯୋଗଦେଇଥିଲେ।

# ସ୍ୱର୍ଣ୍ଣ ଜିତିଲେ ପୁରୀର ପିଙ୍କି ନାୟକ

### ସାଉଥ୍ ଏସିଆନ୍ କମ୍ବାର୍ଟ ରେସ୍‌ଲିଂ ଚାମ୍ପିୟନଶିପ୍

ପୁରୀ,୧।୯(ଅଜିତ୍ କୁମାର ମହାନ୍ତି)

ସମ୍ପ୍ରତି ନେପାଳର ରାଜଧାନୀ କାଠମାଣ୍ଡୁଠାରେ ସାଉଥ୍ ଏସିଆନ୍ କମ୍ବାର୍ଟ ରେସ୍‌ଲିଂ ଚାମ୍ପିୟନ୍‌ଶିପ୍ ଚାଲିଛି। ଏଥିରେ ଏସିଆ ମହାଦେଶର ଭାରତ ସମେତ ବିଭିନ୍ନ ଦେଶ ଅଂଶଗ୍ରହଣ କରିଛନ୍ତି। ଭାରତୀୟ ଦଳରେ ଓଡ଼ିଶାର ଅନେକ ଖେଳାଳି ସାମିଲ ଅଛନ୍ତି। ଉକ୍ତ ପ୍ରତିଯୋଗିତାରେ ଭାରତୀୟ ଦଳର ସଦସ୍ୟା ତଥା ପୁରୀର ପିଙ୍କି ନାୟକ ସ୍ୱର୍ଣ୍ଣ ପଦକ ଜିଣି ଓଡ଼ିଶା ଏବଂ ଭାରତ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ପିଙ୍କି ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେରାଣ୍ଡିପୁର ଗୌଡ଼ସାହିର ବାବୁଲି ନାୟକ ଏବଂ ସୁଲୋଚନା ନାୟକଙ୍କ ଝିଅ। ଉଭୟ ରାଜ୍ୟ ଓ ଜାତୀୟ ସ୍ତରରେ ପିଙ୍କି ନିଜର କ୍ରୀଡ଼ା ନୈପୁଣ୍ୟତା ପ୍ରତିପାଦିତ କରିଛନ୍ତି। ଓଡ଼ିଶା ପାଇଁ ଖେଳିବା ଓ ଜାତୀୟସ୍ତରରେ ନିଜ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ନେଇ ପିଙ୍କି ଦେଖିଥିବା ସ୍ୱପ୍ନ ଏବେ ସାକାର ହୋଇଛି। ଅନ୍ତର୍ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଅଲିମ୍ପିକ୍‌ରେ ଦେଶକୁ ପ୍ରତିନିଧିତ୍ୱ କରିବା ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ରହିଛି। ପିଙ୍କିଙ୍କ ଏହି ସଫଳତା ଖବର ପ୍ରକାଶ ପାଇବା ପରେ ତାଙ୍କୁ ଓ ତାଙ୍କ ପରିବାରକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।



## ୧୫ ବର୍ଷ ପରେ ଦୃଷ୍ଟିଶକ୍ତି ଫେରିପାଇଲେ ମହିଳା

ପୁରୀ,୧।୯(ଅଜିତ୍ କୁମାର ମହାନ୍ତି)

ଚିକିତ୍ସା ବିଜ୍ଞାନର ଏକ ବିରଳ ଘଟଣାକ୍ରମେ ଦୀର୍ଘ ୧୫ବର୍ଷ ଧରି ଦୃଷ୍ଟିଶକ୍ତି ହରାଇଥିବା ଜଣେ ମହିଳା ଅପରେଶନ୍ ପରେ ପୁଣି ନିଜ ଦୃଷ୍ଟିଶକ୍ତି ଫେରି ପାଇଛନ୍ତି। ପରିଣତ ବୟସ୍କା ଏହି ମହିଳାଙ୍କ ପାଇଁ ଅନ୍ଧକାରମୟ ଦୁନିଆ ପୁଣିଥରେ ଆଲୋକିତ ହୋଇ ଉଠିଥିବା ବେଳେ ଜଣେ ଦେବଦୂତ ଭଳି ତାଙ୍କର ଦୃଷ୍ଟିଶକ୍ତି ଫେରାଇ ଆଣିବାରେ ସହାୟକ ହୋଇଛନ୍ତି ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଚକ୍ଷୁ ବିଭାଗ ମୁଖ୍ୟ ପ୍ରଫେସର ରାଜେନ୍ଦ୍ର କୁମାର ବେହେରା। ସୂଚନା ଅନୁଯାୟୀ, ପୁରୀ ଗଙ୍ଗାରାମ ନୂଆସାହିର ଗୁନୁମାରି ଜେନା (୫୨) ବିଭିନ୍ନ ରୋଗରେ ପୀଡ଼ିତ ଥାଇ ଆଜକୁ ୧୫ବର୍ଷ ହେବ ଦୃଷ୍ଟିଶକ୍ତି ହରାଇଥିଲେ। ଏଥିପାଇଁ ସେ ଚଲାବୁଲା କରିନ ପାରି ଶଯ୍ୟାଶାୟୀ ହୋଇପଡ଼ିଥିଲେ। ତେବେ ତାଙ୍କର ଜ୍ୱାଇଁ ଗତ ୧୨ତାରିଖ ରେ ପୁରୀ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଚକ୍ଷୁ ବିଭାଗରେ ଦେଖାଇବା ପରେ ଏହା ବହୁ ପୁରୁଣା ମୋତିଆବିନ୍ଦୁଜନିତ ଅନ୍ଧତ୍ୱ ବୋଲି ଚିହ୍ନଟ ହୋଇଥିଲା। ଚକ୍ଷୁ ବିଭାଗ ମୁଖ୍ୟ ପ୍ରଫେସର ବେହେରା ନିଜେ ଗୁନୁମାରିଙ୍କର ଏହି ଜଟିଳ ଅସ୍ତ୍ରୋପଚାର କରିଥିଲେ। ସଫଳ ଚିକିତ୍ସା ପରେ ଗୁନୁମାରି ଏବେ ଦେଖିବାକୁ ସମର୍ଥ ହୋଇପାରିଥିବାରୁ ତାଙ୍କ ପରିବାରରେ ହସ ଖେଳିଯାଇଛି। ପ୍ରଫେସର ବେହେରାଙ୍କୁ ଏଥିପାଇଁ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ପକ୍ଷରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିବା ବେଳେ କଲେଜ ଅଧ୍ୟକ୍ଷା ପ୍ରଫେସର ସବିତା ମହାପାତ୍ର, ଅଧୀକ୍ଷକ ପ୍ରଫେସର କୌଶିକ ମିଶ୍ର ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ଗଞ୍ଜାମ ଜିଲାର ମୂଳ ବାସିନ୍ଦା ପ୍ରଫେସର ବେହେରା ଜଣେ ସାହିତ୍ୟିକ ଭାବେ ପରିଚିତି ପାଇଥିବା ବେଳେ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ତାଙ୍କର ଉଚ୍ଚତର ଜ୍ଞାନ ଓ ଦୀର୍ଘବର୍ଷର ଅଭିଜ୍ଞତା ରହିଛି। ଅଦ୍ୟାବଧି ସେ ପ୍ରାୟ ୫୦ ହଜାର ରୋଗୀଙ୍କ ଚକ୍ଷୁ ଚିକିତ୍ସା କରିସାରିଲେଣି। ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟକୁ ପ୍ରଫେସର ବେହେରା କୃତଜ୍ଞତା ଜଣାଇବା ସହ ଏହି ଅପରେଶନରେ ସହଯୋଗ କରିଥିବା ଡାକ୍ତରଖାନାର କର୍ମଚାରୀମାନେ ମଧ୍ୟ ସଫଳତାର ଶ୍ରେୟଭାଗୀ ବୋଲି ସେ ପ୍ରକାଶ କରିଛନ୍ତି।

## 'କମ୍ପାନୀ ବଦଳିଲେ ଖାଇବା ତେଲର ମାନ ବଦଳେ ନାହିଁ'

### ଓଡ଼ିଶା ବ୍ୟବସାୟୀ ମହାସଂଘର ରାଜ୍ୟସ୍ତରୀୟ ବୈଠକ

କଟକ,୧।୯ (କାର୍ତ୍ତିକ ସାହୁ)

କଟକ ବଣିକ ସଂଘ ଆନୁକୂଲ୍ୟରେ ଓଡ଼ିଶା ବ୍ୟବସାୟୀ ମହାସଂଘର ଏକ ରାଜ୍ୟସ୍ତରୀୟ ବୈଠକ ଲିଙ୍କରୋଡ୍‌ସ୍ଥିତ ଲାୟନ ଗାର୍ଡେନ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଯୋଗଦେଇ ସମସ୍ୟା ଉପସ୍ଥାପନ କରିବା ସହ ସମାଧାନର ପନ୍ଥା ନିର୍ଦ୍ଧାରଣ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ବ୍ୟବସାୟୀ ମହାସଂଘ ସଭାପତି ସିଏଚ୍ ରବି ଏବଂ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା ଯୋଗଦେଇ ବୃତ୍ତିଗତ ସମସ୍ୟା ସମାଧାନ ଦିଗରେ ସାମୁହିକ ଯୋଗଦାନ ପାଇଁ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାରେ ବିକ୍ରି ହେଉଥିବା ବିଭିନ୍ନ କମ୍ପାନୀର ଖାଇବା ତେଲର ମାନ ଏକା ଭଳି ହୋଇଥିବା ସତ୍ତ୍ୱେ କମ୍ପାନୀଗୁଡ଼ିକ ଲୋକଙ୍କୁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରୁଛନ୍ତି। ଯଦ୍ୱାରା ଲୋକେ ଲିଟର ପ୍ରତି ୫ରୁ ୧୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଦରରେ ତେଲ କିଣୁଛନ୍ତି। କମ୍ପାନୀ ବଦଳିଲେ ତେଲର ମାନ ବଦଳେ ନାହିଁ ବୋଲି ସାଧାରଣ ସମ୍ପାଦକ ପଣ୍ଡା କହିଛନ୍ତି। ତେଲର ଖାଦ୍ୟ ଗୁଣବତ୍ତା ଓ ନିରୀକ୍ଷଣ ପ୍ରଣାଳୀ ସମସ୍ତ ତେଲ କମ୍ପାନୀ ପାଇଁ ସମାନ। ତେଣୁ ଅପପ୍ରଚାରରେ ଭ୍ରମିତ ନ ହୋଇ ଯେକୌଣସି ବ୍ରାଣ୍ଡ୍‌ର ଖାଇବା ତେଲ କିଣିବା ପାଇଁ ଗ୍ରାହକଙ୍କୁ ଜାଗ୍ରତ କରିବାକୁ ଗ୍ରାହକ ସଚେତନତା ସମାବେଶ ମଧ୍ୟ ଆୟୋଜନ କରାଯାଉଛି। ଏହି ଅବସରରେ ସର୍ବସମ୍ମତିକ୍ରମେ ରାଜ୍ୟର ୧୧ ଜଣ ବ୍ୟବସାୟୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ସମୟାନୁସାରେ ଏହି କମିଟି ମାଧ୍ୟମରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗ୍ରାହକ ସଚେତନତା ବୈଠକ ଅନୁଷ୍ଠିତ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ନିୟମ ଅନୁଯାୟୀ ବ୍ୟବସାୟୀମାନେ କାରବାର କରିବା ସହ ଖାଉଟି ଯେପରି କ୍ଷତିଗ୍ରସ୍ତ ନ ହେବେ ସେଥିପାଇଁ ମିଳିତ ଭାବେ ରାଜ୍ୟ ବ୍ୟବସାୟୀମାନେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସଭାପତି ସିଏଚ୍ ରବି କହିଛନ୍ତି। କଟକ ବଣିକ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ, ଯୁଗ୍ମ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର ସଂଘକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ ନିମନ୍ତେ ବୈଠକ

ପୁରୀ,୧।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଭାରତୀୟ ଜନତା ପାର୍ଟି ସଂଯୁକ୍ତ ମୋର୍ଚ୍ଚା ଆନୁକୂଲ୍ୟରେ ସଦସ୍ୟତା ଅଭିଯାନ ନିମନ୍ତେ ଏକ ବୈଠକ ରବିବାର ସ୍ଥାନୀୟ ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାଜପା ଜିଲା ସଭାପତି ତଥା ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, କାର୍ଯ୍ୟକାରୀ ସଭାପତି ଡା. ଦେବେନ୍ଦ୍ର ନାଥ ତରେଇ, ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସୁରେନ୍ଦ୍ର ସେଠୀ, ଶଙ୍କର ପରିଡା, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚାର ରାଜଲକ୍ଷ୍ମୀ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ମହିଳା ମୋର୍ଚ୍ଚା ରାଜ୍ୟ ପ୍ରଭାରୀ ସୁମିତ୍ରା ସେନାପତି, ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ହରିଜନ ମୋର୍ଚ୍ଚା , ଜିଲା ସଭାପତି ଅନୁଲ ସେଠୀ, ମୋର୍ଚ୍ଚାର ରାଜ୍ୟ ପ୍ରଭାରୀ ପ୍ରଶାନ୍ତ ପ୍ରଧାନ, ଜିଲା ସଭାପତି ଦେବ ପ୍ରସନ୍ନ ସ୍ୱାଇଁ, କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ଜିଲା ସଭାପତି ଅଜୟ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ସୁଶାନ୍ତ ସ୍ୱାଇଁ, ବରିଷ୍ଠ ସେବାୟତ ମଧୁ ସିଂହାରୀ, ବହୁ ବରିଷ୍ଠ ନେତୃତ୍ୱ ଏବଂ ଜିଲା ପଦାଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ ।

## ୨୦ ଦିନ ହେଲା ଏସି ଲକ୍ଷ୍ମୀ ବସ୍ ବନ୍ଦ

### ସେବାରୁ ବଞ୍ଚିତ ଲୋକ, ଚିନ୍ତାରେ କର୍ମଚାରୀ

ଅସ୍ତରଙ୍ଗ,୧।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗରୁ ପୁରୀ ଏସି ଲକ୍ଷ୍ମୀ ବସ୍ ଦିନକୁ ଦୁଇ ଥର ଯିବା ଆସିବା କରୁଥିଲା। ଏହା ଏକମାତ୍ର ସରକାରୀ ବସ୍, ଯାହାକି ଅସ୍ତରଙ୍ଗରୁ ବାହାରି ପୁରୀ ଯିବାଆସିବା କରୁଥିବା ବେଳେ ବହୁଲୋକ ଉପକୃତ ହେଉଥିଲେ। ସ୍ୱଳ୍ପ ସୀମିତ ରହଣି ସହିତ କମ୍ ପଇସା ହୋଇଥିବାରୁ ଲୋକମାନଙ୍କ ପସନ୍ଦ ଏବଂ ଭରସାଯୋଗ୍ୟ ହୋଇଥିଲା। ଅସ୍ତରଙ୍ଗରୁ ପୁରୀ ମହିଳାମାନଙ୍କ ପାଇଁ ବସ୍ ଭଡ଼ା ୧୦ ଟଙ୍କା ରହିଥିବା ବେଳେ ପୁରୁଷମାନଙ୍କ ପାଇଁ ୮୦ ଟଙ୍କା ରହିଥିଲା। ଏବେ ୨୦ ଦିନ ହେଲା ଏହି ବସ୍ ସେବା ବନ୍ଦ ରହିଥିବା ଦେଖିବାକୁ ମିଳିଛି।



ସରକାର ବଦଳିବା ପରେ ହଠାତ୍ ଏମିତି ବନ୍ଦ ହେବାକୁ ନେଇ ସାଧାରଣ ଜନତା ସହଜରେ ବୁଝିପାରୁ ନ ଥିବାବେଳେ ଏଥିରେ କାମ କରୁଥିବା ୩ କର୍ମଚାରୀ ଆଜି ପର୍ଯ୍ୟନ୍ତ କାମ ପାଇନାହାନ୍ତି। ସେମାନେ କ'ଣ କରିବେ, କେମିତି ପରିବାର ପ୍ରତିପୋଷଣ କରିବେ ତାହାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ଜନସାଧାରଣଙ୍କ ସୁବିଧା ସହିତ କର୍ମଚାରୀଙ୍କ ଭବିଷ୍ୟତକୁ ଲକ୍ଷ୍ୟ କରି ପୁନର୍ବାର ଏହି ବସ୍ ସେବା ଯୋଗାଇଦେବାକୁ ଦାବି ହୋଇଛି। ଚାହିଦା ଥିବା ରୁଟ୍ ବନ୍ଦ କରି ଯେଉଁ ରୁଟ୍‌ରେ କ୍ଷତି ହେଉଛି, ସେହି ରୁଟ୍‌ରେ ବସ ଚାଲିଛି। ପରିବହନ ବିଭାଗର ବିଚିତ୍ର କାରବାର। କ୍ଷତି ସହିବାକୁ ପ୍ରସ୍ତୁତ, କିନ୍ତୁ ଲାଭ ଟଙ୍କାକୁ ନା। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

# ସମ୍ପୂର୍ଣ୍ଣ ପ୍ଲାନିଂରେ ଗଢ଼ାଯିବ ନୂଆ ସହର : ମନ୍ତ୍ରୀ

ଭୁବନେଶ୍ୱର,୧୯(ବନ୍ଦନା ସେଠୀ)


ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ବିଡିଏ କର୍ମଚାରୀ ସୁବାସିନୀ ପରିଡ଼ାଙ୍କ ପୁଅ ଅମ୍ଲାନ ସିଂଙ୍କୁ ପୁରସ୍କୃତ କରୁଛନ୍ତି।

ରାଜଧାନୀର ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏବେ ଏଠାରେ ସହରୀ ଯୋଜନାର ଆବଶ୍ୟକତା ରହିଛି। ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ଲକ୍ଷ୍ୟରେ ସହରର ବିକାଶ, ସବୁଜିମା ବଜାୟ ରଖିବା, ସ୍ୱେରେଜ ଓ ଡ୍ରେନେଜ ବ୍ୟବସ୍ଥାରେ ଉନ୍ନତି ଆଣିବା ଜରୁରୀ ହୋଇପଡିଛି। ତେବେ ନୂଆ ସହର ସମ୍ପୂର୍ଣ୍ଣ ପ୍ଲାନିଂରେ ଗଢ଼ାଯିବ। ଏକ୍ଷେତ୍ରରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଓ ଜନସାଧାରଣଙ୍କ ସହଯୋଗ ଦରକାର ବୋଲି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ରବିବାର ସୂଚନା ଭବନଠାରେ ଆୟୋଜିତ ବିଡିଏର ୪୨ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ସହରରେ ଥିବା ୧୯୧ ବେଆଇନ ଆପାର୍ଟମେଣ୍ଟ ଭାଙ୍ଗିବା ନେଇ ସରକାର କଠୋର ଅଛନ୍ତି। ବର୍ଷାଦିନ ପରେ ଏନେଇ ଚିନ୍ତା କରାଯିବ। ସହରରେ ବିଡିଏ ଦ୍ୱାରା ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯେପରି ଯଥା ସମୟରେ ଶେଷ ହେବ ସେ ନେଇ ମଧ୍ୟ ଦୃଷ୍ଟି ଦିଆଯାଉଛି। ୨୪ବର୍ଷ ଭିତରେ ଯାହା ହୋଇନାହିଁ, ତାହା ୨୪ମାସରେ ହେବା ସମ୍ଭବ ନୁହେଁ। ତେବେ ଏହା ଡବଲ ଇଞ୍ଜିନ୍ ସରକାର, ତେଣୁ ସମସ୍ତଙ୍କ ସହଯୋଗରେ ଡବଲ ସ୍ପିଡ୍‌ରେ କାମ ହେଉଛି। ରିଂ ରୋଡ୍, ନ୍ୟୁ ସିଟି ନେଇ ବ୍ୟବସ୍ଥା ହେଉଛି। ଏଥିରେ ଡ୍ରେନେଜ୍‌ଠାରୁ ଆରମ୍ଭ କରି ସ୍ୱେରେଜ୍, ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ୍ ଆଦି ସମସ୍ତ ସୁବିଧା ଉପଲବ୍ଧ ହେବ। ତେବେ ମାସେ ହେବ ମୁଁ ଆସିଛି, ଏ ପର୍ଯ୍ୟନ୍ତ ଦାୟିତ୍ୱ ନେଇନି କି ଅଫିସ୍‌କୁ ଗ୍ରହଣ ମଧ୍ୟ କରିନି। ଉପାଧ୍ୟକ୍ଷ ମଧ୍ୟ ନୂଆ ଆସିଛନ୍ତି। ତେଣୁ ଆମେ ବସି ଆଲୋଚନା କରିବା ସହ ସମସ୍ତ ଯୋଜନାକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ଏହାବାଦ୍ ବିଡିଏ କର୍ମଚାରୀଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ନେଇ ହୋଇଥିବା ଦାବି ସମ୍ପର୍କରେ ଆଲୋଚନା କରାଯିବ। ଏନେଇ ଅଧିକାରୀ, ଆଇନ୍ ବିଭାଗ, ଅର୍ଥ ବିଭାଗ ସହ ଆଲୋଚନା ହେବା ପରେ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏକାମ୍ର ବିଧାୟକ ବାବୁ ସିଂ ସହରର ଦ୍ରୁତ ଅଭିବୃଦ୍ଧି ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସହରାଞ୍ଚଳ ବାସହୀନଙ୍କୁ ଆଶ୍ରୟ ପ୍ରଦାନ କରୁଥିବା ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ଦେବାକୁ ବିଡିଏକୁ ଅନୁରୋଧ କରିଛନ୍ତି। ସହର ନିର୍ମାଣରେ ଏମାନେ ବିଶ୍ୱକର୍ମା ସାଜିଥିବାବେଳେ ପେନ୍‌ସନ୍ ବ୍ୟବସ୍ଥା ନ ଥିବାରୁ ବିଡିଏ କର୍ମଚାରୀଙ୍କ ଅବସର ପରର ଜୀବନ ଦୁର୍ବିସହ ହୋଇପଡୁଛି। ତେଣୁ ତୁରନ୍ତ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରାଯିବା ଉଚିତ। ଭୁବନେଶ୍ୱର ସ୍ମାର୍ଟସିଟି ମାନ୍ୟତା ପାଇଥିଲେ ହେଁ ଏହାକୁ ବାସ୍ତବରେ ପରିଣତ କରିବାର ସମୟ ଆସିଛି ବୋଲି ସେ କହିଛନ୍ତି। ମେୟର ସୁଲୋଚନା ଦାସ ଭୁବନେଶ୍ୱରକୁ ଏକ ସମାବେଶୀ ସହରରେ ପରିଣତ କରିବା ଓ ଜଳବାୟୁ ପରିବର୍ତ୍ତନର ଆହ୍ୱାନର ମୁକାବିଲା

**ବିଡିଏର ୪୨ତମ ପ୍ରତିଷ୍ଠା ଦିବସ**

- ବର୍ଷାଦିନ ପରେ ଭଙ୍ଗାଯିବ ୧୯୧ ବେଆଇନ ଆପାର୍ଟମେଣ୍ଟ
- ବିଡିଏ କର୍ମଚାରୀଙ୍କ ପେନ୍‌ସନ୍ ଲାଗୁ ନେଇ ଆଲୋଚନା ହେବ

ଦିଗରେ ବିଡିଏର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଡିଏ କର୍ମଚାରୀ ୟୁନାଇଟେଡ୍ ଫୋରମ ସଭାପତି ସମୀର ମହାନ୍ତି ମଧ୍ୟ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୯୭% ନମ୍ବର ରଖିଥିବା ବିଡିଏ କର୍ମଚାରୀ ସୁବାସିନୀ ପରିଡ଼ାଙ୍କ ପୁଅ ଅମ୍ଲାନ ସିଂଙ୍କୁ ସାର୍ଟିଫିକେଟ ଓ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ବିଡିଏର ବାର୍ଷିକ ବିବରଣୀ ଉନ୍ମୋଚନ ହୋଇଥିଲା। ବିଡିଏ ଉପାଧ୍ୟକ୍ଷ ଡ. ଏନ୍ ତିରୁମାଲା ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଡିଏ ସଚିବ ସ୍ନିଗ୍ଧାରାଣୀ ଧଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଡିଏ କର୍ମଚାରୀଙ୍କ ପାଇଁ ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା।

## ଭୁବନେଶ୍ୱରରୁ ଏକାଧିକ ଟ୍ରେନ୍ ବାତିଲ

ଭୁବନେଶ୍ୱର,୧୯ (ଅନୁରାଧା ମହାରଣା)

ବିଜୟୱାଡ଼ା ଓ ରାଜମୁନ୍ଦରୀ ମଧ୍ୟରେ ରେଳ ସଂଯୋଗ ବାଧାପ୍ରାପ୍ତ ହେବା କାରଣରୁ ସମଗ୍ର ଦେଶରେ ୧୪ଟି ଟ୍ରେନ୍ ଚଳାଚଳ ବାତିଲ ହୋଇଛି। ଏହାସହ ୨ଟି ଟ୍ରେନ୍ ଆଂଶିକ ବାତିଲ ହୋଇଥିବାବେଳେ ଗୋଟିଏ ଟ୍ରେନ୍ ସମୟ ପରିବର୍ତ୍ତନ କରାଯାଇଛି। ବାତିଲ ହୋଇଥିବା ଅନ୍ୟାନ୍ୟ ଟେନ୍ ସହ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍, ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ଏକ୍ସପ୍ରେସ୍, ଭୁବନେଶ୍ୱର-ମୁମ୍ବାଇ- କୋଣାର୍କ ଏକ୍ସପ୍ରେସ୍ ରହିଛି। ଏହି ଟ୍ରେନ୍‌ଗୁଡ଼ିକର ଚଳାଚଳ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ସେହିପରି ସମ୍ବଲପୁରରୁ ଚଳାଚଳ କରୁଥିବା ସମ୍ବଲପୁର-ନ୍ୟାଣ୍ଡେଡ୍ ଏକ୍ସପ୍ରେସ୍ ମଧ୍ୟ ବାତିଲ୍ ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ୪୮ ଅଭିଯୋଗ ଶୁଣିଲେ ଏମ୍‌ପି


ବାଲିପାଟଣା ବ୍ଲକ୍‌ରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ବାଲିପାଟଣା,୧୯(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ୍ ଜଳସମ୍ପଦ ବିଭାଗ ବଙ୍ଗଳାରେ ରବିବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଜୟଦେବ ନିର୍ବାଚନମଣ୍ଡଳୀସ୍ତରୀୟ ଜନଶୁଣାଣି କରିଛନ୍ତି। ପ୍ରତି ମାସର ପ୍ରଥମ ରବିବାର ପୃଥକବ୍ଲକ୍‌ରେଅଦଳବଦଳକରିଜନଶୁଣାଣି ହେବ। ଏଣିକି ଜନସାଧାରଣ ଭୁବନେଶ୍ୱର ଯିବେ ନାହିଁ। ସେ ନିଜେ ଲୋକଙ୍କ ପାଖକୁ ଆସିବେ ବୋଲି ଘୋଷଣା କରିଛନ୍ତି। ବାଲିପାଟଣା ଓ ବାଲିଅନ୍ତା ବ୍ଲକ୍‌ର ଅଭିଯୋଗକାରୀଙ୍କଠାରୁ ୪୮ଟି ଅଭିଯୋଗପତ୍ର ଗ୍ରହଣ କରିଛନ୍ତି। ଉପଯୁକ୍ତ ଅଭିଯୋଗଗୁଡ଼ିକୁ ବିଚାରକୁ ନିଆଯାଇ ତୁରନ୍ତ ସମାଧାନ ହେବ ବୋଲି କହିଛନ୍ତି। ବାଲିପାଟଣା ହାଟ ଓ ପାଞ୍ଚଗଛିଆ ଛକଠାରେ ପ୍ରାଥମିକତା ଭିତ୍ତିରେ ଦୁଇଟି ଶୌଚାଳୟ ସହିତ ୧୫ଟି ସମସ୍ୟାର ସମାଧାନ ପାଇଁ ଅଭିଯୋଗପତ୍ର ବାଲିପାଟଣା ପ୍ରେସ କ୍ଲବ୍ ପକ୍ଷରୁ ଦିଆଯାଇଛି। ସେହିପରି ଦୁଇଟି ବ୍ଲକ୍‌ରେ ଥିବା ରାସ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା, ଜବରଦଖଲ ଉଚ୍ଛେଦ, ଗୋଷ୍ଠୀଗୃହ ନିର୍ମାଣ, ଆଲୋକୀକରଣ, ପୋଲ ନିର୍ମାଣ ଓ ଅଙ୍ଗନୱାଡି ଗୃହ ନିର୍ମାଣରେ ଅନିୟମିତତା ଆଦି ଅଭିଯୋଗ ହୋଇଛି। ଏହି କାର୍ଯ୍ୟକ୍ରମରେ ଦିଲୀପ ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ଦ୍ୱାରିକାନାଥ ଚୌଧୁରୀ, ଶଶିଭୂଷଣ ପାତ୍ର, ତାପସ ଜେନା, ଶିବ ମଲ୍ଲିକ, ନାରାୟଣ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

## ୫ରେ କେନ୍ଦ୍ରୀୟ ଶିକ୍ଷାନୀତି ପ୍ରତ୍ୟାହାର ଦାବିରେ ଦେଶବ୍ୟାପୀ ପ୍ରତିବାଦ

ଭୁବନେଶ୍ୱର,୧୯(ଶର୍ମିଷ୍ଠା ପାଣିଗ୍ରାହୀ): ରାଷ୍ଟ୍ରୀୟ ମିଳିତ ଶିକ୍ଷକ ଆନ୍ଦୋଳନ ମଞ୍ଚ ଜେଏଫ୍‌ଏମ୍‌ଇ ଆସନ୍ତା ୫ ତାରିଖରେ କେନ୍ଦ୍ରୀୟ ଶିକ୍ଷାନୀତି ପ୍ରତ୍ୟାହାର ଦାବିରେ ଦେଶବ୍ୟାପୀ ପ୍ରତିବାଦ କରିବ। କେନ୍ଦ୍ରୀୟ ଶିକ୍ଷାନୀତି ୨୦୨୦ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ପ୍ରଦାନ କରିଥିବା ଉଚ୍ଚଶିକ୍ଷା ସମ୍ପର୍କୀୟ ମତାଦର୍ଶକୁ ଅଣଦେଖା କରୁଛି। ଏହାକୁ ରଦ୍ଦ କରିବା, ନୂତନ ବା ସଂଯୁକ୍ତ ପେନ୍‌ସନ ବ୍ୟବସ୍ଥା ବାତିଲ କରି ପୁରୁଣା ପେନ୍‌ସନ ପ୍ରଚଳନ, ଶିକ୍ଷାରେ ୧୦ ପ୍ରତିଶତ ଜିଡିପି, ଖାଲି ପଡ଼ିଥିବା ସମସ୍ତ ଶିକ୍ଷକ- ଅଣ ଶିକ୍ଷକ ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ କରିବା, ସ୍କୁଲ ମିଶ୍ରଣ ପ୍ରକ୍ରିୟା ବନ୍ଦ କରିବା, ଶିକ୍ଷକ-କର୍ମଚାରୀଙ୍କୁ ସମ୍ମାନଜନକ ଚାକିରି ସର୍ତ୍ତାବଳୀ ତଥା ପେନ୍‌ସନ ଏବଂ ଗଣତାନ୍ତ୍ରିକ, ଧର୍ମ ନିରପେକ୍ଷ ଓ ବିଜ୍ଞାନସମ୍ମତ ଶିକ୍ଷା ଦାବି ରହିଛି। ଗୁରୁ ଦିବସ ଦିନ ସମାବେଶ, ଶୋଭାଯାତ୍ରା, ଆଲୋଚନାଚକ୍ର ତଥା କଳାବ୍ୟାଜ ପରିଧାନ ଭିତରେ ପ୍ରତିବାଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରେ ମଧ୍ୟ ଅନୁରୂପ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀରେ ଜେଏଫ୍‌ଏମଇ ତରଫରୁ ଏକ ସମାବେଶ ହେବ। ଓଡ଼ିଶା ସରକାର କେନ୍ଦ୍ରୀୟ ଶିକ୍ଷାନୀତି ୨୦୨୦ ତରବରିଆ ଭାବେ ଲାଗୁ କରୁଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି।ରାଜ୍ୟ ସରକାର ତୁରନ୍ତ ସମସ୍ତ ଶିକ୍ଷକ ସଂଘ, ଛାତ୍ର ସଂଘ, ବୁଦ୍ଧିଜୀବୀ ଏବଂ ନାଗରିକ ସମାଜ ସହ ଏକ ରାଜ୍ୟସ୍ତରୀୟ ଶିକ୍ଷାନୀତି ପାଇଁ ଆଲୋଚନା କରନ୍ତୁ ବୋଲି ମଞ୍ଚର ଜାତୀୟ ଆବାହକ ଡ. ଅମୀୟ ମହାନ୍ତି କହିଛନ୍ତି।

## ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କଲେ ଆହୁଜା


ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଦକ୍ଷତା କେନ୍ଦ୍ରରେ ଥିବା ଏକ ଲାବରେଟୋରିରେ ଛାତ୍ରଙ୍କ ସହ କଥା ହେଉଛନ୍ତି।

ଭୁବନେଶ୍ୱର,୧୯
(ଅନୁରାଧା ମହାରଣା)

ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରବିବାର ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଶିଳ୍ପ ଦୁନିଆ ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ନେଉଛି ବୋଲି ସେ କହିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ସହ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଉପସ୍ଥିତ ଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଓ 'ସ୍କୁଲ ଅଫ୍ ସର୍ଭିସେସ' ବିଭାଗ ଅଧୀନରେ ଥିବା ମୋଟ ୭ଟି ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ପ୍ରାକ୍ଟିକାଲ ସୁବିଧା ଦେବା ପାଇଁ ଥିବା ଅନ୍ତର୍ଜାତୀୟ ମାନର ଲାବରେଟୋରିଗୁଡ଼ିକୁ ମୁଖ୍ୟ ଶାସନ ସଚିବ ବୁଲି ଦେଖିଥିଲେ। ଏ ଅବସରରେ ଆହୁଜା କହିଛନ୍ତି, ଓଡ଼ିଶାର ଯୁବପିଢ଼ିଙ୍କ ଭିତରେ ଯେଉଁ ଅନନ୍ୟ ଦକ୍ଷତା ରହିଛି, ଏହାକୁ ଶାଣିତ କରିବା ସହିତ ଆଗାମୀ କାଲିର ଆଧୁନିକ ଶିଳ୍ପ ଦୁନିଆ ପାଇଁ ଆବଶ୍ୟକ ଯୁବ ମାନବ ସମ୍ବଳ ପ୍ରସ୍ତୁତି ଦିଗରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଫଳରେ ଓଡ଼ିଶାରେ ଦକ୍ଷତା ବିକାଶ କ୍ଷେତ୍ରରେ ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିଛି। ସେହିପରି ବିଶ୍ୱ ଦକ୍ଷତା କେନ୍ଦ୍ର ପରିସର ଥିବା 'କୌଶଳ ଭବନ' ପରିଦର୍ଶନ କରିଥିଲେ। ଓଡ଼ିଶାର ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ ପାଇଁ ଏଠାରେ ଯେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ତାହା ସେ ବୁଲି ଦେଖିଥିଲେ। ଏଥିସହ ମୁଖ୍ୟ ଶାସନ ସଚିବ ଆହୁଜା ଓଡ଼ିଶା ଦକ୍ଷତା ବିକାଶପ୍ରାଧିକରଣ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ବରିଷ୍ଠ ଅଧିକାରୀଙ୍କ ସହିତ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମିତା ପଣ୍ଡା, ବିଭାଗୀୟ ଅତିରିକ୍ତ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ, ଅଧ୍ୟକ୍ଷ ଟି ଥମ୍ପିରାଜା, ଉପାଧ୍ୟକ୍ଷା ଜିତାମିତ୍ର ଶତପଥୀ, ସ୍କୁଲ ଅଫ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ ସର୍ଭିସେସର ନିର୍ଦ୍ଦେଶକଙ୍କ ସହ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

## ୨ ଦିନରେ ୩ ଧୂସର ପେଚା ମୃତ

ବାରଙ୍ଗ,୧୯(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୨ ସିଂହ ଛୁଆ ଓ ଦୁଇ ଧୂସର ପେଚାର ମୃତ୍ୟୁକୁ ୨୪ ଘଣ୍ଟା ନ ପୂରୁଣୁ ପୁଣି ରବିବାର ଗୋଟେ ଧୂସର ପେଚାର ମୃତ୍ୟୁ ଘଟିଛି। ୨ ଦିନରେ ୩ ଧୂସର ପେଚା ଓ ୨ ସିଂହ ଛୁଆର ମୃତ୍ୟୁ ଘଟଣା ପ୍ରାଣୀ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶ ଯେ, ପ୍ରାଣୀ ଉଦ୍ୟାନର ଅନ୍ଧାରୀ ଘର ଭିତରେ ରହୁଥିବା ଧୂସର ପେଚା ମଧ୍ୟରୁ ଶୁକ୍ରବାର ୨ଟି ପେଚାର ଝାଡ଼ା ହେଉଥିଲା। ଖବର ପାଇ ଡାକ୍ତରମାନେ ଯାଇ ୨ ପେଚାକୁ ଧରି ଇଞ୍ଜେକଶନ ଦେଇ ଫେରିଥିଲେ। ଝାଡ଼ା ଭଲ ହେବା ପରିବର୍ତ୍ତେ ଶନିବାର ସେମାନଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ଶନିବାର ଆଉ ଏକ ପେଚାର ଝାଡ଼ା ହେଉଥିବା ଖବର ପାଇ ତାକୁ ମଧ୍ୟ ଡାକ୍ତର ଇଞ୍ଜେକଶନ ଦେଇଥିଲେ। କିନ୍ତୁ ରବିବାର ସକାଳେ ପେଚାଟି ମରିପଡ଼ିଥିବା କର୍ମଚାରୀ ଦେଖିବାକୁ ପାଇଥିଲେ। ଏହି ପେଚାର ମୃତ୍ୟୁ ପରେ ଅନ୍ଧାରୀ ଘରେ ପେଚା ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି। ତେବେ ୩ ପେଚାଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବାକୁ ବ୍ୟବଚ୍ଛେଦ କରାଯାଇଛି। ପ୍ରାଣୀ ବିଭାଗର ପରିଚାଳନାଗତ ତ୍ରୁଟି ଓ ଡାକ୍ତର ଠିକ୍ ରୋଗ ନିରୂପଣ ନ କରିବା କାରଣରୁ ଏପରି ଘଟଣା ଘଟୁଥିବା ଆଲୋଚନା ହେଉଛି।

## 'ମେହେର ସାହିତ୍ୟରେ ଜୀବନ ଚିନ୍ତା' ଆଲୋଚନାଚକ୍ର

ପୁରୁଣା ଭୁବନେଶ୍ୱର,୧୯(ସୁବାସ ଚନ୍ଦ୍ର ପ୍ରଧାନ)

କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଝରଣା ସାହିତ୍ୟ ସଂସଦ ତରଫରୁ ଆୟୋଜିତ 'ମେହେର ସାହିତ୍ୟରେ ଜୀବନ ଚିନ୍ତା' ଶୀର୍ଷକ ଆଲୋଚନାଚକ୍ର ଅବସରପ୍ରାପ୍ତ ଆଇଏଏସ୍ ଅଫିସର ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝରଣା ସାହିତ୍ୟ ସଂସଦର ସମ୍ପାଦକ, ବିଶିଷ୍ଟ ସାହିତ୍ୟିକ ମନୋଜ କୁମାର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡକ୍ଟର କୁମରବର ଦାସ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ରମେଶ ଚନ୍ଦ୍ର ପାଣି, ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡକ୍ଟର ଶରତ ଚନ୍ଦ୍ର ରଥ ଯୋଗ ଦେଇଥିଲେ। କବି ଗଙ୍ଗାଧର ମେହେରଙ୍କ ବହୁମୁଖୀ ପ୍ରତିଭାର ଆଲୋଚନା ସହିତ ତାଙ୍କ କାବ୍ୟ କବିତାରେ ଥିବା ବର୍ଣ୍ଣିବାର କଳା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମନୋଜ ଜେନା ମଞ୍ଚ ପରିଚାଳନା ଓ ତନୟା ଦାସ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ରଘୁନାଥ ମିଶ୍ରଙ୍କ ସହ ଅନ୍ୟମାନେ।

## ଓଡ଼ିଶା ଯୁବ ସେବା ସମିତିର ନନ୍ଦ ଉତ୍ସବ


ଓଡ଼ିଶା ଯୁବ ସେବା ସମିତି ପକ୍ଷରୁ ଅନୁଷ୍ଠିତ ନନ୍ଦ ଉତ୍ସବରେ ଯୋଗଦେଇଥିବା କାର୍ଯ୍ୟକର୍ତ୍ତା ଓ ଅନ୍ୟମାନେ।

ଭୁବନେଶ୍ୱର,୧୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ଯୁବ ସେବା ସମିତି ଦ୍ୱାରା ରବିବାର ସ୍ଥାନୀୟ ଏକ ହୋଟେଲରେ ନନ୍ଦ ଉତ୍ସବ ପାଳନ ହୋଇଯାଇଛି। ଏହି ଉତ୍ସବରେ ବହୁ ସମ୍ପ୍ରଦାୟର ଲୋକଙ୍କୁ ଏକସାଙ୍ଗରେ ଏକସମୟରେ ଦେଖିବାକୁ ମିଳିଥିଲା। ଅନୁଷ୍ଠାନର ସଭାପତି ଆଶିଷ ବନସାଲଙ୍କ ତତ୍ତ୍ୱାବଧାନରେ ନୃତ୍ୟର ଆୟୋଜନ ହୋଇଥିଲା। ସମ୍ପାଦକ ନରେନ୍ଦର ଅଗ୍ରୱାଲ, କୋଷାଧ୍ୟକ୍ଷ ଅମିତ ଅଗ୍ରୱାଲଙ୍କ ଯୋଗଦାନ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ଥିଲା। ରାସଲୀଳା, ଦହିହାଣ୍ଡିର କାର୍ଯ୍ୟକ୍ରମ ସରିଲା ପରେ ପ୍ରସାଦ ସେବନ କରି ସମସ୍ତେ ଆନନ୍ଦିତ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିଲା ଡରି ଲାଲ ବ୍ୟାସଜି ମହାରାଜ ଏବଂ ବର୍ଷନା ଗ୍ରୁପର ନୃତ୍ୟ ପରିବେଷଣ।

## ମାଂସଭିତ୍ତିକ ଖାଦ୍ୟ ପରୋକ୍ଷରେ ଜଳବାୟୁ ପରିବର୍ତ୍ତନ କରିଥାଏ

ଭୁବନେଶ୍ୱର, ୧୯ (ବନ୍ଦନା ସେଠୀ)

ଆମ ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ବ୍ୟକ୍ତିଗତ ଜୀବନଶୈଳୀର ପସନ୍ଦ ଏକ ଶକ୍ତିଶାଳୀ ପ୍ରଭାବ ବିସ୍ତାର କରେ। ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଆମପାଇଁ ଉପଯୁକ୍ତ ବିବେଚିତ ହେଉଥିବା ଖାଦ୍ୟ ପୃଥିବୀ ନିମନ୍ତେ ମଙ୍ଗଳକାରୀ ଅଟେ। ଆମ ଖାଦ୍ୟ ଆବଶ୍ୟକତାର ସବୁଠାରୁ ଉପଯୁକ୍ତ ଉତ୍ତର ହେଉଛି 'ଉଦ୍ଭିଦ ଆଧାରିତ ସମ୍ପୂର୍ଣ୍ଣ ଖାଦ୍ୟ ଅଭ୍ୟାସକୁ ଗ୍ରହଣ କରିବା'। ବଞ୍ଚିବା ପାଇଁ ପ୍ରକୃତି ନିକଟରେ ଉଦ୍ଭିଦ ଭିତ୍ତିକ ଖାଦ୍ୟର ଏକ ଭଲ ଭଣ୍ଡାର ରହିଛି। ତେଣୁ ଅଧିକ ପରିମାଣର ଫଳ, ପନିପରିବା ତଥା ଶସ୍ୟ ଏବଂ କମ୍ ପରିମାଣର ଲାଲ ମାଂସ ଖାଇବାକୁ ଗୁରୁତ୍ୱ ଦେବା ଆବଶ୍ୟକ। ମାଂସ ଭିତ୍ତିକ ଖାଦ୍ୟ ଉତ୍ପାଦନରେ ଅଧିକ ସବୁଜଗୃହ ବାଷ୍ପ ସୃଷ୍ଟି ହୁଏ, ଯାହା ସୂର୍ଯ୍ୟଙ୍କ ଉତ୍ତାପକୁ ବାୟୁମଣ୍ଡଳରେ ସଂଗ୍ରହ କରି ରଖେ ଏବଂ ଜଳବାୟୁ ପରିବର୍ତ୍ତନରେ ସହାୟକ ହୋଇଥାଏ। ପୁନଃପ୍ରକ୍ରିୟାକରଣ ହୋଇଥିବା ଖାଦ୍ୟ ଦ୍ୱାରା ଅଧିକ ଶକ୍ତି ଅପଚୟ ହୁଏ ଏବଂ ଖାଦ୍ୟ ମୂଲ୍ୟ ମଧ୍ୟ ହ୍ରାସପାଏ। ଏପରି ପୃଷ୍ଠଭୂମିରେ ଆମ ମାନସିକତାରେ ପରିବର୍ତ୍ତନ ଘଟାଇ ପ୍ରାକୃତିକ, ଉଦ୍ଭିଦ-ଭିତ୍ତିକ ଖାଦ୍ୟକୁ ଗୁରୁତ୍ୱ ପ୍ରଦାନ କରିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ ସମିତି ସଭାଗୃହରେ ରବିବାର 'ଖାଦ୍ୟ ପସନ୍ଦ: ଆମର ସ୍ୱାସ୍ଥ୍ୟ ଏବଂ ଗ୍ରହ ଉପରେ ଏହାର ପ୍ରଭାବ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗର ପ୍ରଫେସର ଡ଼. କୃଷ୍ଣଚନ୍ଦ୍ର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ପ୍ରାଣୀମାନଙ୍କୁ ହତ୍ୟାକରି ଖାଦ୍ୟ ରୂପେ ଗ୍ରହଣ କରିବା ନିଷ୍ଠୁରତା। ଏହା ଅଧିକ ସବୁଜଗୃହ ବାଷ୍ପ ନିର୍ଗମନ, ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ, ଜଙ୍ଗଲ ନଷ୍ଟ, ଜୈବବିବିଧତା ହ୍ରାସ ଇତ୍ୟାଦି ସକଳ ପ୍ରକାର ପରିବେଶୀୟ ସମସ୍ୟା ନିମନ୍ତେ ଦାୟୀ। ସମିତି ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇ କହିଲେ, ଜୀବନଧାରଣ ଓ ଶକ୍ତି ଆବଶ୍ୟକତା ପୂରଣ ନିମନ୍ତେ ଖାଦ୍ୟ ଅପରିହାର୍ଯ୍ୟ। ମାତ୍ର ଯୁବପିଢ଼ି ପ୍ରକ୍ରିୟାକରଣ ଓ ରାସାୟନିକ ପଦାର୍ଥଯୁକ୍ତ ଖାଦ୍ୟକୁ ପ୍ରାଧାନ୍ୟ ଦେଉଛନ୍ତି, ଯାହାକି ଉଭୟ ମଣିଷ ଏବଂ ପ୍ରକୃତି ନିମନ୍ତେ କ୍ଷତିକାରକ। ପୂର୍ବତନ ପିସିସିଏଫ୍ ଡ. ବିଜୟ କେତନ ପଟ୍ଟନାୟକ ଆଦିମ ମାନବଠାରୁ ଆଧୁନିକ ମଣିଷ ପର୍ଯ୍ୟନ୍ତ ଖାଦ୍ୟ ଅଭ୍ୟାସ କିପରି ପରିବର୍ତ୍ତିତ ହୋଇଛି ଏବଂ ତାହାର ପ୍ରଭାବ ବିଷୟରେ କହିଥିଲେ। ଉପସଭାପତି ଡ. ଲାଲା ଏକେ ସିଂହ ଅତିଥି ପରିଚୟ ଓ ଯୁଗ୍ମ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


'ଖାଦ୍ୟ ପସନ୍ଦ: ଆମର ସ୍ୱାସ୍ଥ୍ୟ ଏବଂ ଗ୍ରହ ଉପରେ ଏହାର ପ୍ରଭାବ' ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

ନିରାକାରପୁର,୧।୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଓରବରସିଂହ ପଞ୍ଚାୟତ ଅନ୍ତର୍ଗତ ଡିହଖଲା ଗ୍ରାମର ଜଣେ ଯୁବତୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ମାମାଲି ମାର୍ଥା (୧୯)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୯୯/୨୪) ରୁଜୁକରି ତଦନ୍ତ ଚଳାଇଛି।

### ଗୀତାପାଠ, ପାରାୟଣ ଓ ଆଲୋଚନାଚକ୍ର

ଖୋର୍ଦ୍ଧା,୧।୯ (ପ୍ରଭାତ ପାଣିଗ୍ରାହୀ)

ଶ୍ରୀଚୈତନ୍ୟ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଶ୍ରୀଚୈତନ୍ୟ ବିହାରଠାରେ ଶ୍ରୀମଦ୍ ଭଗବଦ୍ ଗୀତା ଓ ବିଷ୍ଣୁ ସହସ୍ରନାମ ପାରାୟଣ, କୀର୍ତ୍ତନ ଏବଂ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ରାଇଚରଣ ବାବା, ବୋଧାୟନ ମହାରାଜ, ବ୍ରଜ ବାବା, ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ, ଶିକ୍ଷାବିତ୍ ଛୁଆଳ ସିଂ, ଜଗଦୀଶ ପ୍ରସାଦ ପଟ୍ଟନାୟକ, ତ୍ରୈଲୋକ୍ୟ ନାଥ ସାମନ୍ତରାୟ, ଶିଶିର ରାଉତ, ନୀଳକଣ୍ଠ ସାହୁ, ଅଶୋକ ରାଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରାମାନୁଜାଚାର୍ଯ୍ୟ, ନିମ୍ବାକାଚାର୍ଯ୍ୟ, ବିଷ୍ଣୁ ସ୍ୱାମୀ, ମାଧବାଚାର୍ଯ୍ୟ, ଜୀବ ଗୋସ୍ୱାମୀଙ୍କ ସମେତ ଓଡ଼ିଶାର ବଳଦେବ ବିଦ୍ୟା ଭୂଷଣ, ଜୟଦେବ ରାୟ, ରାମାନନ୍ଦ, ପଞ୍ଚସଖା ପ୍ରମୁଖ ବୈଷ୍ଣବ ଥିଲେ। ଅନୁଷ୍ଠାନ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଅବକାରୀ ଚଢ଼ାଉ, ଜଣେ ଗିରଫ

ବେଗୁନିଆ,୧।୯ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଅବକାରୀ ଥାନା ଅଧୀନ ନାରାୟଣୀପଡ଼ା ଗ୍ରାମ ନିକଟରେ ଅବକାରୀ କର୍ମଚାରୀମାନେ ଚଢ଼ାଉ କରି ୮୫ ଲିଟର ଦେଶୀ ମଦ ସହ ଏକ ସ୍କୁଟି ଜବତ କରିଛନ୍ତି। ଏହି ଘଟଣାରେ ରାସୋଳ ଗ୍ରାମର ମଧୁସୂଦନ ବାରିକଙ୍କୁ ଗିରଫ କରାଯାଇଛି। ସ୍କୁଟିରେ ଦେଶୀମଦ ନେଇ ବ୍ୟବସାୟ ପାଇଁ ମଧୁସୂଦନ ଯାଉଥିବା ବେଳେ ଧରାପଡ଼ିଥିଲେ ବୋଲି ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଏନ୍. ଜାଗିନ ରାଓ କହିଛନ୍ତି।

### ପରିବେଶବିତ୍ ଦୁର୍ଯ୍ୟୋଧନ ମଙ୍ଗରାଜଙ୍କ ୧୦୦ତମ ଜୟନ୍ତୀ

ଯାଁଳା,୧।୯ (ବୁଲା ବାରିକ)

ବିଶିଷ୍ଟ ନାଟ୍ୟକାର ତଥା ପରିବେଶବିତ୍ ଦୁର୍ଯ୍ୟୋଧନ ମଙ୍ଗରାଜଙ୍କ ୧୦୦ତମ ଜୟନ୍ତୀ ସ୍ଥାନୀୟ ଉତ୍କଳ ସେବା ଅନୁଷ୍ଠାନର ପାଠାଗାରରେ ନଳିନୀ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବରିଷ୍ଠ ଅଧିବକ୍ତା ଭକ୍ତବନ୍ଧୁ ଦାସ ମୁଖ୍ୟ ଅତିଥି ଓ ମନୋରଞ୍ଜନ ଦାସ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ମଙ୍ଗରାଜ ଜଣେ ସ୍ୱାଭିମାନୀ, କଳାନୁରାଗୀ ବ୍ୟକ୍ତି ଭାବେ ନିଜର ସ୍ୱକୀୟ ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ମତପ୍ରକାଶ ପାଇଥିଲା। ସ୍ମୃତି ସଂସଦର ସମ୍ପାଦକ କାନନବାସୀ ସାମନ୍ତରାୟ, ଅଧିବକ୍ତା ନୀରୋଜ ମହାନ୍ତି, ସୁଶୀଲ ଛୁଆଳସିଂହ, ବିକ୍ରମ ମଙ୍ଗରାଜ, ରଞ୍ଜନ ଦାସ, ଟୁନି ପାଣିଗ୍ରାହୀ, ଉତ୍କଳ ସେବା ଅନୁଷ୍ଠାନର ସଭାପତି ମୁରଲୀଧର ଜେନା ପ୍ରମୁଖ ଯୋଗଦେଇଥିଲେ। ଶେଷରେ କାମିନୀକାନ୍ତ ଦାଶ ଧନ୍ୟବାଦ ଦେଇଥିଲେ।

# ସାମାଜିକ ଗଣମାଧ୍ୟମ ଚିତ୍ରିତ ତୋରଣ ଶୋଭାପାଇବ

**ସାଇ ଶାସ୍ତ୍ରୀ ଗଣେଶ କ୍ଲବ**

- ପୂଜା ପାଇବେ ମହାରାଷ୍ଟ୍ର ଷ୍ଟାଇଲ ଯୋଦ୍ଧା ଆକୃତିର ଶ୍ରୀଗଣେଶ
- ପ୍ରତିଦିନ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କୁ ଚାରା ବଣ୍ଟନ



ଜଟଣୀ,୧।୯ (ରବୀନ୍ଦ୍ରନାଥ ମହାକୁଡ଼)

ଆଉ ଦିନ କେଇଟା ପରେ ଗଣେଶପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। କାରିଗର, ଆୟୋଜକ ଏବଂ ଭକ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀର ଟ୍ରାଫିକ କଲୋନୀ ଅନ୍ତର୍ଗତ ନୀଳାଚଳ ରନିଙ୍ଗ ରୁମ୍ ନିକଟରେ ସାଇ ଶାସ୍ତ୍ରୀ ଗଣେଶ କ୍ଲବ ମଧ୍ୟ ଜୋର୍‌ଦାର ପ୍ରସ୍ତୁତି ଚଳାଇଛି।

ଏହି ଅନୁଷ୍ଠାନରେ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରଭୁ ଗଜାନନଙ୍କୁ ପୂଜା କରାଯାଇ ଆସୁଥିବା ବେଳେ ପି.ଲରେନ୍ସ, ଟି.ବିଶ୍ୱନାଥନ, ଡି. ରମେଶ, ଡି. ମୁନା, କେ.ଭଗବତୀ ରାଓ, କେ.ଆପନାଙ୍କ ସମେତ ବହୁ ଶ୍ରଦ୍ଧାଳୁଙ୍କ ଉଦ୍ୟମରେ ପୂଜା ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ୧୫ଫୁଟ୍ ଉଚ୍ଚର ମହାରାଷ୍ଟ୍ର ଷ୍ଟାଇଲ ଯୋଦ୍ଧା ଆକୃତିର ଶ୍ରୀଗଣେଶ ପୂଜା ପାଇବେ। ୨୫ଫୁଟ୍ ଉଚ୍ଚର ସାମାଜିକ ଗଣମାଧ୍ୟମ ଚିତ୍ରିତ ତୋରଣ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ଅନୁଷ୍ଠାନର ସଦସ୍ୟମାନେ କହିଛନ୍ତି। ପ୍ରତିଦିନ ଠାକୁରଙ୍କ ନିକଟରେ ବିଭିନ୍ନ ପ୍ରକାର ଭୋଗ ଲାଗି କରାଯାଉଥିବା ବେଳେ ମୁଖ୍ୟତଃ ପୁଲିଆରମ (ଖଟା ଭାତ) ଏବଂ ବୁଟ ସିଝା ଭୋଗ ଲାଗି ହୋଇଥାଏ। ଗଣେଶ ମହୋତ୍ସବ ସମୟରେ ମଣ୍ଡପକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ପରିବେଶ ସୁରକ୍ଷା ଏବଂ ସବୁଜ ପୃଥିବୀ ସୃଷ୍ଟି ଉଦ୍ଦେଶ୍ୟରେ ଉପହାର ସ୍ୱରୂପ ପ୍ରତିଦିନ ସନ୍ଧ୍ୟାରେ ଚାରା ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ପୂଜା ସମୟରେ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ପରିଚାଳନା ପାଇଁ କମିଶନରେଟ ପୋଲିସ ସହିତ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ନିୟୋଜିତ ହେବେ।

**ଏମାନେ ଯାହା କୁହନ୍ତି...**



"ଏଠାରେ ୫୦ବର୍ଷରୁ ଊର୍ଦ୍ଧ୍ୱ ହେବ ଗଜାନନଙ୍କ ପୂଜା ହୋଇଆସୁଛି। ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତିବର୍ଷ ଗଣେଶପୂଜାରେ କମିଟି ପକ୍ଷରୁ କିଛି ନୂଆ କରିବା ପାଇଁ ଚେଷ୍ଟା କରାଯାଇଥାଏ। ପୂଜା ସମୟରେ ଏହି ମଣ୍ଡପରେ ଲୋକଙ୍କ ପ୍ରବଳ ଗହଳି ହାଇଥାଏ। ପ୍ରତିବର୍ଷ ପରିବର୍ତ୍ତିତ ପରିସ୍ଥିତି ଓ ପରିବେଶକୁ ନେଇ ଠାକୁରଙ୍କ ମୂର୍ତ୍ତି, ମଣ୍ଡପ ସାଜସଜ୍ଜା ଏବଂ ତୋରଣ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଥାଏ। ଏଥର ମହାରାଷ୍ଟ୍ର ଷ୍ଟାଇଲ ଯୋଦ୍ଧା ଆକୃତିର ମୂର୍ତ୍ତି ଏବଂ ସୋସିଆଲ ମିଡିଆ ତୋରଣ ଦର୍ଶକଙ୍କୁ ଆକୃଷ୍ଟ କରିବ। ପୂଜା ଶାନ୍ତିଶୃଙ୍ଖଳାରେ ପାଳନ ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ।

- କେ.ସୁରେଶ, ସଭାପତି, ସାଇ ଶାସ୍ତ୍ରୀ ଗଣେଶ କ୍ଲବ



"ଗଣେଶ ପୂଜା ବର୍ତ୍ତମାନ ଏକପ୍ରକାର ପ୍ରତିଯୋଗିତାରେ ପରିଣତ ହୋଇଛି। ପ୍ରତିବର୍ଷ କିଛି ନୂଆ କରିବାକୁ ଚେଷ୍ଟା କରିଥାଉ, ଯାହାକି ଲୋକଙ୍କୁ ଆକୃଷ୍ଟ କରିଥାଏ। ଗ୍ଲୋବାଲ ୱାର୍ମିଂରୁ ରକ୍ଷା ସହିତ ସବୁଜ ପୃଥିବୀ ସୃଷ୍ଟି ଉଦ୍ଦେଶ୍ୟରେ ୧୧ଦିନ ବ୍ୟାପୀ ପ୍ରତିଦିନ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କୁ ଗୋଟିଏ ଲେଖାଏ ଚାରା ପ୍ରଦାନ କରାଯିବ। ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଆନନ୍ଦରେ ସମସ୍ତେ ପୂଜା ପାଳନ କରିବା ପାଇଁ ଅନୁରୋଧ କରୁଛି।

- କେ.କମଲେସ, ସମ୍ପାଦକ, ସାଇ ଶାସ୍ତ୍ରୀ ଗଣେଶ କ୍ଲବ

# ଗଣେଶ ମୂର୍ତ୍ତି ନିର୍ମାଣରେ ଯୁବଗୋଷ୍ଠୀ



ବୋଲଗଡ଼,୧।୯ (ଦେବବ୍ରତ ହୋତା)

ଆଉ ଦିନ କେଇଟା ପରେ ଧରାପୃଷ୍ଠରେ ଅବତରଣ କରିବେ ଶ୍ରୀଗଣେଶ। ଏନେଇ ଗ୍ରାମର ଯୁବଗୋଷ୍ଠୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ନିଆରା ଭାବେ ଏହି ପୂଜା ପାଳନ ପାଇଁ ଚାଲିଛି ପ୍ରସ୍ତୁତି। ବିଭିନ୍ନ ବେଶ ଓ ଶୈଳୀରେ ଗଣେଶ ମୂର୍ତ୍ତି ନିର୍ମାଣ ମଧ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ବୋଲଗଡ଼ ବ୍ଲକର ବିଭିନ୍ନ ପୂଜାମଣ୍ଡପ, ବିଦ୍ୟାଳୟ ଓ କ୍ଲବଗୁଡ଼ିକରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ବ୍ଲକ ଅନ୍ତର୍ଗତ ଚମ୍ପାଇଲୋ ଗ୍ରାମର ଯୁବକମାନେ ନିଜ ଚେଷ୍ଟାରେ ବାହୁବଳୀ ଗଣେଶ ମୂର୍ତ୍ତି ନିର୍ମାଣ କରୁଛନ୍ତି। ଏପରିକି ଏକ ୨୦ କେଜି ଲଡୁ ପୂଜାସ୍ଥଳରେ ଶ୍ରୀଗଣେଶଙ୍କୁ ଅର୍ପଣ କରାଯିବ ବୋଲି ଜଣାପଡ଼ିଛି।

# ଇକୋଫ୍ରେଣ୍ଡ୍‌ଲି ଗଣେଶ ମୂର୍ତ୍ତି ବାଣ୍ଟିଲେ ଏଲ୍. ଈଶ୍ୱର ରାଓ



ଖୋର୍ଦ୍ଧା,୧।୯ (ପ୍ରଭାତ ପାଣିଗ୍ରାହୀ)

ଜଟଣୀ ଗୋପୀନାଥପୁର ହାଟବଜାରର ଈଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ଫାଉଣ୍ଡେଶନ ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ଗଣେଶ ଚତୁର୍ଥୀ ଉପଲକ୍ଷେ ଇକୋ ଫ୍ରେଣ୍ଡ୍‌ଲି ମାଟିର ଗଣେଶ ମୂର୍ତ୍ତି ବଣ୍ଟନ କରାଯାଇଛି। ଟ୍ରଷ୍ଟର ଆବାହକ ସୂକ୍ଷ୍ମ କଳାକାର ଏଲ୍.ଈଶ୍ୱର ରାଓ ଲୋକଙ୍କୁ ମୂର୍ତ୍ତି ବଣ୍ଟନ କରିଥିଲେ। ଏହି ଅବସରରେ ଈଶ୍ୱର କହିଛନ୍ତି, ଗଣେଶ ପୂଜା ଏକ ସାର୍ବଜନୀନ ପୂଜା ହୋଇଥିବାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୂଜା ଆୟୋଜନ କରାଯାଇଥାଏ। ମୂର୍ତ୍ତିରେ ରାସାୟନିକ ରଙ୍ଗ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷଣ ବଢିଥାଏ। ତେଣୁ ଅନୁଷ୍ଠାନ ପକ୍ଷରୁ କିଛିବର୍ଷ ହେବ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଇ ମାଟି, ଗୋବର ଏବଂ ପଞ୍ଚଗବ୍ୟକୁ ବ୍ୟବହାର କରାଯାଇ ଇକୋ ଫ୍ରେଣ୍ଡ୍‌ଲି ମୂର୍ତ୍ତି ନିର୍ମାଣ କରାଯାଉଛି। ଏହା ସହଜରେ ପାଣିରେ ମିଳେଇ ଯିବା ସହ କୌଣସି ପ୍ରତିକୂଳ ପ୍ରଭାବ ପଡି ନ ଥାଏ। ଶହେରୁ ଊର୍ଦ୍ଧ୍ୱ ମୂର୍ତ୍ତି ବଣ୍ଟନ କରାଯାଇଥିବା ସେ କହିଛନ୍ତି।

# ଯୋଜନା କାର୍ଯ୍ୟକାରିତାରେ ଅମଲାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ





ସଭାରେ ବିଧାୟକ ପ୍ରଶାନ୍ତ ଜଗଦେବ ଉଦ୍‌ବୋଧନ ଦେଉଛନ୍ତି।

ଖୋର୍ଦ୍ଧା,୧।୯ (ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ଅମଲା ସଂଘ ଖୋର୍ଦ୍ଧା ଜିଲା ଶାଖା ସାଧାରଣ ସଭା ବିଜେବି ହାଇସ୍କୁଲ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସର୍ବେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ କହିଥିଲେ, ସରକାରଙ୍କ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରିତା ଦିଗରେ ଅମଲାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନିଷ୍ଠାର ସହିତ କାମ କଲେ, ସମାଜରେ ସମ୍ମାନ ଓ ପ୍ରତିଷ୍ଠା ଲାଭ କରିପାରିବେ। ରାଜ୍ୟ ଅମଲା ସଂଘ ମୁଖ୍ୟ ପରାମର୍ଶଦାତା ନାରାୟଣ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ସମ୍ପାଦକ ଅଶୋକ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣରେ ସଭା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସରକାରଙ୍କ ଯୋଜନା ଲୋକାଭିମୁଖୀ ଦିଗରେ ଜିଲାରେ କାର୍ଯ୍ୟରତ ଅମଲାମାନେ ନିରବଚ୍ଛିନ୍ନ ସେବା ଯୋଗାଇ ଆସୁଛନ୍ତି। ସରକାରୀ କର୍ମଚାରୀଙ୍କ ଅବହେଳା ପ୍ରତିବାଦରେ ସଂଘ ପକ୍ଷରୁ ୨୦୨୩ରେ ୪ଟି ସଂଘକୁ ଗଠିତ ମିଳିତ ଅମଲା ମଞ୍ଚ ଏକାଠି ହୋଇ ଆନ୍ଦୋଳନକୁ ଓହ୍ଲାଇଥିଲା। ୨୦୨୩ ଜୁନ ପହିଲାରୁ ୧୭ ଦିନ ବ୍ୟାପୀ ଅମଲାମାନେ ରାଜରାସ୍ତାକୁ ଓହ୍ଲାଇଥିଲେ। ଚଳିତ ବର୍ଷ ମାର୍ଚ୍ଚ ୧୫ରେ ସରକାର ଜାରି କରିଥିବା ନିର୍ଦ୍ଦେଶନାମା ରାଜ୍ୟରେ ଥିବା ୩୦ହଜାର ଅମଲାଙ୍କ ମଧ୍ୟରେ ନୈରାଶ୍ୟ ଭାବ ସୃଷ୍ଟି କରିଛି। ନୂତନ ସରକାର ଗଠନ ହେବା ପରେ ଅମଲାମାନେ ନିଜ ଦାବି ପୂରଣ ନେଇ ଆଶା କରିଛନ୍ତି। କନିଷ୍ଠ ସହାୟକଙ୍କ ମୂଳ ଦରମା ଲେଭଲ ୪ରୁ ୯କୁ ବୃଦ୍ଧି, ଜିଲାସ୍ତରରେ ଥିବା କ୍ୟାଡର ଅସଙ୍ଗତି ଦୂର କରି ସମସ୍ତ ବିଭାଗକୁ ସମାନ ସୁଯୋଗ ଦେବା ପାଇଁ ସରକାରଙ୍କୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ସଂଘ ସହ ଜଡ଼ିତ ଶହେରୁ ଊର୍ଦ୍ଧ୍ୱ ଅମଲାମାନେ ଉପସ୍ଥିତ ଥିଲେ।

**ବିଭିନ୍ନ ଦାବି ଉଠାଇଲା ଅମଲା ସଂଘ**

# ବୃକ୍ଷ ଆମର ସମ୍ପଦ, ପ୍ରକୃତ ବନ୍ଧୁ

ବେଗୁନିଆ,୧।୯ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ପଞ୍ଚାୟତ କୁଶପଲ୍ଲା ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କବିତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିବେଶ ସଚେତନତା କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗାୟକ ପ୍ରଦୀପ କିଶୋର ତ୍ରିପାଠୀ ବେଦ ପାଠ କରିଥିଲେ। ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ପରିବେଶ ସୁରକ୍ଷା ସମ୍ପର୍କିତ ସଙ୍ଗୀତ 'ମୁଁ ଗଛ କହୁଛି' ଗାନ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ମୌଉଦ୍ଦିନ ଅହମ୍ମଦ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ କରିଥିଲେ। ଏଥିରେ ରସାୟନ ବିଜ୍ଞାନୀ ଡ. ହରିପ୍ରସାଦ ଦାସ ମୁଖ୍ୟ ଅତିଥି, ଡା. ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ଓ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ଗଛ ଆମର ସମ୍ପଦ ଏବଂ ପ୍ରକୃତ ବନ୍ଧୁ। ଚାରା ରୋପଣ ହିଁ ପରିବେଶ ସୁରକ୍ଷା ପାଇଁ ଏକ ଉପଯୁକ୍ତ ମାଧ୍ୟମ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ୫୦ଟି ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟ କମିଟି ଅଧ୍ୟକ୍ଷା ଅଞ୍ଜଳି ବେହେରା, ଶିକ୍ଷୟିତ୍ରୀ ଝୁନୁବାଳା ପୃଷ୍ଟି, ସୁଚରିତା ସାମନ୍ତରା, ଶିକ୍ଷକ ପବିତ୍ର ମହାପାତ୍ର, ସାମାଜିକ କର୍ମୀ ଶରତ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ଚମ୍ପତି, ଲକ୍ଷ୍ମୀଧର ମହାରଣା, ଦିଲୀପ ପାଣିଗ୍ରାହୀ, ଶ୍ରୀବତ୍ସ ପାଣିଗ୍ରାହୀଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ଚିରଞ୍ଜୀବୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ବିଜୟ ସଭାପତି, ରଶ୍ମିରଞ୍ଜନ ସମ୍ପାଦକ

ବୋଲଗଡ଼,୧।୯ (ଦେବବ୍ରତ ହୋତା)

ବୋଲଗଡ଼ ସନ୍ନିକଟ ମା'ଭୂଇଁଆଣିଙ୍କ ପୀଠ ଠାରେ ବୋଲଗଡ଼ ପଞ୍ଚାୟତ ସମିତି ଅନ୍ତର୍ଗତ ୧୯ଟି ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ସହ ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ସମିତିସଭ୍ୟ ସଂଘ ଗଠନ କରାଯାଇ ଏଥିପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ଧଳାପଥର ପଞ୍ଚାୟତ ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଫାସିଓଦା ସମିତିସଭ୍ୟ ପ୍ରଦୀପ କୁମାର ପ୍ରଧାନ ଉପସଭାପତି, କଳାଙ୍ଗ ସମିତିସଭ୍ୟ ରଶ୍ମିରଞ୍ଜନ ପ୍ରଧାନ ସମ୍ପାଦକଭାବେ ମନୋନୀତ ହୋଇଛନ୍ତି। ସେହିପରି ବୋଲଗଡ଼ ସମିତିସଭ୍ୟା ନିର୍ମଳା ପ୍ରଧାନ ସହସମ୍ପାଦକ ଓ ସାଗରଗୁଆଁ ସମିତିସଭ୍ୟ ତୋଫାନ ବେହେରା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସମିତି ମେମ୍ବରମାନଙ୍କ ସୁବିଧା ଅସୁବିଧା ବାବଦରେ ଆଲୋଚନା କରାଯାଇ ୪ଦଫା ସମ୍ବଳିତ ଦାବି ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ଦାବିଗୁଡ଼ିକ ମଧ୍ୟରେ ସରପଞ୍ଚମାନଙ୍କ ପରି ପଞ୍ଚାୟତରେ କ୍ଷମତା ପ୍ରଦାନ, ପଞ୍ଚାୟତ କାର୍ଯ୍ୟାଳୟରେ ସମିତି ସଭ୍ୟାସଭ୍ୟଙ୍କ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟାଳୟ ଗୃହ ଯୋଗାଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବିଲ୍ ପୈଠ ବେଳେ କାଉଣ୍ଟର ସାଇନ ବ୍ୟବସ୍ଥା ଓ ଜଲାପରିଷଦ ଉପାଧ୍ୟକ୍ଷଙ୍କ ଭଳି ସମିତି ଉପାଧ୍ୟକ୍ଷଙ୍କୁ ଭତ୍ତା ପ୍ରଦାନ ଆଦି ଦାବି ରହିଛି। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ସାହୁ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାନପଦର ସମିତିସଭ୍ୟ ଦିଲୀପ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଜଟଣୀ ବିକାଶ ପରିଷଦର ତୃତୀୟ ବାର୍ଷିକ ବୈଠକ

ଜଟଣୀ,୧।୯ (ରବୀନ୍ଦ୍ରନାଥ ମହାକୁଡ଼)



ବୈଠକରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଜଟଣୀ ବିକାଶ ପରିଷଦ ପକ୍ଷରୁ ତୃତୀୟ ବାର୍ଷିକ ବୈଠକ ମା'ଖଣ୍ଡୁଆଳ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଜୟ ଛୋଟରାୟ ସଭାପତିତ୍ୱ କରିଥଲେ। ପ୍ରସନ୍ନ ପାଟଶାଣୀ, ବିଜୟ ପଣ୍ଡା, ଶଶାଙ୍କ ଶେଖର ରାୟ, ସନ୍ତୋଷ ହୋତା, ରାଜେନ୍ଦ୍ର ପଟ୍ଟନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଗଣେଷ ପୂଜା ସମୟରେ ସମସ୍ତ ସଦସ୍ୟଙ୍କ ଏକ ଫଟୋଚିତ୍ର ସହରରେ ଲଗାଇବା, ସମସ୍ତ ପୂଜା କମିଟିକୁ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ଗାନ୍ଧୀ ଜୟନ୍ତୀ ପାଳନ ଏବଂ ପରିଷଦକୁ ରେଜେଷ୍ଟ୍ରୀକରଣ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ସାଧାରଣ ସମ୍ପାଦକ ସୁଦର୍ଶନ ସୁଦରାୟ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ତ୍ରିଲୋଚନ ପ୍ରଧାନ, ମନୋଜ ରାଉତରାୟ, ପ୍ରସନ୍ନ ପରିଡା, ସୂର୍ଯ୍ୟ ନାରାୟଣ ରାମ, କେ.ଆପାରାଓ ପ୍ରମୁଖ ଅନୁଷ୍ଠାନରେ ସାମିଲ ହୋଇଥିଲେ। ସୁଶାନ୍ତ ରାଉତ, ପ୍ରଶାନ୍ତ ମିଶ୍ର, ମନୋଜ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିବା ବେଳେ ବିଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସଫେଇ ହେଉନି ଡ୍ରେନ୍, ରାସ୍ତାରେ ପାଣି

ବୋଲଗଡ଼,୧।୯ (ଦେବବ୍ରତ ହୋତା)

- କଂକ୍ରିଟ ଛାଡ଼ି ଲୁହାରଡ୍ ଦେଖାଗଲାଣି
- ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

ବୋଲଗଡ଼ ବ୍ଲକ ହାଟବସ୍ତ ଗ୍ରାମ ମଧ୍ୟ ଦେଇ ଯାଇଥିବା ପୂର୍ତ୍ତ ରାସ୍ତାରୁ କଂକ୍ରିଟ ଛାଡ଼ିଯିବାରୁ ଖାଲଖମା ସୃଷ୍ଟି ହୋଇଛି। ଉକ୍ତ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ୍ ସଫେଇ ନ ହୋଇ ପୋତିହୋଇଯାଇଛି। ଫଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହୁଛି। ଏପରିକି କଂକ୍ରିଟ ଛାଡ଼ି ଲୁହାରଡ୍ ଦେଖାଯିବାରୁ ଯାତାୟାତ ପାଇଁ ବିପଦ ସାଜିଛି। ରାଜସୁନାଖଳା- ଧଳାପଥର ପୂର୍ତ୍ତ ରାସ୍ତାରେ ହାଟବସ୍ତ ଗ୍ରାମରପ୍ରାୟ ସମସ୍ତ ସାହି ରାସ୍ତା ସଂଯୋଗ ହୋଇଛି। ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ସାହିର ବର୍ଜ୍ୟଜଳ ଓ ବର୍ଷାଜଳ ରାସ୍ତା ଉପରେ ଜମୁଛି। ଏନେଇ ରାସ୍ତାରେ ସୃଷ୍ଟି ଖାଲଖମା ସହ ଜମିଥିବା ବର୍ଷାଜଳ ଯୋଗୁ ହାଟବସ୍ତ ଗ୍ରାମବାସୀ ହଇରାଣ ହେଉଛନ୍ତି। ରାସ୍ତାରେ ଯାତାୟାତ କରୁଥିବା ଲୋକେ ହଇରାଣ ହେବା ସହିତ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଉକ୍ତ ପୂର୍ତ୍ତ ରାସ୍ତାର ମରାମତି ସହିତ ରାସ୍ତାପାର୍ଶ୍ୱ ଡ୍ରେନେଜ ବ୍ୟବସ୍ଥା ପୁନରୁଦ୍ଧାର ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହେଉଛି।



# କୃଷକ ପାଉନାହାନ୍ତି କୃଷି ସମ୍ବନ୍ଧୀୟ ସୂଚନା

ବେଗୁନିଆ,୧।୯ (ସନ୍ଧ୍ୟାରାଣୀ ମିଶ୍ର)

**ସମିତି ବୈଠକରେ ପ୍ରଶ୍ନ କଲେ ସରପଞ୍ଚ**

ରାଜ୍ୟ ସରକାର ଗ୍ରାମାଞ୍ଚଳରେ କୃଷକମାନଙ୍କ ଉନ୍ନତି ପାଇଁ ପ୍ରତି ପଞ୍ଚାୟତରେ ୨ ଜଣ କୃଷକସାଥୀଙ୍କୁ ନିଯୁକ୍ତି ଦେଇଛନ୍ତି। କୃଷକ ଓ କୃଷି ବିଭାଗ ମଧ୍ୟରେ ସମନ୍ୱୟ ରଖି କୃଷକସାଥୀମାନେ କାର୍ଯ୍ୟ କରିବା ପାଇଁ ଥିବାବେଳେ ସେମାନଙ୍କର କାର୍ଯ୍ୟକୁ ନେଇ ସରପଞ୍ଚମାନେ ସମିତି ବୈଠକରେ ପ୍ରଶ୍ନ କରିଛନ୍ତି। ବିଭାଗ ସହିତ ସମନ୍ୱୟ ରଖି ବିଭିନ୍ନ ପ୍ରକାର ସଚେତନତାମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ଆମ୍ବ ପକ୍ଷରୁ ବେଗୁନିଆ ବ୍ଲକ୍‌ର ୨୧ ପଞ୍ଚାୟତରେ ୪୨ଜଣ କୃଷକସାଥୀଙ୍କୁ ନିଯୁକ୍ତି ଦିଆଯାଇଛି। ନିଯୁକ୍ତି ପାଇଥିବା କୃଷକସାଥୀମାନେ ସାମ୍ବାଦିକ, କମ୍ପାନୀ ଏଜେଣ୍ଟ, ମୋହରିର କାର୍ଯ୍ୟ କରୁଥିବା ବେଳେ ଆଉ କେତେକ ଦୂରଦୂରାନ୍ତରେ ରହି କାର୍ଯ୍ୟ କରୁଛନ୍ତି। କେବଳ କାଗଜପତ୍ରରେ କାମ କରୁଥିବା ଦର୍ଶାଇ ବର୍ଷକୁ ବହୁଲକ୍ଷ ଟଙ୍କା ହଡ଼ପ କରାଯାଉଥିବାର ଜଣାପଡ଼ିଛି।

କୃଷି କାର୍ଯ୍ୟାଳୟରେ ବର୍ଷକୁ ଥରେ ଅଧେ ହେଉଥିବା ମିଟିଙ୍ଗରେ କିଏ ଯୋଗ ଦେଉଛନ୍ତି ତ କିଏ ନାହିଁ। ସେଥିପାଇଁ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ପ୍ରତି ପଞ୍ଚାୟତରେ ଥିବା କୃଷକମାନେ କୃଷକସାଥୀମାନଙ୍କୁ ଜାଣିନଥିବା କହିଛନ୍ତି। କେତେକ କୃଷକସାଥୀ ସେମାନଙ୍କ କାର୍ଯ୍ୟ ନ କରି ବର୍ଷକୁ ୧୮ହଜାର ଟଙ୍କା ପାଉଛନ୍ତି। ହେଲେ କୃଷକସାଥୀମାନଙ୍କ ଠାରୁ କୃଷକମାନେ କୃଷି ସମ୍ବନ୍ଧୀୟ କୌଣସି ତଥ୍ୟ ପାଉନଥିବା ଅଭିଯୋଗ କରିଛନ୍ତି।

ଏ ନେଇ ବ୍ଲକ୍ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି, ସେମାନଙ୍କୁ ଗ୍ରାମପଞ୍ଚାୟତରେ ନିଯୁକ୍ତି ଦିଆଯାଇଛି। କୃଷକମାନଙ୍କର ଅଭିଯୋଗ ମଧ୍ୟ ଆମ ପାଖରେ ପହଞ୍ଚିଛି। ଆମେ ସରକାରଙ୍କ ପ୍ରଦତ୍ତ ବାର୍ଷିକ ୧୮ହଜାର ଟଙ୍କା ପ୍ରଦାନ କରିଥାଉ। ଦେଖିବାକୁ ଗଲେ ପଞ୍ଚାୟତସ୍ତରରେ କିଏ କୃଷକସାଥୀ ଅଛନ୍ତି ଓ ସେମାନଙ୍କ କାର୍ଯ୍ୟ କ'ଣ ବୋଲି ଗତ ୭ ତାରିଖ ଦିନ ବେଗୁନିଆ ପଞ୍ଚାୟତ ସମିତି ବୈଠକରେ ସରପଞ୍ଚ ରଞ୍ଜିତା ମହାଭୋଇ ଓ ଆରତ ମାଝୀ କୃଷି ଅଧିକାରୀ ଗଣେଶ୍ୱର ରଥଙ୍କୁ ପ୍ରଶ୍ନ ପଚାରିଥିଲେ।

ଏହାର ଜବାବରେ କୃଷି ଅଧିକାରୀ ରଥ କହିଥିଲେ, ବାସ୍ତବରେ କିଛି କୃଷକସାଥୀ କାର୍ଯ୍ୟରେ ସହଯୋଗ କରୁ ନ ଥିବାର କହିବା ସହ ସରପଞ୍ଚମାନେ ଚାହିଁଲେ ସେମାନଙ୍କ ବିରୋଧରେ ପ୍ରସ୍ତାବ ଆଗତ କରି ତାଙ୍କ ସ୍ଥାନରେ ନୂତନ କୃଷକସାଥୀ ନିଯୁକ୍ତି କରିପାରିବେ। ପଞ୍ଚାୟତସ୍ତରରେ ଥିବା ଅଭିଜ୍ଞ ଚାଷୀ ଯେଉଁମାନଙ୍କର ବେଉସା କେବଳ ଚାଷ କାମ, ସେମାନଙ୍କୁ କୃଷକସାଥୀ ଭାବେ ନିଯୁକ୍ତି ଦେଲେ ଚାଷ ଏବଂ ଚାଷୀର ଉନ୍ନତି ହୋଇପାରିବ ବୋଲି ବାବୁଲି ପ୍ରଧାନ, ନୃସିଂହ ସାହୁ, ରାମଚନ୍ଦ୍ର ଦାସ, ସଂଗ୍ରାମ କେଶରୀ ସାମନ୍ତସିଂହାର, ପୂର୍ବତନ ସମିତି ସଭ୍ୟ ଅଜୟ କୁମାର ମହାପାତ୍ର, ଶିକ୍ଷାବିତ୍ ଗୌର ଚରଣ ପ୍ରହରାଜ, ବାସୁଦେବ ବେହେରା, ଶଶିଭୂଷଣ ସାହୁ, ସନାତନ ବେହେରା ଓ ସଞ୍ଜୟ କୁମାର ବାହୁବଳେନ୍ଦ୍ର ପ୍ରମୁଖ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଭୁବନେଶ୍ୱରରୁ ଏକାଧିକ ଟ୍ରେନ୍ ବାତିଲ

ଭୁବନେଶ୍ୱର,୧।୯(ଅନୁରାଧା ମହାରଣା)

ବିଜୟୱାଡ଼ା ଓ ରାଜମୁନ୍ଦରୀ ମଧ୍ୟରେ ରେଳ ସଂଯୋଗ ବାଧାପ୍ରାପ୍ତ ହେବା କାରଣରୁ ସମଗ୍ର ଦେଶରେ ୧୪ଟି ଟ୍ରେନ୍ ଚଳାଚଳ ବାତିଲ ହୋଇଛି। ଏହାସହ ୨ଟି ଟ୍ରେନ୍ ଆଂଶିକ ବାତିଲ ହୋଇଥିବାବେଳେ ଗୋଟିଏ ଟ୍ରେନ୍ ସମୟ ପରିବର୍ତ୍ତନ କରାଯାଇଛି। ବାତିଲ ହୋଇଥିବା ଅନ୍ୟାନ୍ୟ ଟେନ୍ ସହ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍, ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ଏକ୍ସପ୍ରେସ୍, ଭୁବନେଶ୍ୱର-ମୁମ୍ବାଇ- କୋଣାର୍କ ଏକ୍ସପ୍ରେସ୍ ରହିଛି। ଏହି ଟ୍ରେନ୍‌ଗୁଡ଼ିକର ଚଳାଚଳ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ସେହିପରି ସମ୍ବଲପୁରରୁ ଚଳାଚଳ କରୁଥିବା ସମ୍ବଲପୁର-ନ୍ୟାଣ୍ଡେଡ୍ ଏକ୍ସପ୍ରେସ୍ ମଧ୍ୟ ବାତିଲ୍ ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

### ଅଭିଯୁକ୍ତ ଛାତ୍ରୀଙ୍କୁ ନୋଟିସ ଦେଇ ଛାଡ଼ିଲା ପୋଲିସ

**ପ୍ରେମିକ-ମାଆଙ୍କ ଅଶ୍ଳୀଳ ଫଟୋ ଭାଇରାଲ**

କଟକ,୧।୯(କାର୍ତ୍ତିକ ସାହୁ)

ଜଣେ କଲେଜ ଛାତ୍ରୀ ରାଗ ଶୁଝାଇବା ପାଇଁ ତାଙ୍କ ପ୍ରେମିକ ଓ ତାଙ୍କ ମା'ଙ୍କ ଏଡିଟ୍ ହୋଇଥିବା ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରି ପୋଲିସ ହାତରେ ଧରାପଡ଼ିଛନ୍ତି। ଜଗତପୁର ଅଞ୍ଚଳର ଅଭିଯୁକ୍ତ ଛାତ୍ରୀଙ୍କୁ କଟକ ସାଇବର୍ ଥାନା ପୋଲିସ ଧରିବା ପରେ ନୋଟିସ୍ ଦେଇ ଛାଡ଼ିଦେଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଜଗତପୁର ଅଞ୍ଚଳର ଯୁକ୍ତ ୩ ପ୍ରଥମ ବର୍ଷ କଲେଜ ଛାତ୍ରୀ ଜଣକ ଜଣେ ଯୁବକଙ୍କୁ ଭଲ ପାଉଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନାନ୍ତର ହୋଇଥିଲା। ଫଳରେ ଦୁହେଁ ପରସ୍ପରଠାରୁ ଦୂରେଇ ଯାଇଥିଲେ। ହେଲେ ଯୁବତୀ ଜଣକ ଏହି ଘଟଣାରେ ରାଗ ଶୁଝାଇବାକୁ ସ୍ଥିର କରିଥିଲେ। ସମ୍ପୃକ୍ତ ଯୁବକ ଓ ତାଙ୍କ ମା'ଙ୍କ ଫଟୋକୁ ଏଡିଟ୍ କରି ଅଶ୍ଳୀଳ କରିଥିଲେ। ଉକ୍ତ ଫଟୋକୁ ସୋସିଆଲ ମିଡିଆରେ ବଦ୍‌ନାମ କରିବା ପାଇଁ ଭାଇରାଲ କରିଥିଲେ। ଯୁବକଙ୍କ ମା' ଗତ ଅଗଷ୍ଟ ୬ ତାରିଖରେ ସାଇବର୍ ଥାନାରେ ଏନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତ କରିବା ପରେ ଛାତ୍ରୀଙ୍କୁ ଧରିବାରେ ସକ୍ଷମ ହୋଇଥିଲା।

### ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା

କଟକ,୧।୯ (କାର୍ତ୍ତିକ ସାହୁ)

ନୀଳଶୈଳ ଏବଂ ରାଜକିଶୋର ରାଜ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ବଜ୍ରକବାଟି ରୋଡ଼ସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପରିସରରେ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜକିଶୋର ରାଜ ସ୍ମୃତି ସଂସଦର ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ନାୟକ, ସବିତା ମହାନ୍ତି, ମନୋରଞ୍ଜନ ରାଉତରାୟ, ଶକ୍ତି ଶଙ୍କର ରାଜ ଓ ସୌଭାଗ୍ୟ ରାଜ ପ୍ରମୁଖ ଉପସ୍ଥିତ ଥିଲେ। ନର୍ସରୀରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବହୁ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ସବ୍‌ଜୁନିୟର, ଜୁନିୟର ଏବଂ ସିନିୟର ବିଭାଗରେ ଚିତ୍ରାଙ୍କନ, ରଚନା, ବକ୍ତୃତା, ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ, ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। କୃତୀ ପ୍ରତିଯୋଗୀଙ୍କୁ ନୀଳଶୈଳର ପ୍ରତିଷ୍ଠାତା ସ୍ୱର୍ଗତ ରାଜକିଶୋର ରାଜଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଅନୁଷ୍ଠିତ ହେବାକୁ ଥିବା ସ୍ୱାକ୍ଷର ସଂକଳ୍ପ ଦିବସରେ ପୁରସ୍କୃତ କରାଯିବ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ନିଶାମୁକ୍ତ ଭସାଣି, ଡିଜେମୁକ୍ତ ରୋଶଣି

କଟକ ସଦର,୧।୯(ସୁଶାନ୍ତ କୁମାର ଜେନା)



ପୋଲିସ କମିଶନର ସଞ୍ଜୀବ ପଣ୍ଡା, ମେୟର, ବିଧାୟକଙ୍କ ସମେତ ଅନ୍ୟମାନେ।

**କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ଦୁର୍ଗାପୂଜା, ଭସାଣି ଉତ୍ସବ ପ୍ରସ୍ତୁତି ବୈଠକ**

- ଜୋରଜବରଦସ୍ତ ଚାନ୍ଦା ଆଦାୟ କଲେ ଥାନାରେ ଏତଲା
- ରାତି ୧୨ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ

ଆସନ୍ତା ଦୁର୍ଗାପୂଜା ଓ ଭସାଣିକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ କଟକ ଜିଲା ୪୨ ମୌଜା ଥାନା ଅନ୍ତର୍ଗତ ଝିଙ୍କିରିଆଠାରେ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଯୋଗଦେଇ କହିଛନ୍ତି, ଚଳିତବର୍ଷ ଦୁର୍ଗାପୂଜା ଭସାଣିକୁ ନିଶାମୁକ୍ତ ସହ ଡିଜେମୁକ୍ତ ରୋଶଣି ପାଇଁ ନିଷ୍ପତ୍ତି ନିଆଯାଇଛି। ଭସାଣି ଶୋଭାଯାତ୍ରାରେ ୬ଟି ବକ୍ସ ବଜାଇ ପାରିବେ। ସେହିପରି ଦୁର୍ଗାପୂଜାରେ ରାତି ୧୨ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ଅନୁମତି ମିଳିବ। ଜୋରଜବରଦସ୍ତ ଚାନ୍ଦା ଆଦାୟ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁରେ ଥାନାରେ ଏତଲା ହେବ ବୋଲି କମିଶନର ପଣ୍ଡା କହିଛନ୍ତି।

ଆସନ୍ତା ଅକ୍ଟୋବର ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ଶାରଦୀୟ ଦୁର୍ଗାପୂଜା ଓ ୧୪ ତାରିଖରେ ଭସାଣି ଅନୁଷ୍ଠିତ ହେବ। ତେଣୁ ଏହାକୁ ଦୃଷ୍ଟିରେ ରଖି ରାସ୍ତାଘାଟ ମରାମତି, ୨୪ ଘଣ୍ଟିଆ ଜଳଯୋଗାଣ, ଦେବୀଗଡାଠାରୁ ମଲାଚଣ୍ଡିଆ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ଗଛଡାଳ କାଟିବା, ରାସ୍ତାର ଆଲୋକୀକରଣ, ପୂଜା ମଣ୍ଡପ ସମ୍ମୁଖରେ ପାରମ୍ପରିକ ବାଦ୍ୟ ପରିବେଷଣ ପାଇଁ ଅନୁମତି ଦେବା ଭଳି ପ୍ରସ୍ତାବ କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଆଗତ କରିଥିଲେ। ସେହିପରି ଭସାଣି ଶୋଭାଯାତ୍ରାକୁ ଆଗେଇ ନେବା ପାଇଁ ଆଗରେ ଯାଉଥିବା ମେଢର ଆୟୋଜକମାନେ ପଛମେଢ଼କୁ ବାଟ ଛାଡ଼ିଦେବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା।

କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କଟକ ଡିସିପି ପ୍ରକାଶ ଆର୍, ଅତିରିକ୍ତ ପୋଲିସ କମିଶନର ଅନିଲ କୁମାର ମିଶ୍ର, କଟକ ମହାନଗର ନିଗମ ପୂଜା କମିଟି ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନଗର କଂଗ୍ରେସ କମିଟି ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, କଟକ ଜିଲା କମ୍ୟୁନିଷ୍ଟ ପାର୍ଟି ସମ୍ପାଦକ ଅମରେନ୍ଦୁ ମହାନ୍ତି, କଟକ ମହାନଗର ନିଗମ ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝି, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଯୋଗଦେଇଥିଲେ।

ନିଶାମୁକ୍ତ ଭସାଣି, ଡିଜେ ମୁକ୍ତ ରୋଶଣି ପାଇଁ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିବା ଅଡିଓ ସିଡୀକୁ କମିଶନର ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ, ଏସିପି କୃଷ୍ଣଚନ୍ଦ୍ର ସେଠୀ ଓ ଦେବକୃପା ମିଶ୍ର କଣ୍ଠଦାନ କରିଛନ୍ତି। ୪୨ ମୌଜା ପୂଜା କମିଟି ସଭାପତି ଚନ୍ଦ୍ରମଣି ଦେବତା ସ୍ୱାଗତ ଭାଷଣ ଓ ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ୪୨ ମୌଜା ପୂଜା କମିଟି ସମ୍ପାଦକ ସମୀର ପଣ୍ଡା, ପୂର୍ବାଞ୍ଚଳ ଶାନ୍ତି କମିଟି କୋଷାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଚୈତ୍ୟସତ୍ତାର ଉପଲବ୍ଧି ମଣିଷକୁ ଦିବ୍ୟ ଜୀବନ ଦେବ'

କଟକ,୧।୯(କାର୍ତ୍ତିକ ସାହୁ)

**ଶ୍ରୀଅରବିନ୍ଦ ପାଠଚକ୍ର କର୍ମଶାଳା**

କଟକ ପଶ୍ଚିମାଞ୍ଚଳର ଅଷ୍ଟମ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର କର୍ମଶାଳା ତୁଳସୀପୁରସ୍ଥିତ ଜେବିଏସ୍ ଗାର୍ଡେନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ବକ୍ତା ଭାବେ ସଞ୍ଜୟ କୁମାର ମହାପାତ୍ର ଯୋଗଦେଇ ଶ୍ରୀଅରବିନ୍ଦଙ୍କ ଯୋଗରେ ଚୈତ୍ୟସତ୍ତାର ବିକାଶ ଦିଗରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ବକ୍ତା କପିଳ ପ୍ରସାଦ ଦାସ କହିଥିଲେ, ଚୈତ୍ୟସତ୍ତାର ଉପଲବ୍ଧି ହିଁ ମଣିଷକୁ ଦିବ୍ୟ ଜୀବନ ଦେବ। ମାତୃଭବନର ସମ୍ପାଦକ ପ୍ରସାଦ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବସନ୍ତ ପଟ୍ଟନାୟକ ସ୍ୱାଗତ ଭାଷଣ, ବିରଞ୍ଚି ଭାଇ ବିବରଣୀ ପାଠ ଓ ସୁବାସ ସାହୁ ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ସମ୍ମାନିତ ବକ୍ତାଙ୍କ ସମେତ ଅନ୍ୟମାନେ।


କଟକ ବଙ୍ଗାଳିସାହିସ୍ଥିତ ମା' ସାରଳା ସଦନରେ ଲେଖକ ସୁବ୍ରତ ପ୍ରିୟବ୍ରତ ମହାନ୍ତିଙ୍କ ପୁସ୍ତକ 'ନଦିଆରେ ଓଡ଼ିଶୀ କୀର୍ତ୍ତନର ଇତିହାସ' ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ପୁସ୍ତକ 'ନଦିଆରେ ଓଡ଼ିଶୀ କୀର୍ତ୍ତନର ଇତିହାସ' ଉନ୍ମୋଚିତ

କଟକ,୧।୯ (କାର୍ତ୍ତିକ ସାହୁ)

ବନ୍ଦେ ଉତ୍କଳ ପକ୍ଷରୁ କଟକ ବଙ୍ଗାଳିସାହିସ୍ଥିତ ମା' ସାରଳା ସଦନରେ ରବିବାର ସନ୍ଧ୍ୟାରେ ଲେଖକ ସୁବ୍ରତ ପ୍ରିୟବ୍ରତ ମହାନ୍ତିଙ୍କ ପୁସ୍ତକ 'ନଦିଆରେ ଓଡ଼ିଶୀ କୀର୍ତ୍ତନର ଇତିହାସ' ଉନ୍ମୋଚିତ ହୋଇଯାଇଛି। ଡିଜିଟାଲ ସମାଜର ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର ପୁସ୍ତକକୁ ଉନ୍ମୋଚନ କରି କହିଥିଲେ, ପୁସ୍ତକଟି ଓଡ଼ିଶୀ କୀର୍ତ୍ତନକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଆଇନଜୀବୀ ଦେବସ୍ମାନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ କହିଥିଲେ, ଲେଖକ ମହାନ୍ତି ଗଭୀର ଅନୁସନ୍ଧାନ ବଳରେ ପୁସ୍ତକକୁ ରଚନା କରିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଜ୍ଞାନୀ ଦେବାଶିଷ ମିଶ୍ର ଯୋଗଦେଇ ପୁସ୍ତକଟି ଇତିହାସ, କିମ୍ବଦନ୍ତୀ ଓ ଲୋକକଥାକୁ ଗୁରୁତ୍ୱ ନ ଦେଇ ଓଡ଼ିଶୀ କୀର୍ତ୍ତନ, ବୈଷ୍ଣବମାନଙ୍କ ପରିଚୟ ଓ ଶ୍ରୀ ଅଚ୍ୟୁତାନନ୍ଦଙ୍କ ସମ୍ପର୍କରେ ଅନାଲୋଚିତ ଦିଗ ପ୍ରତି ଦୃଷ୍ଟି ଦିଆଯାଇଛି ବୋଲି କହିଥିଲେ। ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ସୁରେଶ ଚନ୍ଦ୍ର ସାହୁ, ସୁନାମଣି ରାଉତ, ତୁଷାର ପଟ୍ଟନାୟକ, ଚନ୍ଦ୍ରାଂଶୁ ତ୍ରିପାଠୀ, ସୁରେଶ ନାୟକ, ପ୍ରସନ୍ନ ସ୍ୱାଇଁ, ଶ୍ରୀମାଳିନୀ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁଦର୍ଶନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଶିବିରରୁ ୫୧ ୟୁନିଟ୍ ରକ୍ତ ସଂଗୃହୀତ

କଟକ ସଦର,୧।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରସ୍ଥିତ ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ସଙ୍ଗଠନ ସରସ୍ୱତୀ କଳା ପରିଷଦ ଓ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପରିଷଦର କଳାବିହାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପରିଷଦ ସମ୍ପାଦକ ଆଶୋକ ପଟ୍ଟନାୟକ, ସଭାପତି ପ୍ରତିଭା ଶତପଥୀ, ସାମାଜିକ କର୍ମୀ ଇଂ. ଅଶୋକ ବିଶ୍ୱାଳ, ପ୍ରଲୋପ ନାରାୟଣ ମହାପାତ୍ର, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ଦାସ, ଅଭିନେତା ଦୈତାରୀ ପ୍ରଧାନ, ଟ୍ରଷ୍ଟ ଅଧ୍ୟକ୍ଷ ବିମଳ ଚନ୍ଦ୍ର ଦାସ, ଫେଡେରେଶନ ଅଫ୍ ଇଣ୍ଡିଆନ୍ ବ୍ଲଡ୍ ଡୋନର୍ସ ଅର୍ଗାନାଇଜେଶନର ଜାତୀୟ ଉପସଭାପତି ଡ. ପ୍ରଶାନ୍ତ ଦାଶ, ଶୁକଦେବ ପରିଡ଼ା, ସନ୍ତୋଷ ପତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କୁଳବେଉସା ବଞ୍ଚାଇବାକୁ ସୋନାଲିଙ୍କ ପ୍ରୟାସ

କଟକ,୧।୯(ଶିଳ୍ପା ପ୍ରିୟଦର୍ଶିନୀ)

**ଗଢୁଛନ୍ତି ଗଣେଶ ମୂର୍ତ୍ତି**

ଆସୁଛି ପାର୍ବଣ। ଗଣେଶ ମୂର୍ତ୍ତିଠାରୁ ଆରମ୍ଭ କରି ବିଭିନ୍ନ ଦେବଦେବୀ ମୂର୍ତ୍ତି ଗଢ଼ିବା ପାଇଁ କଟକ ଶିଳ୍ପୀକୁମ୍ଭାର ସାହିର କାରିଗର ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଏହି ସାହିର ପ୍ରତ୍ୟେକଙ୍କ ଘରେ ମୂର୍ତ୍ତି ନିର୍ମାଣ କରାଯାଏ। ସେମାନଙ୍କ କୁଳବେଉସା ମୂର୍ତ୍ତି ଗଢ଼ିବା। ଏହାକୁ ବଞ୍ଚାଇବାକୁ ପ୍ରୟାସ ଜାରି ରଖିଛନ୍ତି କଟକର ସୋନାଲି ମିଶ୍ର(୨୪)। ଶିଳ୍ପୀକୁମ୍ଭାର ସାହିର ସ୍ୱର୍ଗତ ବିଜୟ ମିଶ୍ର ଓ ମନୋରମା ମିଶ୍ରଙ୍କ ଝିଅ ସୋନାଲି ପାଠପଢ଼ା ପରେ ଏକ ଏନ୍‌ଜିଓ ସଂସ୍ଥାରେ କାମ କରିବା ସହ ମୂର୍ତ୍ତି ତିଆରି କରୁଛନ୍ତି। ଆସନ୍ତା ଗଣେଶ ପୂଜାକୁ ଦୃଷ୍ଟିରେ ରଖି ପ୍ରାୟ ୩ ମାସ ହେବ ସେ ମୂର୍ତ୍ତି ତିଆରିରେ ଲାଗି ପଡିଛନ୍ତି। କଟକ ସମେତ ବଲାଙ୍ଗୀର, ବରଗଡ଼, ଢେଙ୍କାନାଳ, ଭୁବନେଶ୍ୱରରୁ ମୂର୍ତ୍ତି ପାଇଁ ତାଙ୍କ ନିକଟକୁ ଅର୍ଡର ଆସିଛି। ସୋନାଲି ନିଜ ମା'ଙ୍କୁ ଏହି ବ୍ୟବସାୟରେ ସାହାଯ୍ୟ କରିବା ସହ ପ୍ରାୟ ୮ବର୍ଷ ହେବ ମୂର୍ତ୍ତି ତିଆରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ମୂର୍ତ୍ତି ଦାମ୍ ୧୦୦ରୁ ୬୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ମୂର୍ତ୍ତି ତିଆରି ପାଇଁ ମାଟି ଓ ବାଲି ବ୍ୟବହାର କରାଯାଇଥାଏ। ମୂର୍ତ୍ତିକୁ ତିଆରି କରି ଶୁଖାଯିବା ପରେ ସେଥିରେ ବିଭିନ୍ନ ରଙ୍ଗ ଦିଆଯାଇଥାଏ। ଏନେଇ ସୋନାଲୀ କହିଛନ୍ତି, ଶିଳ୍ପୀକୁମ୍ଭାର ସାହି ମୂର୍ତ୍ତି କାମ ପାଇଁ ପ୍ରସିଦ୍ଧ। ଆମ କୁଳବେଉସାକୁ ବଞ୍ଚାଇ ରଖିବା ପାଇଁ ମୂର୍ତ୍ତି ତିଆରି କରିଆସୁଛି। ପ୍ରଥମେ ଏହି କାମ ଜେଜେମା କରୁଥିଲେ। ତାଙ୍କଠାରୁ ମୋ ମା' ଏହି କାମ ଶିଖିଥିଲେ। ପରବର୍ତ୍ତୀ ସମୟରେ ମା'ଙ୍କ ଠାରୁ ମୁଁ ଏହି କାମ ଶିଖିଛି। ଆଗାମୀ ଦିନରେ ମୂର୍ତ୍ତି ତିଆରି କାମ ଜାରି ରଖିବି।


ସୋନାଲି ଓ ତାଙ୍କ ମା' ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି।

## ଇପିଏଫ୍ ପ୍ରାପ୍ୟ ପ୍ରଦାନରେ ବିଳମ୍ବ

ମଙ୍ଗୁଳି-ଜଗତପୁର,୧।୯(ମାନସ ସାମଲ)

- ଅଦାଲତଙ୍କ ଦ୍ୱାରସ୍ଥ ହେବ ସଙ୍ଗଠନ
- ଓଟିଏମ୍ ମୁଖ୍ୟ ଫାଟକ ସମ୍ମୁଖରେ ଏକାଠି ହେଲେ ଶ୍ରମିକ

ଚୌଦ୍ୱାରସ୍ଥିତ ଓଡ଼ିଶା ଟେକ୍ସଟାଇଲ୍ସ ମିଲ୍(ଓଟିଏମ) କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଓଟିଏମ୍ ବଞ୍ଚାଅ ସଙ୍ଗଠନ ଓ ବିରାଟ ଜନକଲ୍ୟାଣ ସମିତି ପକ୍ଷରୁ ରବିବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ୫୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ ସେମାନଙ୍କ ପରିବାର ପ୍ରଥମେ ମୁଖ୍ୟ ଫାଟକ ସମ୍ମୁଖରେ ଏକତ୍ରିତ ହୋଇ ଆନ୍ଦୋଳନର ପ୍ରତୀକ ପତାକାକୁ ଉଭୟ ସଙ୍ଗଠନର ଆବାହକ ଦୀପକ କୁମାର ବାରିକ ଉତ୍ତୋଳନ କରିଥିଲେ। ସାଧାରଣ ସଭାରେ ଶ୍ରମିକଙ୍କ ଇପିଏଫ୍ ପ୍ରାପ୍ୟ ପ୍ରଦାନରେ ଇପିଏଫ୍ କମିଶନରଙ୍କ ଅହେତୁକ ବିଳମ୍ବ ବିଷୟ ଆଲୋଚନା ହୋଇ ଏଥିପାଇଁ ଖୁବ୍‌ଶୀଘ୍ର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥିର ହୋଇଥିଲା। ସମସ୍ତ ଶ୍ରମିକଙ୍କ ପ୍ରାପ୍ୟ ବାବଦ ସୁଧ (୨୦୧୩-୨୦୨୨ ପର୍ଯ୍ୟନ୍ତ) ପାଇବାକୁ ଅଦାଲତଙ୍କ ଦ୍ୱାରସ୍ଥ ହେବା ପାଇଁ ସ୍ଥିର ହୋଇଛି। ଆଗାମୀ ଦିନରେ ନୂତନ ଶିଳ୍ପ ପ୍ରତିଷ୍ଠାରେ କ୍ଷତିଗ୍ରସ୍ତ ଶ୍ରମିକ ଓ ସ୍ଥାନୀୟ ଯୁବକମାନେ କିପରି ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପାଇବେ, ସେ ଦିଗରେ ଉଭୟ ସଙ୍ଗଠନ ସଜାଗ ରହି କାମ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି ବୋଲି ଦୀପକ କହିଛନ୍ତି। ଏହି ସାଧାରଣ ସଭାରେ ନବ ଭୂୟାଁ, କୈଳାସ ଚନ୍ଦ୍ର ସାମଲ, ଭାସ୍କର ଚନ୍ଦ୍ର ରାଉତରାୟ, ବିଭୁ ପ୍ରସାଦ ରଥ, ରବୀନ୍ଦ୍ର ପାଲ, ଦୁଲାଲସେନ ସ୍ୱାଇଁ, ନକୁଳ ଭୂୟାଁ, ସରୋଜ ନାୟକଙ୍କ ସମେତ ଶ୍ରମିକମାନେ ଯୋଗଦେଇ ୱେଲସ୍ପନ କମ୍ପାନୀକୁ ସ୍ୱାଗତ ଜଣାଇଥିଲେ।

## 'କମ୍ପାନୀ ବଦଳିଲେ ଖାଇବା ତେଲର ମାନ ବଦଳେ ନାହିଁ'

କଟକ,୧।୯(କାର୍ତ୍ତିକ ସାହୁ)



ବୈଠକରେ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

**ଓଡ଼ିଶା ବ୍ୟବସାୟୀ ମହାସଂଘର ରାଜ୍ୟସ୍ତରୀୟ ବୈଠକ**

କଟକ ବଣିକ ସଂଘ ଆନୁକୂଲ୍ୟରେ ଓଡ଼ିଶା ବ୍ୟବସାୟୀ ମହାସଂଘର ଏକ ରାଜ୍ୟସ୍ତରୀୟ ବୈଠକ ଲିଙ୍କ୍‌ରୋଡ଼ସ୍ଥିତ ଲାୟନ ଗାର୍ଡେନ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଯୋଗଦେଇ ସମସ୍ୟା ଉପସ୍ଥାପନ କରିବା ସହ ସମାଧାନର ପନ୍ଥା ନିର୍ଦ୍ଧାରଣ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ବ୍ୟବସାୟୀ ମହାସଂଘ ସଭାପତି ସିଏଚ୍ ରବି ଏବଂ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା ଯୋଗଦେଇ ବୃତ୍ତିଗତ ସମସ୍ୟା ସମାଧାନ ଦିଗରେ ସାମୂହିକ ଯୋଗଦାନ ପାଇଁ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାରେ ବିକ୍ରି ହେଉଥିବା ବିଭିନ୍ନ କମ୍ପାନୀର ଖାଇବା ତେଲର ମାନ ଏକା ଭଳି ହୋଇଥିବା ସତ୍ତ୍ୱେ କମ୍ପାନୀଗୁଡ଼ିକ ଲୋକଙ୍କୁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରୁଛନ୍ତି। ଯଦ୍ୱାରା ଲୋକେ ଲିଟର ପ୍ରତି ୫ରୁ ୧୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଦରରେ ତେଲ କିଣୁଛନ୍ତି। କମ୍ପାନୀ ବଦଳିଲେ ତେଲର ମାନ ବଦଳେ ନାହିଁ ବୋଲି ସାଧାରଣ ସମ୍ପାଦକ ପଣ୍ଡା କହିଛନ୍ତି। ତେଲର ଖାଦ୍ୟ ଗୁଣବତ୍ତା ଓ ନିରୀକ୍ଷଣ ପ୍ରଣାଳୀ ସମସ୍ତ ତେଲ କମ୍ପାନୀ ପାଇଁ ସମାନ। ତେଣୁ ଅପପ୍ରଚାରରେ ଭ୍ରମିତ ନ ହୋଇ ଯେକୌଣସି ବ୍ରାଣ୍ଡର ଖାଇବା ତେଲ କିଣିବା ପାଇଁ ଗ୍ରାହକଙ୍କୁ ଜାଗ୍ରତ କରିବାକୁ ଗ୍ରାହକ ସଚେତନତା ସମାବେଶ ମଧ୍ୟ ଆୟୋଜନ କରାଯାଉଛି। ଏହି ଅବସରରେ ସର୍ବସମ୍ମତିକ୍ରମେ ରାଜ୍ୟର ୧୧ ଜଣ ବ୍ୟବସାୟୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ସମୟାନୁସାରେ ଏହି କମିଟି ମାଧ୍ୟମରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗ୍ରାହକ ସଚେତନତା ବୈଠକ ଅନୁଷ୍ଠିତ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ନିୟମ ଅନୁଯାୟୀ ବ୍ୟବସାୟୀମାନେ କାରବାର କରିବା ସହ ଖାଉଟି ଯେପରି କ୍ଷତିଗ୍ରସ୍ତ ନ ହେବେ ସେଥିପାଇଁ ମିଳିତ ଭାବେ ରାଜ୍ୟ ବ୍ୟବସାୟୀମାନେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସଭାପତି ସିଏଚ୍ ରବି କହିଛନ୍ତି। କଟକ ବଣିକ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ, ଯୁଗ୍ମ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର ସଂଘକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।


କଟକ ଝାଞ୍ଜିରୀମଙ୍ଗଳାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ରାଜଯୋଗ ଦ୍ୱାରା କ୍ରୀଡ଼ାର ଉନ୍ନତି କାର୍ଯ୍ୟଶାଳାରେ ଉପସ୍ଥିତ ଅତିଥି ଓ କ୍ରୀଡ଼ାବିତ୍।



ଲିଙ୍କ୍‌ରୋଡ଼ସ୍ଥିତ ନିଶାମଣି କନ୍‌ଭେନ୍‌ସନ୍ ହଲ୍‌ରେ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ୪୨ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରବିବାର ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

# ନିମାପଡ଼ା, ଡେଲାଙ୍ଗରେ ବାର୍ଡ ଫ୍ଲୁ
# ପ୍ରଥମ ଦିନରେ ୫ ହଜାର ୮୬ କୁକୁଡ଼ା ମରାଗଲା



ଡେଲାଙ୍ଗ ଅଞ୍ଚଳରେ ଥିବା ଏକ ଫାର୍ମରେ କୁକୁଡା ପୋତା ଯାଉଛି।

ନିମାପଡ଼ା,୧।୯(ବିଚିତ୍ରାନନ୍ଦ ସାହୁ)/ଡେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ)

ନିମାପଡ଼ା ବ୍ଲକରେ ରବିବାର ବାର୍ଡ ଫ୍ଲୁ ସଂକ୍ରମିତ କୁକୁଡ଼ାମରା ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଗଞ୍ଜାମରୁ ୪, ଭଦ୍ରକରୁ ୪, ଢେଙ୍କାନାଳରୁ ୨ଟି ଏପରି ମୋଟରେ ୧୦ଟି ରାପିଡ୍ ରେସପନ୍ସ ଟିମ୍ ଆସି ନିମାପଡ଼ାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟିମ୍‌ରେ ୪୦ ଜଣ କର୍ମଚାରୀ ବ୍ଲକ ଅଧୀନ କୋଟକୋସାଙ୍ଗ ପଞ୍ଚାୟତର ବାଲିପଡ଼ା ଗ୍ରାମର ଅବନୀରଞ୍ଜନ ଦାସଙ୍କ କୁକୁଡ଼ା ଫାର୍ମରେ ପହଞ୍ଚି ଫାର୍ମର ୩୪୧ କୁକୁଡ଼ା ମାରିଛନ୍ତି। ଫାର୍ମ ନିକଟରେ ଗାତ ଖୋଳି ଲୁଣ, ବ୍ଲିଚିଂ ପକାଯାଇ ସେଥିରେ ମଲା କୁକୁଡ଼ାଙ୍କୁ ପୋତି ଦେଇଥିବା ବ୍ଲକ ଭେଟେନାରୀ ଅଫିସର (ବିଭିଓ) ଡାକ୍ତର ସଂଦିପ୍ତା ସେନାପତି କହିଛନ୍ତି। ଏହି ପରିପ୍ରେକ୍ଷୀରେ ୧କି.ମି. ଦୂରତା ଭିତରେ ଥିବା ନୂଆସନ୍ଥ ପଞ୍ଚାୟତର ଦାସପୁରୁଷୋତ୍ତମପୁର ଗ୍ରାମର ରମେଶ ବାରିକଙ୍କ କୁକୁଡ଼ା ଫାର୍ମରେ ଥିବା ପ୍ରାୟ ୧୬ ହଜାର କୁକୁଡ଼ା ମରାଯାଇ ପୋତାଯିବ ବୋଲି ଡ. ସେନାପତି କହିଛନ୍ତି। ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଉପ ନିର୍ଦ୍ଦେଶକ ଡ. ଜଗନ୍ନାଥ ନନ୍ଦ, ପୁରୀ ଜିଲା ଏଡିଭିଓ ଡ. ରାଜେଶ ପାଣିଗ୍ରାହୀ, ନିମାପଡ଼ା ବିଭିଓ ସେନାପତି, ଡ. ଆକାଶ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଚାଲିଛି। ଏହି ଅଭିଯାନ ପାଇଁ ଗଠିତ ପ୍ରତ୍ୟେକ ଟିମ୍‌ରେ ଜଣେ ଡାକ୍ତର, ୨ ଜଣ ଏଲ୍‌ଆଇ, ଜଣେ ଆଟେଣ୍ଡାଣ୍ଟ ନିଯୁକ୍ତ ଅଛନ୍ତି। ତେବେ କୋଟକୋସାଙ୍ଗ ପଞ୍ଚାୟତର ଏକ କୁକୁଡ଼ା ଫାର୍ମରୁ କୁକୁଡ଼ାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ନିମାପଡ଼ା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପରୀକ୍ଷା ପାଇଁ ପଠାଯାଇଥିଲା। ରକ୍ତ ପରୀକ୍ଷା ପଜେଟିଭ୍ ଆସିବା ପରେ କୁକୁଡ଼ାମରା ଅଭିଯାନ ଆରମ୍ଭ ହୋଇଛି। ସେହିପରି ଡେଲାଙ୍ଗ ବ୍ଲକରେ ରବିବାର ପ୍ରଥମ ଦିନରେ ୪ ଫାର୍ମରୁ ୪ ହଜାର ୭୪୫ କୁକୁଡ଼ା ମରାଯାଇଛି। ସେମାନଙ୍କୁ ଜେସିବି ସାହାଯ୍ୟରେ ଗଭୀର ଗାତ ଖୋଳି ମାଟି ତଳେ ପୋତି ଦିଆଯାଇଛି। ପରେ କୁକୁଡ଼ା ଫାର୍ମକୁ ବିଶୋଧନ କରାଯାଇଥିଲା। ପ୍ରଥମ ବାତଲ ଗ୍ରାମର ଗୋଟେ ଫାର୍ମରୁ ବନରାଜ ରଙ୍ଗିନ କୁକୁଡ଼ା ୧ ହଜାର ୭୭୫ ଏବଂ ସାଉରିଆ ଅଞ୍ଚଳର ୩ ଫାର୍ମରୁ ୨ ହଜାର ୯୭୦ କୁକୁଡ଼ା ମରାଯାଇଥିବା ପ୍ରାଣୀଚିକିତ୍ସା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ସଂକ୍ରମିତ ଫାର୍ମକୁ ବିଶୋଧନ କଲା ରାପିଡ ରେସପନ୍ସ ଟିମ୍

ସୂଚନାଥାଉ କି, ମୋଟରିର ଏକ କୁକୁଡ଼ା ଫାର୍ମରୁ କୁକୁଡ଼ା ମଡ଼କ ହେବା ପରେ ସେଠାରୁ ନମୁନା ସଂଗ୍ରହ କରାଯାଇ ଭୋପାଳସ୍ଥିତ ପରୀକ୍ଷାଗାରକୁ ପଠାଯାଇଥିଲା। ନମୁନା ରିପୋର୍ଟରେ ବାର୍ଡ ଫ୍ଲୁ ପଜିଟିଭ ଆସିଥିଲା। ସଂକ୍ରମିତ ଅଞ୍ଚଳଠାରୁ ୧ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଚାଇଁପୁର, ସାଉରିଆ, ଗଡ଼ ମୋଟରି ଓ ସିଂହ ବ୍ରହ୍ମପୁର ଆଦି ୪ ପଞ୍ଚାୟତର ୧୬ ଗ୍ରାମର ୭୪ କୁକୁଡ଼ା ଫାର୍ମକୁ ଚିହ୍ନଟ କରାଯାଇ ସେଥିମଧ୍ୟରୁ ୭ ଫାର୍ମର କୁକୁଡ଼ାଙ୍କୁ ମରାଯିବ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଟିମ୍‌ର ସଦସ୍ୟମାନେ ଏଡିଭିଓ ପୁରୀ ସତ୍ୟବ୍ରତ ଦାଶଙ୍କ ନେତୃତ୍ୱରେ ଡା. କମଳେଶ ପ୍ରଧାନ, ଡା. ସୋମନାଥ ଦାସ ଓ ଡା. ବିଶ୍ୱରଞ୍ଜନ ବେହେରାଙ୍କ ସହିତ ସଂକ୍ରମିତ ଅଞ୍ଚଳଠାରୁ ୧ କି.ମି. ଅଞ୍ଚଳକୁ ବିଶୋଧନ କରିଛନ୍ତି। ଅନ୍ୟପଟେ ବଡ଼ କୁକୁଡ଼ା ପ୍ରତି ୭୦ ଟଙ୍କା, ସାନ କୁକୁଡ଼ା ୨୦ଟଙ୍କା ଓ ଅଣ୍ଡାଦିଆ ବଡ଼ କୁକୁଡ଼ା ୯୦ ଟଙ୍କା ଓ କୁକୁଡ଼ା ଦାନା କିଲୋ ପ୍ରତି ୧୨ ଟଙ୍କା କ୍ଷତି ପୂରଣ ପ୍ରଦାନ କରାଯିବାକୁ ସରକାରଙ୍କ ନିୟମ ରହିଥିବା ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ସୋମନାଥ ଦାସ ସୂଚନା ଦେଇଛନ୍ତି।

## ଝାଡ଼ଖଣ୍ଡ ଚାଲାଣବେଳେ କୁକୁଡ଼ା ଜବତ

ବଳଙ୍ଗା,୧।୯(କେଦାରେଶ୍ୱର ନନ୍ଦ)

ନିମାପଡ଼ା ବ୍ଲକ ଅଧୀନ ବଳଙ୍ଗାର ଦାସିଆପୁର, ବାଲିପଦା ଓ କୋଠକୁସାଙ୍ଗ ଅଞ୍ଚଳର ୨ ଫାର୍ମରୁ ୧୮ ହଜାର କୁକୁଡ଼ା ରବିବାର ଝାଡ଼ଖଣ୍ଡକୁ ଚୋରା ଚାଲାଣ ହେଉଥିବାବେଳେ ବଳଙ୍ଗା ପୋଲିସ ସେମାନଙ୍କୁ ଧରିଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ତେବେ ଫାର୍ମକୁ କୁକୁଡ଼ା ଦେଇଥିବା କମ୍ପାନୀ ଫାର୍ମ ମାଲିକଙ୍କଠାରୁ ଜୋରଜବରଦସ୍ତ କୁକୁଡ଼ା ନେବାକୁ ବାଧ କରିଥିଲା। ଏଥିରେ ମାଲିକମାନେ ବାଧରେ ରାଜି ହୋଇ ପ୍ରାୟ ୧୮ ହଜାର କୁକୁଡ଼ା ଗାଡ଼ିରେ ଲୋଡ କରିଥିଲେ। ଖବର ପାଇ ବଳଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ କୁକୁଡ଼ାଙ୍କୁ ଜବତ କରିଥିଲା। ଏନେଇ ବିଭାଗୀୟ ଅଧିକାରୀ ପୁରୀ ଜିଲାର ଭେଟନାରୀ ସର୍ଜନ ଅଜୟ କୁମାର ମିଶ୍ରଙ୍କୁ ପଚାରିବାରେ, ସେ ଏଥିପାଇଁ ବଳଙ୍ଗା ପୋଲିସ ଥାନା ଅଧିକାରୀ ଦିବ୍ୟାରଞ୍ଜନ ପଣ୍ଡାଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ ସୋମବାର ସକାଳ ୮ଟାରେ ସଂକ୍ରମଣ କୁକୁଡ଼ା ପୋତାଯିବ ବୋଲି ସେ କହିଥିଲେ।

## ଗୋପକୁ ଆସୁଛି ପିପିଲି କୁକୁଡ଼ା

ଗୋପ,୧।୯(ଭାରତୀ ଭୂଷଣ ଉପାଧ୍ୟାୟ)

### ଭୟରେ ଲୋକେ

ବାର୍ଡ ଫ୍ଲୁକୁ ନେଇ ଗୋପ ବ୍ଲକ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଥିବାବେଳେ ଏବେ ପିପିଲି ଅଞ୍ଚଳର କୁକୁଡ଼ା ଗୋପ ବ୍ଲକ ଅଞ୍ଚଳକୁ ଆସୁଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଥିବା ସମୟରେ ସାଧାରଣରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ପିପିଲି ଓ ନିମାପଡ଼ା ଅଞ୍ଚଳରେ କୁକୁଡ଼ାମରା ଅଭିଯାନ ଚାଲିଥିବାବେଳେ କେତେଜଣ ଅସାଧୁ ବ୍ୟବସାୟୀ ନିଜର କୁକୁଡ଼ାଙ୍କୁ ଗୋପ ଅଞ୍ଚଳକୁ ପଠାଇ ଦେଉଛନ୍ତି। ଏହି କୁକୁଡ଼ା ଗାଡ଼ି ଖୁଲମଖୁଲା ଦିନ ଦ୍ୱିପ୍ରହରରେ ଆସୁଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏପରିକି ଗୋପ ବ୍ଲକ ଅଞ୍ଚଳ କେତେଜଣ କୁକୁଡ଼ା ବ୍ୟବସାୟୀ ଏହି କୁକୁଡ଼ାଙ୍କୁ ନିଜ ଫାର୍ମରେ ରଖୁଥିବା ମଧ୍ୟ ଅଭିଯୋଗ ହୋଇଛି। ଅପରପକ୍ଷେ ଜଣେ ଆଗ ଧାଡ଼ିର କୁକୁଡ଼ା ବ୍ୟବସାୟୀ ଏପରି ଏକ ସମୟରେ ପିପିଲି ଓ ନିମାପଡ଼ା ଅଞ୍ଚଳର କୁକୁଡ଼ାଙ୍କୁ ଆଣି ଭୁବନେଶ୍ୱର, କଟକ ଅଞ୍ଚଳକୁ ପଠାଇବା ଭଳି ଅଭିଯୋଗ ମଧ୍ୟ ହୋଇଛି। ଏହି ଅଭିଯୋଗ ସମ୍ପର୍କରେ ଗୋପ ପ୍ରାଣୀ ଚିକିତ୍ସା ଅଧିକାରୀ ରଞ୍ଜନ କୁମାର ସାହୁଙ୍କୁ ପଚାରିବାରେ, ଗୋପ ବ୍ଲକ ଅଞ୍ଚଳରେ ଥିବା ୨୦୦ରୁ ଊର୍ଦ୍ଧ୍ୱ କୁକୁଡ଼ା ଫାର୍ମ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଆଉ ମଧ୍ୟ ସମସ୍ତ ଫାର୍ମ ମାଲିକଙ୍କୁ ସାଧାରଣ ଲୋକଙ୍କୁ ସଚେତନତା ସୃଷ୍ଟି କରିବା ଲାଗି ପରାମର୍ଶ ଦିଆଯାଇଥିବା ସାହୁ କହିଛନ୍ତି।




ବଳାତ୍କାର ଘଟଣାକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବନ୍ଦେ ମାତରମ୍ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଅନୁଷ୍ଠିତ ପଥପ୍ରାନ୍ତ ନାଟକ 'ଫାଶୀ ହିଁ ଔଷଧ'। (ଫଟୋ– ବିକାଶ ନାୟକ)

## ନନ୍ଦନକାନନକୁ ଆସିଲା ୨ ଜିରାଫ

ବାରଙ୍ଗ,୧।୯(ଲିଙ୍ଗରାଜ ରାଉତ)




ନନ୍ଦନକାନନର ଅନ୍ୟତମ ଆକର୍ଷକ ଜିରାଫ 'ଖୁସି'କୁ ସାଥୀ ମିଳିଛି। ଦୀର୍ଘଦିନର ବ୍ୟବଧାନ ପରେ ନିଃସଙ୍ଗ ଜୀବନ ଜିଉଁଥିବା 'ଖୁସି' ପାଇଁ କୋଲକାତା ଅଲିପୁର ଚିଡ଼ିଆଖାନାରୁ ପ୍ରାଣୀ ଅଦଳବଦଳ ପ୍ରକ୍ରିୟାରେ ହଳେ ଜିରାଫ ରବିବାର ରାତିରେ ଆସି ନନ୍ଦନକାନନରେ ପହଞ୍ଚିଛି। ଉଭୟ ଚିଡ଼ିଆଖାନାର ସହମତିରେ ହୋଇଥିବା ଅଦଳବଦଳ ପ୍ରକ୍ରିୟାରେ ୧ ମାଈ ବାଘ, ହଳେ ସିଂହ, ୨ ମାଈ ହିମାଳୟ କଳା ଭାଲୁ, ୨ ଅଣ୍ଡିରା ଓ ୩ ମାଈ କୁଜି ହରିଣ, ହଳେ ଜଳହସ୍ତୀ, ୨ ହଳ ଗୁରାଣ୍ଡି, ହଳେ ବାରାଶିଙ୍ଗାକୁ ମିଶାଇ ସମୁଦାୟ ୧୮ ପ୍ରାଣୀଙ୍କୁ କୋଲକାତା ଚିଡ଼ିଆଖାନାକୁ ଦେବାକୁ ପଡୁଛି। ଏହାର ପ୍ରତିବଦଳରେ କୋଲକାତା ଅଲିପୁର ଚିଡ଼ିଆଖାନାରୁ ହଳେ ଜିରାଫ, ହଳେ ମାଛଧରା ବିରାଡ଼ି, ୨ ଅଣ୍ଡିରା ଓ ୪ମାଈ ପାଣି ଗୋଧ, ୮ ନୀଳ ଆମେରିକାନ ଏଣ୍ଡୁଅ, ହଳେ ଚାମ ଅଣ୍ଟିଆ ପକ୍ଷୀକୁ ମିଶାଇ ସମୁଦାୟ ୨୦ ପ୍ରାଣୀ ନନ୍ଦନକାନନକୁ ମିଳିଛି। ଏହି ଅଦଳବଦଳର ପ୍ରାଥମିକ ପର୍ଯ୍ୟାୟରେ ଗତ ସୋମବାର ରାତିରେ କୋଲକାତାରୁ ୧୮ ପ୍ରାଣୀ ନନ୍ଦନକାନନକୁ ଆସିଥିବାବେଳେ ମଙ୍ଗଳବାର ୯ ପ୍ରାଣୀଙ୍କୁ କୋଲକାତା ଚିଡ଼ିଆଖାନାକୁ ପଠାଯାଇଛି। ୬ କୁଇଣ୍ଟାଲ ଓଜନର ହୋଇଥିବା ଖୁସିକୁ ଦେଢ ବର୍ଷର ହୋଇଥିବାବେଳେ ୨୦୧୨ ଜୁଲାଇ ୧୧ରେ ବିହାରର ପାଟଣା ଚିଡ଼ିଆଖାନାରୁ ନନ୍ଦନକାନନକୁ ଅଣାଯାଇଥିଲା। ଏହାର ପ୍ରତିବଦଳରେ ନନ୍ଦନକାନନକୁ କାର୍ତ୍ତିକ ଓ ସୁଭଦ୍ରା ନାମକ ସିମ୍ପାଞ୍ଜିକୁ ଦେବାକୁ ପଡ଼ିଥିଲା। ଏହାର ୪ ବର୍ଷର ବ୍ୟବଧାନ ପରେ ଖୁସି ପାଇଁ ସାଥୀ ଭାବରେ କୋଲକାତା ଆଲିପୁର ଚିଡ଼ିଆଖାନାରୁ ୬ ବର୍ଷର ଜୟ ନାମକ ଜିରାଫ ଅଣାଯାଇଥିଲା। ଆସିବାର ୫ ଦିନ ପରେ ଜୟର ମୃତ୍ୟୁ ହୋଇଥିଲା। ସେହିଦିନଠାରୁ ଖୁସି ନିଃସଙ୍ଗ ଜୀବନ ବିତାଉଥିଲା।

## କାନ୍ଥ ପଡ଼ି ୩ ଗୁରୁତର

କୃଷ୍ଣପ୍ରସାଦ,୧।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ଅଧୀନ ଇପିଙ୍ଗ ବାଉରିପଲି ଗ୍ରାମରେ ଘରକାନ୍ଥ ଖସିପଡ଼ିବାରୁ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଏହି ଗ୍ରାମର ରବି ସୁଆଁସିଆ(୪୮) ଓ ସ୍ତ୍ରୀ କବିତା ସୁଆଁସିଆ(୩୮) ଏବଂ ନାତି ସାହେବ ପାହାଣ। ଏମାନଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବାଉରିପଲି ଗ୍ରାମର ରବି ଓ ତାଙ୍କ ସ୍ତ୍ରୀ ଏବଂ ନାତି ରାତିରେ ଶୋଇଥିବା ବେଳେ ଘରର ମାଟିକାନ୍ଥ ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିଥିଲା। ଆହତ ଅବସ୍ଥାରେ ଏମାନଙ୍କୁ ଚିକିତ୍ସା ପାଇଁ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେବେ ଏମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡ଼ିଛି।

## ନିର୍ଦ୍ଧାରିତ ସମୟରେ କଟକ ଚଣ୍ଡୀ ମନ୍ଦିର କାର୍ଯ୍ୟ ସରିବ

### ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ

କଟକ,୧।୯(ଶିଳ୍ପା ପ୍ରିୟଦର୍ଶିନୀ)



କଟକ ଚଣ୍ଡୀଙ୍କୁ ଦର୍ଶନ କରିବା ପାଇଁ ଆସିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଗୁରୁବାର କଟକ ଗସ୍ତରେ ଆସି ମା' କଟକ ଚଣ୍ଡୀଙ୍କୁ ଦର୍ଶନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ପୂର୍ବ ସରକାର କଟକ ଚଣ୍ଡୀ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରି ନ ଥିଲେ। ଏହାକୁ ଭାଜପା ସରକାର ସମ୍ପୂର୍ଣ୍ଣ କରିବ। ଏପରି କି ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ହେବ ବୋଲି ସିଂଦେଓ କହିଛନ୍ତି। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସଙ୍ଗରେ ଶନିବାର ଦେଇଥିବା ମନ୍ତବ୍ୟକୁ ନେଇ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଦେଇଥିବା ମତ ତାଙ୍କର ବ୍ୟକ୍ତିଗତ। ଏହା ଉପରେ ମତ ରଖିବାକୁ ଚାହେଁନି। ଏହାକୁ ନେଇ ଯାହା ସରକାର ନିଷ୍ପତ୍ତି ନେବେ ତାହା କାର୍ଯ୍ୟକାରୀ ହେବ। ଏହି ପ୍ରସଙ୍ଗ ନେଇ ବିତର୍କ ଓ ଆଲୋଚନା ହେବା ଜରୁରୀ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସମୀର ଦେ, ଭାଜପା କଟକ ନଗର ସଭାପତି ଲାଲଟେନ୍ଦୁ ବକ୍ସୁ, ବରିଷ୍ଠ ନେତା ବିନୋଦ ଦାସ, ସ୍ମୃତି ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଏହାପରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଗଡ଼ଚଣ୍ଡୀ ମନ୍ଦିରରେ ପହଞ୍ଚି ମା'ଙ୍କୁ ଦର୍ଶନ କରିଥିଲେ। ଏହି ସମୟରେ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ୪ଦଫା ସମ୍ବଳିତ ଦାବିପତ୍ର ଓ ଏକ ପ୍ରଶଂସା ପତ୍ର ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କୁ ପ୍ରଦାନ କରାଯାଇଥିଲା। ମହାସଂଘର ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ନାୟକ କହିଛନ୍ତି, ପୂର୍ବ ସରକାର ସମୟରେ ଉକ୍ତ ଦାବି ସମ୍ପର୍କରେ ଜଣାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇନାହିଁ। ଉପମୁଖ୍ୟମନ୍ତ୍ରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛୁ। ଦାବିପତ୍ର ପ୍ରଦାନବେଳେ ମହାସଂଘର କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତିଙ୍କ ନେତୃତ୍ୱରେ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିସହ ଉପମୁଖ୍ୟମନ୍ତ୍ରୀ ଗଡ଼ଗଡ଼େଶ୍ୱର ମହାଦେବଙ୍କୁ ଦର୍ଶନ କରିଛନ୍ତି।

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ତବ୍ୟ ପ୍ରସଙ୍ଗରେ ମତ ରଖିବାକୁ ଚାହେଁନି

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସମ୍ବିତ୍



@ ଦୀପେଶ



@ ହୃଷୀକେଶ



@ ଶୀତଳ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅରାଙ୍ଗ ଜଙ୍ଗଲରେ ହାତୀକୁ ଟ୍ରାଙ୍କୁଲାଇଜ୍

ନିରାକାରପୁର,୧।୯(ମାନସ ଚନ୍ଦ୍ର ପଟ୍ଟନାୟକ)

### ଶିମିଳିପାଳ ଜଙ୍ଗଲକୁ ନିଆଗଲା

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ଛଣଗିରି ପଞ୍ଚାୟତ ଅନ୍ତର୍ଗତ ଦେଉଳି ନିକଟ ଅରାଙ୍ଗ ଜଙ୍ଗଲରେ ରବିବାର ଏକ ହାତୀକୁ ଟ୍ରାଙ୍କୁଲାଇଜ୍ କରାଯାଇଛି। ଏହା ପରେ ହାତୀଟିକୁ ଏକ ହାଇୱାରେ ମୟୂରଭଞ୍ଜ ଜିଲାର ଶିମିଳିପାଳ ଜଙ୍ଗଲରେ ଛାଡ଼ିବାକୁ ନିଆଯାଇଥିବା ଜଣାପଡିଛି।

ପ୍ରକାଶ ଯେ, ଏହି ବନାଞ୍ଚଳ ଅଧୀନ ଡମଣଭୂମିରେ ଦୁଇ ମାସ ଭିତରେ ଦୁଇଟି ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ କାରଣ ଅସ୍ପଷ୍ଟ ରହିଛି। ତେବେ ଏହି ଅଞ୍ଚଳରେ ଆଉ ଏକ ହାତୀ ବୁଲୁଥିବାରୁ ବନ ବିଭାଗ ପକ୍ଷରୁ ଦୁଇଦିନ ହେବ ଟ୍ରାଙ୍କୁଲାଇଜ ପାଇଁ ଚାଲିଥିଲା ପ୍ରୟାସ। ଶନିବାର ଭୋରୁ ହାତୀଟି ଓଳସିଂହ ନିକଟ ଅରାଙ୍ଗ ଜଙ୍ଗଲକୁ ପଳାଇ ଆସିଥିବାରୁ ବନ କର୍ମଚାରୀ, ଟ୍ରାଙ୍କୁଲାଇଜ ଟିମ୍ ପହଞ୍ଚି ଟ୍ରାଙ୍କୁଲାଇଜ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ରବିବାର ହାତୀଟି ଦେଉଳି ନିକଟ ଅରାଙ୍ଗ ଜଙ୍ଗଲରେ ବୁଲୁଥିବା ବେଳେ ରାତି ପ୍ରାୟ ୭ଟାରେ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ଏହା ପରେ ହାତୀଟିକୁ ଶିମିଳିପାଳ ଜଙ୍ଗଲକୁ ନିଆଯାଇଥିଲା।



ଖୋର୍ଦ୍ଧା ଦେଉଳି ନିକଟରେ ଟ୍ରାଙ୍କୁଲାଇଜ୍ କରାଯାଇଥିବା ହାତୀ।

# ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ପରଲୋକ

ସମ୍ବଲପୁର,୧।୯(ପ୍ରମୋଦ ବହିଦାର)


ଅଶ୍ୱିନୀ ଗୁରୁ

ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଅଶ୍ୱିନୀ ଗୁରୁଙ୍କର ରବିବାର ହୃଦ୍‌ଘାତରେ ତାଙ୍କ ବ୍ରଜରାଜନଗର ହରିଓମ୍‌ବିହାରସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ୧୯୮୦ ମସିହାରେ ସେ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଟିକେଟରେ ନିର୍ବାଚିତ ହୋଇଥିଲେ। ୨୦୧୮ ମସିହାରୁ ୨୦୨୨ ପର୍ଯ୍ୟନ୍ତ ସେ ସମ୍ବଲପୁର ଜିଲା କଂଗ୍ରେସର ସଭାପତି ଦାୟିତ୍ୱ ତୁଲାଇଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ଅଶ୍ୱିନୀ ଓଡ଼ିଶା ପ୍ରଦେଶ କଂଗ୍ରେସର ସଦସ୍ୟ ରହିଥିଲେ।

ସ୍ୱର୍ଗତ ଗୁରୁ ୧୯୫୪ ମସିହା ଏପ୍ରିଲ ୧ ତାରିଖରେ ସମ୍ବଲପୁର ଜିଲା ବୁର୍ଲାଠାରେ ଜନ୍ମଗ୍ରହଣ କରିଥିଲେ। ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ବିଜ୍ଞାନରେ ସେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସମ୍ବଲପୁର ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ଅଧ୍ୟୟନ ସମୟରେ ସେ ଛାତ୍ର ରାଜନୀତିରେ ସକ୍ରିୟ ଥିଲେ। ଗୁରୁ ୧୯୭୫ ମସିହାରୁ ଜିଲା କଂଗ୍ରେସ ସହିତ ଜଡ଼ିତ ହୋଇ ଛାତ୍ର କଂଗ୍ରେସ(ଏନ୍‌ଏସ୍‌ୟୁଆଇ) ରାଜ୍ୟ ଶାଖା ସଭାପତି ହୋଇଥିଲେ। ବିଭିନ୍ନ ଶ୍ରମିକ ସଙ୍ଗଠନ ସହିତ ଜଡ଼ିତ ଗୁରୁ ୧୯୮୦ ମସିହାରେ ସମ୍ବଲପୁର ବିଧାନସଭା କ୍ଷେତ୍ରରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ ଧର୍ମପତ୍ନୀ ଜଣେ ଶିକ୍ଷୟିତ୍ରୀଭାବେ କାର୍ଯ୍ୟ କରି ନିକଟରେ ଅବସର ଗ୍ରହଣ କରିଛନ୍ତି। ଅଶ୍ୱିନୀ ଗୁରୁଙ୍କର ୨ ଝିଅ। ରାୟପୁରରେ ଚାକିରି କରୁଥିବା ବଡଝିଅ ଫେରିଲା ପରେ ସୋମବାର ବ୍ରଜରାଜନଗରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି।

ଅଶ୍ୱିନୀ ଗୁରୁଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସମ୍ବଲପୁର ଲୋକ ସଭା ସଦସ୍ୟ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ। ଜନପ୍ରତିନିଧିଭାବେ ସମ୍ବଲପୁର ପ୍ରତି ତାଙ୍କର ଅନେକ ଅବଦାନ ରହିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଅମରନାଥ ପ୍ରଧାନ, ବରିଷ୍ଠ ନେତା ସୁରେଶ୍ୱର ମିଶ୍ର, ଦୁର୍ଗା ପାଢୀ, ବିଜେଡି ନେତା ତଥା ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି ସ୍ୱର୍ଗତ ଗୁରୁଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ସୁଭଦ୍ରା ଯୋଜନା ଲାଗି ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧।୯(ସୁନିତ୍ ମିଶ୍ର)



ସୁଭଦ୍ରା ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଉଭୟ ରାଜ୍ୟ ଓ ଜିଲାସ୍ତରରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୁଭଦ୍ରା ଯୋଜନାର ମାର୍ଗଦର୍ଶିକା ଜାରି ହେବା ପରେ ରାଜ୍ୟସାରା ଏହି ତାଲିମ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ସମ୍ପ୍ରସାରିତ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ପ୍ରଶାସନରେ ଉଚ୍ଚସ୍ତରରୁ ଆରମ୍ଭକରି ତୃଣମୂଳସ୍ତର ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉଛି। ଆବେଦନକାରୀଙ୍କୁ ଠିକ୍ ସୂଚନା ପ୍ରଦାନ, ଆବେଦନ ପ୍ରକ୍ରିୟାକୁ ଠିକ୍ ଭାବେ ନିର୍ବାହ କରି ମାର୍ଗଦର୍ଶିକା ଅନୁସାରେ ସୁଭଦ୍ରା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ ଓ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ରାଜ୍ୟର ସମସ୍ତ ଜିଲାପାଳ, ରାଜସ୍ୱ ଆୟୁକ୍ତ ଓ ଅନ୍ୟ ସମସ୍ତ ମହାନଗର ନିଗମ କମିଶନରମାନଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କରିଛନ୍ତି। ମହିଳା ଶିଶୁ ବିକାଶ ବିଭାଗ ତଥା ଆଇସିଡିଏସ ଓ ସମାଜ କଲ୍ୟାଣ ବିଭାଗର ନିର୍ଦ୍ଦେଶିକା ମୋନିଶା ବାନାର୍ଜୀଙ୍କ ଦ୍ୱାରା ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ସୁଭଦ୍ରାର ମାର୍ଗଦର୍ଶିକା ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଛି। ଜିଲା ସମାଜ କଲ୍ୟାଣ ଅଧିକାରୀ, ପୋଷଣ ଜିଲା ସଂଯୋଜକ, ଜିଲା ପ୍ରକଳ୍ପ ସଂଯୋଜକ- ମମତା, ଏନଓପି ପରିଚାଳକ, ଜିଲା ଶିଶୁ ସୁରକ୍ଷା ଅଧିକାରୀମାନେ ବିଭାଗୀୟ ଅତିରିକ୍ତ ସଚିବଙ୍କ ଦ୍ୱାରା ଆଭାସୀ ବ୍ୟବସ୍ଥା ମାଧ୍ୟମରେ ତାଲିମ ପାଇଥିଲେ। ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ନିର୍ଦ୍ଦେଶାନୁସାରେ ପ୍ରତି ଜିଲାରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଆଇସିଡିଏସ ସୁପରଭାଇଜର, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ/ସହାୟିକା, ମାଷ୍ଟର ବୁକ କିପର(ଏମବିକେ), କମ୍ୟୁନିଟି ରିସୋର୍ସ ପର୍ସନ(ସିଆରପି)ମାନଙ୍କୁ ବ୍ୟାପକତାଲିମଦିଆଯାଉଛି। ଏହାସହ ଓକାକ୍, କଲ ସେଣ୍ଟର(୧୪୬୭୮), ମୋ ସେବା କେନ୍ଦ୍ର ଓ ସାଧାରଣ ସେବା କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ମଧ୍ୟ ତାଲିମ ପ୍ରଦାନ କରାଯାଉଛି। ସୁଭଦ୍ରା ମାର୍ଗଦର୍ଶିକା ଅନୁସାରେ ଯୋଗ୍ୟ ହିତାଧିକାରୀଙ୍କ ଚୟନ, ହିତାଧିକାରୀମାନେ କିପରି ସୁବିଧାରେ ଫର୍ମ ପାଇବେ, ଫର୍ମ ସଂଗ୍ରହ ଓ ବିତରଣ, ଫର୍ମ ପୂରଣ ପରେ ପଞ୍ଜୀକରଣ, ଆବେଦନକାରୀଙ୍କୁ ଚିହ୍ନଟ ପାଇଁ ଇ-କେୱାଇସି ଯାଞ୍ଚ, ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଏହି ତାଲିମ କାର୍ଯ୍ୟକ୍ରମରେ ବୁଝାଯାଉଛି। ଯୋଜନାର କାର୍ଯ୍ୟକରିତାକୁ ଭଲ ଭାବେ ବୁଝିବା ନିମନ୍ତେ ଏହି ତାଲିମ କାର୍ଯ୍ୟକ୍ରମକୁ ଏକାଧିକ ବାର ଅନୁଷ୍ଠିତ କରାଯାଉଛି। ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା, ଆଶା କର୍ମୀମାନଙ୍କ ଦ୍ୱାରା ପ୍ରତି ଘରେ ସୁଭଦ୍ରା ଯୋଜନା ସମ୍ବନ୍ଧରେ ସଚେତନ କରାଯାଉଛି।

## ଦ୍ୱାରଶୁଣୀ ଘାଟିରେ ଓଲଟିଲା ଆଇରନ ବୋଝେଇ ଟ୍ରକ୍

ବାଙ୍ଗିରିପୋଷି,୧।୯
(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟି ରାସ୍ତାରେ ରବିବାର ଏକ ଆଇରନ୍ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲ୍‌ପର ଗୁରୁତର ହୋଇଥିବା ଜଣାପଡ଼ିଛି। ଉଭୟଙ୍କ ପରିଚୟ ମିଳିପାରିନାହିଁ।

ସୂଚନା ଅନୁଯାୟୀ, ଆଇରନ୍ ବୋଝେଇ ଟ୍ରକ୍ (ନଂ.ୟୁପି ୧୨ ଏଟି ୧୪୯୩)ଟି କୋଲକାତା ଅଭିମୁଖେ ଯାଉଥିଲା। ଦ୍ୱାରଶୁଣୀ ଘାଟି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ସୁରକ୍ଷା ପାଚେରିରେ ବାଡ଼େଇ ହୋଇ ଓଲଟି ପଡ଼ିଥିଲା। ଫଳରେ ଉଭୟ ଚାଳକ ଓ ହେଲପର ଟ୍ରକ୍ ମଧ୍ୟରେ ଚାପିହୋଇ ରହିଯାଇଥିଲେ। ବାଙ୍ଗିରିପୋଷି ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି କଟର ମେଶିନ ସହାୟତାରେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ମଧ୍ୟରୁ ହେଲ୍‌ପରଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଭିତରେ ଚାପିହୋଇଥିବା ଚାଳକଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ପୋଲିସ ଗାଡ଼ିକୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଖଟିଆରେ ବୁହାହେଲେ ଗର୍ଭବତୀ

## ଗାଁକୁ ରାସ୍ତା ନ ଥିବା ଯୋଗୁ ଆସିପାରିଲା ନାହିଁ ଆମ୍ବୁଲାନ୍ସ

ଲାଞ୍ଜିଗଡ଼,୧।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୁମ୍ଫୁରି ପଞ୍ଚାୟତ ଗଙ୍ଗପେନୁ ଗାଁର ଜଣେ ଗର୍ଭବତୀ ମହିଳାଙ୍କୁ ରବିବାର ଖଟିଆରେ ବୋହି ହସ୍ପିଟାଲ ନିଆଯାଉଥିବା ଦେଖିବାକୁ ମିଳିଛି। ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏବେ ବି ପାଦଚଲା ରାସ୍ତା ରହିଛି। ଫଳରେ ଗୁରୁତର ରୋଗୀ କିମ୍ବା ଗର୍ଭବତୀଙ୍କୁ ଖଟିଆରେ ବୋହିନେବା ଦୃଶ୍ୟମାନ ଦେଖିବାକୁ ମିଳୁଛି। ଗାଁରେ ରାସ୍ତା ନ ଥିବା ଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ରବିବାର ଗାଁର ଯଶୋଦା ମାଝୀ ନାମ୍ନୀ ଜଣେ ମହିଳା ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇପାରିଲା ନାହିଁ। ଫଳରେ ବାଧହୋଇ ପରିବାର ଓ ଗାଁଲୋକ ପାଖାପାଖି ୩ କିଲୋମିଟର ରାସ୍ତା ଖଟିଆରେ ବୋହି ନେଇ ଆମ୍ବୁଲାନ୍ସରେ ଛାଡ଼ିଛନ୍ତି। ଏହାପରେ ଯଶୋଦାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ଗାଁକୁ ଭଲ ରାସ୍ତା ନିର୍ମାଣ ନେଇ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରିଆସୁଛନ୍ତି। ତେଣୁ ଏସବୁକୁ ନଜରରେ ରଖି ଜିଲା ତଥା ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ଜୋର ଧରିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଚିନ୍ତା ନାରୀ ବାପଘର ଯାଏ
ମନ ଫୁଲାଣିଆ ଗୀତ ଗାଉଗାଏ।**

ଶାଶୁଘରେ ବୋହୂ ଉପରେ ଅନେକ ଦାୟିତ୍ୱ ରହିଥାଏ। ସାଧାରଣତଃ ପିଲାପିଲି ନ ଥିବା ନାରୀର ଦାୟିତ୍ୱ ବା ଜଞ୍ଜାଳ କମ। ଏପରିସ୍ଥଳେ ଶାଶୁ ଘରର ଜଞ୍ଜାଳ ଭିତରେ ମୁଣ୍ଡ ପୂରାଉ ନ ଥିବା ବେପରୁଆ ନାରୀ ବେଳଅବେଳରେ ବାପଘରକୁ ଯାଇ ଅୟସରେ ଦିନ ବିତାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଳସୁଆ ଘୋଡ଼ାକୁ
ମେଘ ଆଶ୍ରା।**

ଯେ ଅଳସୁଆ, କାମଦାମ ନ କରିବାକୁ ଓର ଉଣ୍ଡୁଥାଏ, ତାକୁ ଟିକିଏ ବାହାନା ମିଳିଗଲେ କାମ ନ କରି ରହିଯାଏ। ମେଘ ହେଲେ କିମ୍ବା ପାଗ ଖରାପ ହେଲେ ବୋଝ ବୋହିବା ଦରକାର ପଡ଼େନି। ଫଳସ୍ୱରୂପ ଘରେ ରହିବାର ମଉକା ମିଳିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଚିଦ୍ଧିମା ଅଦେଶ୍ଚିନା ମିସ୍ ୟୁନିଭର୍ସ ନାଇଜେରିଆ

## ଦକ୍ଷିଣ ଆଫ୍ରିକାରୁ ପ୍ରତ୍ୟାଖ୍ୟାତ ହୋଇଥିଲେ

ଆବୁଜା, ୧।୯




ଦକ୍ଷିଣ ଆଫ୍ରିକୀୟ ମଡେଲ ଚିଦ୍ଧିମା ଅଦେଶ୍ଚିନା(୨୩) ରବିବାର 'ମିସ୍ ୟୁନିଭର୍ସ ନାଇଜେରିଆ ୨୦୨୪' ଟାଇଟଲ ହାସଲ କରିଛନ୍ତି। ଦକ୍ଷିଣ ପଶ୍ଚିମ ନାଇଜେରିଆର ଲାଗୋସ ସହରରେ ଆୟୋଜିତ ପ୍ରତିଯୋଗିତାରେ ୨୪ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଏହି ସଫଳତା ହାସଲ କରିଛନ୍ତି।

ଦକ୍ଷିଣ ଆଫ୍ରିକାରେ ଜନ୍ମିତ ଏହି ମଡେଲଙ୍କ ବାପା ନାଇଜେରିଆର ହୋଇଥିବାବେଳେ ତାଙ୍କର ମା' ହେଉଛନ୍ତି ଦକ୍ଷିଣ ଆଫ୍ରିକୀୟ। ଚିଦ୍ଧିମାଙ୍କର ଦକ୍ଷିଣ ଆଫ୍ରିକୀୟ ନାଗରିକତା ମଧ୍ୟ ରହିଛି। 'ମିସ୍ ୟୁନିଭର୍ସ ନାଇଜେରିଆ ୨୦୨୪' ଟାଇଟଲ ହାସଲ କରିବା ପରେ ଚିଦ୍ଧିମା ଉପସ୍ଥିତ ଦର୍ଶକଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ''ସେ ପିନ୍ଧିଥିବା ମିସ୍ ୟୁନିଭର୍ସ ନାଇଜେରିଆ ମୁକୁଟ କେବଳ ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ। ଏହା ଏକତା ପାଇଁ ଆହ୍ୱାନ ମଧ୍ୟ। ଅନ୍ତର୍ଜାତୀୟ ସ୍ତରରେ ନିଜ ବାପାଙ୍କ ମାତୃଭୂମିକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇ ସେ ଗର୍ବିତ। ଉକ୍ତ ପ୍ରତିଯୋଗିତା ଜିତି ସେ ନାଇଜେରିଆବାସୀଙ୍କୁ ଖୁସି ପ୍ରଦାନ କରିବାର ଆଉ ଏକ ସୁଯୋଗ ସୃଷ୍ଟି କରିବେ''। ଗତ ମାସରେ ଆୟୋଜିତ ହୋଇଥିବା 'ମିସ୍ ୟୁନିଭର୍ସ ଦକ୍ଷିଣ ଆଫ୍ରିକା ୨୦୨୪' ପ୍ରତିଯୋଗିତାରେ ଚିଦ୍ଧିମା ଭାଗ ନେଇଥିଲେ, ଯାହାକୁ ନେଇ ବିବାଦ ଦେଖାଦେଇଥିଲା।

ସେ ଦକ୍ଷିଣ ଆଫ୍ରିକାର ମୂଳ ନିବାସୀ ହୋଇ ନ ଥିବା ଦର୍ଶାଇ କେତେକ ଦକ୍ଷିଣ ଆଫ୍ରିକୀୟ ସଙ୍ଗଠନ ଓ ରାଜନେତାଙ୍କ ପକ୍ଷରୁ 'ମିସ୍ ୟୁନିଭର୍ସ ଦକ୍ଷିଣ ଆଫ୍ରିକା' ପ୍ରତିଯୋଗିତାରେ ଚିଦ୍ଧିମାଙ୍କ ଅଂଶଗ୍ରହଣକୁ ବିରୋଧ କରାଯାଇଥିଲା। ତାଙ୍କର ନାଗରିକତ୍ୱକୁ ନେଇ ବିବାଦ ଉଠିବା ପରେ ଦେଶର ଗୃହ ବିଭାଗ ଏନେଇ ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ। ବିବାଦ ବଢ଼ିବାରୁ ଚିଦ୍ଧିମା ଉକ୍ତ ପ୍ରତିଯୋଗିତାରୁ ଓହରିବାକୁ ବାଧ ହୋଇଥିଲେ। ଏନେଇ ଏକ ସାକ୍ଷାତ୍‌କାରରେ ଚିଦ୍ଧିମା କହିଛନ୍ତି, ତାଙ୍କର ଦକ୍ଷିଣ ଆଫ୍ରିକୀୟ ନାଗରିକତ୍ୱ ରହିଛି। ସେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ନିକଟସ୍ଥ ସୋୱେଟୋ ସହରରେ ଜନ୍ମ ହୋଇଥିବାବେଳେ କେପଟାଉନରେ ବଢ଼ିଥିଲେ। ପିଲାବେଳୁ ହିଁ ସେ ଦକ୍ଷିଣ ଆଫ୍ରିକାରେ ରହୁଛନ୍ତି। ତେବେ 'ମିସ୍ ୟୁନିଭର୍ସ ଦକ୍ଷିଣ ଆଫ୍ରିକା ୨୦୨୪' ପ୍ରତିଯୋଗିତାରେ ତାଙ୍କୁ ନେଇ ବିବାଦ ବଢ଼ିବାରୁ ସେ ନିଜ ଓ ନିଜ ପରିବାରର ସୁରକ୍ଷା ପାଇଁ ଉକ୍ତ ପ୍ରତିଯୋଗିତାରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଦକ୍ଷିଣ ଆଫ୍ରିକାରେ ତାଙ୍କୁ ନେଇ ବହୁ ଆଲୋଚନା ଓ ବିବାଦ ଚାଲିଥିବା ବେଳେ ମିସ୍ ୟୁନିଭର୍ସ ନାଇଜେରିଆରେ ଅଂଶଗ୍ରହଣ କରିବାକୁ ଏହାର ଆୟୋଜକଙ୍କଠାରୁ ଆମନ୍ତ୍ରଣ ମିଳିଥିଲା ବୋଲି ଏହି ଦକ୍ଷିଣ ଆଫ୍ରିକୀୟ ମଡେଲ କହିଛନ୍ତି। ଆସନ୍ତା ନଭେମ୍ବର ୧୬ରୁ ମେକ୍ସିକୋର ରାଜଧାନୀ ମେକ୍ସିକୋ ସିଟିରେ ଆରମ୍ଭ ହେବାକୁ ଥିବା 'ମିସ୍ ୟୁନିଭର୍ସ ୨୦୨୪' ପ୍ରତିଯୋଗିତାରେ ସେ ନାଇଜେରିଆର ପ୍ରତିନିଧିତ୍ୱ କରିବେ।

# ଡେରାବିଶ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା

ଡେରାବିଶ,୧।୯
(ବେବର୍ତ୍ତା ଅଜୟ ଦାସ)



- ଛାତ୍ରୀଛାତ୍ର ପାଲରେ ବସି ପଢୁଛନ୍ତି
- ଜିଲା ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ପାଣିରଗାର

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗଠାରେ ୨୦୨୧ ମସିହାରେ ସ୍ଥାପିତ ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମସ୍ୟା ଏବେ ଉତ୍କଟ ହେବାରେ ଲାଗିଛି। ବିଦ୍ୟାଳୟ ପାଇଁ ନିର୍ମିତ ହେଉଥିବା ଗୃହର ତଳ ମହଲା କାମ ଶେଷ ହୋଇଛି, ମାତ୍ର ୨୪୩ ଛାତ୍ରୀଛାତ୍ରଙ୍କ ପାଇଁ ବେଞ୍ଚ ଡେସ୍କ ଯୋଗାଯାଇନାହିଁ। ଫଳରେ ତଳେ ପାଲ ପକାଇ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ପିଲାଙ୍କୁ ଶିକ୍ଷାଦାନ ପାଇଁ ନିଯୁକ୍ତ ଥିବା ଶିକ୍ଷକମାନଙ୍କ ବସିବା ପାଇଁ ଚେୟାର ନ ଥିବାରୁ ସେମାନେ ଛିଡ଼ା ହୋଇ ପାଠ ପଢ଼ାଉଛନ୍ତି। ପିଲାଙ୍କ ବେଞ୍ଚ ଡେସ୍କ ଓ ବିଦ୍ୟାଳୟର ଅନ୍ୟ ଉପକରଣ ପାଇଁ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ କର୍ତ୍ତୃପକ୍ଷ ଆର୍ଥିକ ଅନୁଦାନ ଜିଲା ଶିକ୍ଷାଧିକାରୀଙ୍କୁ ୨୦୨୨ରୁ ଯୋଗାଇ ଦେଇଥିଲେ ମଧ୍ୟ ଶିକ୍ଷାଧିକାରୀ ବିଭିନ୍ନ ଆଳ ଦେଖାଇ ଉପକରଣ ଯୋଗାଇ ଦେବାରେ ଅଯଥା ବିଳମ୍ବ କରିଚାଲିଛନ୍ତି। ଏ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଏ ବିଷୟରେ କେତେଜଣ ଅଭିଭାବକ ଗତ ସୋମବାର ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଭେଟି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ଜୁଲାଇ ପ୍ରଥମ ସପ୍ତାହରେ ତତ୍କାଳୀନ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷାଧିକାରୀ ସମ୍ପୃକ୍ତ ବିଦ୍ୟାଳୟକୁ ଆସି ବିଦ୍ୟାଳୟର ଅବସ୍ଥା ନିଜେ ଦେଖିବା ସହ ଲୋକଦେଖାଣିଆ ଭାବେ ଏକ ଶ୍ରେଣୀ ଗୃହରେ ପିଲାଙ୍କୁ ପାଠ ପଢ଼ାଇ ଥିଲେ। ଟେଣ୍ଡର ପ୍ରକ୍ରିୟା ଜୁଲାଇ ୨୦ ସୁଦ୍ଧା ଶେଷ ହେବା ପରେ ଜୁଲାଇ ୩୧ ସୁଦ୍ଧା ବିଦ୍ୟାଳୟକୁ ନୂତନ ବେଞ୍ଚ ଡେସ୍କ ଓ ଅନ୍ୟ ଉପକରଣ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଏକ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବେଞ୍ଚ ଡେସ୍କ ଓ ଅନ୍ୟ ଉପକରଣ ଯୋଗାଇ ଦେବାରେ ଶିକ୍ଷାଧିକାରୀ ବିଫଳ ହୋଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କୁ ପଚାରିବାରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଠିକାଦାର ଯେଉଁ ସ୍ଥାନରୁ ଏହି ଉପକରଣ ଆଣିବା କଥା ସେଠାରେ ନ ଥିବାରୁ ଆଉ ଏକ ମାସ ବିଳମ୍ବ ହୋଇପାରେ ବୋଲି ସେ କହିଛନ୍ତି। ତେବେ ବିଦ୍ୟାଳୟରେ ପାଲରେ ବସି କେତେଦିନ ପିଲାମାନେ ପାଠ ପଢ଼ିବେ ବୋଲି ଅଭିଭାବକ ଯୋଗାନନ୍ଦ ମହାନ୍ତି, ଧରଣୀଧର ପ୍ରଧାନ ପ୍ରମୁଖ ପ୍ରଶ୍ନ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ଜାତୀୟ/ଅନ୍ତର୍ଜାତୀୟ ଖବର

# ଗାଜାରେ ୬ ଇସ୍ରାଏଲୀ ବନ୍ଧକଙ୍କୁ ହତ୍ୟା କଲା ହମାସ

ରାଫାହ, ୧।୯

ଗାଜାର ରାଫାହ ସହରର ଏକ ଟନେଲରୁ ରବିବାର ଇସ୍ରାଏଲୀ ସେନା ୬ ଇସ୍ରାଏଲୀ ବନ୍ଧକଙ୍କ ମୃତଦେହକୁ ଉଦ୍ଧାର କରିଛି। ମୃତକଙ୍କ ମଧ୍ୟରେ ହର୍ଷ ଗୋଲ୍ଡବର୍ଗ ପୋଲିନ(୨୩) ନାମକ ଜଣେ ଇସ୍ରାଏଲୀ-ଆମେରିକୀୟ ରହିଛନ୍ତି। ମୃତଦେହ ମିଳିଥିବା ଅନ୍ୟ ୫ ବନ୍ଧକ ହେଉଛନ୍ତି, ଇଡେନ ୟେରୁ ସେଲମୀ(୨୪), କାମେଲ ଗେଟ (୩୯), ଅଲମୋଗ ସରୁସୀ(୨୬), ଆଲେକ୍ସ ଲୁବ୍ରୋବ (୩୨) ଏବଂ ଓରି ଡ଼ିନିନୋ (୨୫)। ଏକ ଅପରେଶନ ଅନୁଯାୟୀ, ଉକ୍ତ ୬ ବନ୍ଧକଙ୍କୁ ଉଦ୍ଧାର କରିବାର ଠିକ୍ ପୂର୍ବରୁ ହମାସ ପକ୍ଷରୁ ସେମାନଙ୍କୁ ହତ୍ୟା କରାଯାଇଥିଲା ବୋଲି ଇସ୍ରାଏଲୀ ପ୍ରତିରକ୍ଷା ବାହିନୀର ମୁଖପାତ୍ର ଡାନିଏଲ ହଗାରୀ ସୂଚନା ଦେଇଛନ୍ତି। ସେହିପରି ଆମେରିକୀୟ ନାଗରିକ ହର୍ଷଙ୍କର ମୃତ୍ୟୁ ଘଟିଥିବା ନେଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ପକ୍ଷରୁ ବିବୃତି ଜାରି ହୋଇଛି। ଗତବର୍ଷ ଅକ୍ଟୋବର ୭ରେ ଦକ୍ଷିଣ ଇସ୍ରାଏଲରେ ଅନୁଷ୍ଠିତ ହୋଇଥିବା ସୁପରନୋଭା ମ୍ୟୁଜିକ୍ ଫେଷ୍ଟିଭାଲରୁ ଏହି ୬ ଇସ୍ରାଏଲୀ ନାଗରିକଙ୍କ ସମେତ ୨୫୧ ଜଣ ଇସ୍ରାଏଲୀଙ୍କୁ ହମାସ ଅପହରଣ କରିଥିଲା।

# ଝାଡ଼ଖଣ୍ଡ କନ୍‌ଷ୍ଟେବଲ ନିଯୁକ୍ତି ପ୍ରକ୍ରିୟା: ଶାରୀରିକ ପରୀକ୍ଷାରେ ୧୧ ପ୍ରାର୍ଥୀ ମୃତ

ରାଞ୍ଚି, ୧।୯

ଝାଡ଼ଖଣ୍ଡର ଅବକାରୀ କନ୍‌ଷ୍ଟେବଲ ନିଯୁକ୍ତି ପ୍ରକ୍ରିୟାର ଶାରୀରିକ ପରୀକ୍ଷାରେ ୧୧ ଜଣ ଆଶାୟୀ ପ୍ରାର୍ଥୀଙ୍କର ମୃତ୍ୟୁ ହୋଇଥିବାନେଇ ରବିବାର ରାଜ୍ୟ ପୋଲିସର ଆଇଜି(ଅପରେଶନ) ଅମୋଲ ବିନୁକାନ୍ତ ହୋମକୋର ସୂଚନା ଦେଇଛନ୍ତି। ଉକ୍ତ ମାମଲାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ଅଗଷ୍ଟ ୨୨ରୁ ୩୦ ମଧ୍ୟରେ ରାଜ୍ୟର ୭ଟି କେନ୍ଦ୍ରରେ ୧,୨୭,୭୭୨ ପ୍ରାର୍ଥୀ ଏହି ଶାରୀରିକ ପରୀକ୍ଷାରେ ସାମିଲ ହୋଇଥିଲେ। ଝାଡ଼ଖଣ୍ଡ ପାଲାମୁ କେନ୍ଦ୍ରରେ ୪, ଗିରିଡ଼ିହ ଏବଂ ହଜାରିବାଗରେ ୨ ଲେଖାଏ, ରାଞ୍ଚି, ପୂର୍ବ ସିଂହଭୂମ ଏବଂ ସାହେବଗଞ୍ଜ କେନ୍ଦ୍ରରେ ଜଣେ ଲେଖାଏ ପ୍ରାର୍ଥୀଙ୍କର ମୃତ୍ୟୁ ଘଟିଛି। କର୍ତ୍ତୃପକ୍ଷଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ୧୧ ଜଣ ପ୍ରାର୍ଥୀଙ୍କର ମୃତ୍ୟୁ ଘଟିଥିବା ଭାଜପା ଅଭିଯୋଗ ଆଣିଛି।

# ତେଲଙ୍ଗାନାରେ ବର୍ଷା ବିପ୍ରାତରେ ୯ ମୃତ

## ଶତାଧିକ ଗାଁ ଜଳମଗ୍ନ, ୯୯ ଟ୍ରେନ୍ ବାତିଲ

ହାଇଦ୍ରାବାଦ,୧।୯

ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦ ସମେତ ବିଭିନ୍ନ ଅଞ୍ଚଳରେ ରବିବାର ପ୍ରବଳ ବର୍ଷା ଲାଗିରହିବା ଫଳରେ ଶତାଧିକ ଗାଁ ପାଣିରେ ବୁଡ଼ିଯାଇଛି। ବିଭିନ୍ନ ସ୍ଥାନରେ ବର୍ଷାଜନିତ ଘଟଣାରେ ୯ ଜଣଙ୍କ ମୃତ୍ୟୁ ହୋଇଛି। ରେଳଧାରଣାଗୁଡ଼ିକ ବର୍ଷାପାଣିରେ ବୁଡ଼ିଥିବାରୁ ୯୯ଟି ଟ୍ରେନ୍‌କୁ ବାତିଲ କରିଦିଆଯାଇଛି। ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ଇତିମଧ୍ୟରେ ମନ୍ତ୍ରୀ ଓ ବିଧାୟକମାନଙ୍କ ସହ ଜରୁରୀ ବୈଠକ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ବଣ୍ଡି ସଞ୍ଜୟ କୁମାର ତେଲଙ୍ଗାନା ସ୍ଥିତି ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଅବଗତ କରାଇଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସହାୟତା ପାଇଁ ଏନ୍‌ଡିଆର୍‌ଏଫ୍ ଟିମ୍ ତେଲଙ୍ଗାନାକୁ ପଠାଯାଇଛି। ହାଇଦ୍ରାବାଦରେ ସ୍କୁଲ୍‌ଗୁଡ଼ିକୁ ସୋମବାର ପାଇଁ ବନ୍ଦ ରଖାଯାଇଛି।

ସେହିପରି ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ସମେତ ବିଭିନ୍ନ ଅଞ୍ଚଳରେ ବର୍ଷାବିପ୍ରାତ ଦେଖାଦେଇଛି। ବର୍ଷା ପ୍ରଭାବିତ ଅଞ୍ଚଳରୁ ୧୭,୦୦୦ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ସହ କଥା ହୋଇ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଆଇଏମ୍‌ଏ ନିର୍ବାଚନରେ ଦୁର୍ନୀତି ଅଭିଯୋଗ

ନୂଆଦିଲ୍ଲୀ,୧।୯(ପି.ଟି.)

ଭାରତୀୟ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ)ର ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ହୋଇଛି। ଫଳରେ ଏହି ସଂଗଠନର ସାଧୁତା ପ୍ରତି ବିପଦ ସୃଷ୍ଟି ହୋଇଥିବା ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ମେଡିକାଲ ଆସୋସିଏଶନ (ଏଫ୍‌ଏଆଇଏମ୍‌ଏ) ଅଭିଯୋଗ ଆଣିଛି। ରବିବାର ଆଇଏମ୍‌ଏର ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଏଫ୍‌ଏଆଇଏମ୍‌ଏ କହିଛି, ମନୋନୟନ ପାଇଁ ସଦସ୍ୟଙ୍କଠାରୁ ବିପୁଳ ଅର୍ଥ ସଂଗ୍ରହ କରାଯାଇଥିଲା। ଏହା ସତ୍ତ୍ୱେ ସଂଗଠନର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ବିନା ନିର୍ବାଚନରେ ପୂରଣ ହୋଇଛି। ତେଣୁ ଆଇଏମ୍‌ଏରେ ଅଗଣତାନ୍ତ୍ରିକ ପଦ୍ଧତି ଚାଲିଥିବା ଆଶଙ୍କା କରାଯିବା ସହ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ଆଇଏମ୍‌ଏର ମୁଖ୍ୟ ପାତ୍ରନ ଡ. କେତନ ଦେଶାଇଙ୍କ ଭୂମିକା ସନ୍ଦେହ ଘେରରେ ରହିଛି।

# ହେଲିକପ୍ଟର ଦୁର୍ଘଟଣା: ୧୭ ମୃତଦେହ ଉଦ୍ଧାର

ମସ୍କୋ,୧।୯

ରୁଷିଆର କାମ୍‌ଚଟ୍‌କା ଅଞ୍ଚଳରୁ ନିଖୋଜ ଏମ୍‌ଆଇ-୮ ହେଲିକପ୍ଟରର ଭଗ୍ନାବଶେଷ ରବିବାର ମିଳିଛି। ଭଗ୍ନାବଶେଷ ମିଳିଥିବା ସ୍ଥଳରୁ ୧୭ ଜଣଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିବା ନେଇ ରୁଷୀୟ ଜରୁରିକାଳୀନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଶେଷ ଥର ପାଇଁ ସମ୍ପର୍କ ହୋଇଥିବା ସ୍ଥାନ ନିକଟସ୍ଥ ଏକ ଜଙ୍ଗଲୀ ପାହାଡ଼ର ୯୦୦ ମିଟର ଉଚ୍ଚତାରେ ଏମ୍‌ଆଇ-୮ ହେଲିକପ୍ଟରର ଭଗ୍ନାବଶେଷ ମିଳିଛି। ଉକ୍ତ ହେଲିକପ୍ଟରରେ ୧୯ ଜଣ ଯାତ୍ରୀ ଏବଂ ୩ ଜଣ କ୍ରିଉ ସଦସ୍ୟ ଥିଲେ। ହେଲିକପ୍ଟରରେ ଥିବା ଅନ୍ୟ ୫ ଜଣଙ୍କୁ ଉଦ୍ଧାରକାରୀ ଦଳ ଖୋଜିବାରେ ଲାଗିଛନ୍ତି। ସେମାନଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ନେଇ ଆଶଙ୍କା କରାଯାଉଛି।

# ବୋମା ଆତଙ୍କ: ହାଇଦ୍ରାବାଦ ଯାଉଥିବା ବିମାନ ନାଗପୁରରେ ଜରୁରୀ ଅବତରଣ

ନାଗପୁର, ୧।୯

ମଧ୍ୟପ୍ରଦେଶର ଜବଲପୁରରୁ ରବିବାର ତେଲଙ୍ଗାନାର ରାଜଧାନୀ ହାଇଦ୍ରାବାଦକୁ ଯାଉଥିବା ଇଣ୍ଡିଗୋର ୬ଇ-୭୩୦୮ ବିମାନକୁ ବୋମାରେ ଉଡ଼ାଇଦେବାକୁ ଧମକ ମିଳିଛି। ଧମକ ଖବର ଜଣାପଡ଼ିବା ପରେ ବିମାନର ଦିଗକୁ ହାଇଦ୍ରାବାଦରୁ ନାଗପୁର ଅଭିମୁଖେ ଡାଇଭର୍ଟ କରାଯାଇଥିଲା। ନାଗପୁର ଅନ୍ତଃରାଷ୍ଟ୍ରୀୟ ବିମାନ ବନ୍ଦରରେ ସମସ୍ତ ଯାତ୍ରୀ ସୁରକ୍ଷିତ ଓହ୍ଲାଇବା ପରେ ସୁରକ୍ଷା ଏଜେନ୍ସି ପକ୍ଷରୁ ବିମାନର ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ କୌଣସି ସନ୍ଦିଗ୍ଧ ଉପକରଣ ମିଳି ନ ଥିବା ନେଇ ଇଣ୍ଡିଗୋ ସୂଚନା ଦେଇଛି। ଯାଞ୍ଚ ପରେ ବିମାନଟି ଯାତ୍ରୀମାନଙ୍କୁ ଧରି ପୁନଶ୍ଚ ହାଇଦ୍ରାବାଦ ଅଭିମୁଖେ ବାହାରିଥିଲା। ଫ୍ଲାଇଟ୍‌ର ବାଥରୁମ ମଧ୍ୟରେ ଉକ୍ତ ବିମାନକୁ ବୋମାରେ ଉଡ଼ାଇଦେବାକୁ ଏକ କାଗଜରେ ଧମକ ମିଳିଥିଲା ବୋଲି ନାଗପୁର ବିମାନବନ୍ଦରର ଜଣେ ଅଧିକାରୀ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ: ...................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଗଷ୍ଟରେ ୧.୭୫ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

## ବାର୍ଷିକ ତୁଳନାରେ ୧୦% ଅଧିକ ଆଦାୟ

ନୂଆଦିଲ୍ଲୀ,୧।୯ (ଅଭୟ ଦାଶ)




ଚଳିତ ଆର୍ଥିକ ବର୍ଷର ପଞ୍ଚମ ମାସରେ ମଧ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ ହୋଇଛି ବୋଲି ଗୁରୁବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ୪ର୍ଥ ମାସ ବା ୨୦୨୪ଅଗଷ୍ଟରେ ଦେଶର ଜିଏସ୍‌ଟି ସଂଗ୍ରହ ପ୍ରାୟ ୧.୭୫ (୧,୭୪,୯୬୨ କୋଟି) ଲକ୍ଷ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ଆଦାୟ କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୧,୫୯,୦୬୯ କୋଟି ଟଙ୍କା ଟିକସ ଆଦାୟ ହୋଇଥିଲାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ଅଗଷ୍ଟରେ ସଂଗୃହୀତ ଟିକସ ପରିମାଣଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ୪ମାସର ଟିକସ ପରିମାଣ ପ୍ରାୟ ୧୦% ଅଧିକ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

ଅପରପକ୍ଷରେ ଓଡ଼ିଶାରୁ ମଧ ଚଳିତ ଆର୍ଥିକ ବର୍ଷର ୫ମ ମାସରେ ୪୮୭୮ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିଲାବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଟିକସ ପରିମାଣ ୪୪୦୮ କୋଟି ଟଙ୍କା ଥିଲା, ଯାହା ଚଳିତ ଆର୍ଥକ ବର୍ଷର ୪ର୍ଥ ମାସର ଅବଧି ମଧ୍ୟରେ ପ୍ରାୟ ୧୧% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ପବ୍ଲିକ ଇସ୍ୟୁରୁ ପାଣ୍ଠି ସଂଗ୍ରହ

ନୂଆଦିଲ୍ଲୀ,୧।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଏରୋନ୍ କମ୍ପୋଜିଟ ଲିମିଟେଡ (ଏସିଏଲ୍)ର ପବ୍ଲିକ ଇସ୍ୟୁ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ଏନଏସ୍‌ଇ ଇମର୍ଜ ପ୍ଲାଟଫର୍ମରେ ଶୁଭାରମ୍ଭ କରିବାକୁ ଅନୁମୋଦନ ହାସଲ କରିଛି। ଏପରିକି ପବ୍ଲିକ ଇସ୍ୟୁରୁ ସଂଗୃହୀତ ରାଶି ମଧ୍ୟରୁ ୩୯କୋଟି ଟଙ୍କା ଗୁଜରାଟର ମେହସାନାଠାରେ ଏକ ଉତ୍ପାଦନ କାରଖାନା ସ୍ଥାପନ ନିମନ୍ତେ ଆବଶ୍ୟକ ମୂଳଧନ ନିବେଶ ଆବଶ୍ୟକତା ନିମନ୍ତେ ଏବଂ ସାଧାରଣ କର୍ପୋରେଟ ଉଦ୍ଦେଶ୍ୟରେ ବିନିଯୋଗ କରାଯିବ। ସେହିଭଳି ଏସଏମ୍‌ଇ ପବ୍ଲିକ ଇସ୍ୟୁରୁ ୫୬.୧୦ କୋଟି ଟଙ୍କା ପର୍ଯ୍ୟନ୍ତ ସଂଗ୍ରହ କରିବାକୁ ଯୋଜନା କରିଛି।

# ରାହୁଲ ଓଡ଼ିଶାର ଆୟକର ପ୍ରଧାନ ମୁଖ୍ୟ କମିଶନର

ଭୁବନେଶ୍ୱର,୧।୯ (ଅନୁରାଧା ମହାରଣା)



ରାହୁଲ୍ କର୍ଣ୍ଣ

ଇଣ୍ଟରନାଲ ରେଭେନ୍ୟୁ ସର୍ଭିସ୍ (ଆଇଆର୍‌ଏସ୍), ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବେ ରାହୁଲ୍ କର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଛନ୍ତି। କର୍ଣ୍ଣ ୧୯୮୯ ବ୍ୟାଚର ଭାରତୀୟ ରାଜସ୍ୱ ସେବା ଅଧିକାରୀ ଭାବେ ଓଡିଶାରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ବିହାର ଏବଂ ଝାଡ଼ଖଣ୍ଡରେ ଆୟକର (ଅନୁସନ୍ଧାନ)ର ମହାନିର୍ଦ୍ଦେଶକ ଭାବରେ ଦାୟିତ୍ୱ ତୁଲାଇଛନ୍ତି। ଏହାପୂର୍ବରୁ ସେ ମୁମ୍ବାଇରେ ବ୍ୟାଙ୍କ ଅଫ ଇଣ୍ଡିଆ(ବିଓଆଇ) ସହିତ ଡେପୁଟେଶନରେ ଥିଲେ।

# ଶିଳ୍ପରେ ଅଧିକ ମହିଳାଙ୍କୁ ନିଯୁକ୍ତି ଦିଆଯାଉ: ପ୍ରଭାତୀ



ଭୁବନେଶ୍ୱର,୧।୯ (ଅଭୟ ଦାଶ)

ରାଜ୍ୟରେ ଶିଳ୍ପ ସଂସ୍ଥା ସ୍ଥାପନ କରୁଥିବା କମ୍ପାନୀଗୁଡ଼ିକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହ୍ୱାନ ଦେଇ ମହିଳାମାନଙ୍କ ନିଯୁକ୍ତି ଉପରେ ଧ୍ୟାନ ଦେବାକୁ କହିଛନ୍ତି। ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ(ୟୁସିସିଆଇଏଲ୍) ପକ୍ଷରୁ ଜନତା ମଇଦାନଠାରେ ଆୟୋଜିତ ୩ ଦିନିଆ ଗ୍ଲୋବାଲ ଟ୍ରେଡ ଶୋ 'ରିସର୍ଜେଣ୍ଟ ଓଡ଼ିଶା ୨୦୨୪'ର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଭାତୀ ପରିଡ଼ା ନିଯୁକ୍ତି ଜରିଆରେ ମହିଳାମାନଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏପରିକି ଶିଳ୍ପ ଜଗତରେ ଅଧିକରୁ ଅଧିକ ମହିଳାଙ୍କ ନିୟୋଜନ ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ଯେଉଁ ମହିଳାମାନେ ଉଦ୍ୟୋଗୀ ଭାବେ କାର୍ଯ୍ୟ କରୁଛନ୍ତି,ସେମାନଙ୍କ ଲାଗି ଅଧିକରୁ ଅଧିକ ବ୍ୟବସାୟ ସୁଯୋଗ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିଭଳି ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ମିଶନ ଶକ୍ତି ବଜାର ବୁଲି ଦେଖିବା ଏବଂ ସେମାନଙ୍କ ଉତ୍ପାଦ କ୍ରୟ କରି ଅଭିବୃଦ୍ଧିରେ ସହଯୋଗ କରିବାକୁ ସେ ଶିଳ୍ପସଂସ୍ଥାମାନଙ୍କୁ ମଧ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଓଡ଼ିଶାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ୨୦୪୭ ସୁଦ୍ଧା ଓଡ଼ିଶାକୁ ୧.୫ ଟ୍ରିଲିଅନ୍ ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ସରକାର ଧାର୍ଯ୍ୟ କରିଥିବା ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଲକ୍ଷ୍ୟ ହାସଲରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ସବୁ ପ୍ରକାର ସହଯୋଗ ପ୍ରଦାନ କରିବା ସହ କାର୍ଯ୍ୟ କରିବ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ଏପରିକି ଏମ୍‌ଏସ୍‌ଏମ୍‌ଇର ବିକାଶ ଲାଗି ବଜେଟରେ ବିପୁଳ ବ୍ୟୟବରାଦ କରାଯାଇଥିବା ସେ ସୂଚନା ଦେଇଛନ୍ତି। ବିପୁଳ ଖଣିଜ ସମ୍ପଦ ସହିତ ପର୍ଯ୍ୟାପ୍ତ ବେଳାଭୂମି ରାଜ୍ୟରେ ଥିବା ବେଳେ ଏବେ ବି ୧୨ରୁ ଅଧିକ ଜିଲା ଶିଳ୍ପବିହୀନ ଜିଲା ହୋଇ ରହିଛି। ଏହି ସବୁ ଜିଲାରେ ଶିଳ୍ପ ସ୍ଥାପନ କରିବାରେ ସରକାରଙ୍କ ଯେତିକି ଭୂମିକା ରହିଛି, ଶିଳ୍ପ ଜଗତର ମଧ ସେତିକି ଭୂମିକା ରହିଛି ବୋଲି ସେ କହିଛନ୍ତି। ରିସର୍ଜେଣ୍ଟ ଓଡ଼ିଶା-୨୦୨୪ର ଉଦଯାପନୀ ସମାରୋହରେ ୟୁସିସିଆଇଏଲର ସଭାପତି ବ୍ରହ୍ମାନନ୍ଦ ମିଶ୍ର, ରିସର୍ଜେଣ୍ଟ ଓଡ଼ିଶା-୨୦୨୪ର ଅଧକ୍ଷ ପ୍ରବୋଧ ମହାନ୍ତି, ଆଦିତ୍ୟ ବିର୍ଲା ଗ୍ରୁପର ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ଜେପି ଲ୍ୟାବର ସଭାପତି ଗୋର୍ଡନ ପଟେଲ, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ପୂର୍ବତନ ଏମ୍‌ଡି ଡ. ସନକ ମିଶ୍ର, ଏମ୍‌ଏସ୍‌ଏମ୍‌ଇ-ଡିଏଫଓ ପି. କେ. ଗୁପ୍ତା, ୟୁସିସିଆଇଏଲର ପୂର୍ବତନ ସଭାପତି ରମେଶ ମହାପାତ୍ର, ଡିପି (ଶିଳ୍ପ) ତାରିଣୀ ପ୍ରସାଦ ମହାନ୍ତି ଓ ଅବୈତନିକ ସଚିବ ଏ. କେ. ଶାରଦା ପ୍ରମୁଖ ଉପସ୍ଥିତ ଥିଲେ।

# ବଢ଼ିଲା କମର୍ସିଆଲ ଗ୍ୟାସ୍ ଦର

ନୂଆଦିଲ୍ଲୀ,୧।୯ (ଅଭୟ ଦାଶ)



କ୍ରମାଗତ ଦ୍ୱିତୀୟ ମାସ ଲାଗି କମର୍ସିଆଲ ଗ୍ୟାସ୍ (୧୯କି.ଗ୍ରା.) ଦରରେ ବୃଦ୍ଧି ଘଟିଥିବାବେଳେ ଘରୋଇ ଗ୍ୟାସ୍ (୧୪.୨କି.ଗ୍ରା.) ଦର ପୂର୍ବପରି ସ୍ଥିର ରହିଛି। ଏପରିକି ୨୦୨୪ ସେପ୍ଟେମ୍ବରରେ ଭୁବନେଶ୍ୱରର କମର୍ସିଆଲ ଗ୍ୟାସ (୧୯କି.ଗ୍ରା.) ଦର ୩୮ ଟଙ୍କା ବଢ଼ିଥିଲାବେଳେ ନୂଆଦିଲ୍ଲୀରେ ମଧ ସମାନ ଗ୍ୟାସ ଦର ୩୯ ଟଙ୍କା ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀକମ୍ପାନୀଗୁଡ଼ିକ ପକ୍ଷରୁ ଚଳିତ ମାସର ନୂତନ ଦରସୂଚୀ (ନୂଆ ଦର) ରବିବାରଠାରୁ ଲାଗୁ ହୋଇଛି। ଏହି ସୂଚୀ ଅନୁଯାୟୀ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ (୧୯କି.ଗ୍ରା.) ଦର ୩୮ ଟଙ୍କା ବଢ଼ି ୧୮୪୧ ଟଙ୍କାରେପହଞ୍ଚିଛି।ଏହାପୂର୍ବରୁ(ଗତ ମାସ) କମର୍ସିଆଲ ଗ୍ୟାସ (୧୯କି.ଗ୍ରା.) ଦର ୧୮୦୩ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ (୧୪.୨କି.ଗ୍ରା.) ଦର ପୂର୍ବ ପରି ୮୨୯ ଟଙ୍କାରେ କାରବାର ହେଉଛି। ସେହିଭଳି ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ (୧୯କି.ଗ୍ରା.) ଦର ୩୯ ଟଙ୍କା ବୃଦ୍ଧି ପାଇ ୧୬୯୧.୫୦ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ (୧୪.୨କି.ଗ୍ରା.) ଦର ୮୦୩ ଟଙ୍କାରେ ରହିଛି। ସେହିପରି କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ପ୍ରମୁଖ ସହରରେ କମର୍ସିଆଲ ଗ୍ୟାସ ଦର ଯଥାକ୍ରମେ ୧୮୦୨.୫୦ ଟଙ୍କା, ୧୬୪୪ ଟଙ୍କା ଏବଂ ୧୮୫୫ ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ସହରଗୁଡ଼ିକରେ ଘରୋଇ ଗ୍ୟାସ ଦର ଯଥାକ୍ରମେ ୮୨୯ ଟଙ୍କା, ୮୦୨.୫୦ ଟଙ୍କା ଏବଂ ୮୧୮.୫୦ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ୫ କେଜି ସିଲିଣ୍ଡର ଦର ୩୦୯.୫୦ ଟଙ୍କା ଥିଲାବେଳେ ୪୭.୫ କେଜି ସିଲିଣ୍ଡର ମୂଲ୍ୟ ୪୬୦୦ଟଙ୍କାରେ ପହଞ୍ଚିଛି। ଏପରିକି ବିମାନ ଇନ୍ଧନ ଦର ପ୍ରତି କିଲୋଲିଟର ପିଛା ନୂଆଦିଲ୍ଲୀରେ ୯୩,୪୮୦.୨୨ ଟଙ୍କା ଥିଲାବେଳେ କୋଲାକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ପ୍ରମୁଖ ସହରରେ ବିମାନ ଇନ୍ଧନ ଦର ପ୍ରତି କିଲୋଲିଟର ପିଛା ଯଥାକ୍ରମେ ୯୬,୨୯୮.୪୪ ଟଙ୍କା, ୮୭,୪୩୨.୭୮ ଟଙ୍କା ଏବଂ ୯୭,୦୬୪.୩୨ ଟଙ୍କାରେ କାରବାର ହେଉଛି।

# ମାଲାବାରକୁ 'ରେସପନ୍ସିବୁଲ୍ ଜୁଏଲେରି ହାଉସ୍ ଆୱାର୍ଡ'



ନୂଆଦିଲ୍ଲୀ,୧।୯ (ଅଭୟ ଦାଶ)

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବିଶ୍ୱସ୍ତରୀୟ ଗହଣା ବ୍ରାଣ୍ଡ୍ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ (ମାଲାବାର)କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ 'ରେସପନ୍ସିବୁଲ୍ ଜୁଏଲେରି ହାଉସ ଆୱାର୍ଡ' ପ୍ରଦାନ କରାଯାଇଛି। ଏପରିକି ଇଣ୍ଡିଆ ଗୋଲ୍ଡ କନ୍‌ଫରେନ୍ସ (ଆଇଜିସି)ରେ ୨୦୨୩-୨୪ ବର୍ଷ ପାଇଁ ମାଲାବାରକୁ 'ରେସପନ୍ସିବୁଲ୍ ଜୁଏଲେରି ହାଉସ ଆୱାର୍ଡ'ରେ ସମ୍ମାନିତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ବାଙ୍ଗାଲୋରର ହିଲଟନ ମ୍ୟାନଟା ବ୍ୟବସାୟ ପାର୍କଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ଉତ୍ସବରେ ଯୋଗ ଦେଇ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ (ଇଣ୍ଡିଆ ଅପରେସନ୍ସ)ର ପରିଚାଳନା ନିର୍ଦ୍ଦେଶକ ଓ ଆଶେର ଇଣ୍ଡିଆ ଗୋଲ୍ଡ ପଲିସି ସେଣ୍ଟରର ଚେୟାରମ୍ୟାନ ଡ. ସୁନ୍ଦରୱାଲ୍ଲୀ ନାରାୟଣସ୍ୱାମୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ମାଲାବାର ଗୋଲ୍ଡ ଏଲ୍‌ଏଲ୍‌ସିର ବ୍ୟବସାୟ ବିକାଶର ମୁଖ୍ୟ ସୀତାରାମଣ ବର୍ଦ୍ଧରାଜନ, ଦିଲୀପ ନାରାୟଣନ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ବୁଲିଅନ ହେଡ, ଫିନମେଟ ପିଇଟି ଲିମିଟେଡର ନିର୍ଦ୍ଦେଶକ ସୁନୀଲ କାଶ୍ୟପ, ରାଣ୍ଡ୍ ରିଫାଇନାରିର ସିଇଓ ପ୍ରବୀଣ ବାଜନାଥ ଏବଂ ମାଲାବାର ସୁନା ଏବଂ ହୀରାର କର୍ନାଟକର ଆଞ୍ଚଳିକ ମୁଖ୍ୟ ଫିଲସର ବାବୁ ମଧ ଉପସ୍ଥିତ ଥିଲେ।

# ଖରାପ ପ୍ରଦର୍ଶନରେ ଏସୀୟ ମୁଦ୍ରା ମଧ୍ୟରେ ଟଙ୍କା ଦ୍ୱିତୀୟ

ଭୁବନେଶ୍ୱର,୧।୯ (ଅନୁରାଧା ମହାରଣା)

ଡଲାର ତୁଳନାରେ ଖରାପ ପ୍ରଦର୍ଶନ କରୁଥିବା ଏସୀୟ ମୁଦ୍ରା ମଧ୍ୟରେ ଭାରତୀୟ ଟଙ୍କା ଦ୍ୱିତୀୟ ସ୍ଥାନରେ ରହିଛି। ଡଲାରର ପ୍ରବଳ ଚାହିଦା ଏବଂ ଘରୋଇ ଇକ୍ୱିଟିରୁ ପ୍ରତ୍ୟାହାର ଯୋଗୁ ଅଗଷ୍ଟରେ ଏହା ୦.୨ ପ୍ରତିଶତ ହ୍ରାସ ପାଇଛି। ଅଗଷ୍ଟରେ ବାଂଲାଦେଶୀ ଟାକା ଡଲାର ତୁଳନାରେ ସବୁଠାରୁ ଖରାପ ପ୍ରଦର୍ଶନ କରିଛି। ବର୍ତ୍ତମାନ ଗୋଟିଏ ଡଲାର ୧୧୯.୬୭ ବାଂଲାଦେଶୀ ଟାକା ସହିତ ସମାନ ରହିଛି। ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ଡଲାର ତୁଳନାରେ ଟଙ୍କା ୦.୬ ପ୍ରତିଶତ ହ୍ରାସ ପାଇଛି। ଏସୀୟ ମୁଦ୍ରାରେ କେବଳ ଟଙ୍କା ଏବଂ ଟାକା ମଧ ଡଲାର ତୁଳନାରେ ହ୍ରାସ ଘଟିଛି। ଅଗଷ୍ଟରେ ଟଙ୍କା ୦.୨ ପ୍ରତିଶତ ହ୍ରାସ ପାଇଛି। ଶୁକ୍ରବାର ଦିନ ଟଙ୍କା ୮୩.୮୯ ଡଲାରରେ ବନ୍ଦ ହୋଇଯାଇଥିଲା। ଏହା ଡଲାର ପିଛା ୮୩.୯୭ ଟଙ୍କା ମୂଲ୍ୟର ସର୍ବକାଳୀନ ସର୍ବନିମ୍ନ ଅଟେ। ଆମେରିକୀୟ ଡଲାର ଦୁର୍ବଳ ହେଲେ ଟଙ୍କାର ଏହି ଖରାପ ପ୍ରଦର୍ଶନ କରିଥାଏ। ଇକ୍ୱିଟି ସେଗମେଣ୍ଟରେ ଏଫପିଆଇର ଅଭାବ ଟଙ୍କା ଉପରେ ନକାରାତ୍ମକ ପ୍ରଭାବ ପକାଇଛି । ଏହା ବ୍ୟତୀତ ଆମଦାନୀକାରୀଙ୍କ ଡଲାରର ଚାହିଦା ବୃଦ୍ଧି ହେତୁ ଟଙ୍କା ମଧ ପ୍ରଭାବିତ ହୋଇଛି। ଅଗଷ୍ଟରେ ଡଲାର ତୁଳନାରେ ଅଧିକାଂଶ ବିଦେଶୀ ମୁଦ୍ରା ଭଲ ପ୍ରଦର୍ଶନ କରିଛି। ଚଳିତ ଆର୍ଥିକ ବର୍ଷରେ ଟଙ୍କା ବର୍ତ୍ତମାନ ସୁଦ୍ଧା ୦.୬ ପ୍ରତିଶତ ହ୍ରାସ ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ହଂକଂ ଡଲାର ଏବଂ ସିଙ୍ଗାପୁର ଡଲାର ପରେ ତୃତୀୟ ସ୍ଥିର ଏସୀୟ ମୁଦ୍ରା ଥିଲା। ଏଥିରେ ୧.୫ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଥିଲାବେଳେ ୨୦୨୩ ଆର୍ଥିକ ବର୍ଷରେ ଏହା ଡଲାର ତୁଳନାରେ ୭.୮ ପ୍ରତିଶତ ହ୍ରାସ ପାଇଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ସକ୍ରିୟତା ଯୋଗୁଁ ଟଙ୍କାର ଏହି ପ୍ରଦର୍ଶନ ସାମ୍ନାକୁ ଆସିଥିଲା। ୨୦୨୩ ମସିହାରେ, ଡଲାର ତୁଳନାରେ ଟଙ୍କା କମ ଅସ୍ଥିରତା ଦେଖାଯାଇଥିଲା। ୩ ଦଶନ୍ଧି ମଧ୍ୟରେ ଏହା ସର୍ବୋତ୍ତମ ପ୍ରଦର୍ଶନ ଥିଲା। ସେତେବେଳେ ଡଲାର ତୁଳନାରେ ଭାରତୀୟ ଟଙ୍କା ୦.୫% ହ୍ରାସ ପାଇଥିଲା।

# ପ୍ରଥମ ତ୍ରୈମାସିକରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ

ନୂଆଦିଲ୍ଲୀ,୧।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଜୀବନ ବୀମା କମ୍ପାନୀ ବଜାଜ ଆଲିଆଞ୍ଜ ଲାଇଫ ଇନସ୍ୟୁରାନ୍ସର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ସାଙ୍ଗକୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଏହି ସମୟ ମଧ୍ୟରେ କମ୍ପାନୀର ବ୍ୟକ୍ତିଗତ ରେଟେଡ ନୂଆ ବ୍ୟବସାୟ ୨୬% ବୃଦ୍ଧି ପାଇ ୧୨୯୪ କୋଟି ଟଙ୍କା ହୋଇଛି। ଏପରିକି ପୂର୍ବ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ତାହା ୧୦୨୮କୋଟି ଟଙ୍କା ଥିଲା। ସାରା ଦେଶରେ ଥିବା ଗ୍ରାହକଙ୍କ ନିକଟରେ ପହଞ୍ଚିବା ଲାଗି କମ୍ପାନୀର ବଣ୍ଟନ ନେଟୱର୍କରେ ନିବେଶ ଜାରି ରଖିବ ଏବଂ ନିରବଚ୍ଛିନ୍ନ ଭାବେ ଲୋକଙ୍କ ଜୀବନ ଲକ୍ଷ୍ୟ ପୂରଣ କରିବ। ଆଲୋଚ୍ୟ ତ୍ରୈମାସିକରେ କମ୍ପାନୀର ଏଜେନ୍ସି ଚ୍ୟାନେଲରେ ଅଭିବୃଦ୍ଧି ୧୫%, ସଂସ୍ଥାଗତ ବ୍ୟବସାୟରେ ୨୭% ଓ ପ୍ରୋପ୍ରାଇଟରି ସେଲସ ଫୋର୍ସରେ ୭୫% ରହିଛି। ଏ ସମ୍ପର୍କରେ ବଜାଜ ଆଲିଆଞ୍ଜ ଲାଇଫର ଏମ୍‌ଡି ଓ ସିଇଓ ତରୁଣ ଚୁଗ କହିଛନ୍ତି,ସାରା ଦେଶରେ ଥିବା ସମସ୍ତ ଗ୍ରାହକଙ୍କ ପାଖରେ ପହଞ୍ଚିବା ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଆମେ ଆମର ଉପସ୍ଥିତିକୁ ବଢ଼ାଇବା ଲାଗି ଗୁରୁତ୍ୱପୂର୍ଣ୍ଣ ଯାତ୍ରାର ଶୁଭାରମ୍ଭ କରିଥିଲୁ। ଆମ ଉପସ୍ଥିତି ଦ୍ୱାରା କେବଳ ଭାରତୀୟ ଗ୍ରାହକ ନୁହେଁ, ପ୍ରବାସୀ ଭାରତୀୟମାନେ ମଧ ଉପକୃତ ହୋଇଛନ୍ତି। ଚଳିତ ବର୍ଷ ହୋଇଥିବା ନିୟାମକ ପରିବର୍ତ୍ତନ ଓ ସୁସ୍ଥକର ଅର୍ଥନୈତିକ ପରିବେଶକୁ ନେଇ ଆମେ ଗ୍ରାହକଙ୍କ ସହ ଆମ ଉପସ୍ଥିତି ଦୃଢ଼ କରିବା ଏବଂ ସବୁ ଅଂଶୀଦାରଙ୍କୁ ଉଲ୍ଲସିତ କରିବା ଜାରି ରଖିବୁ।


# Classified Everyday

0674-2580101, 2549949




REAL ESTATE

SALE

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584. D-1213

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

Duplex sale at Bhubaneswar @ 60,00,000/- and apartment 4200/-sqft. 9777433701. D-75990

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964. D-1212




Kerala body Massage therapy Unisex any person Bhubaneswar. kajal- 9337672475. D-1214

Newly open health benefits SPA by expert therapist. Contact- 9090400507. D-76148

Newly open health benefits SPA special offer @ 799 Bapujinagar. 8018429809. D-76149

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75775

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସ୍ୱର୍ଣ୍ଣପ୍ରଭା ମହାନ୍ତି

ଗ୍ରାମ: କୁଡ଼େଇ, ସୋର, ବାଲେଶ୍ୱର

ଆବିର୍ଭାବ-୧୧।୦୭।୧୯୫୭

ତିରୋଧାନ- ୨୩।୦୮।୨୦୨୪

ଆପଣ ଜଣେ ମିଷ୍ଟଭାଷୀ, ପରୋପକାରୀ ଧର୍ମପରାୟଣ ତଥା ମେଳାପୀ ମଣିଷଟିଏ ଆପଣ । ଏହାରି ଭିତରେ ଚାହୁଁ ଚାହୁଁ ୧୧ଦିନ ବିତିଗଲାଣି ବିଶ୍ୱାସ ହେଉନି, ଆମର ପ୍ରିୟ ମଣିଷଟି ଆଉ ଆମ ପାଖରେ ନାହାନ୍ତି। ଆପଣଙ୍କର ଅମାୟୀକ ବ୍ୟବହାର ଓ ଭଲପାଇବା ସ୍ନେହ, ଶ୍ରଦ୍ଧା ଆମମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବ। ଆଜି ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଧ-୧୨୧୦

## ଏକାଦଶାହ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବିରେନ୍ଦ୍ର କୁମାର ମହାନ୍ତି

ଗୁରୁଜଙ୍ଗ, ଖୋର୍ଦ୍ଧା

ଆବିର୍ଭାବ: ୧୪।୦୬।୧୯୪୭

ତିରୋଧାନ: ୨୩।୦୮।୨୦୨୪

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାର, ସମ୍ପର୍କୀୟ ଓ ବନ୍ଧୁବର୍ଗ ।

ଧ-୭୩୫୪୮


# ୨ ଦିନିଆ ରାଜପୁତାନା ବିଜ୍‌ନେସ ସମ୍ମିଟ ଉଦ୍‌ଯାପିତ




ଭୁବନେଶ୍ୱର,୧।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ଅଖଣ୍ଡ ରାଜପୁତାନା ସେବାସଂଘ (ଏଆର୍‌ଏସ୍)ର ଓଡ଼ିଶା ଶାଖା ପକ୍ଷରୁ ଏକ ୨ ଦିନିଆ ରାଜପୁତାନା ବିଜ୍‌ନେସ ସମ୍ମିଟ-୨୦୨୪ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ୨୦୨୪ ଅଗଷ୍ଟ ୩୧ ଏବଂ ସେପ୍ଟେମ୍ବର ୧ ରେ ଏହି ୨ ଦିନିଆ ସମ୍ମିଳନୀ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ରାଠୋର ଗ୍ରୁପର ଚେୟାରମ୍ୟାନ୍ ତଥା ଏମ୍‌ଡି ରତନ ସିଂ ରାଠୋର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲାବେଳେ ଏମ୍‌ଆରଏସ୍ ଗ୍ରୁପର ପ୍ରତିଷ୍ଠାତା ଏବଂ ଚେୟାରମ୍ୟାନ୍ ମେଘରାଜ ସିଂ ରୟାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଯୁବବ୍ୟବସାୟୀ ଓ ନୂତନ ଉଦ୍ୟୋଗୀଙ୍କୁ ଉତ୍ସାହିତ କରିବା ଲାଗି ୨ଟି କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅଶୋକ ସିଂ, ରତନ ସିଂ ରାଠୋର, ଶକ୍ତି ସିଂ ବାନ୍ଦିକ୍ୟୁ, ସଞ୍ଜୟ ସାରସ୍ୱତ,କିଶୋର ସିଂ ଝାଲା, ଠାକୁର ଅନୁପ ସିଂ, ଜିତେନ୍ଦ୍ର ସିଂ ପାଚର, କନୱାଲ ସିଂ ଚୌହାନ,ଅଶ୍ୱିନ ସିଂ ସର୍ଭାଇୟା, ଅମିତ ସିଂ ପ୍ରମୁଖ ସଫଳ ଉଦ୍ୟୋଗ ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ସମ୍ମିଳନୀର ଦ୍ୱିତୀୟ ଦିନରେ ସାମାଜିକ, ବ୍ୟବସାୟ, ଅର୍ଥନୈତିକ ଏବଂ ଭବିଷ୍ୟତର ରୋଜଗାର ସମ୍ବନ୍ଧରେ ଏକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା। ଏହି ଅବସରରେ ଠାକୁର ଆର. ପି. ସିଂ ଦୁର୍ଗବନଶମ, ଜାତୀୟ ସଭାପତି, ଏଆର୍‌ଏସ୍, ଚନ୍ଦ୍ର ଶେଖର ସିଂ, ରାଜ୍ୟ ସଭାପତି, ଏଆର୍‌ଏସ୍ ଓଡ଼ିଶା, ଜୟ ପ୍ରକାଶ ସିଂ, ସୁରେନ୍ଦ୍ର ବାହାଦୁର ସିଂ, କନୱାଲ ସିଂ ଚୌହାନ, ସୌଭାଗ୍ୟ ସିଂ ଦେଓରା, ମନଭେନ୍ଦ୍ର ସିଂ, କେ. ବି. ସିଂ, ଅନିଲ କୁମାର ସିଂ, ଡା ମୃଣାଳୀ ଦରଶାୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଏଆରଏସର ଜାତୀୟ ସଭାପତି ଆର୍.ପି.ସିଂ, ରାଜ୍ୟ ସଭାପତି ଚନ୍ଦ୍ର ଶେଖର ସିଂ ଏବଂ ରାଜ୍ୟ ସମ୍ପାଦକ ଚନ୍ଦ୍ର ଭୂଷଣ ସିଂଙ୍କ ଏହି ୨ଦିନିଆ କର୍ମଶାଳାକୁ ସଫଳତାର ସହ ପରିଚାଳନା କରିଥିଲେ।

# ଜଣେ ନରହନ୍ତାଙ୍କ ପାଇଁ ବିଜେଡି, କଂଗ୍ରେସ ଓକିଲାତି କରୁଛନ୍ତି: ଭାଜପା

ଭୁବନେଶ୍ୱର, ୧।୯(ସୁନିତ୍ ମିଶ୍ର)

ବିଜେଡି ବର୍ତ୍ତମାନ ଜଣେ ବ୍ରିଟିଶ୍ ଅଫିସର ଟୋମାସ୍ ଏଡ୍ୱାର୍ଡ ରେଭେନ୍ସା, ଯାହାଙ୍କ ପାଇଁ ନଅଙ୍କ ଦୁର୍ଭିକ୍ଷ ସମୟରେ ଓଡ଼ିଶାର ୨୦ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲା, ତାଙ୍କ ପାଇଁ ଓକିଲାତି କରୁଛି। ବିରୋଧୀ ଦଳରେ ବସିବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଜେଡି କେବଳ ଅପ୍ରସଙ୍ଗକୁ ପ୍ରସଙ୍ଗ କରି ରାଜନୀତି କରିବା ପାଇଁ ଚାହୁଁଛି। ସେହିପରି ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ବକ୍ତବ୍ୟକୁ କଂଗ୍ରେସ ବୋଧହୁଏ ବୁଝିପାରି ନାହିଁ। ତାଙ୍କ କଥାକୁ ଉଭୟ ଦଳ ବୁଝିବା ବୋଧହୁଏ ବୌଦ୍ଧିକ ସକ୍ଷମତାର ଅଭାବ ରହିଛି। ନଅଙ୍କ ଦୁର୍ଭିକ୍ଷ ସମୟରେ ଯେତେବେଳେ ଓଡ଼ିଶାର ଲୋକ ମରୁଥିଲେ, ସେତେବେଳେ ରେଭେନ୍ସା ସାହେବ ହୁକ୍କା ଟାଣିବାରେ ବ୍ୟସ୍ତ ଥିଲେ ବୋଲି ପ୍ରସିଦ୍ଧ ଲେଖକ ଜେ.ପି. ଦାସ ତାଙ୍କ ପୁସ୍ତକ 'ଦେଶ କାଳ ପାତ୍ର'ରେ ଲେଖିଛନ୍ତି। ନଅଙ୍କ ଦୁର୍ଭିକ୍ଷ ପାଇଁ ବସିଥିବା କ୍ୟାମ୍ପବେଲ୍ ତଦନ୍ତ କମିଶନ ଆଗରେ ରେଭେନ୍ସା ସାହେବ ନିଜେ କହିଛନ୍ତି, ଓଡ଼ିଆମାନେ ଅତ୍ୟନ୍ତ ଉତ୍ସାହହୀନ ଓ ଆଳସ୍ୟପରାୟଣ। ଏଭଳି ଜଣେ ବ୍ୟକ୍ତି ପାଇଁ ବିଜେଡି ଓ କଂଗ୍ରେସର ଓକିଲାତି ଶୋଭାପାଉନାହିଁ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନିଲ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ସେହି ବିବାଦୀୟ ବ୍ରିଟିଶ୍ ଅଫିସରଙ୍କ ନାଁରେ ଶିକ୍ଷାନୁଷ୍ଠାନ ରହିବା ଉଚିତ କି ନାହିଁ ସେନେଇ ବିତର୍କ ହେବାର ଆବଶ୍ୟକତା ଅଛି ବୋଲି କହିଛନ୍ତି। କୌଣସି ନିଷ୍ପତ୍ତି ପୂର୍ବରୁ ବିତର୍କର ଆବଶ୍ୟକତା ଏକ ସୁସ୍ଥ ଗଣତନ୍ତ୍ରର ପରିଚୟ। ତାଙ୍କ ବକ୍ତବ୍ୟରୁ ଏକଥା ସ୍ପଷ୍ଟ ଯେ, ଏବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅସଲ ନିର୍ମାତାଙ୍କୁ ସମ୍ମାନ ଦେବାର ସମୟ ଆସିଛି। ସାରା ଦେଶ ଉପନିବେଶବାଦ ଏବଂ ବୈଦେଶିକ ଆକ୍ରମଣକାରୀମାନଙ୍କ ଲିଗାସିରୁ ମୁକ୍ତ ହେବା ପାଇଁ ଚାହୁଁଥିବାବେଳେ ଆମେ କାହିଁକି ସେହି ରୋଗରୁ ମୁକ୍ତ ହେବା ନାହିଁ। ରେଭେନ୍ସା ବିଶ୍ୱବିଦ୍ୟାଳୟ କେବଳ ଓଡ଼ିଶାର ନୁହେଁ, ଦେଶର ଏକ ସ୍ୱନାମଧନ୍ୟ ବିଶ୍ୱବିଦ୍ୟାଳୟ। ଏହି ଶିକ୍ଷାନୁଷ୍ଠାନ ଗଠନ ବେଳେ ଏବଂ ଏହାର ପରବର୍ତ୍ତୀ ସମୟରେ ଓଡ଼ିଶାର ଅନେକ ବରପୁତ୍ର ବହୁ ତ୍ୟାଗ କରିଛନ୍ତି। ମୟୂରଭଞ୍ଜ ମହାରାଜା ସେ ସମୟରେ ୨୦ ହଜାର ଟଙ୍କା ଦାନ ଦେଇଥିଲେ। ବର୍ତ୍ତମାନ ମଧ୍ୟ ରେଭେନ୍ସା ବିଶ୍ୱବିଦ୍ୟାଳୟ ମଧ୍ୟରେ ଥିବା ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନର ପରୀକ୍ଷାଗାର ପାଖରେ ଥିବା ମାର୍ବଲ ପଥରରେ ଖୋଦେଇ ଏହାର ପ୍ରମାଣ। କନିକା ମହାରାଜାଙ୍କ ପାଇଁ ସେଠାରେ ପାଠାଗାର ସ୍ଥାପନ ହୋଇଥିଲା। ବରିଷ୍ଠ ଶିକ୍ଷାବିତ୍ ଯଥା ପ୍ରଫେସର ପି.କେ. ପରିଜା, ପ୍ରଫେସର ବଳଭଦ୍ର ପ୍ରସାଦ, ପ୍ରଫେସର ଜି.ବି. ଧଳ, ପ୍ରଫେସର ରାମନାଥ ମହାନ୍ତି ଓ ପ୍ରଫେସର ହରିହର ମିଶ୍ରଙ୍କ ଭଳି ଅନେକ ମହାନ୍ ମନୀଷୀ ବିଦେଶରେ ପାଠ ପଢ଼ିଲା ପରେ ମଧ୍ୟ ବାହାରେ ଚାକିରି ନ କରି ଏହି ଶିକ୍ଷାନୁଷ୍ଠାନକୁ ଗଢ଼ି ତୋଳିବାରେ ବଡ଼ଭୂମିକା ନେଇଥିଲେ। ରେଭେନ୍ସା ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରବର୍ତ୍ତୀ ସମୟରେ ଏହାର ଅଗ୍ରଗତି କେବଳ ଓଡ଼ିଆ ଲୋକଙ୍କ ପାଇଁ ସମ୍ଭବ ହୋଇଛି। ରେଭେନ୍ସା ସାହେବଙ୍କର ଏଥିରେ ବହୁତ ବଡ଼ ଭୂମିକା ନ ଥିଲା। ସେ କେବଳ ନଅଙ୍କ ଦୁର୍ଭିକ୍ଷ ଅପବାଦରୁ ମୁକ୍ତି ପାଇବା ପାଇଁ ଚେଷ୍ଟା କରୁଥିଲେ। ସେହି ଶିକ୍ଷାନୁଷ୍ଠାନ ପ୍ରତି ନବୀନ ପଟ୍ଟନାୟକଙ୍କ ସରକାର ଅବହେଳା କରିଥିଲେ। ଓଡ଼ିଆ ଲୋକେ ତାଙ୍କ ଅତୀତକୁ ନେଇ ଗର୍ବ କରନ୍ତୁ, ଏକଥା ବିଜେଡି ଚାହୁଁନାହିଁ। ପୂର୍ବରୁ ବିଜେଡି ଅଣଓଡ଼ିଆ ଅଫିସରଙ୍କ ପାଇଁ ଓକିଲାତି କରୁଥିଲା, ଏବେ ଜଣେ ନରହନ୍ତା ବ୍ରିଟିଶ ଅଫିସରଙ୍କ ସପକ୍ଷରେ କହୁଛି। ଏନେଇ ଖୋଲା ବିତର୍କ କରିବା ପାଇଁ ବିଜେଡିକୁ ଆହ୍ୱାନ କରୁଛୁ ବୋଲି ଅନିଲ କହିଛନ୍ତି।


ବିହାର ରାଜଧାନୀ ପାଟନାଠାରେ ଜନ ସୂରାଜ ମୁଖ୍ୟ ପ୍ରଶାନ୍ତ କିଶୋର ଏକ ଦଳୀୟ ବୈଠକରେ ମୁସଲମାନ କାର୍ଯ୍ୟକର୍ତ୍ତାଙ୍କୁ ଭେଟୁଛନ୍ତି।

# ସ୍ୱାଧୀନତା ସଂଗ୍ରାମ ବେଳେ ଆର୍‌ଏସ୍‌ଏସ୍ ଭୂମିକା କ'ଣ ଥିଲା ବିତର୍କର ବିଷୟ: କଂଗ୍ରେସ

ଭୁବନେଶ୍ୱର, ୧।୯(ସୁନିତ୍ ମିଶ୍ର)

ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରସ୍ତାବକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ରବିବାର କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏଭଳି ବିତଣ୍ଡା ବିତର୍କର ଆହ୍ୱାନକୁ ଦୃଢ଼ ଭାବେ ନିନ୍ଦା କରାଯାଉଛି। ଭାଜପା ସରକାର କେବଳ ରଙ୍ଗ ଓ ନାମ ପରିବର୍ତ୍ତନ କରି ମିଛ ବାହାବା ନେବା ପାଇଁ ଶସ୍ତା ରାଜନୀତି କରୁଛି। ରାଜ୍ୟ ଶିକ୍ଷା ବିକାଶ କ୍ଷେତ୍ରରେ ଟି. ଇ. ରେଭେନ୍ସାଙ୍କ ଅବଦାନକୁ ନେଇ ପ୍ରଶ୍ନ କରୁଥିବା ଧର୍ମେନ୍ଦ୍ର ଉତ୍ତର ରଖିବାର ଆବଶ୍ୟକତା ଅଛି କି ସ୍ୱାଧୀନତା ସଂଗ୍ରାମ ସମୟରେ କେଉଁମାନେ ବ୍ରିଟିଶଙ୍କ ଦଲାଲ ସାଜି ସ୍ୱାଧୀନତା ସଂଗ୍ରାମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଥିଲେ। ସେତେବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍)ର ଭୂମିକା କ'ଣ ଥିଲା ତାହା ମଧ୍ୟ ବର୍ତ୍ତମାନ ବିତର୍କର ବିଷୟ ବୋଲି ଲେଙ୍କା ପ୍ରଶ୍ନ କରିଛନ୍ତି।

ସେ ଆହୁରି କହିଛନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟ କେବଳ ରାଜ୍ୟ ନୁହେଁ ବରଂ ବିଶ୍ୱର ବହୁ ପୁରାତନ ଛାତ୍ରୀଛାତ୍ରଙ୍କ ଭାବାବେଗ ସହିତ ଜଡ଼ିତ। ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ମାନ ବୃଦ୍ଧି କ୍ଷେତ୍ରରେ ସରକାର ପ୍ରୟାସ କରିବା ପରିବର୍ତ୍ତେ ଅଯଥା ଅପ୍ରସଙ୍ଗକୁ ପ୍ରସଙ୍ଗ କରି ନିଜର ପ୍ରକୃତ ଦାୟିତ୍ୱ ଓ କର୍ତ୍ତବ୍ୟରୁ ଓହରି ଯିବା ପାଇଁ ପ୍ରୟାସ କରୁଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକର ନାମ ପରିବର୍ତ୍ତନ କରି ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଘୋଷଣା କରାଗଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଉକ୍ତ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ଶତକଡ଼ା ୫୦% ପଦବୀ ଖାଲି ପଡ଼ିଛି। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ରାଜ୍ୟବାସୀଙ୍କୁ ଜବାବ ଦେବାର ଆବଶ୍ୟକତା ଅଛି। ଟି. ଇ. ରେଭେନ୍ସାଙ୍କ ନାମରେ ନାମିତ ବିଶ୍ୱବିଦ୍ୟାଳୟକୁ ଓଡ଼ିଆ ଅସ୍ମିତା ସହିତ ଯୋଡ଼ି ପ୍ରଶ୍ନ ଉଠାଇଥିବା କେନ୍ଦ୍ରମନ୍ତ୍ରୀ ରାଜ୍ୟପାଳଙ୍କ ପୁଅ ଜଣେ କର୍ତ୍ତବ୍ୟରତ ଓଡ଼ିଆ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଘଟଣାରେ ଏବଂ ଦେଶର ଏନ୍‌ଇଇଟି ଓ ୟୁଜିସି ନେଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ସରକାରଙ୍କ ଅପାରଗତାକୁ ନେଇ କେବେ ବିତର୍କର ଆହ୍ୱାନ କରିବେ ବୋଲି ଲେଙ୍କା ପ୍ରଶ୍ନ କରିଛନ୍ତି। କଂଗ୍ରେସ ନେତ୍ରୀ ମନୀଷା ଦାସପଟ୍ଟନାୟକ କହିଛନ୍ତି, କେବଳ ନାମ ବଦଳାଇବା ରାଜନୀତି କଲେ ରାଜ୍ୟ ଏବଂ ଦେଶବାସୀଙ୍କ କ'ଣ ବିକାଶ ହେବ। ୧୫୬ ବର୍ଷର ଗୌରବମୟ ଇତିହାସ ବହନ କରିଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ହଠାତ୍ କାହିଁକି କେନ୍ଦ୍ରମନ୍ତ୍ରୀଙ୍କ ତତ୍ପରତା ପ୍ରକାଶ ପାଇଲା ବୋଲି ସେ କହିଛନ୍ତି।


ଖବରଦାତା ସମ୍ମିଳନୀରେ ପୂର୍ବତନ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ଓ କଂଗ୍ରେସ ନେତ୍ରୀ ମନୀଷା ଦାଶ ପଟ୍ଟନାୟକ।

# ଆସାମ ଟିଏମ୍‌ସି ସଭାପତିଙ୍କ ଇସ୍ତଫା

ଗୁଆହାଟୀ, ୧।୯

ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ଆସାମ ୟୁନିଟ୍ ସଭାପତି ରିପୁନ୍ ବୋରା ରବିବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। କେନ୍ଦ୍ରୀୟ ନେତୃତ୍ୱଙ୍କଠାରୁ ଆବଶ୍ୟକ ସମର୍ଥନ ମିଳି ନ ଥିବା ଦର୍ଶାଇ ସେ ଟିଏମ୍‌ସି ମହାସଚିବ ଅଭିଷେକ ବାନାର୍ଜୀଙ୍କୁ ନିଜ ଇସ୍ତଫା ପତ୍ର ପଠାଇଛନ୍ତି।

ଇସ୍ତଫା ପତ୍ରରେ ବୋରା ଲେଖିଛନ୍ତି, ଆସାମ ସମେତ ବିଭିନ୍ନ ଉତ୍ତର ପୂର୍ବ ରାଜ୍ୟଗୁଡ଼ିକ ଟିଏମସିକୁ ଆଞ୍ଚଳିକ ଦଳ ଦୃଷ୍ଟିରେ ଦେଖୁଛନ୍ତି। ତେଣୁ ଏଠାରେ ଟିଏମ୍‌ସିକୁ ସଫଳତା ମିଳିପାରୁନାହିଁ। ରାଜ୍ୟରେ ଟିଏମ୍‌ସିକୁ ଗ୍ରହଣୀୟ କରିବା ପାଇଁ ସେ ଦଳୀୟ ସୁପ୍ରିମୋ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଅନେକ ପରାମର୍ଶ ଦେଇଥିଲେ। କୋଲକାତାର ଟଲିଗଞ୍ଜ ଅଞ୍ଚଳରେ ଭାରତ ରତ୍ନ ଡକ୍ଟର ଭୁପେନ ହଜାରିକାଙ୍କ ବାସସ୍ଥଳୀକୁ ଐତିହ୍ୟ ସ୍ଥଳ ଭାବେ ଘୋଷଣା କରିବା ଏବଂ କୁଚ୍‌ବିହାରରେ ଥିବା ବୈଷ୍ଣବାଲମ୍ବୀଙ୍କର ଧାର୍ମିକ ସ୍ଥଳ ମଧୁପୁର ସତ୍ରକୁ ଏକ ସାଂସ୍କୃତିକ କେନ୍ଦ୍ର ରୂପେ ପରିଣତ କରିବାକୁ ସେ ପରାମର୍ଶ ଦେଇଥିଲେ। କିନ୍ତୁ ଦଳ ପକ୍ଷରୁ ଏହା ଉପରେ କୌଣସି କାର୍ଯ୍ୟ କରାଯାଇ ନ ଥିଲା। ଏନେଇ ସେ ମମତା ଏବଂ ଅଭିଷେକଙ୍କୁ ଭେଟିବାକୁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ ବୋଲି ରିପୁନ୍ କହିଛନ୍ତି।


ରିପୁନ୍ ବୋରା

# ମଙ୍ଗଳବାରଠାରୁ ଓଡ଼ିଶାରେ ଆରମ୍ଭ ହେବ ଭାଜପାର ସଦସ୍ୟତା ଅଭିଯାନ

ଭୁବନେଶ୍ୱର, ୧।୯(ସୁନିତ୍ ମିଶ୍ର)

ଭାଜପାର ସଦସ୍ୟତା ଅଭିଯାନ ଦେଶରେ ସୋମବାର ଶୁଭାରମ୍ଭ ହେବ। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସଦସ୍ୟତା ଅଭିଯାନରେ ସାମିଲ କରିବେ। ମଙ୍ଗଳବାର ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ରାଜ୍ୟରେ ୧ କୋଟି ସଦସ୍ୟଙ୍କୁ ସାମିଲ କରିବା ଲାଗି ଦଳ ଲକ୍ଷ୍ୟ ରଖିଛି। ଭାଜପା ସଦସ୍ୟମାନେ ନିଜ ମୋବାଇଲ ମାଧ୍ୟମରେ ମିସ୍‌ଡ କଲ୍ ଦେବା ପରେ ଯେଉଁ ଲିଙ୍କ୍ ଆସିବ, ସେଥିରେ ନିଜର ତଥ୍ୟ ଦେବେ। ଏହାପରେ ସେମାନେ ସଦସ୍ୟ ହୋଇପାରିବେ। ଯେଉଁମାନଙ୍କ ନିକଟରେ ମୋବାଇଲ ସୁବିଧା ନାହିଁ ସେମାନେ ଫର୍ମ ପୂରଣ କରି ସଦସ୍ୟତା ଅଭିଯାନରେ ସାମିଲ ହୋଇପାରିବେ। ସୂଚନାଯୋଗ୍ୟ ଯେ, ପ୍ରତ୍ୟେକ ୬ ବର୍ଷରେ ଦଳର ସଦସ୍ୟତା ଅଭିଯାନ କରାଯାଇଥାଏ। ଏଥିସହ ପ୍ରତ୍ୟେକ ୩ ବର୍ଷରେ ଦଳର ସାଙ୍ଗଠନିକ ନିର୍ବାଚନ ହୋଇଥାଏ। ୫ଟି ସ୍ତରରେ ଦଳର ସାଙ୍ଗଠନିକ ନିର୍ବାଚନ କରାଯାଏ। ବୁଥ୍, ମଣ୍ଡଳ, ଜିଲା, ରାଜ୍ୟ ଏବଂ କେନ୍ଦ୍ରୀୟ ସ୍ତରରେ ସାଙ୍ଗଠନିକ ନିର୍ବାଚନ ହୋଇଥାଏ। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦଠାରୁ ଆରମ୍ଭ କରି ରାଜ୍ୟ ସଭାପତିଙ୍କ ପର୍ଯ୍ୟନ୍ତ ନିର୍ବାଚନ କରାଯିବ।

## ଶକ୍ତି କେନ୍ଦ୍ରର ସଦସ୍ୟତା କର୍ମଶାଳା

ଢେଙ୍କିକୋଟ,୧।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ଭାଜପା ପକ୍ଷରୁ ରବିବାର ଢେଙ୍କିକୋଟସ୍ଥିତ ପିଡବ୍ଲୁଡି ଡାକବଙ୍ଗଳାଠାରେ ନୂଆ ସଦସ୍ୟତା ସଂଗ୍ରହ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଢେଙ୍କିକୋଟ ଶକ୍ତିକେନ୍ଦ୍ର ତରଫରୁ ଆୟୋଜିତ କର୍ମଶାଳାରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଯୋଗଦେଇଥିଲେ। ଢେଙ୍କିକୋଟ ଭାଜପା ମଣ୍ଡଳ ସଭାପତି ଅକ୍ଷୟ ସିଂହଙ୍କ ସଭାପତିତ୍ୱରେ କାର୍ଯ୍ୟକର୍ତ୍ତା ରାମଚନ୍ଦ୍ର ସାହୁ, ଘସିପୁରା ନିର୍ବାଚନ ମଣ୍ଡଳୀର ସଂଯୋଜକ ଅଖିଳଚନ୍ଦ୍ର ପାତ୍ର, ପଣ୍ଡାପଡ଼ା ମଣ୍ଡଳୀର ପ୍ରହାରୀ ଇନ୍ଦ୍ରମଣି ମହାନ୍ତଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ସକ୍ରିୟ କର୍ମୀ ଅଂଶଗ୍ରହଣ କରିଥିଲେ।

## ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ମନ୍ତବ୍ୟ ପ୍ରସଙ୍ଗ

# ଏଆଇଡିଏସ୍‌ଓର ପ୍ରତିବାଦ

କଟକ,୧।୯ (କାର୍ତ୍ତିକ ସାହୁ)

ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନପାଇଁକେନ୍ଦ୍ରମନ୍ତ୍ରୀଧର୍ମେନ୍ଦ୍ରପ୍ରଧାନ ଦେଇଥିବା ମନ୍ତବ୍ୟକୁ ଏଆଇଡିଏସ୍‌ଓ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ରବିବାର ପ୍ରତିବାଦ ସଭା କରାଯିବା ସହ କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

ପ୍ରତିବାଦ ସଭାରେ ଏଆଇଡିଏସ୍‌ଓର କଟକ ଜିଲା କମିଟି ସଭାପତି ଈଶା ଧର ଓ ସମ୍ପାଦକ ତରୁଣସେନ ନାୟକ କହିଛନ୍ତି, ରାଜ୍ୟର ସର୍ବପୁରାତନ ଶିକ୍ଷାନୁଷ୍ଠାନ ରେଭେନ୍ସା ବିଶ୍ୱବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏଭଳି ସମୟରେ ସମସ୍ୟା ସମାଧାନ କରିବା ଦିଗରେ ଦୃଷ୍ଟି ନ ଦେଇ କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ନାମ ପରିବର୍ତ୍ତନର ଶସ୍ତା ରାଜନୀତି ଅତ୍ୟନ୍ତ ଦୁଃଖଦାୟକ ଓ ନିନ୍ଦନୀୟ। ଜନସାଧାରଣଙ୍କ ଦୃଷ୍ଟିକୁ ଅନ୍ୟତ୍ର ଅପସାରିତ କରି ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଧ୍ୱଂସ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଯୋଜନାବଦ୍ଧ ଭାବରେ ଏହି ମନ୍ତବ୍ୟ ଦେଇଛନ୍ତି। ରେଭେନ୍ସାକୁ ପ୍ରୟୋଗଶାଳା କରି ସାରା ରାଜ୍ୟରେ ଶିକ୍ଷାମାରଣ ନୀତି ବିଶେଷକରି ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦କୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବାକୁ ଏହା ଏକ ସୁଚିନ୍ତିତ କୌଶଳ। ଏହି ନାମ ପରିବର୍ତ୍ତନର ରାଜନୀତି କେବଳ ଶିକ୍ଷାମାରଣ ନୀତିକୁ ଲାଗୁ କରିବାରେ ସାହାଯ୍ୟ କରିବ ନାହିଁ, ରେଭେନ୍ସାର ଗର୍ବ ଓ ଗୌରବକୁ ମଧ୍ୟ ନଷ୍ଟ କରିବ ବୋଲି ପ୍ରତିବାଦ ସଭାରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଏଆଇଡିଏସ୍‌ଓର କଟକ ଜିଲା କମିଟି ଉପସଭାପତି ଶିବାନୀ ସାହୁ, ଛାତ୍ରନେତା ଶୁଭସ୍ମିତା ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ, ଅମରେନ୍ଦ୍ର ନାୟକ, ମୁସ୍କାନ ତବସୁମ, ସତ୍ୟବ୍ରତ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସେହିପରି ରେଭେନ୍ସା ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରିଥିଲା।

# 'ବିଶୃଙ୍ଖଳା ସୃଷ୍ଟି ନେଇ ଆସିଥିବା ଅଭିଯୋଗ ଉପରେ ହେବ କାର୍ଯ୍ୟାନୁଷ୍ଠାନ'

## ଭାଜପା ଶୃଙ୍ଖଳା କମିଟି ବୈଠକ

ଭୁବନେଶ୍ୱର, ୧।୯(ସୁନିତ୍ ମିଶ୍ର)

ନିର୍ବାଚନ ପୂର୍ବରୁ ଏବଂ ଏହାର ପରବର୍ତ୍ତୀ ସମୟରେ ଦଳୀୟ ଅନୁଶାସନ ଭଙ୍ଗ ଓ ବିଶୃଙ୍ଖଳା ସୃଷ୍ଟି ପ୍ରସଙ୍ଗ ନେଇ ରବିବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ଶୃଙ୍ଖଳା କମିଟି ବୈଠକ ଅନୁଷ୍ଠିତ ହୋଇଛି। ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳର ସଦସ୍ୟ ଭାବେ ନିଜ ଆଚରଣ ଓ ଉଚ୍ଚାରଣକୁ ଠିକ୍ ରଖିବା ପାଇଁ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତି ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ଦଳୀୟ ଅନୁଶାସନ ଭଙ୍ଗ ଓ ବିଶୃଙ୍ଖଳା ସୃଷ୍ଟି ପ୍ରସଙ୍ଗରେ ହସ୍ତଗତ ହୋଇଥିବା ସମସ୍ତ ଅଭିଯୋଗକୁ ବିଚାର କରାଯାଇ ବିହିତ ପଦକ୍ଷେପ ନେବା ପାଇଁ ବର୍ତ୍ତମାନ ବୈଠକରେ ନିଷ୍ପତ୍ତି ନିଆଯାଇଛି। କମିଟିର ଅଧ୍ୟକ୍ଷ ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମନମୋହନ ସାମଲ, ମାନସ ମହାନ୍ତି, କମିଟିର ସଦସ୍ୟ ତଥା ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝୀ, ପୂର୍ବତନ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ନମିତାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଦର୍ଶନ ନାୟକଙ୍କୁ କମିଟିର ଆବାହକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଦଳୀୟ ଶୃଙ୍ଖଳା ନେଇ ଦଳର ରାଜ୍ୟ ପ୍ରଭାରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି, ଦଳରେ ଯେଉଁମାନେ ବିଶୃଙ୍ଖଳା କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ।


ଶୃଙ୍ଖଳା କମିଟି ବୈଠକରେ ଅଧ୍ୟକ୍ଷ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଓ ଅନ୍ୟମାନେ।

# ବିଧାନସଭାରେ ପ୍ରଶ୍ନ, ଚାନ୍ଦବାଲିରେ ପ୍ରତିକ୍ରିୟା

## ବ୍ୟୋମକେଶଙ୍କୁ ସମାଲୋଚନା କଲା ଭାଜପା ଯୁବମୋର୍ଚ୍ଚା

ଚାନ୍ଦବାଲି,୧।୯(କିଷାନ ପାତ୍ର)

ଯାଜପୁର ଜିଲା ଧର୍ମଶାଳାର ପୂର୍ବତନ ରାଜନେତା ସ୍ୱର୍ଗତ କଳ୍ପତରୁ ଦାସଙ୍କ ପ୍ରତିମୂର୍ତ୍ତି ପ୍ରସଙ୍ଗରେ ବିଧାନସଭାରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ପ୍ରଶ୍ନକୁ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ରବିବାର ଚାନ୍ଦବାଲି ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବମୋର୍ଚ୍ଚା ସମାଲୋଚନା କରିଥିବା ବେଳେ ସଦସ୍ୟ ତଥା ୭ନଂ. ୱାର୍ଡର କାଉନସିଲର ଚନ୍ଦନ ରାଉତ କହିଛନ୍ତି, ଚାନ୍ଦବାଲି ବିଧାୟକ ଦୀର୍ଘ ୧୦ବର୍ଷ ଭିତରେ ବ୍ଲକର ପାଙ୍ଗୁଡ଼ା ଗ୍ରାମରେ ଥିବା ଜିଲାର ଏକମାତ୍ର କାର୍ଗିଲ ଶହୀଦ ନିରଞ୍ଜନ ବେହେରାଙ୍କ ପ୍ରତିମୂର୍ତ୍ତି ତିଆରି କରିପାରି ନାହାନ୍ତି। ବିଧାୟକ ଚାନ୍ଦବାଲିରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିକୁ କେବେ ଦେଖିବାକୁ ଯାଇନାହାନ୍ତି। ବିଧାନସଭା ଗୃହରେ ଚାନ୍ଦବାଲିର ବିକାଶ ପ୍ରସଙ୍ଗକୁ ପଛରେ ପକାଇ ଧର୍ମଶାଳା ବ୍ଲକ୍ ପାଇଁ ଏତେ ଉଦାର କାହିଁକି ଦେଖାଉଛନ୍ତି। ଚାନ୍ଦବାଲି ପ୍ରସଙ୍ଗକୁ ଛାଡ଼ି ଧର୍ମଶାଳାର ଜଣେ ରାଜନେତାଙ୍କ ପ୍ରତିମୂର୍ତ୍ତି ଲାଗି ଗୃହରେ ମତ ଉପସ୍ଥାପନ କରିବା ଚାନ୍ଦବାଲି ପାଇଁ ଏକ ଲଜ୍ଜାଜନକ କଥା ବୋଲି ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ଅଭିଯୋଗ ସମ୍ପର୍କରେ ବିଧାୟକ ରାୟ କହିଛନ୍ତି, ଜଣେ ବିଧାୟକ ହିସାବରେ ସେ ତାଙ୍କର କର୍ତ୍ତବ୍ୟ କରିଛନ୍ତି। ଦଳର ପୂର୍ବତନ ବରିଷ୍ଠ ନେତାଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ କରିବା ସମ୍ବନ୍ଧରେ ବିଧାନସଭାରେ ପ୍ରଶ୍ନ ଉଠାଇବା ତାଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ସ୍ୱର୍ଗତ ଦାସ ପୂର୍ବତନ ମନ୍ତ୍ରୀ ଓ ରାଜ୍ୟ ସଭା ସଦସ୍ୟ ରହିଥିବା ସମୟରେ ଚାନ୍ଦବାଲି ପ୍ରତି ତାଙ୍କର ବହୁତ ଅବଦାନ ଥିଲା।

ଅନ୍ୟପଟେ ଗତ ୩୦ ତାରିଖରେ ଚାନ୍ଦବାଲି ଦିଗଛିଆ ଛକ ନିକଟରେ ସ୍କୁଲ ଭ୍ୟାନ୍ ଓଲଟି ପଡ଼ିବା ପ୍ରସଙ୍ଗରେ ବିଦ୍ୟାଳୟର ସମ୍ପାଦକଙ୍କୁ ଦାୟୀ କରିଛି ଭାଜପା। ଯୁବନେତା ରମାକାନ୍ତ ଭୋଳଙ୍କ ଅଭିଯୋଗ ଅନୁଯାୟୀ, ସମ୍ପାଦକ ଆବାସ ଯୋଜନାରେ ଉକ୍ତ ବିଦ୍ୟାଳୟ ନିର୍ମାଣ କରାଇଥିବା ବେଳେ ସମ୍ପୂର୍ଣ୍ଣ ଜଳ ଜମିରେ ହୋଇଛି। ଜଳ ଜମିରେ ସ୍କୁଲ ଗୃହ ନିର୍ମାଣ ପାଇଁ ଅନୁମତି କିଏ ଦେଲେ ବୋଲି ସେ ପ୍ରଶ୍ନ କରିବା ସହ ଉକ୍ତ ବିଦ୍ୟାଳୟକୁ ଏନ୍‌ଓସି ମିଳିଛି କି ନାହିଁ ସେନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସମିତିସଭ୍ୟ ଅଭୟ ଭୋଳ, ରମାକାନ୍ତ ଭୋଳ, ବିଜୟ ପାଢ଼ୀ, ଏନ୍‌ଏସି ଯୁବ ସଭାପତି ସୁଶାନ୍ତ ମହାନ୍ତି, ସାର୍ଥକ ନାୟକ, ମଳୟ ନାୟକ, ଗଣେଶ ଦାସ, କମଳା ସୂତାରଙ୍କ ସହ ଭାଜପା ଯୁବନେତା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଭାଜପା ଯୁବମୋର୍ଚ୍ଚାର କର୍ମକର୍ତ୍ତା।

# ପୁରୁଷ ୪X୧୦୦ମି. ରିଲେରେ ଓଡ଼ିଶାକୁ ସ୍ୱର୍ଣ୍ଣ

**ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍**

■ ମହିଳା ରିଲେ ଦଳକୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ)**

ବେଙ୍ଗାଲୁରୁର ଶ୍ରୀ କାନ୍ତିରାଭା ଷ୍ଟାଡିୟମରେ ଚାଲିଥିବା ୬୩ତମ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ରବିବାର ଅନୁଷ୍ଠିତ ପୁରୁଷ ୪X୧୦୦ ମିଟର ରିଲେରେ ଓଡ଼ିଶା ସ୍ୱର୍ଣ୍ଣ ପଦକ ହାସଲ କରିଛି। ଅବିନାଶ ସାହୁ, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ ଓ ଅମିୟ ମଲିକଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୩୯.୬୫ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛି। ରେଲୱେ ସ୍ପୋର୍ଟ୍ସ ଟିମ୍ ୩୯.୮୨ ଓ ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସ୍ଏସ୍‌ସିବି) ଦଳ ୩୯.୯୯ ସେକେଣ୍ଡ ସମୟ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। କେରଳ ରାଜସ୍ଥାନ, ତାମିଲନାଡୁ, ଝାଡ଼ଖଣ୍ଡ ଓ ଛତିଶଗଡ଼ ଦଳ ଯଥାକ୍ରମେ ୪ର୍ଥରୁ ୮ମ ସ୍ଥାନ ପାଇଛନ୍ତି। ଲାଲୁ ପ୍ରସାଦ ଭୋଇ ଗୋଟିଏ ଦିନ ପୂର୍ବରୁ ପୁରୁଷ ୧୦୦ ମିଟରରେ ୧୦.୪୬ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅର୍ଥାତ୍ ସେ ଏହି ପ୍ରତିଯୋଗିତାରୁ ଡବଲ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ମହିଳା ୪X୧୦୦ ମିଟର ରିଲେରେ ଓଡ଼ିଶା ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛି। ଶ୍ରାବଣୀ ନନ୍ଦ, ମେରୀମୁକ୍ତା ସୋରେଙ୍ଗ, ସୁଖୀ ବାସ୍କେ ଓ ବିନତି ବେହେରାଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୪୫.୯୩ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଛି। କର୍ଣ୍ଣାଟକ ଦଳ ୪୫.୨୧ ଓ ରେଲୱେ ସ୍ପୋର୍ଟ୍ସ ଦଳ ୪୫.୨୯ ସେକେଣ୍ଡ ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛି। ତାମିଲନାଡୁ ଓ ପଞ୍ଜାବ ଦଳକୁ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ମିଳିଛି।

ମହିଳା ୨୦୦ ମିଟର ରେସ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଶ୍ରାବଣୀ ନନ୍ଦ। ହିଟ୍-୩ରେ ରେସ୍ କରିଥିବା ଶ୍ରାବଣୀ ୨୪.୫୦ ସେକେଣ୍ଡ ସମୟ ନେଇ ଅନ୍ୟ ୭ ପ୍ରତିଯୋଗୀଙ୍କ ସହ ଫାଇନାଲ ପାଇଁ ଯୋଗ୍ୟତା ପାଇଛନ୍ତି। ମଧ୍ୟପ୍ରଦେଶର ମଧୁମିତା ଦେବ (୨୪.୨୪), ଗୁଜରାଟର ଦେବ୍ୟାନିବା ଜାଲା (୨୪.୩୫), ରେଲୱେ ସ୍ପୋର୍ଟ୍ସର ନିଥ୍ୟା ଗାନ୍ଧେ (୨୪.୦୫), କର୍ଣ୍ଣାଟକର କାବେରି ପାଟିଲ (୨୪.୧୬), ହରିୟାଣାର ନାନ୍‌ସି (୨୩.୯୪), ହିମାଚଳ ପ୍ରଦେଶର ସମ୍ରିତି ଜମୱାଲ (୨୪.୦୮) ଓ ରାଜସ୍ଥାନର ଅନ୍ତାକ୍ଷରୀ (୨୪.୯୫) ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପୁରୁଷ ଲଙ୍ଗଜମ୍ପର ଫାଇନାଲକୁ ଉନ୍ନୀତ ହୋଇଥିଲେ ହେଁ ଓଡ଼ିଶାର ସରୁନ ପାୟାସିଂ ୭.୫୫ ମିଟର କ୍ଲିୟର କରିପାରି ୫ମ ସ୍ଥାନରେ ରହିଛନ୍ତି। ରେଲୱେ ସ୍ପୋର୍ଟ୍ସର ଆର୍ଯ୍ୟ ଏସ. (୭.୮୯), କେରଳର ମହମ୍ମଦ ୟାହିୟା (୭.୭୮) ଓ ପଞ୍ଜାବର ଜଗରୂପ (୭.୬୫) ପ୍ରଥମ ତିନିସ୍ଥାନ ଅଧିକାର କରିଛନ୍ତି। ଶନିବାର ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ ମହିଳା ୧୦୦ ମିଟର ହର୍ଡଲ୍ସରେ ୧୩.୪୫ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଜିତିଥିଲେ। ଉଭୟ ଲାଲୁ ଓ ପ୍ରଜ୍ଞା କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ଏବଂ ଓଡ଼ିଶା ରିଲାଏନ୍ସ ହାଇପରଫର୍ମାନ୍ସ ସେଣ୍ଟରର ଅଂଶବିଶେଷଭାବେ କୋଚ୍ ରୋହିତ ମାନେଙ୍କଠାରୁ କୋଚିଂ ନେଉଛନ୍ତି।





ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ପୁରୁଷ ଓ ବ୍ରୋଞ୍ଜ ବିଜୟୀ ମହିଳା ଦଳ।

## ବ୍ରୋଞ୍ଜ ପ୍ଲେ ଅଫ୍ ହାରିଲେ ରାକେଶ

**ପ୍ୟାରିସ୍,୧୯:** ଭାରତୀୟ ତୀରନ୍ଦାଜ ରାକେଶ କୁମାର ପାରାଲିମ୍ପିକ୍ସ ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟର ବ୍ରୋଞ୍ଜ ପଦକ ପ୍ଲେ ଅଫରେ ହାରି ଯାଇଛନ୍ତି। ସେ ଡିଫେଣ୍ଡିଂ ଚାମ୍ପିୟନ ଚାଇନାର ହେ ଝିଆଓଙ୍କ ଠାରୁ ୧୪୭-୧୪୬ରେ ହାରିଥିଲେ। ପୂର୍ବରୁ ସେମି ଫାଇନାଲରେ ଚାଇନାର ଏଆଇ ଜିନ୍ ଲିଆଙ୍ଗଙ୍କ ନିକଟରୁ ୧୪୩-୧୪୫ରେ ହାରି ଯାଇଥିଲେ ରାକେଶ। ପ୍ରି କ୍ୱାର୍ଟରରେ ଇଣ୍ଡୋନେସିଆର କେନ୍ ସ୍ୱାଗୁମୁଲାଙ୍ଗଙ୍କୁ ଓ କ୍ୱାର୍ଟର ଫାଇନାଲରେ କାନାଡାର କାଇଲ ଟ୍ରେମ୍ବଲେଙ୍କୁ ଶୁଟଅଫ୍‌ରେ ହରାଇଥିଲେ ରାକେଶ। ଉଭୟ ମ୍ୟାଚ୍‌ରେ ୫ ରାଉଣ୍ଡ ସୁଦ୍ଧା ସ୍କୋର ୧୪୪-୧୪୪ ରହିଥିଲା। କାଇଲ ଟ୍ରେମ୍ବଲେଙ୍କ ବିପକ୍ଷ ମ୍ୟାଚ୍ ମଧ୍ୟ ୧୪୪-୧୪୪ରେ ରହିଥିଲା। ରାକେଶ ଏହାକୁ ମଧ୍ୟ ଶୁଟ୍ ଅଫରେ ବିଜୟୀ ହୋଇଥିଲେ। ସେମିଫାଇନାଲ ମ୍ୟାଚ୍‌ରେ ଚାଇନା ଆର୍ଚର ପ୍ରଥମ ସେଟରୁ ହିଁ ରାକେଶଙ୍କୁ ଚାପରେ ରଖିଥିଲେ। ତୃତୀୟ ସେଟ ସୁଦ୍ଧା ଜିନ୍ ଲିଆଙ୍ଗ ୩ ପଏଣ୍ଟର ଅଗ୍ରଣୀ ହାସଲ କରି ସାରିଥିଲେ। ମେରୁଦଣ୍ଡରେ ଆଘାତ କାରଣରୁ ରାକେଶଙ୍କୁ ୨୦୦୯ରେ ହୁଇଲ ଚେୟାରର ସାହାଯ୍ୟ ନେବାକୁ ପଡିଥିଲା। ୩୯ ବର୍ଷୀୟ ଏହି ଭେଟେରାନ ଖେଳାଳି ଜଣଙ୍କ ଜାମ୍ମୁ କଶ୍ମୀରରୁ ଆସୁଥିବା ବେଳେ କୋଚ୍ କୁଲଦୀପ ବେଦୱାନଙ୍କ ସହ କଟ୍‌ରାରେ ଅଭ୍ୟାସ କରନ୍ତି। ମୁକାବିଲାରେ ଚାଇନାର ହେ ଝିଆଓଙ୍କୁ ଭେଟିବେ। ପୂର୍ବରୁ ଶୀତଲ ଦେବୀ ଓ ସରିତା ମଧ୍ୟ ବିଦାୟ ନେଇ ସାରିଛନ୍ତି।

## ଇଲେଭେନ ଗନ୍ କ୍ଲବ ବିଜୟୀ

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ପ୍ରଥମ ଡିଭିଜନ ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ଚାଉଳିଆଗଞ୍ଜ ଇଲେଭେନ ଗନ୍ କ୍ଲବ ବିଜୟୀ ହୋଇଛି। ଏହି ଦଳ ୨-୧ ଗୋଲରେ ଚାଉଳିଆଗଞ୍ଜ କ୍ଲବକୁ ପରାସ୍ତ କରିଛି। ଇଲେଭେନ ଗନ୍ ପକ୍ଷରୁ ବିକାଶ ନାୟକ ୩୧ ଓ ଜଳଧର ନାୟକ ୮୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଚାଉଳିଆଗଞ୍ଜ କ୍ଲବର ଶ୍ୟାମସୁନ୍ଦର ସୋରେନ ୭୯ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ସାଇ-ଏସଟିସି କଟକ ଓ ଟାଉନ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଟାଉନ୍ କ୍ଲବ ପକ୍ଷରୁ ରାଜେଶ କୁମାର ବେହେରା ୪ର୍ଥ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ସାଇ-ଏସ୍‌ଟିସିର ଶିବୁ ସାମଲ ଇଞ୍ଜୁରି ଟାଇମ୍ ୯୦+୨ ମିନିଟ୍‌ରେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଦ୍ୱିତୀୟ ଡିଭିଜନ ଲିଗ୍‌ରେ ସର୍ଭୋଲ ଏଫ୍‌ସି ଓ ଇଲେଭେନ ବ୍ରାଇଟ ଷ୍ଟାର କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ଅନ୍ୟଏକ ମ୍ୟାଚରେ ଲାଲବାଗ୍ କ୍ଲବ ୱାକ୍‌ଓଭର ଦେବାରୁ ଏଲଆଇସି କ୍ଲବକୁ ପୂରା ୩ ପଏଣ୍ଟ ଓ ୩ ଗୋଲ ମିଳିଛି।

## ରାଜ୍ୟ ଓପନ ଚେସ୍: ତନ୍ମୟ ଚାମ୍ପିୟନ



ତନ୍ମୟ ତ୍ରିପାଠୀ

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଉପେନ୍ଦ୍ର ନାୟକ ସ୍ମାରକୀ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପୂରା ୫ ପଏଣ୍ଟ ପାଇ ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ଚାମ୍ପିୟନ ହୋଇଛନ୍ତି। ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଓ ରବୀନ୍ଦ୍ର କୁମାର ଓଝା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆଦିତ୍ୟ ପ୍ରଧାନ, ସୃଜନ ପ୍ରଣୟୀ ରାୟ, ଶୁଭମ୍ ପ୍ରତୀକ ମିଶ୍ର ଓ ସ୍ୱସ୍ତିକ ରଞ୍ଜନ ସ୍ୱାଇଁ ପଛକୁପଛ ରହିଛନ୍ତି। ୭, ୧୧, ୧୩, ୧୫ ବର୍ଷରୁ କମ୍ ଓ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୫ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଆଇଆଇଏଫ୍ଏଲ୍ ଫାଇନାନ୍ସର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

## ଇଟାଲିଆନ ଗ୍ରାଁ ପ୍ରି ଜିତିଲେ ଲେକ୍‌ରେକ୍

**ମୋଞ୍ଜା (ଇଟାଲୀ) ୧୯**

ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରି ଓ ଲାଣ୍ଡୋ ନୋରିସଙ୍କୁ ପଛରେ ପକାଇ ଫେରାରିର ଚାର୍ଲ୍ସ ଲେକ୍ ରେକ୍ ତାଙ୍କ ଘରୋଇ ସର୍କିଟରେ ଇଟାଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ଏହି ରେସ୍‌ରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପିଆଷ୍ଟ୍ରିଙ୍କଠାରୁ ୨.୬ ସେକେଣ୍ଡ ସମୟ ଆଗରେ ରହିଥିଲେ। ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍ ଫେରାରିର କାର୍ଲୋସ ସେଞ୍ଜ ଏବଂ ମର୍ସିଡିଜ୍‌ର ଲୁଇସ୍ ହାମିଲଟନଙ୍କ ପଛକୁ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ଯଥାକ୍ରମେ ୭ମ ରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଜର୍ଜ ରସେଲ (ମର୍ସିଡିଜ୍), ସର୍ଗିଓ ପେରେଜ (ରେଡ୍‌ବୁଲ), ଆଲେକ୍ସ ଆଲବନ (ୱିଲିୟମ୍ସ) ଓ କେଭିନ ମାଗ୍ନସେନ (ହାସ୍)। ଚଳିତ ସିଜନର ଆଉ ୮ଟି ରେସ୍ ବାକି ରହିଥିବା ବେଳେ ଚାମ୍ପିୟନଶିପ୍ ଟେବୁଲରେ ଅଗ୍ରଣୀ ଥିବା ଭର୍ଷ୍ଟାପେନ୍ ଏବଂ ଦ୍ୱିତୀୟ ସ୍ଥାନରେ ରହିଥିବା ନୋରିସଙ୍କ ବ୍ୟବଧାନ ୮ପଏଣ୍ଟ ହ୍ରାସ ପାଇ ୬୨କୁ ଖସିଛି। କନ୍‌ଷ୍ଟ୍ରକ୍ଟର ଚାମ୍ପିୟନଶିପ୍‌ରେ ମ୍ୟାକଲରେନ ବର୍ତ୍ତମାନ ରେଡ୍‌ବୁଲ୍‌ଠାରୁ ୮ ପଏଣ୍ଟ ପଛରେ ରହିଛି।

## ମୁଖ୍ୟ ଶାସନ ସଚିବଙ୍କ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ



କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିଦର୍ଶନ ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା।

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ)**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରବିବାର କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ସହ କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିଦର୍ଶନ କରି ସେଠାରେ ଥିବା ସୁବିଧା ସୁଯୋଗ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସେ ଇନ୍‌ଡୋର ଆଥଲେଟିକ୍ ସେଣ୍ଟର, ଫୁଟବଲ ଷ୍ଟାଡିୟମ, ଭାରୋତ୍ତୋଳନ ସେଣ୍ଟର, ଜିମ୍ନାଷ୍ଟିକ୍ସ ସେଣ୍ଟର, ଆକ୍ୱାଟିକ୍ ସେଣ୍ଟର, ହକି ହାଇ ପରଫର୍ମାନ୍ସ ସେଣ୍ଟର, ହକି ଷ୍ଟାଡିୟମ ଓ ବ୍ୟାଡ୍‌ମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟର ବୁଲି ଦେଖିଥିଲେ। ଏହାପରେ ସେ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର ପରିଦର୍ଶନ କରିଥିଲେ। ଏହି ଗସ୍ତ ଅବସରରେ ମୁଖ୍ୟ ଶାସନ ସଚିବ ଆଥଲେଟ୍ ଓ କୋଚ୍ ମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି ସେମାନଙ୍କ ପ୍ରଶିକ୍ଷଣ ପ୍ରକ୍ରିୟା ଓ କମ୍ପ୍ଲେକ୍ସରେ ଅନୁଭୂତି ସମ୍ପର୍କରେ ଅବଗତ ହୋଇଥିଲେ। ଖେଳାଳିଙ୍କ ପ୍ରଦର୍ଶନ ଓ ସୁସ୍ଥତାପାଇଁ ଷ୍ଟାଡିୟମରେ ଚାଲିଥିବା ହାଇପରଫର୍ମାନ୍ସ ସେଣ୍ଟରର କାର୍ଯ୍ୟକ୍ରମ ସମ୍ପର୍କରେ ସେ ପଚାରି ବୁଝିଥିଲେ। କ୍ରୀଡ଼ା ବିଭାଗର ପଦକ୍ଷେପକୁ ପ୍ରଶଂସା କରିବା ସହ କ୍ରୀଡ଼ାବିତ୍‌ମାନେ ଯେପରି ସର୍ବୋଚ୍ଚ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରି ଦେଶ ପାଇଁ ଗୌରବ ଆଣିପାରିବେ ସେଥିପାଇଁ ସର୍ବୋତ୍ତମ ସୁବିଧା ଓ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

## ବାଂଲାଦେଶର ଦୃଢ଼ ପ୍ରତ୍ୟାବର୍ତ୍ତନ

**ରାୱଲପିଣ୍ଡି (ପାକିସ୍ତାନ), ୧୯ (ଏପି):** ଏଠାରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ରବିବାର ଶତକ ହାସଲକାରୀ ଲିଟନ ଦାସ ଓ ମେହିଦି ହସନ ମିରାଜଙ୍କ ନେତୃତ୍ୱରେ ବାଂଲାଦେଶର ଦୃଢ଼ ପ୍ରତ୍ୟାବର୍ତ୍ତନ ଏବଂ ପାକିସ୍ତାନ ଫାଷ୍ଟ ବୋଲର ଖୁରମ ଶେହଜାଦଙ୍କ ପ୍ରଥମ ୫ ଉଇକେଟ ସଫଳତା ହେଉଛି ଉଲ୍ଲେଖନୀୟ ଘଟଣା। ତୃତୀୟ ଦିବସ ଖେଳରେ ଭ୍ରମଣକାରୀ ବାଂଲାଦେଶ ଏକଦା ମାତ୍ର ୨୬ ରନ ସ୍କୋରରେ ଏହାର ୬ଜଣ ବ୍ୟାଟ୍ସମ୍ୟାନଙ୍କୁ ହରାଇ ବସିଥିଲା। ତେବେ ଲିଟନଙ୍କ ଆକ୍ରମଣାତ୍ମକ ୧୩୮ ରନ (୧୩ ଚୌକା ଓ ୨ ଛକା) ଏବଂ ମେହିଦିଙ୍କ ପ୍ରଭାବୀ ୭୮ରନ ଯୋଗେ ଏହାର ପ୍ରଥମ ଇନିଂସରେ ୨୬୨ ରନ କରିପାରିଥିଲା। ଲିଟନ ଓ ମେହିଦିଙ୍କ ମଧ୍ୟରେ ୧୬୫ ରନର ପାର୍ଟନରଶିପ୍ ହୋଇଥିଲା। ଜବାବରେ ପ୍ରଥମ ଇନିଂସରେ ୧୨ର ଅଗ୍ରଣୀ ଲାଭ କରିଥିବା ପାକିସ୍ତାନ ଶନିବାର ଖେଳ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୯ ରନ କରିଛି। ପ୍ରଥମ ଟେଷ୍ଟ ୧୦ ଉଇକେଟରେ ହାରିଯାଇଥିବା ପାକିସ୍ତାନ ଶୀଘ୍ର ଏହାର ଓପନର ଅବଦୁଲ୍ଲା ଶାଫିକ୍ ଏବଂ ନାଇଟ ୱାଚମ୍ୟାନ ଶେହଜାଦଙ୍କ ଉଇକେଟ ହରାଇ ଥିଲା। ଦୁହେଁ ଫାଷ୍ଟ ବୋଲର ହସନ ମେହମୁଦଙ୍କ ବୋଲିଂର ଶିକାର ହୋଇଥିଲେ। ପାକିସ୍ତାନ ମୋଟ ଉପରେ ୨୧ରନ ଅଗ୍ରଣୀ ଲାଭ କରିଛି।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ : ୨୭୪। ବାଂଲାଦେଶ ପ୍ରଥମ ଇନିଂସ: ୨୬୨ (ଲିଟନ ଦାସ-୧୩୮, ମେହିଦି ହସନ ମିରାଜ-୭୮ ; ଖୁରମ ଶେହଜାଦ-୬/୯୦, ଆଘା ସଲମନ-୨/୧୩, ମୀର ହାମ୍‌ଜା-୨/୫୦)।

# ଆନ୍ତଃ ଜିଲା ମହିଳା ଫୁଟ୍‌ବଲ: ସୁନ୍ଦରଗଡ ଚାମ୍ପିୟନ

**ବରଗଡ,୧୯(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲାର ଚାରିଟି ଜୋନରେ ଅନୁଷ୍ଠିତ ସିନିୟର ଆନ୍ତଃ ଜିଲା ମହିଳା ଫୁଟ୍‌ବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସୁନ୍ଦରଗଡ ଜିଲା ଦଳ ୧-୦ ଗୋଲରେ କଟକକୁ ହରାଇ ଚଳିତ ବର୍ଷର ଚାମ୍ପିୟନ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ସୁନ୍ଦରଗଡ ଦଳର ୧୨ ନମ୍ବର ଖେଳାଳି ସୁଭାଷିନୀ ସାହା ଏକମାତ୍ର ଗୋଲଟି ଦେଇ ଦଳକୁ ଚାମ୍ପିୟନ କରାଇଥିଲେ। ଅତିଥିମାନେ ଚାମ୍ପିୟନ ଦଳ ସୁନ୍ଦରଗଡ଼କୁ ନଗଦ ୨୫ ହଜାର ଟଙ୍କା ସହ ଟ୍ରଫି ଓ ରନରଅପ୍ କଟକ ଦଳକୁ ନଗଦ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳି ସୁନ୍ଦରଗଡ ଦଳର ସୁଭାଷିନୀ ସାହା, କଟକର ସୁନୀତା ସ୍ୱାଇଁ ଓ ଶ୍ରେଷ୍ଠ ଉଦୀୟମାନ ଖେଳାଳି ସୁନ୍ଦରଗଡ ଦଳର ତୁଳସୀ ଟପୋଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳକୁ ଅମିରା ପ୍ରଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ରାଣୀ କାଲା ଓ ସୀତା ମାରାଣ୍ଡି। ଚତୁର୍ଥ ରେଫରି ଥିଲେ ପିଙ୍କି ହଂସ। ରିଜର୍ଭ ରେଫରି ଆରତୀ ମହାନ୍ତି ଓ ମ୍ୟାଚ୍ କମିଶନର ଥିଲେ ନବୀନ କୁମାର ନାୟକ।

ଜିଲା କ୍ରୀଡା ସଂସଦ ଉପ ସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରଗଡ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସମ୍ପାଦକ ଅଭିଜିତ ପାଲ, ଫାଓ ଉପ ସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ଉପସଭାପତି ରବି ପଣ୍ଡା, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ପୂର୍ବତନ ଉପ ସଭାପତି ଧୀରେନ ପଲାଇ, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ଜିଲା କ୍ରୀଡା ସଂସଦ ଉପସଭାପତି ତଥା ବରଗଡ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା, ସମ୍ପାଦକ କିଶୋର କୁମାର ମିଶ୍ର, ଫୁଟବଲ ସମ୍ପାଦକ ସେକ ସବଦର, ପୂର୍ବତନ ସମ୍ପାଦକ ଅରୁଣ କୁମାର ମହାନ୍ତି, ପ୍ରଭାତ ଆଦିତ୍ୟ ମିଶ୍ର, ସୋହେଲା କ୍ରୀଡା ସଂସଦ ସଭାପତି ସତ୍ୟ ନାରାୟଣ ଦେବତା, କଦଳୀପାଲି କ୍ରୀଡା ସଂସଦର ସଭାପତି କ୍ଷିତିପତି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂସଦ କ୍ରୀଡ଼ା ସମ୍ପାଦକ ହରଦୀପ ସିଂ, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କାଉନସିଲ ସଦସ୍ୟ ମହେନ୍ଦ୍ର ଦାଶ, ପ୍ରଦୀପ ସାହୁ , ଦିଲୀପ ସାୱଡିଆ, ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ପ୍ରାକ୍ତନ ଖେଳାଳି ଏସ.ଏମ କାଦିର, ସୁବ୍ରତ ଚାଟାର୍ଜୀ, ଜ୍ଞାନ ରଞ୍ଜନ ପୂଜାରୀ, ପ୍ରଦୀପ ନନ୍ଦ, ଅତିଶ ପଣ୍ଡା, ପ୍ରଦୀପ ପ୍ରଧାନ, ନନ୍ଦ କୁମାର ମିଶ୍ର, ମନୋରଞ୍ଜନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ ଚାମ୍ପିୟନ ସୁନ୍ଦରଗଡ଼ ଦଳ।




କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାର ରାଜ୍ୟ କ୍ୟୋରୁଗି ଓ ପୁମ୍‌ସେ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବରେ ପ୍ରତିଯୋଗୀମାନେ।

## ସିନିୟର କୋର୍ ଗ୍ରୁପ୍ ହକି ଖେଳାଳିଙ୍କୁ ଆର୍ଥିକ ପ୍ରୋତ୍ସାହନ

**ଲକ୍ଷ୍ନୌ, ୧୯(ପି.ଟି.)**

ସରକାରୀ ଅନୁଷ୍ଠାନ କିମ୍ବା ପବ୍ଲିକ ସେକ୍ଟର ଅଣ୍ଡରଟେକିଂରେ ନିଯୁକ୍ତି ପାଇ ନ ଥିବା ଦେଶର ସମ୍ଭାବ୍ୟ ସିନିୟର କୋର୍ ଗ୍ରୁପ୍‌ର ପୁରୁଷ ଓ ମହିଳା ହକି ଖେଳାଳିମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯିବ। ଏଠାରେ ରବିବାର ଅନୁଷ୍ଠିତ ହକି ଇଣ୍ଡିଆ (ଏଚ୍‌ଆଇ)ର ବାର୍ଷିକ ସାଧାରଣ ଅଧିବେଶନ ପରେ ଏହା ଘୋଷଣା କରାଯାଇଛି। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ନିଯୁକ୍ତି ପାଇ ନ ଥିବା ଆର୍ଥିକ କ୍ଷେତ୍ରରେ ଦୁର୍ବଳ ପ୍ରତ୍ୟେକ ଖେଳାଳିଙ୍କୁ ପ୍ରତିବର୍ଷ ୨ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଦିଆଯିବ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତ। ସମ୍ଭାବ୍ୟ କୋର୍ ଗ୍ରୁପ୍‌ରେ ସ୍ଥାନ ପାଇଥିବା କିଛି ନବାଗତ କର୍ମସଂସ୍ଥାନ ପାଇ ନାହାନ୍ତି। ଘରୋଇ ଓ ଅନ୍ତର୍ଜାତୀୟ ସ୍ତରରେ ଚମତ୍କାର ପ୍ରଦର୍ଶନ କରିଥିବା ଅଧିକାଂଶ ଖେଳାଳି ସରକାରୀ ବିଭାଗ ଅବା ପବ୍ଲିକ ସେକ୍ଟର ଅଣ୍ଡରଟେକିଂରେ କାର୍ଯ୍ୟରତ ଅଛନ୍ତି। ସିନିୟର କୋର୍ ଗ୍ରୁପ୍‌ର କେତେଜଣ ନବାଗତ ବିଶେଷ କରି ମହିଳା ଖେଳାଳି ଏପର୍ଯ୍ୟନ୍ତ କର୍ମନିଯୁକ୍ତି ପାଇ ନ ଥିବା ଜାଣିବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ତିର୍କୀ କହିଛନ୍ତି। ଏହି ବୈଠକରେ ଜାତୀୟ ସିନିୟର ଏବଂ ଜୁନିୟର ପୁରୁଷ ଓ ମହିଳା ଟିମ୍‌ଗୁଡ଼ିକର ଅଗ୍ରଗତି, ଆଗାମୀ ଇଭେଣ୍ଟଗୁଡ଼ିକ ସମ୍ପର୍କରେ ଏବଂ ତୃଣମୂଳସ୍ତରରେ ଖେଳର ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା।

# ଅଧିକ ଚା’ ପିଉଥିଲେ...



କ୍ଲାନ୍ତ ମନକୁ ହାଲୁକା କରିବା ପାଇଁ ଅନେକେ ଚା’ କିମ୍ବା କଫି ପିଇଥାଆନ୍ତି। ହେଲେ ଯଦି ଆପଣ ଅଧିକ ସମୟ ଚା’ ପିଉଛନ୍ତି ତେବେ ଏପରି ଅଭ୍ୟାସଠାରୁ ନିଜକୁ ଯଥାସମ୍ଭବ ଦୂରେଇ ରଖନ୍ତୁ। ଏଭଳି ମତବ୍ୟକ୍ତ କରିଛନ୍ତି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏକ ସଦ୍ୟତମ ସର୍ଭେରୁ ସେମାନେ ଜାଣିପାରିଛନ୍ତି ଯେ ଆବଶ୍ୟକତାଠାରୁ ଅଧିକ ଥର ଏବଂ ପରିମାଣର ଚା’ ପିଇଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଏହି ସର୍ଭେରୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିପାରିଛନ୍ତି ଯେ, ଏଭଳି ଅଭ୍ୟାସ ଦ୍ୱାରା ବୁଦ୍ଧିମତ୍ତା ପ୍ରଭାବିତ ହେବାର ଆଶଙ୍କା ରହିଛି। କାରଣ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କର ବୁଦ୍ଧିମତ୍ତାକୁ ତନ୍ନ ତନ୍ନ କରି ତର୍ଜମା କରିବା ପରେ ସେମାନେ ଏଭଳି ବିଷୟରେ ଜାଣିବାକୁ ପାଇଥିଲେ। କେବଳ ସେତିକି ନୁହେଁ, ଏଥିଯୋଗୁ ପେଟରେ ଅମ୍ଳ ବା ଏସିଡିଟି ବଢ଼ିଯାଇଥାଏ। ଅନ୍ୟପକ୍ଷରେ ଆବଶ୍ୟକତାଠାରୁ ଅଧିକ ଥର ଚା’ ପିଇଲେ ତାହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବାର ଆଶଙ୍କା ରହିଛି ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।

# ସେଲ୍ ଯୋଗୁ ବିନ୍ଧିପାରେ ଦାନ୍ତ



ସାଧାରଣତଃ ଥଣ୍ଡା ପ୍ରକୋପରେ କିମ୍ବା ଦାନ୍ତ ମୂଳରେ ଇନ୍‌ଫେକଶନ ହେଲେ ଦାନ୍ତମୂଳ ବିନ୍ଧିଥାଏ। ତେବେ ଏହାର କାରଣ ତାଲିକାରେ ନିକଟରେ ଆଉ ଏକ କଥା ଯୋଡ଼ାଯାଇଛି। ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଦାନ୍ତ ବିନ୍ଧାର କୋଷ ବା ସେଲ୍ ସହ ସମ୍ପର୍କ ରହିଛି। ଏଭଳି ବିଷୟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଗବେଷଣା କରି ନୂଆ ତଥ୍ୟ ପ୍ରକାଶ କରିଛନ୍ତି। ଉକ୍ତ କୋଷର ନାମ ହେଲା ‘ଆମେଲୋବ୍ଲାଷ୍ଟ’। ଏହା ଭିତରେ ଥିବା ପ୍ରେଟ୍ରୋଷ୍ଟିଲିବେନ୍ ଏବଂ ବ୍ଲୁ ବେରିକ ନାମକ ତତ୍ତ୍ୱ ବଢ଼ିଗଲେ ଥଣ୍ଡା ଯୋଗୁ ଦାନ୍ତମୂଳ ବିନ୍ଧିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବେଳେବେଳେ ଏହା ଯୋଗୁ ଦାନ୍ତର ଏନାମେଲ୍ ଖରାପ ହୋଇ, ଦାନ୍ତ ନଷ୍ଟ ହେବାର ଆଶଙ୍କା ରହିଛି। ‘ଥଣ୍ଡାରୁ ଦାନ୍ତ ବିନ୍ଧା ଓ ସେଲ୍’ ଶୀର୍ଷକ ବିଷୟବସ୍ତୁକୁ ନେଇ ସେମାନେ ଗବେଷଣା କରିବା ସମୟରେ ଏପରି କଥା ଜାଣିପାରିଥିଲେ। ଏହି ସମୟରେ ସେମାନେ କୋଷ(ସେଲ୍)ଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରି ଏପରି ତଥ୍ୟ ବିଷୟରେ ଅଧିକ ସୂଚନା ପାଇଥିଲେ।

# ସ୍ୱର୍ଣ୍ଣିମ ପ୍ରକ୍ଷେପଣ ପଛରେ ବିଜ୍ଞାନ



ନିକୁଞ୍ଜ ବିହାରୀ ସାହୁ

“ଫିଙ୍ଗାଳି ଜାଭେଲିନ ଫିଙ୍ଗିବା ସମୟରେ ନିଜ ଶରୀରର ଏହି ସଂବେଗକୁ କୌଶଳପୂର୍ଣ୍ଣ ଭାବରେ ଜାଭେଲିନକୁ ସ୍ଥାନାନ୍ତରିତ କରିଥାଏ। ଫିଙ୍ଗାଳିଙ୍କୁ ନିଜ ଶରୀରର ମଧ୍ୟଭାଗରୁ ଦକ୍ଷତାର ସହ ପ୍ରାପ୍ତ ସଂବେଗକୁ ଚାବୁକ ଭଳି ଏକ ତରଙ୍ଗାୟିତ ପ୍ରକ୍ରିୟା ଜରିଆରେ କ୍ରମାନ୍ୱୟରେ ଅଣ୍ଟା, କାନ୍ଧ ଓ କହୁଣି ଦେଇ ଜାଭେଲିନକୁ ସ୍ଥାନାନ୍ତରିତ କରିବାକୁ ପଡ଼େ। ପରିଶେଷରେ, ଫିଙ୍ଗାଳି ପଛ ଗୋଡ଼ ଉପରେ ଭରା ରଖି ଏବଂ ଦୁଇ ବାହୁକୁ ସିଧା ପ୍ରସାରିତ କରି ତଥା ଜାଭେଲିନକୁ ଆଖି ସହିତ ଏକ ସରଳରେଖାରେ ରଖି ନିକ୍ଷେପ କରେ।”



ଜାଭେଲିନ ଆମ ଦେଶର ଏକ ପାରମ୍ପରିକ ଖେଳ। ଜାଭେଲିନକୁ ଆମ ଦେଶରେ ସାଧାରଣତଃ ବର୍ଚ୍ଛା କିମ୍ବା ଭାଲ୍ଲା ବୋଲି କୁହାଯାଏ। ପୂର୍ବେ ରାଜା ମହାରାଜାମାନେ ଅବସର ସମୟରେ ଏହି ଭାଲ୍ଲା ଫିଙ୍ଗା ଖେଳରେ ଭାଗ ନେଉଥିଲେ ଏବଂ ଯୁଦ୍ଧ ସମୟରେ ରାଜାଙ୍କର ଏକ ସ୍ୱତନ୍ତ୍ର ଭାଲ୍ଲା ଫିଙ୍ଗା ବାହିନୀ ଥିଲା, ଯାହା ଯୁଦ୍ଧର ପରିଣତି ନିର୍ଦ୍ଧାରଣ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଥିଲା। ଗତ ୨୦୨୧ ମସିହା ଟୋକିଓ ଅଲିମ୍ପିକ୍ସରେ ଭାରତର ନୀରଜ ଚୋପ୍ରା ୮୭.୫୮ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିବା ପରଠାରୁ ଆମ ଦେଶରେ ଜାଭେଲିନ ପ୍ରକ୍ଷେପଣ ଖେଳ ସମ୍ପର୍କରେ ଗଭୀର ଆଗ୍ରହ ଓ କୌତୂହଳ ସୃଷ୍ଟି ହୋଇଛି। ନିକଟରେ ମଧ୍ୟ ନୀରଜ ପ୍ୟାରିସ ଅଲିମ୍ପିକ୍ସରେ ୮୯.୪୫ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ରୌପ୍ୟ ପଦକ ହାସଲ କରିଛନ୍ତି।

**ଇତିହାସ :** ଜାଭେଲିନ ଖେଳ ପ୍ରଥମେ ଗ୍ରୀସର ପ୍ରାଚୀନ ଅଲିମ୍ପିକ ଖେଳରେ ଖ୍ରୀଷ୍ଟପୂର୍ବ ୭୦୮ରେ ପାଞ୍ଚୋଟି ଖେଳ (ପେଣ୍ଟାଥଲନ) ମଧ୍ୟରୁ ଅନ୍ୟତମ ବିଭାଗ ରୂପେ ଅନ୍ତର୍ଭୁକ୍ତ ହୋଇଥିଲା। ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପରଠାରୁ ଏହା ୟୁରୋପର ବିଭିନ୍ନ ଦେଶ ଯଥା ଜର୍ମାନୀ, ସୁଇଡେନ ଓ ଫିନ୍‌ଲାଣ୍ଡରେ ଯଥେଷ୍ଟ ଲୋକପ୍ରିୟତା ଲାଭ କରିଥିଲା। ଆଧୁନିକ ଅଲିମ୍ପିକ ଖେଳରେ ପୁରୁଷ ବିଭାଗରେ ଜାଭେଲିନ ପ୍ରକ୍ଷେପଣକୁ ପ୍ରଥମେ ୧୯୦୮ ମସିହାରେ ଏବଂ ମହିଳା ବିଭାଗରେ ପ୍ରଥମେ ୧୯୩୨ ମସିହାରେ ସ୍ଥାନିତ କରାଯାଇଥିଲା।

**ଗଠନ :** ଏକ ଜାଭେଲିନ ମୁଖ୍ୟତଃ ତିନୋଟି ଅଂଶକୁ ନେଇ ଗଠିତ, ଯଥା ଅଗ୍ରଭାଗ (ହେଡ୍), ଦଣ୍ଡ (ଶାଫ୍ଟ) ଏବଂ ମୁଠା (ଗ୍ରୀପ୍)। ଏକ ଜାଭେଲିନ ସାଧାରଣତଃ କାଠ କିମ୍ବା ଧାତୁରେ ତିଆରି ଏକ ଦଣ୍ଡ। ଏହାର ଏକ ମୁନିଆ ଅଗ୍ରଭାଗ ଥାଏ, ଯାହା ପ୍ରକ୍ଷେପଣ ପରେ ସର୍ବପ୍ରଥମେ ଭୂମିକୁ ଆଘାତ କରେ। ପ୍ରତି ଜାଭେଲିନକୁ ହାତରେ ମୁଠାଇ ଧରିବା ପାଇଁ ଏହାର ମାଧ୍ୟାକର୍ଷଣ କେନ୍ଦ୍ର ସ୍ଥାନଠାରେ ଏକ ମୁଠା ଚିହ୍ନିତ ଥାଏ ଏବଂ ଜାଭେଲିନକୁ ଏହି ମୁଠା ସ୍ଥାନରୁ ଧରି ଫିଙ୍ଗିବାକୁ ପଡ଼େ।

**ପ୍ରକ୍ଷେପଣ ନିୟମ :** ଅନ୍ତର୍ଜାତୀୟ ଦୌଡ଼କୁଦ ପରିସଂଘର ମାର୍ଗଦର୍ଶନ ଅନୁସାରେ ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କୌଣସି ଜାଭେଲିନର ଆକାର, ରୂପରେଖ, ଓଜନ ଓ ମାଧ୍ୟାକର୍ଷଣ କେନ୍ଦ୍ର ନିର୍ଦ୍ଦିଷ୍ଟ ନିୟମାବଳୀର ଅନ୍ତର୍ଭୁକ୍ତ। କୌଣସି ପୁରୁଷ ପ୍ରତିଯୋଗିତାରେ ଜାଭେଲିନର ଦୈର୍ଘ୍ୟ ୨.୬ ରୁ ୨.୭ ମିଟର (୮ ଫୁଟ ୬ ଇଞ୍ଚରୁ ୮ ଫୁଟ ୧୦ ଇଞ୍ଚ) ମଧ୍ୟରେ ଏବଂ ଓଜନ ୮୦୦ ଗ୍ରାମ୍ ହୋଇଥିଲାବେଳେ ଏକ ମହିଳା ପ୍ରତିଯୋଗିତାରେ ଜାଭେଲିନର ଦୈର୍ଘ୍ୟ ୨.୨ ରୁ ୨.୩ ମିଟର (୭ ଫୁଟ ୩ ଇଞ୍ଚରୁ ୭ ଫୁଟ ୭ ଇଞ୍ଚ) ମଧ୍ୟରେ ଏବଂ ଓଜନ ୬୦୦ ଗ୍ରାମ୍ ହୋଇଥାଏ। ଫିଙ୍ଗାଳି ଜାଭେଲିନକୁ ହାତରେ ମୁଠା ସ୍ଥାନରୁ ଧରି ପ୍ରାୟ ୩୦ ମିଟର (୯୮ ଫୁଟ) ଦୂରରୁ ଦୌଡ଼ିଦୌଡ଼ି ଆସି ଏକ ବକ୍ରାକାର ସୀମାରେଖା ମଧ୍ୟରୁ ଥାଇ ଜାଭେଲିନକୁ କାନ୍ଧ ଉପରୁ ଫିଙ୍ଗିବାକୁ ପଡ଼େ। ଜାଭେଲିନ ଫିଙ୍ଗାଗଲା ପରେ ଏହା ଆକାଶମାର୍ଗରେ ଗତି କରି ଭୂମିରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅବତରଣ କରେ। ଖେଳର ନିୟମ ଅନୁଯାୟୀ, ଜାଭେଲିନର ଅଗ୍ରଭାଗ ହିଁ ପ୍ରଥମେ ଭୂମି ସ୍ପର୍ଶ କରି ନରମ ମାଟିରେ ପ୍ରବେଶ କରିବା ଆବଶ୍ୟକ। ଫିଙ୍ଗା ଯାଇଥିବା ସ୍ଥାନରୁ ଜାଭେଲିନ ଭୂମି ଭେଦ କରିଥିବା ସ୍ଥାନର ଦୂରତା ମପାଯାଏ ଏବଂ ଏହି ଦୂରତା ଆଧାରରେ ହିଁ ପ୍ରତିଯୋଗିତାର ବିଜେତା ନିରୂପଣ କରାଯାଏ।

**ଜାଭେଲିନ ପଛରେ ବିଜ୍ଞାନ :** ଜାଭେଲିନ ଫିଙ୍ଗା ପ୍ରକୃତରେ ଶାରୀରିକ ସାମର୍ଥ୍ୟ, ପ୍ରକ୍ଷେପଣ କୌଶଳ ଓ ଗତିବିଜ୍ଞାନ ପ୍ରୟୋଗର ଏକ ଖେଳ। ଏକ ଉତ୍ତମ ପ୍ରକ୍ଷେପଣକୁ ପ୍ରଭାବିତ କରୁଥିବା ମୁଖ୍ୟ କାରକଗୁଡ଼ିକ ହେଲେ: ସଂବେଗର ସ୍ଥାନାନ୍ତର, ପ୍ରକ୍ଷେପଣ ବେଗ ଏବଂ ପ୍ରକ୍ଷେପଣ କୋଣ।

**ସଂବେଗର ସ୍ଥାନାନ୍ତର :** ଫିଙ୍ଗାଳି ଫିଙ୍ଗିବା ନିମନ୍ତେ ଦ୍ରୁତ ଦୌଡ଼ିବା ଦ୍ୱାରା ନିଜ ଶରୀର ଯଥେଷ୍ଟ ସଂବେଗ ବହନ କରିଥାଏ। କୌଣସି ଗତିଶୀଳ ବସ୍ତୁର ସଂବେଗ, ଏହାର ବସ୍ତୁତ୍ୱ ଓ ବେଗର ଗୁଣଫଳ ସଙ୍ଗେ ସମାନ। ଫିଙ୍ଗାଳି ଜାଭେଲିନ ଫିଙ୍ଗିବା ସମୟରେ ନିଜ ଶରୀରର ଏହି ସଂବେଗକୁ କୌଶଳପୂର୍ଣ୍ଣ ଭାବରେ ଜାଭେଲିନକୁ ସ୍ଥାନାନ୍ତରିତ କରିଥାଏ। ଫିଙ୍ଗାଳିଙ୍କୁ ନିଜ ଶରୀରର ମଧ୍ୟଭାଗରୁ ଦକ୍ଷତାର ସହ ପ୍ରାପ୍ତ ସଂବେଗକୁ ଚାବୁକ ଭଳି ଏକ ତରଙ୍ଗାୟିତ ପ୍ରକ୍ରିୟା ଜରିଆରେ କ୍ରମାନ୍ୱୟରେ ଅଣ୍ଟା, କାନ୍ଧ ଓ କହୁଣି ଦେଇ ଜାଭେଲିନକୁ ସ୍ଥାନାନ୍ତରିତ କରିବାକୁ ପଡ଼େ। ପରିଶେଷରେ, ଫିଙ୍ଗାଳି ପଛ ଗୋଡ଼ ଉପରେ ଭରା ରଖି ଏବଂ ଦୁଇ ବାହୁକୁ ସିଧା ପ୍ରସାରିତ କରି ତଥା ଜାଭେଲିନକୁ ଆଖି ସହିତ ଏକ ସରଳରେଖାରେ ରଖି ନିକ୍ଷେପ କରେ। ଜାଭେଲିନର ସ୍ୱଳ୍ପ ବସ୍ତୁତ୍ୱ ହେତୁ ସଂବେଗର ସଂରକ୍ଷଣ ନିୟମ ଅନୁସାରେ ଏହା ଉଚ୍ଚ ଗତି ପ୍ରାପ୍ତ ହୋଇ ଅଧିକ ଦୂରତା ଅତିକ୍ରମ କରିବାକୁ ସକ୍ଷମ ହୋଇଥାଏ।

**ପ୍ରକ୍ଷେପଣ ବେଗ :** ପ୍ରକ୍ଷେପିତ କୌଣସି ବସ୍ତୁର ଅତିକ୍ରାନ୍ତ ଦୂରତା ଏହାର ପ୍ରକ୍ଷେପ ବେଗ ଉପରେ ନିର୍ଭରଶୀଳ। ପ୍ରକ୍ଷେପ ବେଗର ଦୁଇଟି ଉପାଦାନ ଥାଏ, ଯଥା ଭୂଲମ୍ବୀୟ ବେଗ ଏବଂ ଭୂସମାନ୍ତରୀୟ ବେଗ। ପ୍ରକ୍ଷେପର ଭୂଲମ୍ବୀୟ ବେଗ ଦ୍ୱାରା ଏହା ଊର୍ଦ୍ଧ୍ୱ ଗତି ପ୍ରାପ୍ତ ହେବାକୁ ସକ୍ଷମ ହେଉଥିଲାବେଳେ ଭୂସମାନ୍ତରୀୟ ବେଗ ଦ୍ୱାରା ହିଁ ଏହା ଭୂମି ଉପରେ ଦୂରତା ଅତିକ୍ରମ କରିବାକୁ ସକ୍ଷମ ହୋଇଥାଏ। ଗତିବିଜ୍ଞାନରେ ଏହି ଅତିକ୍ରାନ୍ତ ଦୂରତାକୁ ରେଞ୍ଜ କହନ୍ତି। ସୁତରାଂ କୌଣସି ପ୍ରକ୍ଷେପିତ ବସ୍ତୁର ଅତିକ୍ରାନ୍ତ ଦୂରତା ବୃଦ୍ଧି କରିବାକୁ ହେଲେ ଏହାକୁ ଅଧିକ ବେଗରେ ପ୍ରକ୍ଷେପ କରିବା ପାଇଁ ପଡ଼ିଥାଏ। ସେଥିପାଇଁ ଫିଙ୍ଗାଳି ଫିଙ୍ଗିବାର ଅବ୍ୟବହିତ ପୂର୍ବରୁ ଶରୀରକୁ ସ୍ପ୍ରିଙ୍ଗ ଭଳି ପଛକୁ ବଙ୍କେଇ ନେଇ ଜାଭେଲିନକୁ ନିକ୍ଷେପ କରେ। ଏହାଦ୍ୱାରା ଫିଙ୍ଗାଳି ମାତ୍ର ୨୦ କି.ମି./ଘଣ୍ଟା ବେଗରେ ପ୍ରାରମ୍ଭରୁ ଦୌଡ଼ୁଥିଲେ ସୁଦ୍ଧା ଜାଭେଲିନକୁ ଯଥେଷ୍ଟ ଅଧିକ ବେଗରେ, ଏପରିକି ପ୍ରାୟ ୧୦୦ କି.ମି./ଘଣ୍ଟା ଭଳି ଉଚ୍ଚ ବେଗରେ ଗତିଶୀଳ କରିବାକୁ ସକ୍ଷମ ହୁଏ। ସୁତରାଂ ପ୍ରକ୍ଷେପଣର ଏହି ଉଚ୍ଚ ପ୍ରାରମ୍ଭିକ ବେଗରେ ଜାଭେଲିନ ଅଧିକ ଦୂରତା ଅତିକ୍ରମ କରିଥାଏ।

**ପ୍ରକ୍ଷେପଣ କୋଣ :** ଉତ୍ତମ ଅତିକ୍ରାନ୍ତ ଦୂରତା ହାସଲ କରିବା ନିମନ୍ତେ ଜାଭେଲିନକୁ କେବଳ ଅଧିକ ବେଗରେ ଫିଙ୍ଗିଲେ ହେବ ନାହିଁ; ଏହାକୁ ମଧ୍ୟ ଏକ ନିର୍ଦ୍ଦିଷ୍ଟ କୋଣରେ ଫିଙ୍ଗିବା ଆବଶ୍ୟକ। ଗତିବିଜ୍ଞାନରେ ଜାଭେଲିନର ଗତିକୁ ପ୍ରକ୍ଷେପ ଗତି କୁହାଯାଏ। କୌଣସି ବସ୍ତୁକୁ ଫିଙ୍ଗିବା ଦ୍ୱାରା ଏହା ଆକାଶମାର୍ଗରେ ଆଗକୁ ଗତି କରୁଥିବା ସମୟରେ ଏହା ଉପରେ ସର୍ବଦା ପୃଥିବୀର ମାଧ୍ୟାକର୍ଷଣ ବଳ ନିମ୍ନ ଦିଗରେ କାର୍ଯ୍ୟକାରୀ ହେଉଥାଏ। ଫଳରେ ଏହାର ଗତିପଥ ନିରନ୍ତର ନିମ୍ନ ଦିଗରେ ବିକ୍ଷେପିତ ହୋଇ ଏକ ପାରାବୋଲାକାର ରୂପ ନେଇଥାଏ। ଗତିବିଜ୍ଞାନର ସୂତ୍ର ଅନୁସାରେ, ଉଭୟ ପ୍ରକ୍ଷେପ ବିନ୍ଦୁ ଓ ଅବତରଣ ବିନ୍ଦୁ ଗୋଟିଏ ଉଚ୍ଚତାରେ ଅବସ୍ଥାନ କରୁଥିଲେ ପ୍ରକ୍ଷେପିତ କୋଣର ପରିମାଣ ୪୫୦ ହେଲେ ଯାଇ ଅତିକ୍ରାନ୍ତ ଦୂରତା ସର୍ବାଧିକ ହୋଇଥାଏ। ମାତ୍ର ଜାଭେଲିନ ଫିଙ୍ଗା କ୍ଷେତ୍ରରେ ପ୍ରକ୍ଷେପ ବିନ୍ଦୁ (ଫିଙ୍ଗାଳିର କାନ୍ଧ) ଅବତରଣ ବିନ୍ଦୁ (ଭୂମି) ଠାରୁ ଅଧିକ ଉଚ୍ଚତାରେ ରହୁଥିବାରୁ ଏହି ନିୟମ ସାମାନ୍ୟ ବଦଳି ପ୍ରକ୍ଷେପଣର କୋଣ ୩୨ ରୁ ୩୭ ଡିଗ୍ରୀ ମଧ୍ୟରେ ସୀମିତ ରହିଲେ ହିଁ ସର୍ବାଧିକ ଦୂରତା ପ୍ରାପ୍ତ ହୋଇଥାଏ।

ଏହାବ୍ୟତୀତ ଜାଭେଲିନ ଖେଳ ଆହୁରି ଅନେକ କାରକ ଯଥା ବାୟୁ ପ୍ରବାହର ଦିଗ, ବାୟୁ ପ୍ରବାହର ବେଗ, ଦଣ୍ଡ ଚାରିପଟେ ଅତିକ୍ରମ କରୁଥିବା ବାୟୁସ୍ରୋତର ରୂପରେଖ, ବାୟୁର ତାପମାତ୍ରା ଇତ୍ୟାଦି ଉପରେ ନିର୍ଭର କରେ। ସୁତରାଂ ଜାଭେଲିନ ପ୍ରକ୍ଷେପଣ ଖେଳ ଏକ ଜଟିଳ ଓ ଉଚ୍ଚକୋଟୀର ପ୍ରତିଯୋଗିତା ଏବଂ ଏଥିରେ ପାରଦର୍ଶିତା ହାସଲ କରିବା ପାଇଁ ହେଲେ ଖେଳାଳିଙ୍କୁ ଯଥେଷ୍ଟ ଅଭ୍ୟାସ ତଥା ଉଚ୍ଚକୋଟୀର ବୈଜ୍ଞାନିକ କୌଶଳ ପ୍ରୟୋଗ ତଥା ପ୍ରଦର୍ଶନ କରିବାକୁ ପଡ଼େ।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୦୧୮୭୦୮୮୫୮

# ବୟସ ୫୦ ଟପିଲେ...



ଆପଣଙ୍କ ବୟସ ୫୦ ଟପିଗଲାଣି କି? ଯଦି ହଁ, ତେବେ ଏ ସମୟରେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ସତର୍କ ରହିବା ନିହାତି ଦରକାର। ବିଶେଷଭାବରେ ଏହି ସମୟରେ ଆଲ୍‌ଜିମର୍ସ ରୋଗର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏହି ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକରେ ବିଟା-ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ ଜମି ଯାଇଥାଏ। ଏହାର ପ୍ରଭାବ ସ୍ମରଣ ଶକ୍ତି ଉପରେ ସିଧାସଳଖ ପଡ଼ିଥାଏ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ଫଳରେ ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ କାର୍ଯ୍ୟରହିତ ହୋଇପଡ଼େ। ତେବେ ମସ୍ତିଷ୍କର ସବୁ ଅଞ୍ଚଳରେ ଏଭଳି ପରିବର୍ତ୍ତନ ପରିଲକ୍ଷିତ ହୋଇ ନ ଥାଏ। ଏଭଳି ସମସ୍ୟା କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଥିବା ସ୍ନାୟୁକୋଷରେ ପରିବର୍ତ୍ତନ ଆଣିଥାଏ। ଆଲ୍‌ଜିମର୍ସର ଲକ୍ଷଣଗୁଡ଼ିକ ହେଲା- ରୋଗୀ ଅନେକ କଥା ସହଜରେ ମନେପକେଇ ପାରେନି। ନିଜ ନାଁ ମଧ୍ୟ ଭୁଲିଯାଏ। ବାହାରକୁ ଯାଇଥିଲେ ନିଜ ଘର ବାଟ ଭୁଲିଯାଏ। ବିଭିନ୍ନ କଥାକୁ ନେଇ ସେ କିଛି ପ୍ରତିକ୍ରିୟା ରଖି ନ ଥାଏ। ବିଶେଷ ଭାବରେ ୬୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଏଭଳି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି।

# ବାତ : କିଛି କଥା

ବାତ ଏଭଳି ଏକ ସ୍ୱାସ୍ଥ୍ୟଜନିତ ସମସ୍ୟା ଯାହା ପ୍ରତି ବେଶ୍ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ବାତ ମାରିବା ସମୟରେ ପାଖ ଲୋକଙ୍କୁ କେତେକ କଥା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼େ। ହେଲେ ଗୋଟିଏ କଥା ମନେରଖିବା ନିହାତି ଦରକାର। ତାହା ହେଲା-ବାତ ମାରିବାର ଲକ୍ଷଣ ସ୍ଥାୟୀ ନୁହେଁ। କିଛି ସମୟ ପରେ ତାହା ସ୍ୱତଃ ଚାଲିଯାଏ ଏବଂ ଆକ୍ରାନ୍ତ ବ୍ୟକ୍ତି ଧୀରେ ଧୀରେ ସାଧାରଣ ଅବସ୍ଥାକୁ ଫେରି ଆସନ୍ତି। ତେଣୁ ବାତ ମାରିବା ସମୟରେ ଯଦି ସେହି ବ୍ୟକ୍ତିଙ୍କ ନିକଟରେ ଆପଣ ଉପସ୍ଥିତ ଅଛନ୍ତି ତେବେ ସେ ଯେପରି ତଳେ ପଡ଼ି ନ ଯାଆନ୍ତି ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। କାରଣ ଯଦି ସେ ପଡ଼ିଯାଆନ୍ତି ଏବଂ ତାଙ୍କର ମୁଣ୍ଡ କଠିନ ପଦାର୍ଥରେ ବାଡ଼େଇ ହୋଇଯାଏ, ତେବେ ତାହା ଆହୁରି ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ତେଣୁ ସେହି ସମୟରେ ରୋଗୀ ପାଖରେ ଥିବା ଏଭଳି ଜିନିଷ ହଟାଇ ଦେବା ଦରକାର। ମୁଣ୍ଡ ଯେପରି ଚଟାଣରେ ବାଡ଼େଇ ନ ହେବ, ସେଥିପାଇଁ ମୁଣ୍ଡ ତଳେ ନରମ ପତଳା ତକିଆ ଦିଅନ୍ତୁ। ବାତ ମାରିବା ବନ୍ଦ କରିବା ପାଇଁ କେତେକ ରୋଗୀକୁ ମାଡ଼ି ବସି ଧରନ୍ତୁ ନାହିଁ। ବାତ ମାରୁଥିଲେ ରୋଗୀକୁ କଡ଼ ମାଡ଼ି ଶୁଆଇ ଦିଅନ୍ତୁ। ଏହାଦ୍ୱାରା ତାଙ୍କର ଶ୍ୱାସ କ୍ରିୟା ଠିକ୍ ରହିଥାଏ। ଏହି ସମୟରେ ଉକ୍ତ ବ୍ୟକ୍ତିଙ୍କ ପାଟି ବନ୍ଦ ହୋଇଯାଏ। ତେଣୁ ସେତେବେଳେ ପାଟି ଭିତରେ ଚାମଚ କିମ୍ବା ଆଙ୍ଗୁଠି ଭର୍ତ୍ତି କରନ୍ତୁ ନାହିଁ। ବାତ ପ୍ରକୋପ କମିଗଲେ ରୋଗୀ ଧୀରେ ଧୀରେ ସାଧାରଣ ଅବସ୍ଥାକୁ ଆସିଥାଏ। ଯଦି ବାରମ୍ବାର ବାତ ମାରେ ତେବେ ରୋଗୀକୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନେଇଯିବାର ବ୍ୟବସ୍ଥା କରନ୍ତୁ।



# ରୁହନ୍ତୁ ସଚେତନ

ଯକ୍ଷ୍ମା ରୋଗ ବା ଟ୍ୟୁବରକ୍ୟୁଲୋସିସ (ଟିବି) ଗୋଟିଏ ଅତି ସଂକ୍ରାମକ ରୋଗ। ପୃଥିବୀର ପ୍ରଥମ ୧୦ଟି ପ୍ରମୁଖ ତଥା ଘାତକ ରୋଗ ମଧ୍ୟରେ ଏହା ଅନ୍ୟତମ। ତେଣୁ ଯକ୍ଷ୍ମାର ପ୍ରଧାନ ଲକ୍ଷଣ ବିଷୟରେ ଜାଣି ରଖିବା ନିହାତି ଦରକାର। ହେଲେ ସବୁରୋଗୀଙ୍କଠାରେ ଲକ୍ଷଣ ପ୍ରକାଶ ପାଇ ନ ଥାଏ। ଯେଉଁ ରୋଗୀମାନଙ୍କଠାରେ ଲକ୍ଷଣ ପ୍ରକାଶ ପାଇଥାଏ, ସେହି ଲକ୍ଷଣଗୁଡ଼ିକ ମଧ୍ୟରେ ପ୍ରଧାନ ହେଲା ସାମାନ୍ୟ ଜ୍ୱର ଓ କାଶ। ଏହି ଲକ୍ଷଣ ତିନି ସପ୍ତାହରୁ ବେଶି ଲାଗି ରହିପାରେ। ସାଧାରଣତଃ ସନ୍ଧ୍ୟା ସମୟରେ ଜ୍ୱର ଆସିଥାଏ। ଛାତିରେ ଯନ୍ତ୍ରଣା ହୋଇପାରେ। ଭୋକ ମରିଯାଏ। ଖୁବ୍ ହାଲିଆ ଲାଗେ। ଓଜନ କମିଯାଏ। ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ରୋଗୀର ଖଙ୍କାର ପରୀକ୍ଷା ଜରୁରୀ, ଯେଉଁଥିରୁ ସେଥିରେ ଯକ୍ଷ୍ମା ଜୀବାଣୁ ଅଛି କି ନାହିଁ ଜଣାପଡ଼ିଲେ ରୋଗ ନିର୍ଣ୍ଣୟରେ ଆଉ କୌଣସି ସନ୍ଦେହ ରହେ ନାହିଁ। ରୋଗ ନିର୍ଣ୍ଣିତ ହେବା ପରେ ଆରମ୍ଭ କରାଯାଏ ଚିକିତ୍ସା। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ।



# ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣଙ୍କ ବୟସ ଅଧିକ ଆଉ ଆପଣ ହୃଦ୍‌ରୋଗ, କ୍ୟାନ୍‌ସର ଭଳି ମାରାତ୍ମକ ରୋଗରେ ପୀଡ଼ିତ, ତେବେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ଓଜନ ବଢ଼ିବା ଏବେ ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ତେଣୁ ଏଥିପ୍ରତି ସବୁବେଳେ ସଚେତନ ରୁହନ୍ତୁ। ଯଦି ଆପଣ ଏଭଳି ସମସ୍ୟା ସହ ଜଡ଼ିତ ତେବେ ସେଥିରୁ କିପରି ରକ୍ଷା ପାଇବେ ସେ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ନିଜର ଦୈନନ୍ଦିନ ଜୀବନଶୈଳୀରେ ବ୍ୟାୟାମ, ଯୋଗ, ପ୍ରାଣାୟାମ ଆଦି ସାମିଲ କରିବା ସହ ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ।



➤ଯଦି ଜିମ୍ ଯିବାକୁ ସ୍ଥିର କରିଛନ୍ତି, ତେବେ ପ୍ରଥମେ ଜିମ୍ ଏକ୍ସପର୍ଟଙ୍କ ସହ ଏ ନେଇ ବିଶଦ ଭାବରେ ଆଲୋଚନା କରନ୍ତୁ।

➤ଖାଦ୍ୟ ଖାଇବା ସମୟରେ ଶାନ୍ତ ମନରେ ଖାଆନ୍ତୁ। ଏହି ସମୟରେ ଟେନ୍‌ସନର ବଶବର୍ତ୍ତୀ ହୁଅନ୍ତୁ ନାହିଁ।

➤ଆପଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ଯଦି କେହି ଆପଣଙ୍କୁ କିଛି ଉପଦେଶ ଦେଉଛନ୍ତି ତେବେ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ତରବର ହୋଇ ତାହାକୁ ଗ୍ରହଣ କରି ଉପଯୋଗ କଲେ ହୁଏତ ଅସୁବିଧାର ସାମ୍ନା କରିପାରନ୍ତି।

➤ରାତିରେ ଖାଇବା ସମୟରେ ଆଦୌ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ଆଉ ମନେରଖନ୍ତୁ ଖାଇବା ସାରି ସଙ୍ଗେ ସଙ୍ଗେ ଶୁଅନ୍ତୁ ନାହିଁ।

# ଜାଣି ରଖନ୍ତୁ

- ମନରେ ଶାନ୍ତି ଓ ସକାରାତ୍ମକ ଭାବନା ପାଇଁ ପ୍ରତିଦିନ କିଛି କିଛି ସମୟ ପ୍ରାର୍ଥନା କରନ୍ତୁ।
- ଯଦି ଜଣେ ବ୍ୟକ୍ତି କୌଣସି ରୋଗରେ ଆକ୍ରାନ୍ତ, ତେବେ ତାଙ୍କ ପାଖରେ ସେ ରୋଗ ବିଷୟରେ ଆଲୋଚନା କଲେ ଏହା ସେମାନଙ୍କ ମାନସିକତାକୁ ପ୍ରଭାବିତ କରିଥାଏ।
- ନିଜକୁ ଅବସାଦଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଏହା ଆପଣଙ୍କ ମନକୁ ଅନେକାଂଶରେ ଶାନ୍ତ ପରିବେଶରେ ରଖିଥାଏ।
- ପ୍ରତିଦିନ ସକାଳ ଜଳଖିଆରେ ଗୋଟେ କିମ୍ବା ଦୁଇଟି ଟମାଟୋ ସାମିଲ୍ କରନ୍ତୁ। ଏହା ଶରୀରରେ ଚର୍ବି ଅଂଶ କମାଇଥାଏ।
- ଦାନ୍ତ ଘଷିଲା ବେଳେ ଆଦୌ ତରବର ହୁଅନ୍ତୁ ନାହିଁ। ଅତି କମ୍‌ରେ ଦୁଇ ମିନିଟ୍ ଯାଏ ଭଲଭାବେ ଦାନ୍ତ ଘଷନ୍ତୁ।



# ପ୍ରି କ୍ୱାର୍ଟରରେ ସ୍ୱିଟେକ୍, ଓଜ୍ନିଆକି

ନ୍ୟୁୟର୍କ,୧।୯(ପି.ଟି.)

ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ମହିଳା ସିଙ୍ଗଲ୍ସ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଇଗା ସ୍ୱିଟେକ୍ ଓ କାରୋଲିନ୍ ଓଜ୍ନିଆକି।

ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ୧ ନମ୍ବର ଖେଳାଳି ଇଗା ସ୍ୱିଟେକ୍ ସିଧାସଳଖ ସେଟ୍‌ରେ ବିଜୟ ସହ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୨୫ ନମ୍ବର ସ୍ଥାନରେ ଥିବା ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ ୬-୪, ୬-୨ ସେଟରେ ପରାସ୍ତ କରିଥିଲେ ସ୍ୱିଟେକ୍। ବ୍ରାଜିଲର ବିଟ୍ରିଜ୍ ହଦଦ

**ୟୁଏସ୍ ଓପନ**

ମାଇୟା ୬-୩, ୬-୧ ସେଟରେ ଆନା କାଲିନସ୍କାୟାଙ୍କୁ, ପୂର୍ବତନ ଅଷ୍ଟ୍ରେଲିଆନ୍ ଓପନ ଚାମ୍ପିୟନ କାରୋଲିନ୍ ଓଜ୍ନିଆକି ୬-୩, ୬-୨ ସେଟରେ ଜେସିକା ପୋଣ୍ଟେଚଙ୍କୁ, ଲିଉଡମାଲା ସାମସୋନୋଭା ୬-୧, ୬-୧ ସେଟରେ ଆଶଲିନ୍ କ୍ରୁଗରଙ୍କୁ ପରାସ୍ତ କରି ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ପୁରୁଷ ଖେଳାଳିଙ୍କ ମଧ୍ୟରେ ୫ ନମ୍ବର ସିଡ୍ ରୁଷିଆର ଡାନିଲ୍ ମେଡଭେଡେଭ ସିଧାସଳଖ ସେଟରେ ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ପରାସ୍ତ କରିଥିଲେ।


କାରୋଲିନ୍ ଓଜ୍ନିଆକି

୬-୩, ୬-୪, ୬-୩ ସେଟରେ ବିଜୟ ସହ ମେଡଭେଡେଭ ପ୍ରି କ୍ୱାର୍ଟରରେ ପ୍ରବେଶ କରିଥିଲେ। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଆଲେକ୍ସ ଡି ମିନାଉର ୬-୩, ୬-୭(୪/୭), ୬-୦ ଓ ୬-୦ରେ ଡାନିଏଲ ଏଭାନ୍ସଙ୍କୁ, ଜୋର୍ଡାନ ଥମ୍ପସନ୍ ୭-୫, ୬-୨, ୭-୬(୭/୫) ସେଟରେ ମାଟେଓ ଆର୍ନାଲ୍ଡିଙ୍କୁ, ନୁନୋ ବର୍ଗସ ୬-୭(୫/୭), ୬-୧, ୩-୬, ୭-୬(୮/୬) ଓ ୬-୦ ସେଟରେ ଜାକୁବ ମେନ୍ସିକଙ୍କୁ, ଆମେରିକାର ଟମି ପଲ୍ ୬-୭(୫/୭), ୬-୩, ୬-୧ ଓ ୭-୬(୭/୩) ସେଟରେ ଗାବ୍ରିଏଲ ଡିଲାଓଙ୍କୁ ପରାସ୍ତ କରିଛନ୍ତି।

# ମିକ୍ସଡ କ୍ୱାର୍ଟର ଫାଇନାଲରେ ବୋପାନ୍ନା

**ନ୍ୟୁୟର୍କ,୧।୯(ପି.ଟି.):** ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ମିକ୍ସଡ ଡବଲ୍ସ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ରୋହନ ବୋପାନ୍ନା। ଇଣ୍ଡୋନେସିଆର ଆଲଡିଲା ସୁଟ ଜିଆଦିଙ୍କୁ ସାଥୀ କରି ଖେଳୁଥିବା ବୋପାନ୍ନା ଚେକ୍ ରିପବ୍ଲିକ୍‌ର ଜନ୍ ପିଅର୍ସ ଓ କାଟେରିନା ସିନିଆକୋଭାଙ୍କୁ ୦-୬, ୭-୬(୫) ଓ ୧୦-୭ ସେଟରେ ପରାଜିତ କରିଛନ୍ତି। ଅଷ୍ଟମ ସିଡ୍‌ର ମାନ୍ୟତା ପାଇଥିବା ବୋପାନ୍ନା-ଆଲଡିଲା ପ୍ରଥମ ରାଉଣ୍ଡରେ ଗୋଟିଏ ବି ପଏଣ୍ଟ ସ୍କୋର କରିପାରି ନ ଥିଲେ। ପରବର୍ତ୍ତୀ ଦୁଇ ରାଉଣ୍ଡକୁ ଟାଇବ୍ରେକରରେ ଜିତିବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। କ୍ୱାର୍ଟର ଫାଇନାଲରେ ମାଥ୍ୟୁ ଏବଡେନ ଓ ବାର୍ବୋରା କ୍ରେଜିକୋଭାଙ୍କୁ ଭେଟିବେ ବୋପାନ୍ନା-ଆଲଡିଲା।

# ଫାଇନାଲରେ ନୀତେଶ, ସୁହାସ

ପ୍ୟାରିସ୍,୧।୯(ପି.ଟି.)

ପ୍ୟାରିସ୍‌ରେ ଚାଲିଥିବା ପାରାଲିମ୍ପିକ୍ସ ୨୦୨୪ରେ ଭାରତୀୟ ପାରା ଶଟଲରଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ରବିବାର ଏସ୍‌ଏଲ୍ ୩ ବର୍ଗର ଫାଇନାଲରେ ପ୍ରବେଶ କରିବା ସହ ସ୍ୱର୍ଣ୍ଣ କିମ୍ବା ରୌପ୍ୟ ପଦକ ନିଶ୍ଚିନ୍ତ କରିଛନ୍ତି ନୀତେଶ କୁମାର ଓ ସୁହାସ ୟଥିରାଜ। ନୀତେଶ ଜାପାନର ଫୁଜିହାରା ଡାଇସୁକେଙ୍କୁ ୨୧-୧୬ ଓ ୨୧-୧୨ ସେଟରେ ପରାସ୍ତ କରିବା ସହ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲ ମ୍ୟାଚ୍‌ଟି ମାତ୍ର ୪୮ ମିନିଟ ଧରି ଚାଲିଥିଲା। ସୋମବାର ଖେଳାଯିବାକୁ ଥିବା ଫାଇନାଲରେ ବ୍ରିଟେନର ଡାନିଏଲ ବେଥେଲଙ୍କୁ ଭେଟିବେ ନୀତେଶ। ଏସ୍‌ଏଲ୍-୪ ବର୍ଗରେ ଖେଳା ଯାଇଥିବା ଅଲ୍ ଇଣ୍ଡିଆନ୍ ସେମି ଫାଇନାଲରେ ସୁହାସ ୟଥିରାଜ ୨୧-୧୭ ଓ ୨୧-୧୨ ସେଟରେ ସୁକାନ୍ତ କଦମଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ପକ୍ଷରେ ଏସ୍‌ୟୁ ୫ ବର୍ଗରେ

**ପ୍ୟାରିସ୍ ପାରାଲିମ୍ପିକ୍ସ**

**■ ପଦକ ପକ୍କା କଲେ ମନୀଷା-ତୁଳସୀମତି**

ଭାରତର ମନୀଷା ରାମଦାସ ଓ ତୁଳସୀମତି ମୁରୁଗାସେନ୍ ସେମି ଫାଇନାଲରେ ପ୍ରବେଶ କରିବା ସହ ଭାରତ ପାଇଁ ବ୍ୟାଡମିଣ୍ଟନରୁ ଦ୍ୱିତୀୟ ପଦକ ସୁନିଶ୍ଚିତ କରିଛନ୍ତି। ୧୯ ବର୍ଷୀୟ ମନୀଷା କ୍ୱାର୍ଟର ଫାଇନାଲରେ ଜାପାନର ମାମିକୋ ଟୋୟୋଡାଙ୍କୁ ୨୧-୧୩, ୨୧-୧୬ରେ ପରାସ୍ତ କରିଥିଲେ। ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ମନୀଷା ସେମି ଫାଇନାଲରେ ଅନ୍ୟତମ ଭାରତୀୟ ତଥା ଟପ୍‌ସିଡ୍ ତୁଳସୀମତି ମୁରୁଗାସେନ୍‌ଙ୍କୁ ଭେଟିବେ। ତୁଳସୀମତି ଶନିବାର ପର୍ତ୍ତୁଗାଲର ବିଟ୍ରିଜ ମଣ୍ଟେରିଓଙ୍କୁ ପରାସ୍ତ କରି ସେମି ଫାଇନାଲରେ ପହଞ୍ଚି ଥିଲେ। ପୂର୍ବରୁ ଏସ୍‌ଏଲ୍-୪ ବର୍ଗରେ ସୁହାସ ୟଥିରାଜ ଓ ସୁକାନ୍ତ କଦମ ସେମି ଫାଇନାଲରେ ପହଞ୍ଚି ଭାରତ


ନୀତେଶ କୁମାର

ପାଇଁ ପଦକ ପକ୍କା କରିଥିଲେ। ତେବେ ଏସ୍‌ଏଲ୍-୩ ମହିଳା ବର୍ଗରେ ମନଦୀପ୍ କୌର ଓ ଏସଏଲ୍-୪ ମହିଳା ବର୍ଗରେ ପଲକ କୋହଲି ପରାଜିତ ହୋଇଛନ୍ତି। ବିଶ୍ୱ ମାନ୍ୟତାର ତୃତୀୟ ସ୍ଥାନରେ ଥିବା ନାଇଜେରିଆର ବୋଲାଜି ମରିୟମ ଏନିଓଲାଙ୍କ ନିକଟରୁ ମାତ୍ର ୨୩ ମିନଟ ସମୟରେ ୮-୨୧ ଓ ୯-୨୧ରେ ପରାଜିତ ହୋଇଥିଲେ ମନଦୀପ। ଅନ୍ୟ ପକ୍ଷରେ ପଲକ ୨୧-୧୯ ଓ ୨୧-୧୫ ସେଟରେ ଇଣ୍ଡୋନେସିଆର ଖଲିମାତୁସ ସାଦିୟାଙ୍କ ନିକଟରୁ ହାରି ଯାଇଥିଲେ । ଏହି ମ୍ୟାଚଟି ମାତ୍ର ୨୮ ମିନିଟ ଧରି ଚାଲିଥିଲା।।

**ଫାଇନାଲ ଯାଇପାରିଲେନି ଅଭନି**

ପାରାଲିମ୍ପିକ୍ସର ଏସ୍‌ଏଚ୍୧ ଏୟାର ରାଇଫଲ ପ୍ରୋନ୍ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିପାରି ନାହାନ୍ତି ଅଭନି ଲେଖରା ଓ ସିଦ୍ଧାର୍ଥ ବାବୁ। ଅଭନି ୬୩୨.୮ ପଏଣ୍ଟ ସ୍କୋରକରି ୧୧ତମ ସ୍ଥାନରେ ରହିଥିବା ବେଳେ ସିଦ୍ଧାର୍ଥ ୬୨୮.୩ ପଏଣ୍ଟ ସହ ୨୮ତମ ସ୍ଥାନରେ ରହିଥିଲେ। ପ୍ରଥମ ଭାରତୀୟ ମହିଳା ଭାବେ ପାରାଲିମ୍ପିକ୍ସରେ ଦୁଇଟି ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିଥିବା ଅଭନି ୧୦୫.୭, ୧୦୬.୦, ୧୦୪.୧, ୧୦୬.୦, ୧୦୪.୮ ଓ ୧୦୬.୨ ପଏଣ୍ଟ ସ୍କୋର କରିଥିଲେ। ୧୦ ମିଟର ପୁରୁଷ ଏୟାର ରାଇଫଲ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅନ୍ୟତମ ଭାରତୀୟ ଶ୍ରୀହର୍ଷ ଦେବାରାଡ୍ଡି ରାମକ୍ରିଷ୍ଣା ୬୩୦ ପଏଣ୍ଟ ଅର୍ଜନ କରି ୨୬ତମ ସ୍ଥାନରେ ରହିଥିଲେ।

# ଟ୍ରାଇଥଲନ୍ ଇଭେଣ୍ଟ ସ୍ଥଗିତ

ପ୍ୟାରିସ୍,୧।୯(ପି.ଟି.)

**ସେନ୍ ନଦୀ ପ୍ରଦୂଷିତ**

ସେନ୍ ନଦୀ ଜଳ ପ୍ରଦୂଷିତ ହୋଇଥିବା କାରଣରୁ ପାରାଲିମ୍ପିକ୍ସ ୨୦୨୪ର ଟ୍ରାଇଥଲନ୍ ଇଭେଣ୍ଟକୁ ସ୍ଥଗିତ ରଖାଯାଇଛି। ପ୍ରବଳ ବର୍ଷା କାରଣରୁ ଦୂଷିତ ଜଳ ନଦୀରେ ମିଶିଥିବା ବେଳେ ଏଥିରେ ଇ କୋଲି ବ୍ୟାକ୍ଟେରିଆ ମଧ୍ୟ ଦେଖାଦେଇଛି। ଫଳରେ ରବିବାର ହେବାକୁ ଥିବା ଟ୍ରାୟାଥ୍ଲନର ସମସ୍ତ ୧୧ ଇଭେଣ୍ଟକୁ ସୋମବାରକୁ ଘୁଞ୍ଚାଇ ଦିଆଯାଇଛି। ସୋମବାର ପୁନର୍ବାର ନଦୀ ଜଳର ପରୀକ୍ଷଣ ହେବା ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ। ଶୁକ୍ରବାର ଓ ଶନିବାର ପ୍ରବଳ ବର୍ଷା କାରଣରୁ ପ୍ରଦୂଷିତ ଡ୍ରେନ୍ ଜଳ ନଦୀରେ ମିଶିଥିଲା। ପୂର୍ବରୁ ଅଲିମ୍ପିକ୍ସ ସମୟରେ ମଧ୍ୟ ସେନ୍ ନଦୀରେ ପ୍ରଦୂଷଣକୁ ନେଇ ଚର୍ଚ୍ଚା ବଢିଥିଲ। ଏକାଧିକ ଆଥଲେଟ ସନ୍ତରଣ ପରେ ଅସୁସ୍ଥ ହୋଇ ପଡିଥିଲେ।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ